

‘ଶକ୍ତିର ସପ୍ତଧାରା’ରେ ବିକଶିତ ଭାରତ ନିର୍ମାଣ ହେବ

ପୃଷ୍ଠା ୪


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 184 ଭାଗ ୩୪ | ସଂଖ୍ୟା ୧୮୪ | Friday 25 September 2026 | Page 8 Rs. 5.00 | ଭୁବନେଶ୍ୱର ଶୁକ୍ରବାର, ୨୫ ସେପ୍ଟେମ୍ବର ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


## ଏସ୍‌ଆଇଆର୍ ବିବାଦରେ ପଶିଲା ସିଜେପି

ନୂଆଦିଲ୍ଲୀ,୨୪ା୯ଃ ନିର୍ବାଚନ କମିଶନ ଏବଂ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ପ୍ରକ୍ରିୟାକୁ ନେଇ ଚାଲିଥିବା ବିବାଦ ମଧ୍ୟରେ କକରୋଚ୍ ଜନତା ପାର୍ଟି (ସିଜେପି) ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ୪୮ ଘଣ୍ଟାର ଅଲ୍ଟିମେଟମ୍ ଦେଇଛି। ସିଜେପି ପ୍ରତିଷ୍ଠାତା ଅଭିଜିତ ଦୀପକେ ଶ୍ରୀ କୁମାରଙ୍କ ଇସ୍ତଫା ଦାବି କରିବା ସହ ଧାର୍ଯ୍ୟ ସମୟ ମଧ୍ୟରେ ଦାବି ପୂରଣ ନହେଲେ ଦେଶବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଦୀପକେ ଅଭିଯୋଗ କରିଛନ୍ତି ଯେ ଜ୍ଞାନେଶ କୁମାର ମୁଖ୍ୟ ନିର୍ବାଚନ କମିଶନର ହେବା ପରଠାରୁ ଭୋଟ୍ ଅଧିକାରକୁ ନେଇ ସରକାରଙ୍କ ପ୍ରଭାବ ବୃଦ୍ଧି ପାଇଛି, ଯାହା ଗଣତନ୍ତ୍ର ପାଇଁ ବିପଦଜନକ। ୪୮ ଘଣ୍ଟା ଭିତରେ ଇସ୍ତଫା ନଦେଲେ ବଡ଼ ଧରଣର ଆନ୍ଦୋଳନ କରାଯିବ ବୋଲି ସେ କହିଛନ୍ତି।

### ଉପକୂଳ ଅତିକ୍ରମ କଲା ଗଭୀର ଅବପାତ

# ସମନ୍ୱିତ ପ୍ରୟାସ ସହ ସ୍ଥିତି ଉପରେ ନଜର







ଭୁବନେଶ୍ୱର,୨୪ା୯(ସଂଚାର ବ୍ୟୁରୋ)ଃ ଉତ୍ତର ଉପକୂଳ ଆନ୍ଧ୍ରପ୍ରଦେଶ ଉପରେ ସୃଷ୍ଟ ଗଭୀର ଅବପାତ ଗତକାଲି ରାତି ୧୧ଟାରୁ ୨୪ ତାରିଖ ରାତି ୧ଟା ମଧ୍ୟରେ କଳିଙ୍ଗପଟ୍ଟନମର ଦକ୍ଷିଣ-ପଶ୍ଚିମ ନିକଟବର୍ତ୍ତୀ ଅଞ୍ଚଳ ଦେଇ ଉପକୂଳ ଅତିକ୍ରମ କରିଛି। ଏହି ସମୟରେ ଏହାର ସର୍ବାଧିକ ସ୍ଥାୟୀ ପବନ ବେଗ ଘଣ୍ଟା ପ୍ରତି ୫୫-୬୫ କିମି ଥିବା ବେଳେ ଝଟକା ପବନର ବେଗ ଘଣ୍ଟାପ୍ରତି ୭୫ କିମି ପର୍ଯ୍ୟନ୍ତ ରହିଥିଲା। ଏହାପରେ ଗଭୀର ଅବପାତ ପଶ୍ଚିମ-ଉତ୍ତର ପଶ୍ଚିମ ଦିଗକୁ ଗତି କରିଛି। ଆଜି ସକାଳ ସାଢ଼େ ୫ଟା ସୁଦ୍ଧା ଏହା ଉତ୍ତର ଉପକୂଳ ଆନ୍ଧ୍ରପ୍ରଦେଶ ଉପରେ ଅବସ୍ଥିତ ଥିବା ବେଳେ ଓଡ଼ିଶାର ଗୋପାଳପୁରଠାରୁ ପ୍ରାୟ ୧୭୦ କିମି ଦକ୍ଷିଣ-ପଶ୍ଚିମରେ ରହିଥିଲା। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ ଉତ୍ତର ଉପକୂଳ ଆନ୍ଧ୍ରପ୍ରଦେଶ ଉପରେ ସୃଷ୍ଟ ଗଭୀର ଅବପାତ ଗତ ୬ ଘଣ୍ଟା ମଧ୍ୟରେ ଘଣ୍ଟାପ୍ରତି ୭ କିମି ବେଗରେ ଉତ୍ତର-ପଶ୍ଚିମ ଦିଗକୁ ଗତି କରିଛି। ଆଜି ସକାଳ ସାଢ଼େ ୮ଟା ସୁଦ୍ଧା ଏହା ଉତ୍ତର ଉପକୂଳ ଆନ୍ଧ୍ରପ୍ରଦେଶ ଓ ପୃଷ୍ଠା-୬

### ବଡ଼ ଧରଣର କ୍ଷୟକ୍ଷତି ରିପୋର୍ଟ ହୋଇ ନ ଥିବା ସୂଚନା

### ପ୍ରଭାବିତ ଅଞ୍ଚଳରେ ନିରୀକ୍ଷଣ ଓ ପୁନରୁଦ୍ଧାର କାର୍ଯ୍ୟ ଜାରି

### ବର୍ଷାରେ ବୁଡ଼ିଲା ମାଲକାନଗିରିର ତିନି ସେତୁ, ଫୁଲୁଛି ବଂଶଧାରା

### ୫ ଜିଲ୍ଲାରେ ରହି ତଦାରଖ କରିବେ ବରିଷ୍ଠ ଅଧିକାରୀ

ଦକ୍ଷିଣ ଓଡ଼ିଶାରେ ଜାରି ରହିଛି ଗଭୀର ଅବପାତର ପ୍ରକୋପ। ତୁହାକୁ ତୁହା ବର୍ଷା ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। କେଉଁଠି ବ୍ରିଜ ଉପରେ ପାଣି ଚାଲିଛି ତ ଆଉ କେଉଁଠି ପାହାଡ଼ରୁ ଖସୁଛି ବଡ଼ ବଡ଼ ପଥର ଖଣ୍ଡ। ଲଗାଣ ବର୍ଷାରେ କନ୍ଧମାଳ କଳିଙ୍ଗା ଘାଟିରେ ଅନ୍ଧାରୀକୋଟରେ ଭୂସ୍ଖଳନରେ ନବନିର୍ମିତ ଚଉଡ଼ା ରାସ୍ତା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ଏଥିସହ ବନ ଦୁର୍ଗା ମନ୍ଦିର ସମ୍ମୁଖରେ ଚାଲିଥିବା ନବନିର୍ମିତ ଗାର୍ଡ଼ ୱାଲ୍ ଭାଙ୍ଗିଯାଇଛି। ଫଳରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କଳିଙ୍ଗା ଘାଟିରେ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। କୋରାପୁଟ ଜିଲ୍ଲା କୋଲାବ ଶାଖା ନଦୀର ପ୍ରଖର ସ୍ରୋତରେ ଭାସିଯାଇ ନିଖୋଜ ହୋଇଯାଇଛନ୍ତି ଜଣେ ଶିକ୍ଷକ। ମାଲକାନଗିରି ଜିଲ୍ଲା ବାୟାପଡ଼ା ଘାଟିରେ ଭୂସ୍ଖଳନ ଯୋଗୁଁ କୁଡ଼ୁମୁଲୁଗୁମ୍ମା ଓ ବାୟାପଡ଼ା ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ତେବେ ୫ ଜିଲ୍ଲାରେ ଏଭଳି ବର୍ଷା ପରିସ୍ଥିତି ମୁକାବିଲା ପାଇଁ ୫ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରିଛନ୍ତି ରାଜ୍ୟ ସରକାର। ୫ ବରିଷ୍ଠ ଅଧିକାରୀଙ୍କୁ ରାଜ୍ୟ ସରକାର ଦାୟିତ୍ୱ ଦେଇଛନ୍ତି। ଅତିରିକ୍ତ ରିଲିଫ କମିଶନର ସୁଭାଷ ଚନ୍ଦ୍ର ନାଥଶର୍ମାଙ୍କୁ ମାଲକାନଗିରି ଦାୟିତ୍ୱ ଦିଆଯାଇଛି। ଦିଗନ୍ତ ରାଉତରାୟଙ୍କୁ କୋରାପୁଟ ଜିଲ୍ଲା ଦାୟିତ୍ୱ ମିଳିଛି। ଅମିୟ ସାହୁଙ୍କୁ ନବରଙ୍ଗପୁର ଜିଲ୍ଲା ଦାୟିତ୍ୱ ଦିଆଯାଇଛି। ସିଦ୍ଧାର୍ଥ ଶଙ୍କର ଆଚାର୍ଯ୍ୟଙ୍କୁ ଗଜପତି ଜିଲ୍ଲା ଦାୟିତ୍ୱ ପ୍ରଦାନ କରାଯାଇଥିବା ବେଳେ ପ୍ରଦୀପ କୁମାର ସାହୁଙ୍କୁ କଳାହାଣ୍ଡି ଜିଲ୍ଲା ଦାୟିତ୍ୱ ଦିଆଯାଇଛି। ଦାୟିତ୍ୱ ପାଇଥିବା ଅଧିକାରୀମାନେ ସମ୍ପୃକ୍ତ ଜିଲ୍ଲାରେ ରହି ସ୍ଥିତିର ତଦାରଖ କରିବେ ବୋଲି କୁହାଯାଇଛି।



### ଜଳିଗଲା ଚଳନ୍ତା ସ୍ଲିପର୍ ବସ୍

# ମହିଳାଙ୍କ ସମେତ ୯ ଯାତ୍ରୀ ଜୀବନ୍ତ ଦଗ୍ଧ

### ମୁଖ୍ୟମନ୍ତ୍ରୀଙ୍କ ଶୋକ ଓ କ୍ଷତିପୂରଣ ଘୋଷଣା

ଗ୍ରେଟର ନୋଏଡ଼ା,୨୪ା୯ଃ ଯମୁନା ଏକ୍ସପ୍ରେସ୍-ୱେରେ ଆଜି ଏକ ଚଳନ୍ତା ସ୍ଲିପର୍ ବସରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଜଣେ ମହିଳାଙ୍କ ସମେତ ୯ ଜଣ ଯାତ୍ରୀ ଜୀବନ୍ତ ଦଗ୍ଧ ହୋଇଛନ୍ତି। ବୁଧବାର ବିଳମ୍ବିତ ରାତି ପ୍ରାୟ ସାଢ଼େ ୧୧ଟା ସମୟରେ ଦିଲ୍ଲୀରୁ ଉତ୍ତର ପ୍ରଦେଶର ମହୋବା ଯାଉଥିବା ବସରେ ଏହି ଦୁର୍ଘଟଣା ଘଟିଛି। ନୋଏଡ଼ା-ଆଗ୍ରା ରୁଟର ୩୩ କିମି ନିକଟରେ ଅଗ୍ନିକାଣ୍ଡ ଘଟିବା ପରେ ବସଟି ନିମିଷକ ମଧ୍ୟରେ ଜଳିଯାଇଥିଲା। ପୁଲିସ ରୁଜୁ କରିଥିବା ଏଫଆଇଆର୍ ଅନୁଯାୟୀ, ଗାଡ଼ିରୁ ଜଳିବା ଗନ୍ଧ ବାହାରିବା ନେଇ ଯାତ୍ରୀମାନେ ଅଭିଯୋଗ କରିଥିଲେ ହେଁ ଡ୍ରାଇଭର୍ ଓ କଣ୍ଡକ୍ଟର ସେମାନଙ୍କ କଥାକୁ ଏଡ଼ାଇ ଯାଇଥିଲେ। ଗାଡ଼ି ନ ରଖି ଉଭୟ ବିଡ଼ି-ସିଗାରେଟ୍ ଟାଣିବା ଜାରି ରଖିବା ସହ ଗାଡ଼ି ରୋକିବାକୁ ଦାବି କରୁଥିବା ଯାତ୍ରୀଙ୍କୁ ଧମକଚମକ ମଧ୍ୟ ଦେଇଥିଲେ। ଶୋଇଥିବା ଯାତ୍ରୀମାନଙ୍କର ନିଆଁ ଓ ଧୂଆଁରେ ଶ୍ୱାସରୁଦ୍ଧ ହୋଇପଡ଼ିଥିବା ବେଳେ କେତେକ ଯାତ୍ରୀ କାଚ ଭାଙ୍ଗି ଚଳନ୍ତା ବସରୁ ଡେଇଁ ଜୀବନ ବଞ୍ଚାଇଥିଲେ। ଦୁର୍ଘଟଣା ପରେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଡ୍ରାଇଭର ପବନ ଓ କଣ୍ଡକ୍ଟର ଯୋଗେଶଙ୍କୁ ପୁଲିସ ନିଜ ହେପାଜତକୁ ନେଇଛି। ଶର୍ଟସର୍କିଟ୍ ଯୋଗୁଁ ନିଆଁ ଲାଗିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଘଟଣାରେ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାର ପାଇଁ ୨ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ସହ ଆହତମାନଙ୍କ ପାଇଁ ୫୦ ହଜାର ଟଙ୍କାର ସହାୟତା ଘୋଷଣା କରିଛନ୍ତି।

# ବିହାରରୁ ଉତ୍ତରପ୍ରଦେଶ ସବୁଠି ନାରୀ ଅସୁରକ୍ଷିତ

### ଜମୁଇ ପରେ ସମସ୍ତିପୁରରେ ଯୁବତୀଙ୍କୁ ଅସଦାଚରଣ

### ଭିଡିଓ ଭାଇରାଲ ଘଟଣାରେ ପୁଲିସର କଡ଼ା କାର୍ଯ୍ୟାନୁଷ୍ଠାନ

### ଧାର୍ମିକ ସ୍ଥଳ ବୁଲାଇବା ନାଁରେ ୟୁପି ଫାର୍ମହାଉସରେ ଗଣଦୁଷ୍କର୍ମ

### ପୀଡ଼ିତାଙ୍କ କଲ୍ ପରେ ୨ ପୁଲିସ, ୨ ଯବାନ ସମେତ ଚାରି ଗିରଫ



ପାଟନା/ଅମରୋହା, ୨୪ା୯ଃ ଦେଶରେ ମହିଳା ଓ ନାବାଳିକାଙ୍କ ସୁରକ୍ଷାକୁ ନେଇ ପୁଣି ଥରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗୋଟିଏ ପଟେ ବିହାରର ଜମୁଇ ଓ ସମସ୍ତିପୁର ଜିଲ୍ଲାରୁ ଦିନ ଦିପ୍ରହରେ ନାବାଳିକା ଓ ଯୁବତୀଙ୍କୁ ଅସଦାଚରଣ ଏବଂ ନିର୍ଯାତନା ଦେବାର ଚିତ୍ର ସାମ୍ନାକୁ ଆସିଥିବା ବେଳେ, ଅନ୍ୟପଟେ ଉତ୍ତର ପ୍ରଦେଶର ଅମରୋହାରୁ ଆସିଥିବା ଆଉ ଏକ ଛାତିଥରା ଘଟଣା ସମାଜର ମାନବୀୟ ମୂଲ୍ୟବୋଧକୁ ମଧ୍ୟ ଦୋହଲାଇ ଦେଇଛି। ସୁରକ୍ଷା ଦାୟିତ୍ୱରେ ଥିବା ରକ୍ଷକ ଯେତେବେଳେ ଭକ୍ଷକ ସାଜନ୍ତି, ସେତେବେଳେ ସାଧାରଣ ଜନତାଙ୍କ ମନରେ ଆଇନ ଓ ବ୍ୟବସ୍ଥା ପୃଷ୍ଠା-୬

### ଓଡ଼ିଶା ଡିଜିପି ବିବାଦ

# କ୍ଷୁବ୍ଧ ହେଲେ ସୁପ୍ରିମକୋର୍ଟ





### ମଙ୍ଗଳବାର ପରବର୍ତ୍ତୀ ଶୁଣାଣି

### ସତର୍କତା ଓ ସ୍ୱଚ୍ଛତା ବଜାୟ ରଖିବାକୁ ତାଲିକା ସଂଶୋଧନ ହୋଇଥିଲାଃ ଏସଜି

ନୂଆଦିଲ୍ଲୀ,୨୪ା୯ଃ ରାଜ୍ୟର ପରବର୍ତ୍ତୀ ପୁଲିସ ମହାନିର୍ଦ୍ଦେଶକ (ଡିଜିପି) ଚୟନ ପ୍ରକ୍ରିୟା, ବରିଷ୍ଠ ଆଇପିଏସ ଅଧିକାରୀ ସୁଶାନ୍ତ ନାଥଙ୍କ ‘ଇଣ୍ଟିଗ୍ରିଟି ସାର୍ଟିଫିକେଟ୍’ ପ୍ରତ୍ୟାହାର ଓ ଅସ୍ଥାୟୀ ଏକ୍ସ-କ୍ୟାଡ଼ର ଡିଜି ପଦବୀ ସୃଷ୍ଟି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟକୁ ନେଇ ସୁପ୍ରିମକୋର୍ଟ ପ୍ରଶ୍ନ ଉଠାଇଛନ୍ତି। କୋର୍ଟ ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ମଙ୍ଗଳବାରକୁ ଧାର୍ଯ୍ୟ କରିଛନ୍ତି।

ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ ଭି. ମୋହନାଙ୍କ ତିନିଜଣିଆ ଖଣ୍ଡପୀଠ ଆଜି କ୍ରମାଗତ ତୃତୀୟ ଦିନ ପାଇଁ ଓଡ଼ିଶା ପୁଲିସ ଡିଜିପି ନିଯୁକ୍ତିରେ ପ୍ରକାଶ ସିଂ ପୁଲିସ ସଂସ୍କାର ମାମଲାର ଉଲ୍ଲଂଘନ ମାମଲାର ଶୁଣାଣି କରିଥିଲେ। ଗୁରୁବାର ଶୁଣାଣି ବେଳେ ଓଡ଼ିଶା ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ (ଏସଜି) ତୁଷାର ମେହେଟ୍ଟା ଯୁକ୍ତି ଦର୍ଶାଇ କହିଥିଲେ ଯେ ପୂର୍ବତନ ଡିଜିପି ଅବସର ନେବାର ୬ ମାସ ପୂର୍ବରୁ ଅର୍ଥାତ୍ ଗତ ମେ’ରେ ହିଁ ରାଜ୍ୟ ସରକାର ପୁଲିସ ଡିଜିପି ଚୟନ ପ୍ରକ୍ରିୟା ଆରମ୍ଭ କରିଥିଲେ। ଚୟନ କେବଳ ବରିଷ୍ଠତା ଉପରେ ନୁହେଁ, ବରଂ ମେରିଟ୍ ଆଧାରରେ କରାଯାଇଥାଏ। ଭୌଗୋଳିକ ଦୃଷ୍ଟିରୁ ଓଡ଼ିଶା ଛୋଟ ରାଜ୍ୟ ପୃଷ୍ଠା-୬

# ରାଷ୍ଟ୍ରୀୟ ସଭାପତିଙ୍କ ଗୁଡ଼୍‌ବୁକ୍‌ରେ ମାନସ ମହାନ୍ତି



### ସୌଦାନ ସିଂହଙ୍କୁ ଓଡ଼ିଶା ସହ ଚାରି ରାଜ୍ୟ ଦାୟିତ୍ୱ

### ପୁଣି ଥରେ ମାନସ ସଂଗଠନ ମହାମନ୍ତ୍ରୀ ନିଯୁକ୍ତ

ଭୁବନେଶ୍ୱର,୨୪ା୯(ସଂଚାର ବ୍ୟୁରୋ)ଃ ବିଜେପି କେନ୍ଦ୍ରୀୟ ନେତୃତ୍ୱ ପକ୍ଷରୁ ଏକ ବଡ଼ ଧରଣର ସାଂଗଠନିକ ଅଦଳବଦଳ କରାଯାଇଛି। ବରିଷ୍ଠ ବିଜେପି ନେତା ସୌଦାନ ସିଂହଙ୍କୁ ଓଡ଼ିଶା ସମେତ ବିହାର, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ପାଇଁ ସାଙ୍ଗଠନିକ ଦାୟିତ୍ୱ ପ୍ରଦାନ କରାଯାଇଛି। ବିଜେପି କେନ୍ଦ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଗୁରୁବାର ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଏହି ସୂଚନା ମିଳିଛି। ସେହିପରି ମାନସ ମହାନ୍ତିଙ୍କୁ ପୁଣି ଥରେ ରାଜ୍ୟ ସାଧାରଣ ସମ୍ପାଦକ (ସଂଗଠନ) ଭାବେ ଦାୟିତ୍ୱ ଦେଇଛନ୍ତି କେନ୍ଦ୍ରୀୟ ନେତୃତ୍ୱ। ପାର୍ଟିର ଜାତୀୟ ସଭାପତି ନୀତୀନ ନବୀନଙ୍କ ଦ୍ୱାରା ଅନେକ ଗୁରୁତ୍ୱପୂର୍ଣ୍ଣ ସାଙ୍ଗଠନିକ ନିଯୁକ୍ତି ଦିଆଯାଇଛି, ଯେଉଁଥିରେ ସୌଦାନ ସିଂହଙ୍କୁ ‘ଜାତୀୟ ସହ-ସମ୍ପାଦକ (ସଂଗଠନ)’ ଭାବେ ନିଯୁକ୍ତ କରାଯାଇଛି। ତାଙ୍କର କାର୍ଯ୍ୟକ୍ଷେତ୍ର ବିହାର, ଝାଡ଼ଖଣ୍ଡ, ଓଡ଼ିଶା ଓ ପଶ୍ଚିମବଙ୍ଗ ରହିବ ଏବଂ ଭୁବନେଶ୍ୱରକୁ ତାଙ୍କର କେନ୍ଦ୍ର ଭାବେ ନିର୍ଦ୍ଧାରିତ କରାଯାଇଛି। ଅପରପକ୍ଷରେ ମାନସ ମହାନ୍ତି ଓଡ଼ିଶାର ‘ରାଜ୍ୟ ସାଧାରଣ ସମ୍ପାଦକ (ସଂଗଠନ)’ ଭାବେ ନିଜ ପୃଷ୍ଠା-୬

# ନଅ ଦିନର ଅଧିବେଶନ, ଧୋଇଗଲା ତିନି ଦିନ



### ଏମଏମଡିଆର ପ୍ରସଙ୍ଗରେ କଂଗ୍ରେସ, ବିଜେଡିର ମିଳିତ ଆକ୍ରମଣ

### ଓଏମସି ଅଫିସ ଘେରି ଅର୍ଥନୈତିକ ଅବରୋଧ ଆରମ୍ଭ କଲା ବିଜେଡି

### ଗାନ୍ଧି ମୂର୍ତ୍ତି ତଳେ କଂଗ୍ରେସର ଧାରଣା

### ବିରୋଧୀଙ୍କୁ ବିତର୍କ ପାଇଁ ବିଜେପିର ଆହ୍ୱାନ

ଭୁବନେଶ୍ୱର,୨୪ା୯(ସଂଚାର ବ୍ୟୁରୋ)ଃ ୯ ଦିନର ସ୍ୱଳ୍ପକାଳୀନ ଅଧିବେଶନ। ସେଥିରୁ ଆଜି ତୃତୀୟ ଦିନ ପାଇଁ ଗୃହ ଅଚଳ ହୋଇଛି। ବିଜେଡି ଦୁଇ ଦିନ ଧରି ପାଠ୍ୟପୁସ୍ତକ ତ୍ରୁଟି ପ୍ରସଙ୍ଗରେ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରି ହଟ୍ଟଗୋଳ କରୁଥିବା ବେଳେ ଆଜି ଏମଏମଡିଆର ସଂଶୋଧନ ଆଇନ ପ୍ରତ୍ୟାହାର ଦାବିରେ ଗୃହର ମଧ୍ୟଭାଗକୁ ଆସିଛି। ସେହିଭଳି କଂଗ୍ରେସ ମଧ୍ୟ ଗତ ତିନି ଦିନ ଧରି ଏମଏମଡିଆର ପ୍ରସଙ୍ଗ ଉଠାଇ ଚାଲିଛି। ବିରୋଧୀ ଓ ଶାସକ ଦଳ ନିଜ ନିଜ ରାଜନୈତିକ ଏଜେଣ୍ଡାରେ ଅଡ଼ି ରହିଥିବାରୁ ୯ ଦିନର ଅଧିବେଶନରୁ ତିନି ଦିନ ବିନା କୌଣସି ଫଳପ୍ରଦ ଆଲୋଚନାରେ ଧୋଇ ହୋଇଗଲା। ଆଜି ପୃଷ୍ଠା-୬

### ଶାସକ ବିଧାୟକ-ମନ୍ତ୍ରୀ ମୁହାଁମୁହିଁ

ଆଜି ବିରୋଧୀ ବିଧାୟକଙ୍କ ହଟ୍ଟଗୋଳ ମଧ୍ୟରେ ଚାଲିଥିବା ୧୩ ମିନିଟ ପ୍ରଶ୍ନକାଳରେ ମୁହାଁମୁହିଁ ହୋଇଛନ୍ତି ଶାସକ ଦଳର ବିଧାୟକ ଓ ରାଜସ୍ୱ ମନ୍ତ୍ରୀ। ଝାରସୁଗୁଡ଼ାରେ ବନ୍ୟା ପରିଚାଳନା ନେଇ ପ୍ରଶ୍ନ ଉଠାଇଲେ ବିଧାୟକ ଟଙ୍କଧର ତ୍ରିପାଠୀ। ବ୍ୟାପକ ଭାବରେ ଭାଙ୍ଗିଛି ଘର। ଲୋକ ରହିବା ପାଇଁ ଘର ନାହିଁ, ଝାରସୁଗୁଡ଼ା ସଦର ଏବଂ ବିଭିନ୍ନ ବ୍ଲକରେ ବର୍ଷା ପାଇଁ ମାଟି ଘର ଭାଙ୍ଗିଛି, ବନ୍ୟା ଅଞ୍ଚଳ ପାଇଁ ସରକାର କରିଛନ୍ତି। କିନ୍ତୁ ରାଜସ୍ୱ ମନ୍ତ୍ରୀଙ୍କ ନିଜ ଜିଲ୍ଲା ଝାରସୁଗୁଡ଼ାରେ ଅତିବୃଷ୍ଟି ପାଇଁ ଘର ଭାଙ୍ଗିଛି। ସେମାନଙ୍କ ପାଇଁ କେବେ ସରକାର ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିବେ ବୋଲି ସେ ପ୍ରଶ୍ନ କରିଥିଲେ। ରାଜସ୍ୱ ମନ୍ତ୍ରୀ ବିଧାୟକଙ୍କ ପ୍ରଶ୍ନ ଉତ୍ତର ରଖିବା ପୃଷ୍ଠା-୬

### ଜଷ୍ଟିସ ବିଭୁ ପ୍ରସାଦ ହେଲେ ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ



ଭୁବନେଶ୍ୱର, ୨୪ା୯ (ସଂଚାର ବ୍ୟୁରୋ)ଃ ଓଡ଼ିଶା ହାଇକୋର୍ଟର ବିଚାରପତି ଜଷ୍ଟିସ ବିଭୁ ପ୍ରସାଦ ରାଉତରାୟ ହେଲେ ରାଜ୍ୟ ଆଇନ ସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ। ପୂର୍ବରୁ ଜଷ୍ଟିସ ମାନସ ରଞ୍ଜନ ପାଠକ ଓଡ଼ିଶା ଆଇନ ସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଥିଲେ। କିନ୍ତୁ ଗତ ସେପ୍ଟେମ୍ବର ୫ ତାରିଖରେ ତାଙ୍କୁ ଗୁଜୁରାଟ ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତ କରାଯିବା ପରେ ଆଇନ ସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ପଦ ଖାଲି ପଡ଼ିଥିଲା। ତେଣୁ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ସହ ପରାମର୍ଶ କରି ରାଜ୍ୟପାଳ ଜଷ୍ଟିସ ବିଭୁ ପ୍ରସାଦ ରାଉତରାୟଙ୍କୁ ଏହି ପଦରେ ନିଯୁକ୍ତ କରିଛନ୍ତି। ଏନେଇ ଆଇନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

### କେନ୍ଦ୍ରାପଡ଼ା ପୌରାଞ୍ଚଳରେ ବିପର୍ଯ୍ୟସ୍ତ ପରିମଳ ପରିଚାଳନା

# ସଫେଇ ନାଁରେ ଲକ୍ଷ ଲକ୍ଷ ବିଲ୍, ହେଲେ କାମ ଶୂନ

କେନ୍ଦ୍ରାପଡ଼ା,୨୪ା୯(ସଂଚାର ବ୍ୟୁରୋ)ଃ ରାଜ୍ୟ ସରକାର ସହରାଞ୍ଚଳର ସାନିଟେସନ କ୍ଷେତ୍ରରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କେନ୍ଦ୍ରାପଡ଼ା ପୌରପାଳିକା ଅଞ୍ଚଳରେ ସଫେଇ ଓ ରକ୍ଷଣାବେକ୍ଷଣ କାର୍ଯ୍ୟ ସମ୍ପୂର୍ଣ୍ଣ ରୂପେ ଭୁଶୁଡ଼ି ପଡ଼ିଛି। ସହରର ୱାର୍ଡ ନମ୍ବର ୮ଠାରୁ ୱାର୍ଡ ନମ୍ବର ୨୧ ପର୍ଯ୍ୟନ୍ତ ସଫେଇ ଦାୟିତ୍ୱରେ ଥିବା ‘ପ୍ରତ୍ୟୁଷ ଏଜେନ୍ସି’ର ଚରମ ଅବହେଳା ଯୋଗୁଁ ସ୍ଥାନୀୟ ବାସିନ୍ଦା ଅତିଷ୍ଠ ହୋଇପଡ଼ିଛନ୍ତି। ୨୦୨୨ ସେପ୍ଟେମ୍ବରରୁ ଟେଣ୍ଡର ନେଇ ଆଜି ପର୍ଯ୍ୟନ୍ତ କାର୍ଯ୍ୟ କରୁଥିବା ଏହି ଏଜେନ୍ସିକୁ ପୌରପାଳିକା ପକ୍ଷରୁ ପ୍ରତି ମାସରେ ୧୮ ଲକ୍ଷ ୭୯ ହଜାର ୯୧୬ ଟଙ୍କା ଅନୁସାରେ ପାଖାପାଖି ୮ କୋଟି ୬୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବିଲ୍ ପେମେଣ୍ଟ କରାଯାଇଛି। କିନ୍ତୁ ବିପୁଳ ଅର୍ଥରାଶି ଖର୍ଚ୍ଚ ସତ୍ତ୍ୱେ ସମ୍ପୃକ୍ତ ୧୪ଟି ୱାର୍ଡର ସଫେଇ ସ୍ଥିତି ଅତି ନିମ୍ନମାନର ରହିଛି। ଏହି ଏଜେନ୍ସି ଅଧୀନରେ ୯୦ ଜଣ ସଫେଇ କର୍ମଚାରୀ ଓ ୨ ଜଣ ସୁପରଭାଇଜର କାର୍ଯ୍ୟ କରୁଛନ୍ତି। ଏତେସଂଖ୍ୟକ କର୍ମଚାରୀ ଥାଇ ମଧ୍ୟ ସ୍ଥାନୀୟ ୱାର୍ଡଗୁଡ଼ିକର ସାହି-ଗଳିରୁ ଅଳିଆ ଆବର୍ଜନା ନିୟମିତ ସଫା କରାଯାଉନାହିଁ। ବିଶେଷକରି ଡ୍ରେନେଜ୍ ବା ନାଳନର୍ଦ୍ଦମାଗୁଡ଼ିକ ସମ୍ପୂର୍ଣ୍ଣ ଜାମ୍ ହୋଇ ରହିଛି। ନାଳ ସଫା ନ ହେବାରୁ ଦୂଷିତ ଜଳ ଜମି ରହି ମଶା ବଂଶ ବୃଦ୍ଧି ପାଉଛନ୍ତି ଓ ସାରା ଅଞ୍ଚଳରେ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ଗତ ୪ ବର୍ଷ ଧରି ପ୍ରତି ମାସରେ ପ୍ରାୟ ୧୮.୭୯







### ଟେଣ୍ଡର ସରିବା ପରେ ବି ପ୍ରତ୍ୟୁଷ ଏଜେନ୍ସିକୁ ଅହେତୁକ ଅନୁକମ୍ପା

ଲକ୍ଷ ଟଙ୍କା ଜନସାଧାରଣଙ୍କ ଟିକସ ପାଣ୍ଠିରୁ ନେଉଥିବା ସଂସ୍ଥା ବିରୋଧରେ ପୌରପାଳିକା କର୍ତ୍ତୃପକ୍ଷ କାହିଁକି ନୀରବ ରହୁଛି, ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସୂଚନାଯୋଗ୍ୟ ଯେ କେନ୍ଦ୍ରାପଡ଼ା ପୌରପାଳିକା ଅଞ୍ଚଳରେ ସଫେଇ ବ୍ୟବସ୍ଥାକୁ ନେଇ ଏକ ଭିନ୍ନ ଚିତ୍ର ସାମ୍ନାକୁ ଆସିଛି। ପୌରାଞ୍ଚଳର ୱାର୍ଡ ନମ୍ବର ୧ଠାରୁ ୱାର୍ଡ ନମ୍ବର ୭ ପର୍ଯ୍ୟନ୍ତ ସଫେଇ କାର୍ଯ୍ୟ ନିଜେ ପୌରପାଳିକା କର୍ତ୍ତୃପକ୍ଷ କରୁଥିବା ବେଳେ ୱାର୍ଡ ନମ୍ବର ୮ଠାରୁ ୱାର୍ଡ ନମ୍ବର ୨୧ ପୃଷ୍ଠା-୬

**ଅଭିଯୋଗ ସତ୍ତ୍ୱେ ମରାମତି ହେଲାନି**

# ନିଦ୍ରାରେ ଶୋଇଛି ପୂର୍ତ୍ତବିଭାଗ

ମହାକାଳପଡ଼ା,୨୪।୮ (ସଂଚାର ବ୍ୟୁରୋ)ଃ ପୂର୍ତ୍ତବିଭାଗ ରାସ୍ତା ଏବେ ମରଣଯନ୍ତା ପାଲଟିଛି। ରାସ୍ତା ସାରା ଖାଲଖମାରେ ପରିପୂର୍ଣ୍ଣ। ଗୋଟିଏ ସ୍ଥାନରେ ପାଣି ଜମିରହି କୃତ୍ରିମ ପୋଖରୀର ଭ୍ରମ ସୃଷ୍ଟି ହେଉଛି। ଗ୍ରାମବାସୀଙ୍କ ଠାରୁ ଆରମ୍ଭ କରି ଯାତ୍ରୀମାନେ ଏହି ରାସ୍ତାରେ ପଡ଼ି କ୍ଷତାକ୍ତ ହେଉଛନ୍ତି। ଦୁଇବର୍ଷ ଧରି ଏମିତି ସମସ୍ୟା ବିରୋଧରେ ଲୋକେ ଅଭିଯୋଗ କରୁଥିଲେ ମଧ୍ୟ ପୂର୍ତ୍ତବିଭାଗର ମନ୍ତ୍ରୀଙ୍କ ଠାରୁ ଯନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତେ ନାହିରେ ତେଲ ଦେଇ ଶୋଇଥିବା ଅଭିଯୋଗ ହେଉଛି।ମରାମତି ହେଉନି କି ଅଧିକାରୀ ସ୍ଥିତି ସମୀକ୍ଷା କରୁନାହାନ୍ତି। ଯାହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ସୂଚନା ମୁତାବକ ମହାକାଳପଡ଼ା ବ୍ଲକ



ଦେଉଳପଡ଼ା ପଞ୍ଚାୟତ ଅନ୍ତର୍ଗତ ଓଳିହା ଗ୍ରାମରେ ଏମିତି ଅବସ୍ଥା ଦେଖିବାକୁ ମିଳିଛି।ଓରତ-ବଢ଼ିହି ମୁଖ୍ୟ ରାସ୍ତାର ଓଳିହା ପୁରୁଣା ପ୍ରାଥମିକ ବିଦ୍ୟାଳୟ ଠାରେ ଥିବା ରାସ୍ତା ଏବେ ମରଣଯନ୍ତା। ପିଚୁ ରାସ୍ତା ସାରା ଖାଲଖମା ଓ ପାଣି ଭର୍ତ୍ତି। ଗୋଟିଏ ସ୍ଥାନରେ ଢଳେଇ ଉପରେ ଭଣ୍ଡାଏ ପାଣି ଜମି ରହି କୃତ୍ରିମ ପୋଖରୀର ଭ୍ରମ ସୃଷ୍ଟି ହୋଇଛି। ଏହି ରାସ୍ତା ଏବେ ଦୈନିକ ୧୦ ହଜାର ଲୋକଙ୍କ ଯାତାୟାତର ମାଧ୍ୟମ। ଯାତ୍ରୀବାହୀ ବସ୍ ଠାରୁ ମାଲବାହୀ ଭାରୀଯାନ, ସ୍କୁଲ ବସ୍, ଛାତ୍ରଛାତ୍ରୀ ଓ ସାଧାରଣ ଲୋକେ ଏହି ରାସ୍ତାରେ ଯାତାୟାତ କରୁଛନ୍ତି। ବିପର୍ଯ୍ୟସ୍ତ ରାସ୍ତା ପାଇଁ ନିତିଦିନିଆ ଦୁର୍ଘଟଣା ଏବେ ବୃଦ୍ଧି ପାଇବାରେ ଲାଗିଛି। ସମସ୍ୟା ସମ୍ପର୍କରେ ଲୋକେ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ପୋଡ଼ାଜଳା ନାହିଁ। ସମସ୍ତେ ସାଧାରଣ ଲୋକଙ୍କ ଟିକସ ପଇସାରେ ମୋଟା ଅଙ୍କର ଦରମା ନେଇ ଶୀତତାପ ନିୟନ୍ତ୍ରିତ କୋଠରୀରେ ନାହିରେ ତେଲ ଦେଇ ଶୋଇ ପଡୁଛନ୍ତି ବୋଲି ଯାତ୍ରୀମାନେ ଅଭିଯୋଗ କରିଛନ୍ତି। ଏହି ରାସ୍ତା ଦେଇ ନେତା, ମନ୍ତ୍ରୀ, ପ୍ରଶାସନିକ ଅଧିକାରୀ ବିଭିନ୍ନ କାର୍ଯ୍ୟକ୍ରମରେ ଭାଷଣ ଦେବାକୁ ଯାଉଥିଲେ ମଧ୍ୟ ଏ ରାସ୍ତା ଦେଖି ଆଖିବୁଜି ଦିଅନ୍ତି। ତେବେ ଏହି ରାସ୍ତା ସମସ୍ୟା ନେଇ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶ ପରେ ବି ବିଭାଗୀୟ ଅଧିକାରୀ ଏ ଘଟଣାରେ ସ୍ଥିତି ନପରଖିବା ଓ ମଉନବ୍ରତ କରି ରହିବା ସେମାନଙ୍କର ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ବିଭାଗୀୟ ଅଧିକାରୀ ଏହି ରାସ୍ତାର ମରାମତି ଦିଗରେ ତ୍ୱରିତ ପଦକ୍ଷେପ ନେବେ ନା ଲୋକଙ୍କୁ ଦୁର୍ଘଟଣାରେ କ୍ଷତାକ୍ତ ହେବା ପାଇଁ ଆହୁରି ସମୟ ଛାଡିବେ ତାହାକୁ ନେଇ ପ୍ରତିକ୍ରିୟା ପ୍ରକାଶ ପାଇଛି।

## ଏଡିଏମଙ୍କ କାର୍ଯ୍ୟାଳୟରେ ଆରଆଇ ଅଫିସ କାଗଜପତ୍ର ନିରୀକ୍ଷଣ



କେନ୍ଦ୍ରାପଡ଼ା,୨୪।୮ (ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡ଼ା ଜିଲ୍ଲାର ଗରଦପୁର ତହସିଲ ଅଧିନରେ ଥିବା ନଡିଆବରାଇ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ବୁଧବାର ଦିନ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକ୍ରିଷ୍ଣ ଜେନାଙ୍କ ଫାଇଲ୍ ନିରୀକ୍ଷଣ ପାଇଁ ଥିଲା। କିନ୍ତୁ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଫାଇଲ୍ ନିରୀକ୍ଷଣ ନକରାଯାଇ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ରାଜସ୍ୱ ନିରୀକ୍ଷକ ବ୍ୟାଗରେ ଫାଇଲ୍ ଗୁଡିକ ଆଣି ଅତିରିକ୍ତ ଜିଲ୍ଲାପାଳଙ୍କ ନିରୀକ୍ଷଣ କରାଇନେଇଥିବା ଦେଖିବାକୁ ମିଳିଛି।ଏ ସମ୍ପର୍କରେ ରାଜସ୍ୱ ନିରୀକ୍ଷକଙ୍କ ମତ ନେବାରୁ ଅଫିସ୍ ଯିବା ପାଇଁ ରାସ୍ତା ଖରାପ ଥିବାରୁ ଅତିରିକ୍ତ ଜିଲ୍ଲାପାଳଙ୍କ ଗାଡ଼ି ଯାଇପାରିବ ନାହିଁ। ମୁଁ ସମସ୍ତ ଫାଇଲ୍ ଓ ରେକର୍ଡ ପତ୍ର ଗୁଡିକ ଏଡିଏମଙ୍କ ଅଫିସକୁ ଆଣି ଅତିରିକ୍ତ ଜିଲ୍ଲାପାଳଙ୍କ ନିରୀକ୍ଷଣ କରାଇ ନେଇଥିବା ପ୍ରତିକ୍ରିୟାରେ କହିଛନ୍ତି।ରାଜସ୍ୱ ନିରୀକ୍ଷକ ନୃସିଂହ ଚରଣ ରାଉତ ନଡ଼ିଆବରାଇ ସହ ତେଣ୍ଡାକୁଡା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଦୁଇଟି ଯାଗାରେ ଆରାଇ ଦାୟିତ୍ୱରେ ଅଛନ୍ତି।

## ଜିଲ୍ଲାସ୍ତରୀୟ ହିନ୍ଦୀ ଦିବସ ସମାରୋହ ଓ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା,୨୪।୮ (ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡ଼ା ଜିଲ୍ଲା ହିନ୍ଦୀ ଶିକ୍ଷକ ସଂଘ ପକ୍ଷରୁ ଜିଲ୍ଲା ସଂସ୍କୃତି ଭବନ ପରିସରରେ ଜିଲ୍ଲା ସ୍ତରୀୟ ହିନ୍ଦୀ ଦିବସ ସମାରୋହ ଏବଂ ସମ୍ବର୍ଦ୍ଧନା ପର୍ବ ଆଡ଼ମ୍ବର ପୂର୍ଣ୍ଣ ଭାବେ ପାଳିତ ହୋଇଯାଇଛି। ଜିଲ୍ଲା ସଂଘ ସଭାପତି ଅକ୍ଷୟ




କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଜିଲ୍ଲାପାଳ ରଘୁରାମ ଆର୍ ଆୟାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀବିଗ୍ରହ ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉତ୍ସବ ଉଦଘାଟନ କରିଥିଲେ। ପ୍ରତି ପରିବାର ଓ ବିଦ୍ୟାଳୟରେ ପିଲା ମାନଙ୍କୁ ବ୍ୟବହାରିକ ଜ୍ଞାନ ସହିତ ଉପାର୍ଜନ କ୍ଷମ ହେବାକୁ ପାଇଁ ଆହ୍ୱାନ ଦେଇଥିଲେ। ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ହିନ୍ଦୀ ଶିକ୍ଷକ ମାନଙ୍କର ଏତାଦୃଶ କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବିଶିଷ୍ଟ ହିନ୍ଦୀ ସାହିତ୍ୟିକ ପ୍ରଫେସର ଡ଼ଃ. ଅବଦୁଲ ଉସମାନ ଖାଁ ମୁଖ୍ୟ ବକ୍ତା ଏବଂ ସମ୍ମାନିତ ଅତିଥି ଭାବେ କିସ୍ ସ୍ୱୟଂ ଶାସିତ ମହାବିଦ୍ୟାଳୟର ହିନ୍ଦୀ ବିଭାଗ ପ୍ରାଧ୍ୟାପିକା ସୁଧାଂଶୁ ବାଳା ସାହୁ, ରାଜଶ୍ରୀ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ପୂର୍ବ ଜିଲ୍ଲା ସଂଘ ସଭାପତି ଆଶୁ କବି ହେମନ୍ତ ଜେନା, ରାଜ୍ୟ ସଂଘ କାର୍ଯ୍ୟକାରୀ ସଭାପତି ମହେନ୍ଦ୍ର କୁମାର ମଲ୍ଲିକ, ବରିଷ୍ଠ ଶିକ୍ଷାବିତ୍ ତଥା ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ପରିବେଶବିତ୍ କାଶୀନାଥ ରାଉତରାୟ, ବିଶିଷ୍ଟ କଥାକାର ପ୍ରଦୀପ କୁମାର ନାୟକ, ପୂର୍ବ ସମ୍ପାଦକ ଅଶୋକ କୁମାର ଦାଶ ପ୍ରମୁଖ ଉତ୍ସବରେ ଯୋଗ ଦେଇ ରାଷ୍ଟ୍ରଭାଷାର ଉପାଦେୟତା ଏବଂ ହିନ୍ଦୀ ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଉକ୍ତ ସମାରୋହରେ କବି ଈଶ୍ୱର ଚନ୍ଦ୍ର ପୃଷ୍ଟି ଏବଂ ସଂଗୀତ ନିର୍ଦ୍ଦେଶକ କୈଳାସ ଚନ୍ଦ୍ର ବେହେରା ବେଦ ପାଠ, ଅତସୀ ମଲ୍ଲିକ ସ୍ୱାଗତ ସଂଗୀତ, ଗୀତାଞ୍ଜଳି ପଣ୍ଡା ଅତିଥି ପରିଚୟ ଏବଂ ଅକ୍ଷୟ କୁମାର ନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ମହେଶ୍ୱର ସାହୁ ସମ୍ପାଦକୀୟ ପାଠ କରିଥିଲେ। ଇତ୍ୟବସରରେ ଅନୁଷ୍ଠାନ ତରଫରୁ ଅତିଥି ଏବଂ ସେବା ନିବୃତ୍ତ ହିନ୍ଦୀ ଶିକ୍ଷକ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ଏବଂ ହିନ୍ଦୀ ବିଷୟରେ ଶତ ପ୍ରତିଶତ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ଭାରସାମ୍ୟ ହରାଇ ଲାଇଟ୍ ପୋଷ୍ଟକୁ ଧକ୍କା ଦେଲା କାର

ଡେରାବିଶ,୨୪।୮ (ସଂଚାର ବ୍ୟୁରୋ)ଃ କଟକ-ଚାନ୍ଦବାଲି ରାଜରାସ୍ତାର କାକଡିଆ ଠାରେ ଗତକାଲି ବିଳମ୍ବିତ ରାତିରେ ଏକ କାର ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଏକ ଷ୍ଟ୍ରିଟ୍ ଲାଇଟ୍ ପୋଷ୍ଟକୁ ଭାଙ୍ଗି ଉପାଡ଼ି ଦେବା ସହ ରାସ୍ତାକଡ଼ରେ ଥିବା



ଦୋକାନର ଆଗରେ ପଡ଼ିଥିବା ଦସ୍ତା ଓ ଅନ୍ୟ ଏକ କାରକୁ ଧକ୍କା ଦେଇଥିବା ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ ଗତକାଲି ବିଳମ୍ବିତ ରାତିରେ କେନ୍ଦ୍ରାପଡ଼ାରୁ କଟକ ଅଭିମୁଖେ ଏକ କାର (ଓଡ଼ି-୩୩-ଏ.ୱାଇ.-୦୯୪୮) ଯାଉଥିବା ବେଳେ କାକଡିଆ ଛକରେ ଏହା ଭାରସାମ୍ୟ ହରାଇ ରାସ୍ତା କଡ଼କୁ ମାଡ଼ିଯାଇଥିଲା। ଫଳରେ ଏହି ଷ୍ଟ୍ରିଟ୍ ଲାଇଟ୍ର ଖୁଣ୍ଟକୁ ଧକ୍କାଦେଇ ଉପାଡ଼ି ଦେବା ସହିତ କିଛିବାଟ ଘୋଷାଡ଼ି ନେଇଥିଲା। ତେବେ କାର ମଧ୍ୟରୁ ବେଲୁନ୍ ବାହାରିବାରୁ ଡ୍ରାଇଭର ଜଣକ ସାମାନ୍ୟ ଆହାତ ହୋଇଥିଲେ ମଧ୍ୟ ଗାଡ଼ିଟିର ଆଗ ପାର୍ଶ୍ୱ ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିବା ଦେଖିବାକୁ ମିଳିଛି।

## ଛାତ୍ର ନିଖୋଜକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ, ଥାନାରେ ଏତଲା

ପଟ୍ଟାମୁଣ୍ଡାଇ,୨୪।୮ (ସଂଚାର ବ୍ୟୁରୋ)ଃ ପଟ୍ଟାମୁଣ୍ଡାଇ ବ୍ଲକ ତଥା ଆଦର୍ଶ ଥାନା ଅନ୍ତର୍ଗତ ବଡମୂଳବସନ୍ତ ପଞ୍ଚାୟତର ନିତାଇ ଚୈତନ୍ୟ ହାଇସ୍କୁଲର ଜନୈକ ଛାତ୍ର ନିଖୋଜ ହେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ଏହି ଛାତ୍ରଜଣକ



କେଉଁ ଆଡେ ଚାଲିଯାଇଛି କିମ୍ବା ତାକୁ କେହି ଅପହରଣ କରିଛି। ତାହାର କୌଣସି ସଠିକ ସୂଚନା ମିଳିନାହିଁଓ ଏଥିନେଇ ନିଖୋଜ ଛାତ୍ରଙ୍କ ପରିବାର ପକ୍ଷରୁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ପଟ୍ଟାମୁଣ୍ଡାଇ ଆଦର୍ଶଥାନା ପୁଲିସ ଏହି ନିଖୋଜ ଅଭିଯୋଗ ର ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ବଡମୂଳବସନ୍ତ ପଞ୍ଚାୟତର ସାନମୂଳବସନ୍ତ ଗ୍ରାମର ଅଶୋକ କୁମାର ଜେନାଙ୍କ ପୁଅ ଶଙ୍କର ପ୍ରସାଦ ଜେନା (୧୪) ଗତକାଲି ସ୍କୁଲ ବ୍ୟାଗ ସହିତ ଘରୁ ବାହାରି ସ୍କୁଲକୁ ପାଠ ପଢିବା ପାଇଁ ଯାଇଥିଲା। ମାତ୍ର ସନ୍ଧ୍ୟା ୫.୩୦ ପର୍ଯ୍ୟନ୍ତ ଶଙ୍କର ଘରକୁ ନଫେରିବାରୁ ପରିବାର ଲୋକମାନେ ବ୍ୟତିବ୍ୟସ୍ତ ହୋଇପଡ଼ିଥିଲେ। ଏ ସଂପର୍କରେ ପରିବାର ଲୋକମାନେ ଖୋଳତାଡ କରିବାରୁ ଶଙ୍କର ସ୍କୁଲ ଓ ଟିଉସନକୁ ଯାଇନଥିବା ଜଣାପଡ଼ିଥିଲା। ଏହା ପରେ ପରିବାର ଲୋକମାନେ ସାହିପଡ଼ିଶା ଓ ବନ୍ଧୁ ବାନ୍ଧବଙ୍କ ଘରେ ଖୋଜାଖୋଜି କରିଥିଲେ ମଧ୍ୟ ଶଙ୍କରଙ୍କର କୌଣସି ପତ୍ତା ମିଳିନଥିଲା। ସବୁଠି ନିରାଶ ହେବାପରେ ନିଖୋଜ ଶଙ୍କରଙ୍କର ମା ଅହଲ୍ୟା ଜେନା ପଟ୍ଟାମୁଣ୍ଡାଇ ଅଦର୍ଶଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ସାନ୍ତାଳୀ ଗାଁରେ ଜଳବନ୍ଦୀ, ୨୫ ପରିବାରଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ



ମହାକାଳପଡ଼ା,୨୪।୯(ସଂଚାର ବ୍ୟୁରୋ)ଃ ଲଘୁଚାପ ପ୍ରଭାବରେ ସାମୁଦ୍ରିକ ଜୁଆର ମାଡ଼ି ଆସିବାରୁ ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ନାଞ୍ଜୁରା ପଞ୍ଚାୟତର ସାନ୍ତାଳୀ ଗାଁ ପାଣି ଖିଆରେ ୨୫ଟି ପରିବାରଙ୍କ ଘରେ ପାଣି ପଶିଯାଇଥିଲା। ଫଳରେ ଏହି ପରିବାରଗୁଡ଼ିକ ଜଳବନ୍ଦୀ ହୋଇ ପ୍ରଭାବିତ ହୋଇଥିଲେ। ପ୍ରଭାବିତ ପରିବାରଙ୍କ ନିକଟରେ ସହାୟତା ପହଞ୍ଚାଇବା ପାଇଁ ମହାକାଳପଡ଼ା ବ୍ଲକର ଭାରପ୍ରାପ୍ତ ବିଡିଓ ରବି ନାରାୟଣ ଆଚାର୍ଯ୍ୟଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ପଞ୍ଚାୟତ ପକ୍ଷରୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା। ପ୍ରଭାବିତ ପରିବାରଗୁଡ଼ିକୁ ଚୁଡ଼ା, ଗୁଡ଼, ବିସ୍କୁଟ, କ୍ୟାଣ୍ଡେଲ ଓ ଦିଆସିଲି ଆଦି ରିଲିଫ୍ ସାମଗ୍ରୀ ପ୍ରଦାନ କରାଯାଇଛି। ଏହି ସହାୟତା ବଣ୍ଟନ କାର୍ଯ୍ୟକ୍ରମରେ ନାଞ୍ଜୁରା ପଞ୍ଚାୟତର ସରପଞ୍ଚ ସଫଳା ମଲ୍ଲିକ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଚନ୍ଦନ ଦାସ ଓ ଗଗୁଆ ରାଜସ୍ୱ ନିରୀକ୍ଷକ ଦେବେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ମାର୍ଶାଘାଇ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଦିବସ



ମାର୍ଶାଘାଇ,୨୪।୯(ସଂଚାର ବ୍ୟୁରୋ)ଃ ମାର୍ଶାଘାଇ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ସ୍ନାତକ ବାଳକ - ବାଳିକା ବିଭାଗ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଜାତୀୟ ସେବା ଯୋଜନା ଦିବସ ପାଳିତ ହୋଇଯାଇଛି। ମହାତ୍ମା ଗାନ୍ଧୀଙ୍କ ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ଗଠିତ ସେବାମୂଳକ ଛାତ୍ରସଂଗଠନ ଜାତୀୟ ସେବା ଯୋଜନାର ପ୍ରତିଷ୍ଠା ଦିବସ ପାଳନ ସମାରୋହରେ ଅଧ୍ୟକ୍ଷ ପ୍ରଫେସର ଡ. ଫକିର ଚନ୍ଦ୍ର ପ୍ରଧାନ ସଭାପତିତ୍ୱ କରିଥିଲେ। ଜାତୀୟ ସେବା ଯୋଜନା ବାଳକ ବିଭାଗର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲାବେଳେ ପ୍ରାଧ୍ୟାପକ ଦୀପକ କୁମାର ଦାସ, ଡ. ପ୍ରଭାତ ରଞ୍ଜନ ଲେଙ୍କା, ଅଧ୍ୟାପକ ଡ. ବିନୋଦ ବିହାରୀ ରଥ, ପ୍ରାକ୍ତନ କାର୍ଯ୍ୟକ୍ରମ ଅଧିକାରୀ ଶାଶ୍ୱତ ଚନ୍ଦନ ସାମନ୍ତରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଶିକ୍ଷା ଓ ସେବା, ଏକତା ଓ ବିବିଧତା, ବ୍ୟକ୍ତିବାଦ ଓ ରାଷ୍ଟ୍ରବାଦ ମଧ୍ୟରେ ଜାତୀୟ ସେବା ଯୋଜନା ଏକ ସଂଯୋଗ ସେତୁ ବୋଲି ମତ ରଖିଥିଲେ। ଏହି ଅବସରରେ ଆୟୋଜିତ କୁଇଜ୍ ପ୍ରତିଯୋଗିତାରେ ଛାତ୍ରୀ ମୀରାରାଣୀ ପଲାଇ ପ୍ରଥମ ସ୍ଥାନ, ଶିଖାରାଣୀ ପଣ୍ଡା ଦ୍ୱିତୀୟ, କାବେରୀ ସାହୁ ଓ ଛାତ୍ର ଶୁଭେନ୍ଦୁ ସ୍ୱାଇଁ ଯୁଗ୍ମ ତୃତୀୟ ସ୍ଥାନ ଅଧିକାର କରି ଅତିଥିମାନଙ୍କ ଠାରୁ ପୁରସ୍କୃତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଧୀରେନ୍ ଚୌଧୁରୀ, ବିଭୁସେନ ପତି, ମନୋଜ କୁମାର ରାଉତ, ଯତୀନ ମହାନ୍ତି, ବଡ଼ବାବୁ ଅଜିତ କୁମାର ବାରିକ, ଅଧ୍ୟାପିକା ଡ. ଅନୁରାଧା ଦାସ, କର୍ମଚାରୀ ପ୍ରଶାନ୍ତ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିବାବେଳେ ବାଳିକା ବିଭାଗ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ପ୍ରଭାସିନୀ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

**ଚୋରାମଦ ବିରୋଧରେ ଅବକାରୀ ବିଭାଗର ବ୍ୟାପକ ଚଢ଼ାଉ**

## ୧୩୫ ଲିଟର ଚୋରା ମଦ ଜବତ, ୬ ଗିରଫ

କେନ୍ଦ୍ରାପଡ଼ା,୨୪।୯(ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ନିର୍ଦ୍ଦେଶକ୍ରମେ ଏବଂ କେନ୍ଦ୍ରାପଡ଼ା ଅବକାରୀ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତ୍ୱାବଧାନରେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ, ମାର୍ଶାଘାଇ, ରାଜନଗର, ମହାକାଳପଡ଼ା, ନିକିରେଇ, ଡେରାବିଶ ଓ ତଣ୍ଡିଆପାଳ ସାମୁଦ୍ରିକ ଥାନା ଅଧିନ ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ବ୍ୟାପକ ଚଢ଼ାଉ କରାଯାଇଥିଲା।



ଚଢ଼ାଉ ସମୟରେ ବେଣୀପୁର ଗ୍ରାମର ମନୋଜ କୁମାର ସାହୁ(୩୫)ଙ୍କ ନିକଟରୁ ୩୬ ଲିଟର ଚୋରା ବିଦେଶୀ ମଦ, ଶ୍ୟାମସୁନ୍ଦରପୁର ଗ୍ରାମର କୃଷ୍ଣଚନ୍ଦ୍ର ମଳିକ(୫୫)ଙ୍କ ନିକଟରୁ ୨୮ ଲିଟର, ବିଜୟନଗର ଗ୍ରାମର ଟିକିଲି ରାଉତ(୫୫)ଙ୍କ ନିକଟରୁ ୧୮ ଲିଟର ଏବଂ ବେଣାକନ୍ଦା ଗ୍ରାମର ତାପସ କୁମାର ଜେନା(୫୧)ଙ୍କ ନିକଟରୁ ୧୯ ଲିଟର ଚୋରା ବିଦେଶୀ ମଦ ଜବତ କରାଯାଇଥିଲା। ସେହିପରି ରାଜନଗର ଗ୍ରାମର ସିଦ୍ଧାର୍ଥ ମଳିକ(୨୭)ଙ୍କ ନିକଟରୁ ୯ ଲିଟର ଚୋରା ବିଦେଶୀ ମଦ ଏବଂ କାଇଁକୁଳା ଗ୍ରାମର ଶିଶିର ମଳିକ(୪୫)ଙ୍କ ନିକଟରୁ ୨୫ ଲିଟର ଚୋରା ବିଦେଶୀ ମଦ ସହିତ ଗୋଟିଏ ସ୍କୁଟି ଜବତ କରାଯାଇଥିଲା। ଏହି ଚଢ଼ାଉରେ ସମୁଦାୟ ୧୩୫ ଲିଟର ଚୋରା ବିଦେଶୀ ମଦ ଏବଂ ଗୋଟିଏ ସ୍କୁଟି ଜବତ କରାଯାଇଛି। ଘଟଣା ସଂକ୍ରାନ୍ତରେ ବିଭିନ୍ନ ଅବକାରୀ ମାମଲା ରୁଜୁ କରାଯାଇ ୬ ଜଣ ଚୋରା ମଦବେପାରୀଙ୍କୁ ଗିରଫ କରାଯାଇ ଆଇନାନୁଯାୟୀ କୋର୍ଟ ଚାଲାଣ କରାଯାଇଛି।

**ଠିକ ସମୟରେ ପହଞ୍ଚିଲାନି ଆମ୍ବୁଲାନ୍ସ**

## ଛଟପଟ ହୋଇ ଆଖିବୁଜିଲେ ଆସନ୍ନପ୍ରସବା

କେନ୍ଦ୍ରାପଡ଼ା, ୨୪।୯(ସଂଚାର ବ୍ୟୁରୋ)ଃ ସଠିକ ସମୟରେ ପହଞ୍ଚି ପାରିଲାନି ଆମ୍ବୁଲାନ୍ସ। ଫଳରେ ପ୍ରସବ ବେଦନାରେ ଛଟପଟ ହୋଇ ଜଣେ ଆସନ୍ନ ପ୍ରସବା ମହିଳାଙ୍କ ମୃତ୍ୟୁ ଘଟିଛି। ଏହି ଘଟଣାକୁ ନେଇ ବିଭିନ୍ନ ମହଲରେ ଉଦବେଗ ପ୍ରକାଶ ପାଇଥିବା ବେଳେ ରାଜ୍ୟ ସ୍ୱାସ୍ଥ୍ୟ ସଚିବ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଘଟଣାଟି ଘଟିଛି କେନ୍ଦ୍ରାପଡା ଜିଲ୍ଲା ନିକିରାଇ ଥାନା ଅନ୍ତର୍ଗତ ପୂର୍ବ ନିକିରାଇ ଗ୍ରାମରେ। ଏହି ଗ୍ରାମର ସନ୍ତୋଷ କୁମାର ଜେନାଙ୍କ ପତ୍ନୀ ସବିତା ଗୁରୁବାର ପ୍ରସବ ବେଦନା ପାଇଥିଲେ। ଏନେଇ ସନ୍ତୋଷ ୧୦୮ ଆମ୍ବୁଲାନ୍ସକୁ ଫୋନ କରିଥିଲେ। ହେଲେ ୧୦୮ ଆମ୍ବୁଲାନ୍ସ ବହୁ ବିଳମ୍ବରେ ସନ୍ତୋଷଙ୍କ ଘର ନିକଟରେ ପହିଥିଲା। ସେତବେଳକୁ ସବିତାଙ୍କ ଅବସ୍ଥା ଗୁରୁତର ହୋଇପଡ଼ିଥିଲା। ସନ୍ତୋଷଙ୍କ ଘର ଠାରୁ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର



ଦୂରତା ୧୫କିଲୋମିଟର। ତେଣୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସବିତା ପହଞ୍ଚିବା ବେଳକୁ ଆମ୍ବୁଲାନ୍ସରେ ଛଟପଟ ହୋଇ ତାଙ୍କ ଜୀବନ ଚାଲିଯାଇଥିଲା। ଜିଲ୍ଲାକୁ ୪୦ଟି ଆମ୍ବୁଲାନ୍ସ ଯୋଗାଇ ଦିଆଯାଇଥିବା ବେଳେ ସଠିକ ସମୟରେ ଆମ୍ବୁଲାନ୍ସ ନପହଞ୍ଚିବା ଘଟଣା ଆମ୍ବୁଲାନ୍ସ ସେବା ପରିଚାଳନା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଏହି ଆମ୍ବୁଲାନ୍ସ ଗୁଡିକ କାହା ସେବାରେ ଲାଗୁଛି ବୋଲି ସାଧାରଣରେ ପ୍ରଶ୍ନ

### ସ୍ୱାସ୍ଥ୍ୟ ସଚିବଙ୍କ ତଦନ୍ତ ନିର୍ଦ୍ଦେଶ

ଉଠିଛି। ଜଣେ ଆସନ୍ନ ପ୍ରସବା ମହିଳାଙ୍କ ନିକଟରେ ସଠିକ ସମୟରେ ଆମ୍ବୁଲାନ୍ସ ପହଞ୍ଚିବା ଉଚିତ। ସେହିପରି ମହିଳାଙ୍କ ଗ୍ରାମ ନିକଟରେ ଇନ୍ଦୁପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଥିଲେ ମଧ୍ୟ ସେଠାରେ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ନଥିବାରୁ ଆସନ୍ନ ପ୍ରସବାଙ୍କ ପ୍ରସବ ହୋଇପାରିଲା ନାହିଁ। ତେଣୁ ପ୍ରତି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ନିଯୁକ୍ତି ଦିଆଯିବା ଉଚିତ। ଏ ସଂକ୍ରାନ୍ତରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ନମିତା ପଟ୍ଟନାୟକଙ୍କୁ ପଚାରିବାରେ ସେ କହିଲେ ଆମ୍ବୁଲାନ୍ସ ଆମ ଅଧିନରେ ନାହିଁ। ଏକ ସ୍ୱତନ୍ତ୍ର ସଂସ୍ଥା ଆମ୍ବୁଲାନ୍ସ ସେବାକୁ ପରିଚାଳନା କରୁଛି।

## ପୂର୍ବତନ କାଉନସିଲରଙ୍କୁ ଶ୍ରଦ୍ଧାଞ୍ଜଳି

କେନ୍ଦ୍ରାପଡ଼ା,୨୪।୯(ସଂଚାର ବ୍ୟୁରୋ)ଃ ଜିଲ୍ଲା ପ୍ରତିଭା ପୂଜା ସଂସଦ ଆନୁକୂଲ୍ୟରେ କେନ୍ଦ୍ରାପଡା ପୌର ପରିଷଦର ପ୍ରାକ୍ତନ କାଉନସିଲର ତଥା ସମାଜସେବୀ ବୈଷ୍ଣବ ପଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଛି। ଏହି ଉପଲକ୍ଷେ ଖଡିଅଙ୍ଗସ୍ଥିତ ସିପିଆଇ(ଏମ) କାର୍ଯ୍ୟାଳୟ ସଭାଗୃହରେ ଜିଲ୍ଲା ପ୍ରତିଭା ପୂଜା ସଂସଦ ସଭାପତି ପ୍ରଦୀପ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ଅତିଥି ଭାବେ ଶିକ୍ଷାବିତ ବିଧାନ ଚନ୍ଦ୍ର ସାମଲ, ନିରଞ୍ଜନ ବେହେରା, ଗାଳ୍ପିକା ଅବନ୍ତୀ ବେହେରା, ସିପିଆଇ(ଏମ) ନେତା ଗୟାଧର ଧଳ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପଣ୍ଡାଙ୍କ ସ୍ମୃତିଚାରଣ କରିବା ସହ ତାଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସେ ପ୍ରତ୍ୟେକ ଦିନ ସରକାରୀ ଡାକ୍ତରଖାନାକୁ ଯାଇ କିପରି ଗରିବ ରୋଗୀମାନଙ୍କ ସେବା କରୁଥିଲେ ସେ ସମ୍ପର୍କରେ ବକ୍ତାମାନେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଶିଲ କୁମାର ସାମଲ, ରମଣୀରଞ୍ଜନ ରାଉତରାୟ, ଡ. ଚୈତନ୍ୟ ଚରଣ ପରିଡା, ଗୋଲେଖ ଚନ୍ଦ୍ର ପଢ଼ିଆରୀ, ଧିରେନ କୁମାର ସାହୁ, ଅଶୋକ କୁମାର ଜେନା, ଅବଧୂତ ରାଉତ, ନରୋମ ଜେନା, ଚିରଞ୍ଜନ ଦାସ, ମୀର ମୁର୍ଶିଦ ପ୍ରମୁଖ ସ୍ୱର୍ଗତ ପଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ।

## ଉଚ୍ଚ ବିଦ୍ୟାଳୟରେ ସ୍ୱଚ୍ଛତାପକ୍ଷ ପାଳିତ



ମହାକାଳପଡ଼ା,୨୪।୯(ସଂଚାର ବ୍ୟୁରୋ)ଃ ମହାକାଳପଡ଼ା ବ୍ଲକ ବଡ଼ଗାଁ ବଟ ମହାପୁରୁଷ ଉଚ୍ଚ ବିଦ୍ୟାଳୟରେ ବୁଧବାର ସ୍ୱଚ୍ଛତା ପକ୍ଷ ପାଳନ କରାଯାଇଛି। ଏହି ଅବସରରେ ଏକ ସଚେତନତା ବାର୍ତ୍ତା କାର୍ଯ୍ୟକ୍ରମ କରାଯାଇଥିଲା। ପ୍ରାକ୍ତନ ଶିକ୍ଷକ ଅକ୍ଷୟ କୁମାର ବେହେରା କାର୍ଯ୍ୟକ୍ରମ କୁ ସଂଯୋଜନା କରିଥିବା ବେଳେ ଆଇଓସିଏଲ ର ସିଏସଆର ଏଚଆର ସୋନାଲି ନାୟକ, ହିମାଂଶୁ ନାୟକ, ସଞ୍ଜୟ ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ମୀରାରାଣୀ ସ୍ୱାଇଁ ସଭାପତିତ୍ୱ କରିଥିବା ବେଳେ ସହକାରୀ ଶିକ୍ଷକ ଜ୍ୟୋତିରଞ୍ଜନ ମିଶ୍ର, ଦିଲ୍ଲୀପ ବେହେରା ସକ୍ରିୟ ସହଯୋଗ କରିଥିଲେ। ଛାତ୍ରଛାତ୍ରୀ ମାନଙ୍କୁ ଦ୍ୱାରା ସ୍ୱଚ୍ଛତା ସଚେତନତା ସମ୍ପର୍କରେ ବକ୍ତୃତା ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା ।

**ଜିଲ୍ଲା କାର୍ଯ୍ୟାଳୟ ଆଗରେ ଜମିଛି ଆଣ୍ଠୁଏ ପାଣି**

## ନିଷ୍କାସନ ବାଟ ବନ୍ଦ, ସମସ୍ୟା ଭୋଗୁଛନ୍ତି ଲୋକେ



କେନ୍ଦ୍ରାପଡା, ୨୪।୯(ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡା ଜିଲ୍ଲାପାଳଙ୍କ ମୁଖ୍ୟ କାର୍ଯ୍ୟାଳୟ ଆଗରେ ପ୍ରାୟ ଆଣ୍ଠୁଏ ଉଚ୍ଚର ବର୍ଷାଜଳ ଜମି ରହୁଛି। ଫଳରେ ବରିଷ୍ଠ ନାଗରିକଠାରୁ ଆରମ୍ଭ କରି ମଟର ସାଇକେଲ୍ ଆରୋହୀ ଯାତାୟତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଯାଇଥିବା ଜଳ ନିଷ୍କାସନ ବାଟ (ଡ୍ରେନ୍) ଟି ଦୀର୍ଘ ବର୍ଷ ହେଲା ବନ୍ଦ ହୋଇଯାଇଥିବାରୁ ବର୍ଷାଜଳ ନିଷ୍କାସନ ହୋଇପାରୁନାହିଁ। ଫଳରେ ଜନସାଧାରଣ ବିଭିନ୍ନ କାର୍ଯ୍ୟନେଇ ଜିଲ୍ଲା କାର୍ଯ୍ୟାଳୟକୁ ଆସୁଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜଳ ନିଷ୍କାସନ ବାଟକୁ ସଫା କରି ଜମି ରହିଥିବା ବର୍ଷାଜଳକୁ ନିଷ୍କାସନ କରାଇବା ପାଇଁ ଦାବି ହେଉଛି।

## ଲଗାଣ ବର୍ଷାରେ ଭାଙ୍ଗିଲା ଅସହାୟଙ୍କ ଘର, ସାହାଯ୍ୟ ପାଇଁ ନିବେଦନ

କେନ୍ଦ୍ରାପଡା, ୨୪।୯(ସଂଚାର ବ୍ୟୁରୋ)ଃ ଦୀର୍ଘଦିନ ହେଲା ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଲଗାଣ ବର୍ଷା ହେତୁ ବହୁ ଧନ ଜୀବନ ନଷ୍ଟ ହେବା ସହ ଅନେକ ଲୋକଙ୍କର ଘରଦ୍ୱାର ଭାଙ୍ଗିଯାଇଛି। କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର



ପଞ୍ଚାୟତର ପୁରୁଷୋତ୍ତମପୁର (ଖଣ୍ଡିଆବନ୍ଧି) ଗ୍ରାମର ଅସହାୟ ସ୍ୱର୍ଗତଃ ଶରତ ମଲ୍ଲିକଙ୍କ ବିଧବା ପତ୍ନୀ ଅନି ମଲ୍ଲିକଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ସେ ଦୀର୍ଘବର୍ଷ ହେଲା ଅସହାୟ ଅବସ୍ଥାରେ ମାଟି କାନ୍ଥ, ଚାଳ ଛପର ଘରେ ବସବାସ କରି ଆସୁଥିଲେ। ଲଗାଣ ବର୍ଷାରେ ଘରଟି ସମ୍ପୂର୍ଣ୍ଣ ଭାଙ୍ଗିଯିବା ଦ୍ୱାରା ବର୍ତ୍ତମାନ ସେ ଅସହାୟ ଅବସ୍ଥାରେ ଖୋଲା ଆକାଶ ତଳେ ଛିଣ୍ଡା ଜରିପାଲରେ ଜୀବନ କାଟୁଛନ୍ତି।

**ଦୃଷ୍ଟିବାଧିତ କଳାକାରଙ୍କ ସଙ୍ଗୀତ ଯାତ୍ରାକୁ ନୂଆ ସାହାରା**

## ଅଟୋପ୍ୟାଡ୍ ବାଦ୍ୟଯନ୍ତ୍ର ପ୍ରଦାନ କଲେ ଜିଲ୍ଲାପାଳ

କେନ୍ଦ୍ରାପଡ଼ା, ୨୪।୯(ସଂଚାର ବ୍ୟୁରୋ)ଃ ଦୃଷ୍ଟିବାଧିତ କଳାକାରଙ୍କ ପ୍ରତିଭାକୁ ପ୍ରୋତ୍ସାହନ ଦେବା ସହ ସେମାନଙ୍କୁ ଆତ୍ମନିର୍ଭର କରିବା ଦିଗରେ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନର ଏକ ପ୍ରଶଂସନୀୟ



ପଦକ୍ଷେପ ସାମ୍ନାକୁ ଆସିଛି। ଶତ ପ୍ରତିଶତ ଦୃଷ୍ଟିବାଧିତ ମିଞ୍ଜାନ ମଲ୍ଲିକ ଓ ତାଙ୍କ ସହଯୋଗୀ କଳାକାରମାନଙ୍କ ଅନୁରୋଧ କ୍ରମେ ସେମାନଙ୍କୁ ଏକ ଅଟୋପ୍ୟାଡ୍ ସଙ୍ଗୀତ ବାଦ୍ୟଯନ୍ତ୍ର ପ୍ରଦାନ କରାଯାଇଛି। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ (ଡିଏସଏସଓ) ସଂଗ୍ରାମ କେଶରୀ ବେଉରାଙ୍କ ଉପସ୍ଥିତିରେ ଜିଲ୍ଲାପାଳ ରଘୁରାମ ଆର ଆୟାର ଏହାକୁ କଳାକାରମାନଙ୍କୁ ପ୍ରଦାନ କରିଛନ୍ତି। ସୂଚନା ଅନୁଯାୟୀ, ମିଞ୍ଜାନ ମଲ୍ଲିକଙ୍କ ସମେତ କେତେଜଣ ଦୃଷ୍ଟିବାଧିତ ବ୍ୟକ୍ତି ଏକତ୍ରିତ ହୋଇ ବାବା ବାସୁଦେବ ଦୃଷ୍ଟିହୀନ ସଙ୍ଗୀତ ଝଙ୍କାର ନାମକ ଏକ ଦଳ ଗଠନ କରିଛନ୍ତି। ସେମାନେ ବିଭିନ୍ନ ସ୍ଥାନରେ ସଙ୍ଗୀତ ପରିବେଷଣ କରି ନିଜ ପ୍ରତିଭା ଓ ପରିଶ୍ରମ ମାଧ୍ୟମରେ ରୋଜଗାର କରିବା ସହ ସମାଜରେ ସମ୍ମାନର ସହ ଜୀବନଯାପନ କରିବାକୁ ପ୍ରୟାସ କରୁଛନ୍ତି। ସଙ୍ଗୀତ ପରିବେଷଣ ପାଇଁ ତାଙ୍କ ପାଖରେ ଥିବାଏକ ଅଟୋପ୍ୟାଡ୍ ବାଦ୍ୟଯନ୍ତ୍ର ଅଚଳ ହୋଇପଡ଼ିଥିବାରୁ ସେମାନେ ଏକ ନୂତନ ଅଟୋପ୍ୟାଡ୍ ପାଇଁ ଡିଏସଏସଓ ସଂଗ୍ରାମ କେଶରୀ ବେଉରାଙ୍କ ନିକଟରେ ଲିଖିତ ଭାବେ ନିବେଦନ କରିଥିଲେ। ନିବେଦନ ପାଇବା ପରେ ଶ୍ରୀ ବେଉରା ଏହି ଆବଶ୍ୟକତା ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ। ଏହାପରେ ଦୃଷ୍ଟିବାଧିତ କଳାକାରଙ୍କ ପାଇଁ ଅଟୋପ୍ୟାଡ୍ ଅନୁମୋଦନ କରାଯାଇଥିଲା। ବୁଧବାର ଡିଏସଏସଓଙ୍କ ଉପସ୍ଥିତିରେ ମିଞ୍ଜାନ ମଲ୍ଲିକ ଓ ତାଙ୍କ ସହଯୋଗୀ କଳାକାରମାନଙ୍କୁ ଜିଲ୍ଲାପାଳ ଅଟୋପ୍ୟାଡ୍ ବାଦ୍ୟଯନ୍ତ୍ର ପ୍ରଦାନ କରିଥିଲେ। ଏହି ବାଦ୍ୟଯନ୍ତ୍ର ସେମାନଙ୍କ ସଙ୍ଗୀତ ପରିବେଷଣକୁ ଅଧିକ ସୁଗମ କରିବା ସହ ରୋଜଗାରର ନୂଆ ସୁଯୋଗ ସୃଷ୍ଟିରେ ସହାୟକ ହେବ ବୋଲି କଳାକାରମାନେ କହିଛନ୍ତି। ଦୃଷ୍ଟିବାଧିତ ବ୍ୟକ୍ତିମାନଙ୍କ ମଧ୍ୟରେ ଥିବା ପ୍ରତିଭାକୁ ଆଗକୁ ନେବା ସହ ସେମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଏଭଳି ଉଦ୍ୟମ ଜାରି ରହିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।



## ରାଜ୍ୟପାଳଙ୍କୁ ଭେଟିଲା 'ଲହରୀ' ଟିମ୍

ଭୁବନେଶ୍ୱର,୨୪।୯(ସଂଚାର ବ୍ୟୁରୋ): ଜାତୀୟ ଚଳଚ୍ଚିତ୍ର ପୁରସ୍କାରପ୍ରାପ୍ତ ଓଡ଼ିଆ ଚଳଚ୍ଚିତ୍ର 'ଲହରୀ'ର ପ୍ରଯୋଜିକା ଝିଲିକ ଭଟ୍ଟାଚାର୍ଯ୍ୟ ତଥା ଚଳଚ୍ଚିତ୍ରର ଅନ୍ୟ ସଦସ୍ୟମାନେ ବୁଧବାର ଲୋକ ଭବନଠାରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ରାଜ୍ୟପାଳ 'ଲହରୀ' ଟିମ ସହ ଭାବ ବିନିମୟ କରି ଚଳଚ୍ଚିତ୍ରର ଜାତୀୟ ସ୍ୱୀକୃତି ପାଇଁ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ । ଏହି ସଫଳତା ଓଡ଼ିଶା ପାଇଁ ଗର୍ବର ବିଷୟ ବୋଲି କହିବା ସହ ସମସ୍ତଙ୍କର ପ୍ରୟାସକୁ ପ୍ରଶଂସା କରି ଭବିଷ୍ୟତର କାର୍ଯ୍ୟକ୍ରମରେ ସଫଳତା ପାଇଁ ମଧ୍ୟ ରାଜ୍ୟପାଳ କାମନା କରିଥିଲେ। ଏଥିସହ ଚଳଚ୍ଚିତ୍ର ନିର୍ମାତାମାନଙ୍କୁ ଅର୍ଥପୂର୍ଣ୍ଣ ଓ ପ୍ରଭାବଶାଳୀ ଚଳଚ୍ଚିତ୍ର ନିର୍ମାଣ ଜାରି ରଖିବା ପାଇଁ ରାଜ୍ୟପାଳ ଉତ୍ସାହିତ କରିଛନ୍ତି। ଜାତୀୟ ସ୍ତରରେ ଓଡ଼ିଆ ସିନେମାକୁ ପ୍ରୋତ୍ସାହିତ କରିବାରେ ଦଳର ଅବଦାନକୁ ମଧ୍ୟ ରାଜ୍ୟପାଳ ପ୍ରଶଂସା କରିଥିଲେ।

# ସମନ୍ୱିତ ସହରୀ ଯାତାୟାତ ବିକାଶରେ ଏଡିବି ସହ ସହଭାଗିତା

### ସ୍ଥାୟୀ ସହରୀ ଯାତାୟାତ ପରିବର୍ତ୍ତନ ଯୋଜନା ଉପରେ କର୍ମଶାଳା



ଭୁବନେଶ୍ୱର,୨୪।୯(ସଂଚାର ବ୍ୟୁରୋ): ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏସିଆନ୍ ଡେଭେଲପମେଣ୍ଟ ବ୍ୟାଙ୍କ (ଏଡିବି) ସହଯୋଗରେ 'ଓଡ଼ିଶା ପାଇଁ ସ୍ଥାୟୀ ସହରୀ ଯାତାୟାତ ପରିବର୍ତ୍ତନ ଯୋଜନା ପ୍ରସ୍ତୁତି' ଶୀର୍ଷକ ଏକ କର୍ମଶାଳା ଆଜି ଅନୁଷ୍ଠିତ ହୋଇଛି। ଏହି ପଦକ୍ଷେପର ଉଦ୍ଦେଶ୍ୟ ଭୁବନେଶ୍ୱର- କଟକ- ପୁରୀ- ପାରାଦୀପ ଆର୍ଥିକ ଅଞ୍ଚଳ ପାଇଁ ଏକ ବ୍ୟାପକ ଓ ସ୍ଥାୟୀ ସହରୀ ଯାତାୟାତ ଢାଞ୍ଚା ପ୍ରସ୍ତୁତ କରିବା। ଏଥିରେ ଆଞ୍ଚଳିକ ଯାତାୟାତ ଯୋଜନା, ସାର୍ବଜନୀନ ବସ୍ ସେବାର ରୂପାନ୍ତରଣ ଓ ସ୍ଥାୟୀ ସହରୀ ପରିବହନ ପାଇଁ ଅନୁଷ୍ଠାନିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯିବ। ଏହି ପଦକ୍ଷେପ ଓଡ଼ିଶା ଭିଜନ୍ ୨୦୩୬ ଏବଂ ଭିଜନ୍ ୨୦୪୭ର ଦୀର୍ଘମିଆଦୀ ଲକ୍ଷ୍ୟ ସହ ସମନ୍ୱିତ। କର୍ମଶାଳାରେ ଏଡିବି ଟିମ୍ ପକ୍ଷରୁ ଇନସେପସନ୍ ରିପୋର୍ଟର ପ୍ରମୁଖ ନିଷ୍କର୍ଷ ଓ ସୁପାରିସ୍ ଉପସ୍ଥାପନ କରାଯାଇଥିଲା। ବିକେକେପିଆର ପାଇଁ ସମନ୍ୱିତ ଆଞ୍ଚଳିକ ଯାତାୟାତ ଯୋଜନା, ବସ୍ ସେବା ରୂପାନ୍ତରଣ ରୋଡ୍‌ମ୍ୟାପ୍ ଓ ପ୍ରସ୍ତାବିତ ଓଡ଼ିଶା ଟ୍ରାଞ୍ଜିଟ୍-ଓରିଏଣ୍ଟେଡ୍ ଡେଭେଲପମେଣ୍ଟ ନୀତି ଉପରେ ଆଲୋଚନା ହୋଇଥିଲା। ବିଭିନ୍ନ ବିଭାଗ ଓ ଅଂଶୀଦାରମାନେ ଏଥିରେ ନିଜ ନିଜ ମତାମତ ରଖିଥିଲେ।

ଏହି ଅବସରରେ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଉଷା ପାଢ଼ୀ ଆୟୋଜିତ କର୍ମଶାଳା ସମ୍ପର୍କରେ ସୂଚନା ଦେଇ କହିଥିଲେ ଯେ ଏହା କେବଳ ଏକ ଦସ୍ତାବିଜ ପ୍ରସ୍ତୁତିରେ ସୀମିତ ନ ରହି ସମସ୍ତ ଅଂଶୀଦାରଙ୍କ ସହଭାଗିତାରେ ଏକ କାର୍ଯ୍ୟକାରୀ ଓ ରୂପାୟନଯୋଗ୍ୟ ଢାଞ୍ଚାରେ ପରିଣତ ହେବା ଆବଶ୍ୟକ। ସେବା ଜୀବନର ପ୍ରାରମ୍ଭିକ ଦିନରେ ଓଡ଼ିଶାର ଏକ ଦୁର୍ଗମ ଅଞ୍ଚଳରେ ନିଜର ଅଭିଜ୍ଞତାର ଉଦାହରଣ ଦେଇ ସେ କହିଥିଲେ ଯେ ଯାତାୟାତ ସୁବିଧାର ଅଭାବ ଲୋକଙ୍କ ମୌଳିକ ସେବା ଓ ଆର୍ଥିକ ସୁଯୋଗ ପାଇବାରେ ପ୍ରଭାବ ପକାଇଥାଏ। ଏଡିବିର ଟ୍ରାନ୍ସପୋର୍ଟ ସେକ୍ଟର ଅଫିସ୍‌ର ନିର୍ଦ୍ଦେଶକ କାଞ୍ଜୋ ନାକାଇ ଯାତାୟାତ, ସହରୀ ଉତ୍ପାଦକତା ଓ ବିକାଶ ମଧ୍ୟରେ ଥିବା ଗଭୀର ସମ୍ପର୍କ ଉପରେ ଆଲୋକପାତ କରିଥିଲେ। ୬ଟି ପ୍ରମୁଖ ମହାନଗରକୁ ନେଇ ସେମାନଙ୍କ ପକ୍ଷରୁ କରାଯାଇଥିବା ଏକ ଅଧ୍ୟୟନର ଉଲ୍ଲେଖ କରି ସେ କହିଥିଲେ ଯେ କେତେକ ସହରରେ ଯାତ୍ରୀମାନେ ଦୈନିକ ୪ ଘଣ୍ଟା ପର୍ଯ୍ୟନ୍ତ ଯାତ୍ରାରେ ବିତାଉଛନ୍ତି, ଯାହା ଉତ୍ପାଦକତା ଉପରେ ଉଲ୍ଲେଖନୀୟ ପ୍ରଭାବ ପକାଉଛି।

## ବିଧାନସଭା ଖବର

### ଏମ୍‌ଏମ୍‌ଡିଆର ଝଡ଼ ମଧ୍ୟରେ ରାଜସ୍ୱ ଆୟର ହିସାବ ଦେଲେ ମନ୍ତ୍ରୀ

ଭୁବନେଶ୍ୱର,୨୪।୯(ସଂଚାର ବ୍ୟୁରୋ): ଗୃହରେ ଏମ୍‌ଏମ୍‌ଡିଆର ଝଡ଼ ମଧ୍ୟରେ ଖଣିଜ ଆଦାୟ ହୋଇଥିବା ରାଜସ୍ୱର ହିସାବ ଦେଲେ ମନ୍ତ୍ରୀ ବିଭୂତି ଜେନା। ଶାସକ ଦଳର ସଦସ୍ୟ ପଚାରିଥିବା ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ ୨୦୨୩-୨୪ରେ ୪୬ ହଜାର ୩୯୬ କୋଟି ରାଜସ୍ୱ ଆଦାୟ ହୋଇଥିଲା ୨୦୨୬-୨୭ରେ ସେପ୍ଟେମ୍ବର ୧୫ ସୁଦ୍ଧା ୨୧ ହଜାର ୫୮୬ କୋଟି ରାଜସ୍ୱ ଆଦାୟ ହୋଇଛି। ସଂଶୋଧିତ ବ୍ୟବସ୍ଥାର ଆର୍ଥିକ ପ୍ରଭାବ ସମ୍ପର୍କରେ ଏହି ପର୍ଯ୍ୟାୟରେ କୌଣସି ନିର୍ଦ୍ଦିଷ୍ଟ ପରିମାଣର ଲାଭ ବା କ୍ଷତିର ଆକଳନ କରାଯାଇନାହିଁ। ଏ ସମ୍ପର୍କିତ ଆବଶ୍ୟକ ନିୟମ ସମ୍ବନ୍ଧିତ ସର୍ତ୍ତାବଳୀ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୟନ ହେବା ପରେ ଏହାର ଆର୍ଥିକ ପ୍ରଭାବକୁ ରାଜ୍ୟ ସରକାର ନିରୀକ୍ଷଣ କରିବେ। ରାଜ୍ୟର ଖଣିଜ ସମ୍ପଦ ଓ ରାଜସ୍ୱ ସ୍ୱାର୍ଥ ସୁରକ୍ଷିତ ରଖିବା ପାଇଁ ପ୍ରଚଳିତ ଆଇନ ଓ ବିଧିବଦ୍ଧ ବ୍ୟବସ୍ଥା ଅନୁଯାୟୀ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ଏଥିସହ ସେ ଗତ ୧୦ ବର୍ଷରେ ଖଣିରୁ ଆଦାୟ ହୋଇଥିବା ରାଜସ୍ୱର ହିସାବ ଦେଇଛନ୍ତି।

### ଭୁବନେଶ୍ୱରରେ ବିଏମସି ନୋଟିସ ନେଇ ମନ୍ତ୍ରୀଙ୍କ ସ୍ପଷ୍ଟୀକରଣ

ସୁପ୍ରିମକୋର୍ଟଙ୍କ ଗାଇଡ଼ଲାଇନ ଅନୁଯାୟୀ ଆବାସିକ ଜୋନରେ ବାଣିଜ୍ୟିକ ଭାବେ ଘରର ବ୍ୟବହାର କରାଯାଉଥିଲେ ତୁରନ୍ତ ସିଲ ନୋଟିସ କରିବାକୁ ନିର୍ଦ୍ଦେଶ ରହିଛି। ଆମେ ଏହା ଉପରେ ନିଜର ମତ ରଖିଛୁ, ପାଖାପାଖି ୬ ହଜାର ନୋଟିସ କରାଯାଇଛି ଓ ପାଖାପାଖି ୩୦୦ ଘର ଚିହ୍ନଟ ହୋଇଛି, ଯେଉଁଠି ଟ୍ରାଫିକ ସମସ୍ୟା ହେଉଛି। ସେଠାରେ କର୍ସପିଆଲ ସ୍ଥାନ ହେବା କଥା ନୁହେଁ ବିଭାଗ ତାକୁ ଅନୁଧ୍ୟାନ କରୁଛି। ଯେମିତି କେହି ହଇରାଣ ନ ହେବେ ସେଥିପାଇଁ ସୁଯୋଗ ପୋର୍ଟାଲ ମାଧ୍ୟମରେ ଆବେଦନ କରାଯାଇପାରିବ। ଲୋକଙ୍କ ବ୍ୟବସାୟକୁ ଗୁରୁତ୍ୱ ଦିଆଯାଉଛି। ସେପଟେ ଲୋକଙ୍କ ସୁରକ୍ଷାକୁ ବି ପ୍ରାଥମିକତା ଦିଆଯାଉଛି। ତା' ସହ ରହିଛି ସୁପ୍ରିମକୋର୍ଟଙ୍କ ଗାଇଡ଼ଲାଇନ। ଯେଉଁ ରାଜ୍ୟମାନେ ଏହାକୁ ପାଳନ କରୁନାହାନ୍ତି ସୁପ୍ରିମକୋର୍ଟ ତାଙ୍କୁ ଭର୍ତ୍ସନା କରୁଛନ୍ତି।

### ଭୁବନେଶ୍ୱରରେ ଅଧିକ ଅମାନିଆ ଗାଡ଼ି ଚାଳକ

ଭୁବନେଶ୍ୱରରେ ବେପରୁଆ ଗାଡ଼ି ଚାଳନା ଅଭିଯୋଗରେ ୧୩ ହଜାର ୮୪୪ ଜଣଙ୍କ ଚାଲାଣ କଟିଥିବା ବେଳେ ୧୪୪ଟି ଗାଡ଼ି ଜବତ ହୋଇଛି। ଦ୍ୱିତୀୟରେ ରହିଛି କଟକ ଜିଲ୍ଲା। ଜିଲ୍ଲାରେ ୧୦ ହଜାର ୮୪୪ ଚାଲାଣ କଟିଥିବା ବେଳେ ୨୯୧ ଗାଡ଼ି ଜବତ ହୋଇଛି। ଅଢ଼େଇ ବର୍ଷରେ ପରିବହନ ଆଇନ ଉଲ୍ଲଂଘନ କ୍ଷେତ୍ରରେ ଆଦାୟ ହୋଇଛି ୧୫ କୋଟି ୧୬ ଲକ୍ଷ ୫୩ ହଜାର ୭୩୬ ଟଙ୍କା। ଜବତ ହୋଇଛି ୧୮୧୨ଟି ଗାଡ଼ି। ଆଇନ ଉଲ୍ଲଂଘନ କରିଛନ୍ତି ୪ ଲକ୍ଷ ୧୫ ହଜାର ୧୫୯ ଜଣ। ବିଜେଡି ବିଧାୟକ ପ୍ରତାପ ଦେବଙ୍କ ପ୍ରଶ୍ନରେ ଏହି ସୂଚନା ଦେଇଛନ୍ତି ପରିବହନ ମନ୍ତ୍ରୀ।

### ବାଲି ମାଫିଆଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ

ଗତ ଜାନୁଆରୀରୁ ଅଗଷ୍ଟ ୩୧ ତାରିଖ ମଧ୍ୟରେ ଖୋର୍ଦ୍ଧା ଜିଲ୍ଲାରେ ବେଆଇନ ଖନନ ଓ ବାଲି ଉଠାଣ ଅଭିଯୋଗରେ ସର୍ବାଧିକ ୧୧ କୋଟି ୧୯ ଲକ୍ଷ ୧୫ ହଜାର ୬୦୧ ଟଙ୍କା ଜୋରିମାନା ଆଦାୟ ହୋଇଛି। କୋରାପୁଟ ଜିଲ୍ଲାରେ ୨୯୪ ବାଲି ଉତ୍ସ ଉପରେ ଚଢ଼ାଉ ବେଳେ ରୁଜୁ ହୋଇଛି ୧୧ ମାମଲା ଓ ଜବତ ହୋଇଛି ୨ କୋଟି ୩୭ ଲକ୍ଷ ୮୭ ହଜାର ୬୫୮ ଟଙ୍କା। ସେହିଭଳି ବାଲେଶ୍ୱରରେ ୨୯୧ଟି ବାଲି ଉତ୍ସ ଉପରେ ଚଢ଼ାଉ ସହ ରୁଜୁ ହୋଇଛି ୨୩୪ ମାମଲା ଓ ଜବତ ହୋଇଛି ୧ କୋଟି ୫୫ ଲକ୍ଷ ୨୫ ହଜାର ୨୬୪ ଟଙ୍କା। ସେପଟେ ଗଞ୍ଜାମରେ ୧୮୦ଟି ବାଲି ଉତ୍ସ ଉପରେ ଚଢ଼ାଉ ସହ ୧ କୋଟି ୮୫ ଲକ୍ଷ ୫୮ ହଜାର ୮୫୩ ଟଙ୍କା ଜରିମାନା ଆଦାୟ ହୋଇଛି। ଦେବଗଡ଼ରୁ ୩୩ଟି ଗାଡ଼ିରୁ ଜରିମାନା ଆଦାୟ ହୋଇଥିବା ବେଳେ ମୟୂରଭଞ୍ଜରେ ୨ ଜଣ ବ୍ୟକ୍ତିଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଅନୁଗୋଳରୁ ୭୨ଟି, ସୋନପୁରରୁ ୨୭ଟି ଗାଡ଼ି ଜବତ ହୋଇଛି। ବିଜେଡି ବିଧାୟକ ତୁଷାରକାନ୍ତି ବେହେରାଙ୍କ ପ୍ରଶ୍ନରେ ପରିବହନ ମନ୍ତ୍ରୀ ଏହି ସୂଚନା ଦେଇଛନ୍ତି।

### ବିପଦସଙ୍କୁଳ ଅବସ୍ଥାରେ ରାଜସ୍ୱ କାର୍ଯ୍ୟାଳୟ

ରାଜ୍ୟରେ ୪୯ଟି ରାଜସ୍ୱ ଅଫିସ କାର୍ଯ୍ୟାଳୟ ବିପଦସଙ୍କୁଳ ବିଲଡିଂରେ ଚାଲିଛି। ୯୦ ରାଜସ୍ୱ କାର୍ଯ୍ୟାଳୟରେ ନାହିଁ ଛାତ ଘର। ଖୋଦ ରାଜସ୍ୱ ମନ୍ତ୍ରୀ ଏକ ଲିଖିତ ପ୍ରଶ୍ନରେ ଏହି ସୂଚନା ଦେଇଛନ୍ତି। ତେବେ ଏ ସମ୍ପର୍କରେ ଗଣମାଧ୍ୟମ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି ଯେ ପୁରୁଣା ତହସିଲ ସହ ରାଜ୍ୟରେ ସବୁ ରାଜସ୍ୱ କାର୍ଯ୍ୟାଳୟକୁ ମଡେଲ ଅଫିସରେ ପରିଣତ କରାଯିବ। ଅଫିସଗୁଡ଼ିକର ମରାମତି ଓ ନୂତନ ନିର୍ମାଣ ପାଇଁ ଆବଶ୍ୟକ ଅର୍ଥରାଶି ଯୋଗାଇ ଦିଆଯିବ। ଯେଉଁ ତହସିଲ ଅଫିସ ୧୦୦ ବର୍ଷ ପୂରଣ କରୁଛି, ତାହାକୁ ହେରିଟେଜ୍ ତହସିଲ ଅଫିସ ଭାବେ ବିକଶିତ କରାଯିବ। ନୂଆ ତହସିଲ ଅଫିସରେ ଫର୍ଣ୍ଣିଚର ଓ ଆଧୁନିକ ସୁବିଧା ପାଇଁ ଅର୍ଥ ଯୋଗାଇ ଦିଆଯିବ। ତହସିଲ ଅଫିସର ଅବସ୍ଥା ସମ୍ପର୍କରେ ଅଭିଯୋଗ ବା ତଥ୍ୟ ମିଳିଲେ, ଆବଶ୍ୟକ ଅର୍ଥ ତୁରନ୍ତ ମଞ୍ଜୁର କରାଯିବ। କେବଳ ବାବୁଙ୍କ ବସିବା ପାଇଁ ନୁହେଁ, ରାଜସ୍ୱ କାର୍ଯ୍ୟାଳୟକୁ ଆସୁଥିବା ଲୋକଙ୍କ ପାଇଁ ବସିବା ବ୍ୟବସ୍ଥା, ମହିଳା ଓ ଶିଶୁଙ୍କ ପାଇଁ ବିଶେଷ ସୁବିଧା ଥିବା ଭଳି ଅଫିସ ବି କରୁଛି ରାଜସ୍ୱ ବିଭାଗ।

### ଜବରଦଖଲରେ ୨୨,୧୨୦ ଏକର ସରକାରୀ ଜମି

୨୮ ଜିଲ୍ଲାରୁ ପ୍ରାପ୍ତ ତଥ୍ୟ ଅନୁଯାୟୀ ରାଜ୍ୟରେ ଗତ ଦୁଇ ବର୍ଷରେ ୧୯୨୬୬.୨୨ ଏକର ପରିମାଣର ସରକାରୀ ଜମି ଜବରଦଖଲ ମୁକ୍ତ କରାଯାଇଛି। ସେହିପରି ୫୨୬୬.୧୮ ଏକର ଜଙ୍ଗଲ କିସମର ସରକାରୀ ଜମି ଜବରଦଖଲରେ ରହିଛି ଏବଂ ୨୮୧୧୧.୦୮ ଏକର ପରିମାଣର ଜମିକୁ ଜବରଦଖଲ ମୁକ୍ତ କରାଯାଇଛି। ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ଏକ ନିରବଚ୍ଛିନ୍ନ କାର୍ଯ୍ୟକ୍ରମ। ଜବରଦଖଲ ଜମିକୁ ଜବରଦଖଲ ମୁକ୍ତ କରିବା ପାଇଁ ଜିଲ୍ଲା ପ୍ରଶାସନ ସ୍ତରରେ ଉପଯୁକ୍ତ ପଦକ୍ଷେପ ନିଆଯାଉଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଗତ ଦୁଇ ବର୍ଷରେ ଦୁଇ ଦୁଇ ଥର ରାଜ୍ୟର ସବୁ ଜିଲ୍ଲାପାଳଙ୍କୁ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରିବା ନିମନ୍ତେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଜାରି କରାଯାଇଛି। ଏଥିସହ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଜବରଦଖଲ ଉଚ୍ଛେଦ କରିବା ସମ୍ବନ୍ଧରେ ଏକ ଆକ୍ସନ ପ୍ଲାନ ପ୍ରସ୍ତୁତ କରାଯାଇ ସମୟସୀମା ମଧ୍ୟରେ ଜବରଦଖଲ ଉଚ୍ଛେଦ କରିବା ପାଇଁ ସବୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

### ଆରଟିଓ ଦପ୍ତରରେ ଖାଲି ପଡ଼ିଛି ପଦବୀ

ଆଞ୍ଚଳିକ ପରିବହନ ଦପ୍ତରଗୁଡ଼ିକରେ ଶତାଧିକ ପଦବୀ ଖାଲି ପଡିଛି। ସେହିଭଳି ଆରଟିଓ ଓ ଏମଭିଆଇ ପଦବୀ ବି ଅତିରିକ୍ତ ଦାୟିତ୍ୱରେ ଚାଲିଛି। ଆଞ୍ଚଳିକ ପରିବହନ ଦପ୍ତରରେ ଖାଲି ପଡିଥିବା ପଦ ପଦବୀ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଅନ୍ୟଏକ ପ୍ରଶ୍ନର ଉତ୍ତରରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ୩୫ଟି ଆଞ୍ଚଳିକ ପରିବହନ ଦପ୍ତର ରହିଛି। ଏହାଛଡ଼ା ୨ଟି ଅତରିକ୍ତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଓ ଗୋଟିଏ ସହାୟକ ଆଞ୍ଚଳିକ ପରିବହନ ଦପ୍ତର ରହିଛି। ଏଥିରେ ପ୍ରଥମ ଶ୍ରେଣୀର ୧୩୭ଟି, ଦ୍ୱିତୀୟ ଶ୍ରେଣୀର ୧୯୭ଟି ଓ ତୃତୀୟ ଶ୍ରେଣୀର ୪୩୮ଟି ଓ ଚତୁର୍ଥ ଶ୍ରେଣୀର ୪୭ଟି ମଞ୍ଜୁରୀପ୍ରାପ୍ତ ପଦବୀ ରହିଛି। ଏହି ସମସ୍ତ ମଞ୍ଜୁରୀପ୍ରାପ୍ତ ପଦବୀ ମଧ୍ୟରୁ ୨୭୬ଟି ପଦବୀ ଖାଲି ରହିଛି। ୧୨ ଜଣ ଅଧିକାରୀ ଆଞ୍ଚଳିକ ପରିବହନ ଅଧିକାରୀ, ମୋଟରଯାନ ନିରୀକ୍ଷକ ଭଳି ପଦବୀରେ ଅତିରିକ୍ତ ଦାୟିତ୍ୱ ତୁଲାଉଥିବା ମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ବରଗଡ, ନୂଆପଡା ଓ ଦେବଗଡ ଜିଲ୍ଲା ଆରଟିଓ ପଦବୀରେ ଅତିରିକ୍ତ ଅଧିକାରୀ ଥିବାବେଳେ ଜଗତ୍‌ସିଂହପୁର, ନୂଆପଡା, ସୁନ୍ଦରଗଡ, ବୌଦ୍ଧ, ସୋନପୁର, ପୁରୀ, ଭଦ୍ରକ ଓ କଳାହାଣ୍ଡି ଜିଲ୍ଲାର ମୋଟରଯାନ ନିରୀକ୍ଷକ ପଦବୀ ସହିତ ଚଣ୍ଡିଖୋଲ ସହାୟକ ମୋଟରଯାନ ପଦବୀରେ ମଧ୍ୟ ଅତିରିକ୍ତ ଦାୟିତ୍ୱରେ ଅଧିକାରୀ ରହିଛନ୍ତି।

### ବସରେ ଲୋକ ଯାଉଛନ୍ତି, ଲାଭ ସେମିତି ହେଉନି

ଓଡ଼ିଶା ରାଜ୍ୟ ସଡକ ପରିବହନ ବିଭାଗର ବସ୍‌ରେ ସ୍ୱାଭାବିକ ଭାବେ ଯାତ୍ରୀ ଯା ଆସ କରୁଛନ୍ତି। ହେଲେ ଘରୋଇ ବସ୍ ଭଳି ଏହା ଲାଭ କରିପାରୁ ନାହିଁ। ଓଡିଶା ରାଜ୍ୟ ସଡକ ପରିବହନ ନିଗମ ଅଧିନରେ ଚଳାଚଳ କରୁଥିବା ବସ୍ ସଂକ୍ରାନ୍ତରେ ବିଜେପି ବିଧାୟକ ପଦ୍ମଲୋଚନ ପଣ୍ଡା ପଚାରିଥିବା ପ୍ରଶ୍ନର ଉତ୍ତରରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ନିଗମ ଅଧିନରେ ବର୍ତ୍ତମାନ ୨୦୧୨ଟି ବସ୍ ରହିଛି। ଏଥି ମଧ୍ୟରୁ ୧୫୫୮ଟି ରାସ୍ତାରେ ଚଳାଚଳ କରୁଛି ଏବଂ ୫୨ଟି ବସ୍ ଅକାମୀ ହୋଇ ପଡ଼ି ରହିଛି। ନିଗମରେ ବର୍ତ୍ତମାନ ୫୪ ଜଣ ନିୟମିତ କର୍ମଚାରୀ ରହିଛନ୍ତି ଓ ସେମାନେ ଷଷ୍ଠ ବେତନ କମିଶନ ଆଧାର ଭିତ୍ତିରେ ଦରମା ପାଉଛନ୍ତି। ୮୧୧ ଜଣ ଠିକା ଓ ୧୪୭୩ ଜଣ ଆଉଟସୋର୍ସିଂ ଭିତ୍ତିରେ ଦରମା ପାଉଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ପରିବହନ ନିଗମ ବସ୍‌ରେ ସ୍ୱାଭାବିକ ସଂଖ୍ୟାରେ ଯାତ୍ରୀ ହେଉଛନ୍ତି, ହେଲେ ଘରୋଇ ବସ୍ ଭଳି ଲାଭ ହେଉନାହିଁ। ନିଗମ ଅଧୀନରେ ଏବେ ୧୬୪ ଏକର ଜମି ରହିଛି।

## ବନ୍ୟାରେ ଯାଇଛି ୭ ଜୀବନ

### କ୍ଷୟକ୍ଷତି ଭରଣା ପାଇଁ ୨୩୪ କୋଟିର ସହାୟତା



ଭୁବନେଶ୍ୱର,୨୪।୯(ସଂଚାର ବ୍ୟୁରୋ): ଚଳିତ ବର୍ଷ ରାଜ୍ୟରେ ହୋଇଥିବା ପ୍ରଳୟଙ୍କରୀ ବନ୍ୟା ଯୋଗୁଁ ବ୍ୟାପକ କ୍ଷୟକ୍ଷତି ହୋଇଛି। ଏହି ପ୍ରାକୃତିକ ବିପର୍ଯ୍ୟୟରେ ୭ ଜଣ ପ୍ରାଣ ହରାଇଥିବା ବେଳେ ୯୩ଟି ଗୃହପାଳିତ ପଶୁଙ୍କର ମଧ୍ୟ ମୃତ୍ୟୁ ଘଟିଛି। ବିଧାନସଭାରେ ଏକ ଲିଖିତ ପ୍ରଶ୍ନର ଉତ୍ତର ଦେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ବନ୍ୟା କ୍ଷୟକ୍ଷତି ଓ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିବା ରିଲିଫ୍ ଓ ସହାୟତା ନେଇ ସମ୍ପୂର୍ଣ୍ଣ ତଥ୍ୟ ଉପସ୍ଥାପନ କରିଛନ୍ତି। ଗୃହରେ ମନ୍ତ୍ରୀ ଦେଇଥିବା ସୂଚନା ଅନୁଯାୟୀ, ବନ୍ୟା ପ୍ରଭାବିତଙ୍କୁ ବ୍ୟକ୍ତିଗତ କ୍ଷତି ଭରଣା ବାବଦରେ ମୋଟ ୨୩୪ କୋଟି ୮୪ ଲକ୍ଷ ୮୬ ହଜାର ଟଙ୍କା ବଣ୍ଟନ କରାଯାଇଛି। ସେଥିମଧ୍ୟରୁ ବନ୍ୟା ଯୋଗୁଁ ୨ ଲକ୍ଷ ୧୨ ହଜାର ୫୩୩ ହେକ୍ଟର ଜମିର ଫସଲ ନଷ୍ଟ ହୋଇଥିବା ବେଳେ କ୍ଷତିଗ୍ରସ୍ତ ଚାଷୀଙ୍କୁ ୧୫୧ କୋଟି ଟଙ୍କାର ସହାୟତା ଦିଆଯାଇଛି। ବନ୍ୟାରେ ୧୮ ହଜାର ୭୬ଟି ବାସଗୃହ କ୍ଷତିଗ୍ରସ୍ତ ହୋଇଛି। ଏଥିପାଇଁ ୩୩ କୋଟି ଟଙ୍କାର ଗୃହ ନିର୍ମାଣ ସହାୟତା ଯୋଗାଇ ଦିଆଯାଇଛି। କ୍ଷତିଗ୍ରସ୍ତ ପରିବାରକୁ ପୋଷାକପତ୍ର ବାବଦକୁ ୯ କୋଟି ୪୭ ଲକ୍ଷ ଟଙ୍କା ଓ ବାସନକୁସନ ପାଇଁ ୯ କୋଟି ୪୭ ଲକ୍ଷ ଟଙ୍କା ବଣ୍ଟାଯାଇଛି। ବାଲିଚର ହୋଇଯାଇଥିବା ଚାଷଜମିର ପୁନରୁଦ୍ଧାର ପାଇଁ ୪ କୋଟି ଟଙ୍କା ମଞ୍ଜୁର କରାଯାଇଛି। ବନ୍ୟା ବିପନ୍ନଙ୍କ ପାଖରେ ଜରୁରୀ ସାମଗ୍ରୀ ପହଞ୍ଚାଇବା ପାଇଁ ସରକାରଙ୍କ ବ୍ୟାପକ ପଦକ୍ଷେପ ନେଇଛନ୍ତି। ଅଦ୍ୟାବଧି ୧୫,୭୧୫ କ୍ୱିଣ୍ଟାଲ ଚାଉଳ, ୧୨, ୮୬୩ କ୍ୱିଣ୍ଟାଲ ଚୁଡ଼ା ଓ ୧୪୪୮ କ୍ୱିଣ୍ଟାଲ ଗୁଡ଼ ଦିଆଯାଇଛି।

## ଓଜେସି ପକ୍ଷରୁ ୨୯ ନମ୍ବର ୱାର୍ଡରେ ପ୍ରସ୍ତୁତି ବୈଠକ

କଟକ ୨୪।୯ (ସଂଚାର ବ୍ୟୁରୋ): ଓଡିଶା ଜନତା କଂଗ୍ରେସ ପାର୍ଟି କଟକ ସହର ପକ୍ଷରୁ କଟକ ମହାନଗର ନିଗମର ୨୯ ନମ୍ବର ୱାର୍ଡ ଅନ୍ତର୍ଗତ ପିଠାପୁରଠାରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କଂଗ୍ରେସ ନେତା କେଦାର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପିଠାପୁର, ଝାଞ୍ଜିରୀ ମଙ୍ଗଳା, ଲେବର କଲୋନୀ ଓ ଦୋଳମୁଣ୍ଡାଇ ଆଦି ଅଞ୍ଚଳର ବହୁ ସଂଖ୍ୟକ ୱାର୍ଡବାସୀ ଏବଂ ଦଳୀୟ କର୍ମୀ ଯୋଗ ଦେଇଥିଲେ।ଏଥିରେ ମୁଖ୍ୟ ଅତିଥି ଭାବେ ଓଡିଶା ଜନତା କଂଗ୍ରେସ ପାର୍ଟି, କଟକ ସହର ସଭାନେତ୍ରୀ ଗିରିବାଳା ବେହେରା ଯୋଗଦେଇ ଆଗାମୀ ଦିନରେ ୱାର୍ଡ଼ରେ ହେବାକୁ ଥିବା ପୂର୍ଣ୍ଣାଙ୍ଗ ବୈଠକ ସମ୍ପର୍କରେ ଆଲୋଚନା କରିଥିଲେ। ଏଥସହ ଆଗାମୀ ପୌର ନିର୍ବାଚନରେ ଦଳ କିପରି ଏହି ୱାର୍ଡ଼ରେ ବିଜୟୀ ହୋଇପାରିବ, ସେନେଇ ରଣନୀତି ପ୍ରସ୍ତୁତ କରିବା ସହ ସଂଗଠନକୁ ତୃଣମୂଳ ସ୍ତରରୁ ଅଧିକ ମଜବୁତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସଭା ଶେଷରେ ଲିଟୁ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

■ ଏମଏମଡିଆର ସଂଶୋଧନ ଆଇନ ପ୍ରସଙ୍ଗ

## ୨୮ରେ ବିଧାନସଭା ସମ୍ମୁଖରେ ବିଜେଡିର ବିକ୍ଷୋଭ ସମାବେଶ



■ ଯୋଗଦେବେ ବିଜେଡି ସଭାପତି ନବୀନ ପଟ୍ଟନାୟକ

■ କଳା ଆଇନ ପ୍ରତ୍ୟାହାର ଦାବିରେ ରାଜ୍ୟବ୍ୟାପୀ ଆନ୍ଦୋଳନ ଧମକ

ଭୁବନେଶ୍ୱର,୨୪।୯(ସଂଚାର ବ୍ୟୁରୋ): ଏମ୍‌ଏମ୍‌ଡିଆର ସଂଶୋଧନ ଆଇନ ପାରିତ ହେବା ପରେ ଏହାକୁ ତୀବ୍ର ବିରୋଧ କରିଆସୁଥିବା ବିଜେଡି ଏହାର ପ୍ରତ୍ୟାହାର ଦାବିରେ ରାଜରାସ୍ତାକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇଛି। ଆସନ୍ତା ୨୮ରେ ଦଳ ପକ୍ଷରୁ ଲୋୟର ପିଏମଜିରେ ଗଣବିକ୍ଷୋଭ ସଭା ଅନୁଷ୍ଠିତ ହେବ ଓ ଏଥିରେ ଦଳର ସଭାପତି ନବୀନ ପଟ୍ଟନାୟକ ଯୋଗଦେବେ ବୋଲି ଦଳ ପକ୍ଷରୁ କୁହାଯାଇଛି। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ଉପସଭାପତି ପ୍ରତାପ ଜେନା, ବିଧାୟକ ଡ. ଅରୁଣ କୁମାର ସାହୁ, ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି ଓ ସାଧାରଣ ସମ୍ପାଦକ ପ୍ରୀତି ରଞ୍ଜନ ଘଡ଼ାଇ ଯୋଗ ଦେଇଥିଲେ। ଦେବୀ ମିଶ୍ର କହିଛନ୍ତି ଯେ ଖଣି ଓ ଖଣି ଥିବା ଜମି ଉପରେ ଥିବା ରାଜ୍ୟମାନଙ୍କ ଅଧିକାରକୁ ଏମଏମଡିଆର ସଂଶୋଧନ ଆଇନ ପ୍ରତ୍ୟାହାର ଦାବିରେ ଆସନ୍ତା ୨୮ରେ ଲୋୟର ପିଏମଜିଠାରେ ଏକ ବିଶାଳ ଗଣବିକ୍ଷୋଭ ସଭା ଆୟୋଜିତ ହେବ। ଏହାଛଡ଼ା ପ୍ରତାପ ଜେନା ଏମଏମଡିଆର ସଂଶୋଧନ ଆଇନ ଏକ କଳା ଆଇନ ଓ ଏହା ରାଜ୍ୟ ସ୍ୱାର୍ଥକୁ କୁଠାରଘାତ କରିଛି ବୋଲି କହିଛନ୍ତି। ଆହୁରି ଡ. ଅରୁଣ କୁମାର ସାହୁ କହିଛନ୍ତି ଯେ ଏମଏମଡିଆର ସଂଶୋଧନ ଆଇନକୁ ବିଜେଡି ବିଧାନସଭା ଭିତରେ ଜୋରଦାର ବିରୋଧ କରିଛି। ଏହା ବିରୋଧରେ ରାଜ୍ୟବ୍ୟାପୀ ଆନ୍ଦୋଳନ ଓ ଅର୍ଥନୈତିକ ଅବରୋଧ କରାଯିବ ବୋଲି ଡ. ସାହୁ କହିଛନ୍ତି।

## ରାହୁଲ ଗାନ୍ଧିଙ୍କ 'ଭୋଟ୍ ଚୋରି' ଅଭିଯୋଗ ସତ ପ୍ରମାଣିତ: କଂଗ୍ରେସ

■ ଜ୍ଞାନେଶ କୁମାରଙ୍କୁ ତୁରନ୍ତ ବରଖାସ୍ତ କରାଯାଉ

■ ତ୍ରୁଟିପୂର୍ଣ୍ଣ ଏସ୍‌ଆଇଆର ରଦ୍ଦ କରାଯାଉ



ଭୁବନେଶ୍ୱର,୨୪।୯(ସଂଚାର ବ୍ୟୁରୋ): ଲୋକସଭାରେ ବିରୋଧୀ ଦଳ ନେତା ଗତ ତିନି ବର୍ଷ ହେଲା ଯାହା କହିଆସୁଥିଲେ ତାହା ସତ ପ୍ରମାଣିତ ହୋଇଛି। ଦେଶର ନିର୍ବାଚନ ପ୍ରକ୍ରିୟାକୁ 'ଚୋରି' କରିବାକୁ ମୋଦି ସରକାର ନିର୍ବାଚନ ଆୟୋଗକୁ ଅସ୍ତ୍ର ଭାବେ ବ୍ୟବହାର କରିଆସୁଛନ୍ତି। ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର ବିଜେପି ସରକାରର ହାତବାରିସୀ ସାଜି ଦେଶବ୍ୟବାପୀ ତ୍ରୁଟିପୂର୍ଣ୍ଣ ସଘନ ସ୍ୱତନ୍ତ୍ର ସଂଶୋଧନ (ଏସ୍‌ଆଇଆର) କରାଇ ଦେଶର ଗଣତାନ୍ତ୍ରିକ ବିଧିବ୍ୟବସ୍ଥାକୁ ହତ୍ୟା କରିବା ପ୍ରମାଣିତ ହୋଇଛି। ଗତ ୧୦ ମାସ ମଧ୍ୟରେ ଦୁଇ ନିର୍ବାଚନ ଆୟୁକ୍ତ ସୁଖବୀର ସାନ୍ଧୁ ଓ ବିବେକ ଯୋଶୀ ୧୪ ଥର ଆୟୋଗର ବିଭିନ୍ନ ନିଷ୍ପତ୍ତିରେ ଆପତ୍ତି ଉଠାଇଥିଲେ ମଧ୍ୟ ଅଗଣତାନ୍ତ୍ରିକ ପ୍ରକ୍ରିୟାରେ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର ସେମାନଙ୍କୁ ଏଡ଼ାଇଦେଇ ନିଜ ଇଚ୍ଛାନୁସାରେ ନିଷ୍ପତ୍ତି ନେଇଚାଲିଛନ୍ତି ବୋଲି ସ୍ପଷ୍ଟ ହୋଇଛି। ନିର୍ବାଚନ କମିଶନଙ୍କ ଦୁଇ ସଦସ୍ୟ ଏହାର ମୁଖ୍ୟଙ୍କ ବିରୋଧରେ ଏପରି ସଙ୍ଗିନ ଅଭିଯୋଗ ଆଣିବା ପୂରା ବ୍ୟବସ୍ଥା କଳୁଷିତ ହୋଇଥିବା ପ୍ରମାଣ କରୁଛି ବୋଲି ଆଜି କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପିସିସି ଗଣମାଧ୍ୟମ ଅଧ୍ୟକ୍ଷ ଅରବିନ୍ଦ ଦାସ କହିଛନ୍ତି। ସେ କର୍ଣ୍ଣାଟକ, ମହାରାଷ୍ଟ୍ର ଓ ହରିଆନାରେ ଏସ୍‌ଆଇଆର୍ ଜରିଆରେ ଭୋଟର ତାଲିକାର ଜାଲିଆତି କରି ବିଜେପି ଭୋଟ ହାତେଇଥିବା କଥା ମନେ ପକାଇ ଦେଇଛନ୍ତି। ସେ କହିଛନ୍ତି ଯେ ଏହାର ପ୍ରମାଣଭିତ୍ତିକ ବିବରଣୀ ରାହୁଲ ଗାନ୍ଧି ପ୍ରଦାନ କରିଥିଲେ। ଏବେ ନିଜେ ଆୟୋଗର ଦୁଇ ଜଣ ସଭ୍ୟ ଏହା ସତ୍ୟ ବୋଲି ପ୍ରମାଣ କରିଛନ୍ତି। ଭୋଟର ତାଲିକାକୁ ହେରଫେର କରିଥିବା ଅଧିକାରୀ ଦେଶଦ୍ରୋହୀ ବୋଲି ରାହୁଲ ଗାନ୍ଧି କହିଛନ୍ତି। ତେଣୁ ଗୋଟିଏ ମୁହୂର୍ତ୍ତ ବି ନିଜ ପଦରେ ରହିବାର ନୈତିକ ଅଧିକାର ଜ୍ଞାନେଶ କୁମାରଙ୍କର ନାହିଁ। ତାଙ୍କୁ ମହାଭିଯୋଗ ପ୍ରକ୍ରିୟାରେ ବହିଷ୍କାର କରାଯିବାକୁ ରାହୁଲ ଦାବି କରିଛନ୍ତି।

## ପ୍ରଶାସନ ପକ୍ଷରୁ ପଞ୍ଚୁକ ଓ ବଡ଼ଓଷା ପ୍ରସ୍ତୁତି ବୈଠକ

କଟକ,୨୪।୯(ସଂଚାର ବ୍ୟୁରୋ): ଆସନ୍ତା ପବିତ୍ର ପଞ୍ଚୁକ ଓ ବଡ଼ଓଷା ପର୍ବକୁ ସୁଚାରୁ ରୂପରେ ଶୃଙ୍ଖଳିତ ଏବଂ ନିରାପଦ ଭାବେ ପରିଚାଳନା କରିବା ପାଇଁ ଧବଳେଶ୍ୱର ପୀଠ ପରିସରରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆଠଗଡ଼ ଉପଜିଲ୍ଲାପାଳ ଅନିମେଶ ପ୍ରଧାନ, କଟକ ଆରକ୍ଷୀ ଅଧୀକ୍ଷକ ବିନୀତ ଅଗ୍ରୱାଲ, ତହସିଲଦାର, ବିଡିଓ, ଦେବୋତ୍ତର ବିଭାଗ ଓ ଧବଳେଶ୍ୱର ପୂଜା କମିଟିର ସଦସ୍ୟ ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ନଭେମ୍ବର ୨୦ ରୁ ୨୪ ତାରିଖ ପର୍ଯ୍ୟନ୍ତ ପଞ୍ଚୁକ ପାଳନ କରାଯାଉଥିବାରୁ ପୀଠକୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଆଗମନ ହେବାର ସମ୍ଭାବନା ରହିଛି।

## ଯତୀନ୍ଦ୍ରଙ୍କ ଶ୍ରାଦ୍ଧ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି ସତସଙ୍ଗ



ଭୁବନେଶ୍ୱର, ୨୪।୫ (ସଂଚାର ବ୍ୟୁରୋ): ଯତୀନ୍ଦ୍ରନାଥ ମହାନ୍ତିଙ୍କ ଶ୍ରାଦ୍ଧ ଉପଲକ୍ଷେ ସ୍ଥାନୀୟ ସତସଙ୍ଗ ବିହାର ପ୍ରାଙ୍ଗଣରେ ଏକ ବିଶେଷ ସତସଙ୍ଗ ଓ ସ୍ମୃତିସଭା ଅନୁଷ୍ଠିତ ହୋଇଛି। ଡ. ଅଭୟ କୁମାର ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଭକ୍ତିମୟ ସମାବେଶରେ ବହୁସଂଖ୍ୟକ କର୍ମୀ ଓ ଭକ୍ତ ଯୋଗଦେଇ ସ୍ୱର୍ଗତଃ ମହାନ୍ତିଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ କୃପାନିଧି ବିଶ୍ୱାଳ, ସ୍ୱାଇଁ ନୃସିଂହ, ଚନ୍ଦନ, ଉମାକାନ୍ତ ସାହୁ, ରମେଶ ଦାସ, ସଞ୍ଜୀବ ନାୟକ, ଅଲେଖ କୁମାର ଚକ୍ର, ରଜନୀକାନ୍ତ ପାଣି, ଚିତ୍ତରଞ୍ଜନ କଂସ ସହଯୋଗ କରିଥିଲେ। ପ୍ରସନ୍ନ କୁମାର ମିଶ୍ର, ବିଜୟ ଭୂଷଣ ମିଶ୍ର, ଶଶାଙ୍କ ଶେଖର ମିଶ୍ର, ଯୁଧିଷ୍ଠିର ପ୍ରଧାନ, କବିଚନ୍ଦ୍ର ମହାନ୍ତି, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, କାଳୀପ୍ରସାଦ ତ୍ରିପାଠୀ, ତ୍ରିନାଥ ମହାରଣା ଓ ପର୍ଶୁରାମ ସ୍ୱାଇଁ ଯତୀନ୍ଦ୍ରନାଥ ମହାନ୍ତିଙ୍କ ସହ ଜଡ଼ିତ ନିଜ ନିଜର ସ୍ମୃତିଚାରଣ କରିଥିଲେ। ସତସଙ୍ଗ ବିହାର ପକ୍ଷରୁ ପ୍ରଭାକର ସ୍ୱାଇଁ, ସୁଶାନ୍ତ କୁମାର ବେହେରାଙ୍କ ସମେତ ବହୁ କର୍ମୀ କାର୍ଯ୍ୟକ୍ରମର ପରିଚାଳନାରେ ସହଯୋଗ କରିଥିଲେ। ପାଗର ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ପ୍ରାୟ ୨,୦୦୦ କର୍ମୀ ଓ ଭକ୍ତ ଏହି ସତସଙ୍ଗରେ ଯୋଗଦେଇଥିଲେ।




## ସାମୁଦ୍ରିକ ସଂଗ୍ରହାଳୟରେ ବିଶ୍ୱ ସାମୁଦ୍ରିକ ଦିବସ

ଭୁବନେଶ୍ୱର,୨୪।୯(ସଂଚାର ବ୍ୟୁରୋ): କଟକସ୍ଥିତ ଓଡ଼ିଶା ରାଜ୍ୟ ସାମୁଦ୍ରିକ ସଂଗ୍ରହାଳୟ ପରିସରରେ ଆଜି ବିଶ୍ୱ ସାମୁଦ୍ରିକ ଦିବସ-୨୦୨୬ ପାଳିତ ହୋଇଛି। ଜଳ ସମ୍ପଦ ବିଭାଗ ଓ ସାମୁଦ୍ରିକ ସଂଗ୍ରହାଳୟ ସହ ସଂପୃକ୍ତ ଅଧିକାରୀ, କର୍ମଚାରୀ ଓ ଅନ୍ୟମାନେ କାର୍ଯ୍ୟକ୍ରମରେ ଯୋଗଦେଇ ଓଡ଼ିଶାର ଗୌରବମୟ ସାମୁଦ୍ରିକ ପରମ୍ପରା ଓ ଐତିହ୍ୟକୁ ସ୍ମରଣ କରିଥିଲେ। ଏହି ଅବସରରେ ସାମୁଦ୍ରିକ ଐତିହ୍ୟକୁ ଆଧାର କରି ବାଲୁକା ଶିଳ୍ପ ପ୍ରଦର୍ଶନ କରାଯାଇଥିବା ବେଳେ ଓଡ଼ିଶାର ପ୍ରାଚୀନ ନୌବାଣିଜ୍ୟ, ସମୁଦ୍ରଯାତ୍ରା, ବିଦେଶୀ ବାଣିଜ୍ୟିକ ସମ୍ପର୍କ ଓ ନୌଚାଳନା ପରମ୍ପରା ସମ୍ପର୍କିତ ପୋଷ୍ଟର ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଏଥିସହ ରାଜ୍ୟ ସଂଗ୍ରହାଳୟର ଚୟନିତ ଐତିହାସିକ କଳାକୃତି ଓ ପ୍ରତ୍ନବସ୍ତୁ ପ୍ରଦର୍ଶିତ ହୋଇ ଓଡ଼ିଶାର ସାଂସ୍କୃତିକ ଓ ସାମୁଦ୍ରିକ ଐତିହ୍ୟର ବିବିଧ ଦିଗକୁ ପ୍ରତିଫଳିତ କରାଯାଇଥିଲା।

# ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ସାମଗ୍ରୀ ଯୋଗାଉଛି ବେଦାନ୍ତ




ଭୁବନେଶ୍ୱର,୨୪।୯(ସଂଚାର ବ୍ୟୁରୋ): ଯେତେବେଳେ ପିଲାମାନଙ୍କୁ ଶିକ୍ଷାଲାଭ କରିବା ପାଇଁ ସଶକ୍ତ କରାଯାଏ, ସେତେବେଳେ ସେମାନଙ୍କ ସମ୍ପ୍ରଦାୟଗୁଡ଼ିକ ମଧ୍ୟ ଅଭିବୃଦ୍ଧି, ପ୍ରଗତି ଓ ସମୃଦ୍ଧି ପଥରେ ଆଗେଇବା ପାଇଁ ଅଧିକ ଉପଯୁକ୍ତ ସ୍ଥିତିରେ ରହିଥାନ୍ତି। ଏହି ଯାତ୍ରାକୁ ସମର୍ଥନ କରି ଦେଶର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ଓଡ଼ିଶାରେ ଏହାର ଖଣି କାର୍ଯ୍ୟର ଆଖପାଖରେ ରହୁଥିବା ୩ ହଜାରରୁ ଅଧିକ ଛାତ୍ରଛାତ୍ରୀଙ୍କୁ ସ୍କୁଲ ବ୍ୟାଗ, ପାଣି ବୋତଲ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଶିକ୍ଷା ସାମଗ୍ରୀ ବଣ୍ଟନ କରିଛି। ବେଦାନ୍ତ ଆଲୁମିନିୟମ କୋଇଲା ଖଣିର ଫ୍ଲାଗସିପ୍ ଶିକ୍ଷା କାର୍ଯ୍ୟକ୍ରମ 'ପ୍ରୋଜେକ୍ଟ ବିଦ୍ୟା' ଅଧୀନରେ ଏହି ପଦକ୍ଷେପ ଗ୍ରହଣ କରାଯାଇଥିଲା, ଯାହା ପିଲାମାନଙ୍କୁ ଶିକ୍ଷଣ ସମ୍ବଳ, ଏକାଡେମିକ୍ ସହାୟତା ଓ ବିଦ୍ୟାଳୟ ଭିତ୍ତିକ ପାଠପଢ଼ା ପାଇଁ ସହାୟତା ପ୍ରଦାନ କରିଥିଲା।

ପଶ୍ଚିମ ଓଡ଼ିଶାର କୁରାଲୋଇ, ଜାମଖାନି ଓ ଘୋଘରପଲ୍ଲୀରେ ଆରମ୍ଭ ହୋଇଥିବା ଏହି ପଦକ୍ଷେପ ପିଲାମାନଙ୍କ ପାଖରେ ବିଦ୍ୟାଳୟରେ ଅଧିକ ଆତ୍ମବିଶ୍ୱାସର ସହ ଅଂଶଗ୍ରହଣ କରିବା ପାଇଁ ଆବଶ୍ୟକ ସମ୍ବଳ ସୁନିଶ୍ଚିତ କରିବାରେ ସାହାଯ୍ୟ କରୁଛି। ନିକଟରେ କୁରାଲୋଇର ବଞ୍ଜାରୀ ଆଶ୍ରମ ବିଦ୍ୟାଳୟର ୧୩୬ ଜଣ ଛାତ୍ରଛାତ୍ରୀଙ୍କୁ ସ୍କୁଲ ବ୍ୟାଗ, ପାଣି ବୋତଲ, ନୋଟବୁକ୍ ଓ ଜ୍ୟାମିତି ବାକ୍ସ ପ୍ରଦାନ କରାଯାଇଥିବା ବେଳେ ଜାମଖାନି ଓ ଘୋଘରପାଲ୍ଲୀର ୧୨ଟି ଅଙ୍ଗନୱାଡ଼ି କେନ୍ଦ୍ରରେ ୧୪୪ ଜଣ ପିଲାଙ୍କୁ ଶିକ୍ଷଣ କିଟ୍ ବଣ୍ଟନ କରାଯାଇଥିଲା, ଯାହା ଏହି ପଦକ୍ଷେପ ଅଧୀନରେ ଏପର୍ଯ୍ୟନ୍ତ ୩ ହଜାରରୁ ଅଧିକ ଛାତ୍ରଛାତ୍ରୀଙ୍କୁ ସହାୟତା ଯୋଗାଇବାରେ ମାଇଲଖୁଣ୍ଟ ସୃଷ୍ଟି କରିଛି। ଉଭୟ ବିଦ୍ୟାଳୟ ଯାଉଥିବା ପିଲା ଓ ପ୍ରାକ୍-ବିଦ୍ୟାଳୟ ଶିକ୍ଷାର୍ଥୀଙ୍କୁ ସହାୟତା କରି ବେଦାନ୍ତ ଆଲୁମିନିୟମ କୋଇଲା ଖଣି ଏହାର ଆଖପାଖରେ ବ୍ୟାପକ ଶିକ୍ଷାଗତ ପ୍ରବେଶକୁ ମଜବୁତ କରିବାରେ ସାହାଯ୍ୟ କରୁଛି।

ଏହି ପଦକ୍ଷେପ ସମ୍ପର୍କରେ ବେଦାନ୍ତ ଆଲୁମିନିୟମ କୋଇଲା ଖଣିର ସିଇଓ ଅମରେଶ କୁମାର କହିଛନ୍ତି ଯେ ଶିକ୍ଷା ହେଉଛି ସାମାଜିକ ଓ ଅର୍ଥନୈତିକ ପ୍ରଗତିର ସବୁଠାରୁ ଶକ୍ତିଶାଳୀ ସହାୟକ। ଯେତେବେଳେ ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ସୁଯୋଗ ମିଳିଥାଏ, ସେମାନେ ନିଜ ଆକାଂକ୍ଷାକୁ ପୂରଣ କରିବା, ସମାଜକୁ ଅର୍ଥପୂର୍ଣ୍ଣ ଯୋଗଦାନ ଦେବା ଓ ନିଜ ପାଇଁ ତଥା ନିଜ ସମ୍ପ୍ରଦାୟ ପାଇଁ ଏକ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବା ପାଇଁ ଅଧିକ ସକ୍ଷମ ହୋଇଥାନ୍ତି। ପ୍ରକଳ୍ପ ବିଦ୍ୟା ମାଧ୍ୟମରେ ଆମେ ପ୍ରାରମ୍ଭିକ ଶୈଶବ ଶିକ୍ଷା ଏବଂ ବିଦ୍ୟାଳୟ ପ୍ରସ୍ତୁତିଠାରୁ ଆରମ୍ଭ କରି ଶ୍ରେଣୀଗୃହ ଶିକ୍ଷା ଓ ଏକାଡେମିକ୍ ସହାୟତା ପର୍ଯ୍ୟନ୍ତ ଶିକ୍ଷଣ ଯାତ୍ରାର ପ୍ରତ୍ୟେକ ପର୍ଯ୍ୟାୟକୁ ମଜବୁତ କରିବା ପାଇଁ କାର୍ଯ୍ୟ କରୁଛୁ। ଶିକ୍ଷାରେ ନିବେଶ କରି ଆମେ କେବଳ ବ୍ୟକ୍ତିଗତ ଛାତ୍ରଛାତ୍ରୀଙ୍କୁ ସମର୍ଥନ କରୁନାହୁଁ, ବରଂ ଶକ୍ତିଶାଳୀ, ଉନ୍ନତ ସମ୍ପ୍ରଦାୟ ଗଠନ କରିବାରେ ମଧ୍ୟ ସାହାଯ୍ୟ କରୁଛୁ ଯାହା ଆଗାମୀ ପିଢ଼ିକୁ ଅଧିକ ସମୃଦ୍ଧ କରିପାରିବ।

### ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

# ସଙ୍କଟରେ ତୃଣମୂଳ କଂଗ୍ରେସ




ପଶ୍ଚିମବଙ୍ଗର ରାଜନୀତି ଆଜି ଏକ ଗଭୀର ସଙ୍କଟର ମୁହାଁମୁହାଁ। ୨୦୨୬ ବିଧାନସଭା ନିର୍ବାଚନରେ ତୃଣମୂଳ କଂଗ୍ରେସର ପରାଜୟ କେବଳ ଏକ ଦଳର ପତନ ନୁହେଁ; ଏହା ଭାରତୀୟ ରାଜନୀତିର ଏକ ବଡ଼ ଶିକ୍ଷା। ମମତା ବ୍ୟାନାର୍ଜୀଙ୍କ ନେତୃତ୍ୱରେ ପନ୍ଦର ବର୍ଷ ଧରି ଶାସନ କରିଥିବା ଦଳ ଆଜି ନିଜ ମଧ୍ୟରେ ଭାଙ୍ଗି ପଡ଼ିଛି। ଏହି ସଙ୍କଟ କେବଳ ପଶ୍ଚିମବଙ୍ଗର ନୁହେଁ, ସମଗ୍ର ଦେଶର ବିରୋଧୀ ରାଜନୀତି ପାଇଁ ଏକ ଚେତାବନୀ।

୨୦୨୬ ନିର୍ବାଚନରେ ବିଜେପି ଦୁଇ-ତୃତୀୟାଂଶ ସଂଖ୍ୟାଗରିଷ୍ଠତା ହାସଲ କରି ରାଜ୍ୟରେ ପ୍ରଥମ ଥର ପାଇଁ ସରକାର ଗଠନ କଲା। ତୃଣମୂଳ କଂଗ୍ରେସ ୮୦ ଆସନକୁ ଖସିଗଲା। ମମତା ବ୍ୟାନାର୍ଜୀ ନିଜ ଭବାନୀପୁର ଆସନରୁ ପରାସ୍ତ ହେଲେ। ଏହା ପରେ ଦଳର ଭିତରେ ଯାହା ଘଟିଲା, ତାହା ଆହୁରି ଆଶ୍ଚର୍ଯ୍ୟଜନକ। ବିଧାନସଭାରେ ପ୍ରାୟ ୫୮ ଜଣ ବିଧାୟକ ବିଦ୍ରୋହ କରି ରିତବ୍ରତ ବ୍ୟାନାର୍ଜୀଙ୍କୁ ବିରୋଧୀ ଦଳର ନେତା ଭାବେ ବାଛିଲେ। ସେମାନେ ଦାବି କଲେ ଯେ ସେମାନେ ହିଁ ପ୍ରକୃତ ତୃଣମୂଳ। ଲୋକସଭାରେ ପ୍ରାୟ ୨୦ ଜଣ ସାଂସଦ ଦଳ ଛାଡ଼ି ଏନଡିଏକୁ ସମର୍ଥନ କଲେ। ରାଜ୍ୟସଭାରୁ ମଧ୍ୟ କେତେକ ସାଂସଦ ଇସ୍ତଫା ଦେଇ ବିଜେପିରେ ଯୋଗ ଦେଲେ। ନିର୍ବାଚନ କମିଶନ ଶେଷରେ ଦଳର ନାମ ଓ ପ୍ରତୀକ ଫ୍ରିଜ୍ କରିଦେଲା। ଆଜି ଦୁଇଟି ଗୋଷ୍ଠୀ ଭିନ୍ନ ନାମ ଓ ଚିହ୍ନ ନେଇ ଉପନିର୍ବାଚନ ଲଢ଼ୁଛନ୍ତି।

ଏହି ସଙ୍କଟର ମୂଳ କାରଣ କ'ଣ? ତୃଣମୂଳ କଂଗ୍ରେସ ଏକ ବ୍ୟକ୍ତି-କେନ୍ଦ୍ରିକ ଦଳ ଭାବେ ଗଢ଼ା ଯାଇଥିଲା। ମମତା ବ୍ୟାନାର୍ଜୀ ନିଜେ ଦଳର ପ୍ରତୀକ ଥିଲେ। ତାଙ୍କ ଭତିଜା ଅଭିଷେକ ବ୍ୟାନାର୍ଜୀଙ୍କ ଉତ୍ତରାଧିକାରୀ ଭାବେ ଉତଥାନ ଅନେକ ବରିଷ୍ଠ ନେତାଙ୍କୁ ଅସନ୍ତୁଷ୍ଟ କରିଥିଲା। ଦଳ ମଧ୍ୟରେ ଆଭ୍ୟନ୍ତରୀଣ ଗଣତନ୍ତ୍ରର ଅଭାବ ଥିଲା। ଶାସନ କାଳରେ ଦୁର୍ନୀତି, ହିଂସା ଓ ପ୍ରଶାସନିକ ବିଫଳତା ବିରୋଧୀ ସ୍ୱରକୁ ଦମନ କରାଯାଇଥିଲା। କ୍ଷମତା ହରାଇବା ପରେ ଯେଉଁ ନେତାମାନେ ବର୍ଷ ବର୍ଷ ଧରି ସୁବିଧା ଭୋଗୁଥିଲେ, ସେମାନେ ଦ୍ରୁତ ଗତିରେ ପକ୍ଷ ପରିବର୍ତ୍ତନ କଲେ। ଏହା ସୁଯୋଗବାଦର ସ୍ପଷ୍ଟ ଉଦାହରଣ।

ଏହି ସଙ୍କଟର ପ୍ରଭାବ କେବଳ ପଶ୍ଚିମବଙ୍ଗ ମଧ୍ୟରେ ସୀମିତ ନୁହେଁ। ଏକ ଶକ୍ତିଶାଳୀ ବିରୋଧୀ ଦଳର ଅଭାବରେ ରାଜ୍ୟରେ ସରକାରର ଜବାବଦିହିତା ହ୍ରାସ ପାଇବ। ଜାତୀୟ ସ୍ତରରେ ଇଣ୍ଡିଆ ଗଠବନ୍ଧନ ମଧ୍ୟ ଦୁର୍ବଳ ହୋଇପଡ଼ିଛି। ମମତା ବ୍ୟାନାର୍ଜୀ ଯେତେବେଳେ ନିର୍ବାଚନକୁ "ଚୋରି" ବୋଲି ଅଭିଯୋଗ କରୁଛନ୍ତି, ସେତେବେଳେ ତାଙ୍କ ନିଜ ଦଳର ବିଚ୍ଛିନ୍ନତା ତାଙ୍କ ବିଶ୍ୱସନୀୟତାକୁ ଆହୁରି କ୍ଷତି ପହଞ୍ଚାଉଛି। ନିର୍ବାଚନ କମିଶନର ହସ୍ତକ୍ଷେପ ଆବଶ୍ୟକ ଥିଲା, କିନ୍ତୁ ଏହା ଦଳର ପରିଚୟକୁ ମଧ୍ୟ ନଷ୍ଟ କରିଛି। ତଥାପି ଏହି ସଙ୍କଟକୁ କେବଳ ନକାରାତ୍ମକ ଦୃଷ୍ଟିରୁ ଦେଖିବା ଠିକ୍ ନୁହେଁ। ଏହା ଏକ ସୁଯୋଗ ମଧ୍ୟ। ଯଦି ତୃଣମୂଳ କଂଗ୍ରେସ ଆତ୍ମ-ସମୀକ୍ଷା କରେ, ଆଭ୍ୟନ୍ତରୀଣ ଗଣତନ୍ତ୍ର ପୁନରୁଦ୍ଧାର କରେ ଓ ବ୍ୟକ୍ତି-କେନ୍ଦ୍ରିକତାରୁ ମୁକ୍ତ ହୁଏ, ତେବେ ଏହା ପୁନର୍ଜୀବିତ ହୋଇପାରେ। ମମତା ବ୍ୟାନାର୍ଜୀ ଏକ ଯୋଦ୍ଧା ନେତା। ସେ ଅତୀତରେ ବାମପନ୍ଥୀ ଶାସନକୁ ପରାସ୍ତ କରିଥିଲେ। ଆଜି ତାଙ୍କ ସାମ୍ନାରେ ସବୁଠାରୁ ବଡ଼ ଯୁଦ୍ଧ ନିଜ ଦଳକୁ ବଞ୍ଚାଇବା।

ପଶ୍ଚିମବଙ୍ଗର ଜନତା ଏକ ଶକ୍ତିଶାଳୀ ବିରୋଧୀ ଦଳ ଚାହାନ୍ତି। ଗଣତନ୍ତ୍ର ତେବେ ହିଁ ସୁସ୍ଥ ରହେ ଯେତେବେଳେ ଶାସକ ଓ ବିରୋଧୀ ଉଭୟ ଶକ୍ତିଶାଳୀ ଥାଆନ୍ତି। ତୃଣମୂଳ କଂଗ୍ରେସ ଯଦି ଏହି ସଙ୍କଟରୁ ଶିକ୍ଷା ନେଇ ପରିବର୍ତ୍ତନ ଆଣେ, ତେବେ ଏହା ପୁନର୍ବାର ଉଠିପାରିବ। ନଚେତ୍ ଏହା ଇତିହାସର ପୃଷ୍ଠାରେ ଏକ ବ୍ୟକ୍ତି-କେନ୍ଦ୍ରିକ ଦଳର ପତନର ଉଦାହରଣ ଭାବେ ରହିଯିବ। ପଶ୍ଚିମବଙ୍ଗର ରାଜନୀତି ଆଜି ଏକ ମୋଡ଼ରେ ଅଛି। ସମୟ ଆସିଛି ନୂତନ ଚିନ୍ତା ଓ ସଂସ୍କାରର।

# ନିର୍ବାଚନ ଆୟୋଗ ସରକାରଙ୍କ ହାତବାରିସି, ଜନତା ଓ ଗଣତନ୍ତ୍ରର ଶତ୍ରୁ



### ରଣେନ୍ଦ୍ର ପ୍ରତାପ ସ୍ୱାଇଁ

ଭାରତୀୟ ଗଣତନ୍ତ୍ରରେ ଭୋଟ ଦେବାର ଅଧିକାର ହେଉଛି ସବୁଠାରୁ ବଡ ଅଧିକାର। ଏହି ଅଧିକାର ସମ୍ବିଧାନ ଦେଶର ସମସ୍ତ ନାଗରିକଙ୍କୁ ପ୍ରଦାନ କରିଛି। ଦେଶରେ ଗଣତାନ୍ତ୍ରିକ ପ୍ରକ୍ରିୟାରେ ନିର୍ବାଚନ କରିବାପାଇଁ ସମ୍ବିଧାନ 'ନିର୍ବାଚନ ଆୟୋଗ' ଗଠନ କରିବାକୁ ନିର୍ଦ୍ଦେଶ ଦେଇଛି ଏବଂ ଏହି ଅନୁଷ୍ଠାନକୁ ସ୍ୱତନ୍ତ୍ର ଭାବେ କାର୍ଯ୍ୟକରିବାକୁ କ୍ଷମତା ପ୍ରଦାନ କରିଛି। କିନ୍ତୁ, ଗତ କିଛି ବର୍ଷ ହେଲା, କେନ୍ଦ୍ରରେ କ୍ଷମତାସୀନ ଶାସକ ଦଳ ବିଭିନ୍ନ ସାମ୍ବିଧାନିକ ଆଇନି କାନୁନ ଓ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଜଳାଞ୍ଜଳି ଦେଇ ଦେଶର ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଗଣତାନ୍ତ୍ରିକ ଅନୁଷ୍ଠାନକୁ ତିଳ ତିଳ କରି ହତ୍ୟା କରି ଆସୁଅଛି। ବିଭିନ୍ନ ବିରୋଧିଦଳ କ୍ରମାଗତ ଭାବେ ନିର୍ବାଚନ ଆୟୋଗର କାର୍ଯ୍ୟକାରି ତା ତଥା ମୁଖ୍ୟ ନିର୍ବାଚନ କମିଶନରଙ୍କ ସ୍ୱେଚ୍ଛାଚାରିତା ବିଷୟରେ ଅଭିଯୋଗ କରି ଆସୁଛନ୍ତି।

ଏହି ଅଭିଯୋଗ ମଧ୍ୟରୁ ଗୋଟିଏ ହେଉଛି SIR। ଯଦିଓ କୌଣସି ବିରୋଧୀ ଦଳ ଏହି ପ୍ରକ୍ରିୟା ଉପରେ ପ୍ରଶ୍ନ ଉଠାଇ ନାହାନ୍ତି, କିନ୍ତୁ ଏହାକୁ ଯେପରି ଭାବେ କାର୍ଯ୍ୟକାରୀ କରାଯାଇଛି ସେ ବିଷୟରେ ଅନେକ ପ୍ରଶ୍ନ ଉଠାଇଛନ୍ତି। ଏହି ଅଭିଯୋଗ ମଧ୍ୟରୁ ଗୋଟିଏ ହେଉଛି ଭୋଟର ତାଲିକାରୁ ବେନିୟମ ଭାବେ ଭୋଟରଙ୍କୁ କଟାଯିବା ପ୍ରସଙ୍ଗ।

ବିହାର ନିର୍ବାଚନର ଅବ୍ୟବହିତ ପୂର୍ବରୁ ଆରମ୍ଭ ହୋଇଥିବା ଏହି ପ୍ରକ୍ରିୟାର ପରିଣାମ ପଶ୍ଚିମ ବଙ୍ଗ ନିର୍ବାଚନରେ ଦେଖିବାକୁ ମିଳିଥିଲା। ରାତାରାତି ପ୍ରାୟ ୨୭ ଲକ୍ଷ ଭୋଟରଙ୍କୁ 'LOGICAL DISCREPANCY' ନାଁରେ କାଟି ଦିଆଯାଇ ବିନା ଶୁଣାଣିରେ ତାଙ୍କର ମତାଧିକାରକୁ କାଢି ନିଆଗଲା। ୧୬ ଲକ୍ଷରୁ ଅଧିକ ଭୋଟରମାନଙ୍କ ନାମକୁ ଭୋଟର ତାଲିକାରୁ ବାଦ କରିବା ପାଇଁ କିଏ ଓ କାହା ନିର୍ଦ୍ଦେଶରେ ହୋଇଥିଲା, ତାହା ଉପରେ ପ୍ରଶ୍ନ କରି ନିର୍ବାଚନ ଆୟୋଗର ଶ୍ରୀ ସୁଖବିର ସିଂହ ସାନ୍ଧୁ ଏବଂ ଶ୍ରୀ ବିବେକ ଯୋଶୀ ପ୍ରଶ୍ନ କରିବା ଦେଶବାସୀଙ୍କୁ ବିଚଳିତ କରିଛି ।

ବର୍ତ୍ତମାନ ଯେଉଁ ୮୨ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ଟ୍ରିବୁନାଲରେ ଶୁଣାଣି ଚୁଡାନ୍ତ ହୋଇଛି, ସେଥିରୁ ୯୧ ପ୍ରତିଶତ ଭୋଟରଙ୍କୁ ପୁନର୍ବାର ଯୋଗ୍ୟ ବିବେଚିତ କରାଯାଇ ଭୋଟର ଲିଷ୍ଟରେ ସାମିଲ କରାଯାଇଛି। ସବୁଠାରୁ ଦୁଃଖର କଥା, ଏହାକୁ ନେଇ ଯେତେବେଳେ ଦେଶର ସର୍ବୋଚ୍ଚ ନ୍ୟାୟଳୟକୁ ଭୋଟରମାନେ ଯାଇଥିଲେ ତାଙ୍କୁ କୁହାଗଲା,'ଯଦି ଏଥର ଭୋଟ ଦେଇ ପାରିବେ ନାହିଁ, ଆର ଥରକୁ ଦେବେ'।

କିନ୍ତୁ, ବିରୋଧୀଦଳର ଏହି ଅଭିଯୋଗ ଆଜି ସତ୍ୟରେ ପରିଣତ ହୋଇଛି। ନିର୍ବାଚନ ଆୟୋଗର ଦୁଇଜଣ କମିଶନର ଗତ ଦଶ ମାସ ମଧ୍ୟରେ ଅତି କମରେ ୧୪ ଥର SIRର ବିଭିନ୍ନ ଦିଗକୁ ନେଇ ଆପତ୍ତି କରିଥିଲେ, କିନ୍ତୁ ମୁଖ୍ୟ କମିଶନର ଏହାକୁ ଅଣଦେଖା କରି ଏକପାଖିଆ ନିଷ୍ପତ୍ତି ନେଇଥିଲେ ଯାହା ଗଣତନ୍ତ୍ରର ପରିପନ୍ଥୀ।

ସାମ୍ବିଧାନିକ ବିଧି ବ୍ୟବସ୍ଥା ଏବଂ ୨୦୨୩ ମସିହାରେ ପାରିତ ହୋଇଥିବା ଆଇନ ଅନୁସାରେ ତିନି ଜଣ ଯାକ କମିଶନରଙ୍କ କ୍ଷମତା ସମାନ ଅଛି, ମୁଖ୍ୟ ନିର୍ବାଚନ କମିଶନର କେବଳ FIRST AMONG EQUALS। ଏହି ନିୟମ ଅନୁସାରେ ସବୁ ନିଷ୍ପତ୍ତି UNANIMOUS ଭାବେ ନିଆଯିବା ଉଚିତ। କିନ୍ତୁ, ଗତକାଲି INDIAN EXPRESSରେ ପ୍ରକାଶିତ DETAILED ଆଲେଖ୍ୟରେ ଏହି ବିଷୟରେ ଉଲ୍ଲେଖ ଅଛି। ମୁଁ ସେସବୁର ପୁନରାବୃତ୍ତି କରିବି ନାହିଁ।

କିନ୍ତୁ, ଦୁଇଟି ଦିଗ ପ୍ରତି ଆପଣମାନଙ୍କର ଧ୍ୟାନ ଆକର୍ଷଣ କରିବି। ପ୍ରଥମତଃ ହେଉଛି FORM ୬ ରେ କରଯାଇଥିବା ପରିବର୍ତ୍ତନକୁ। ଏହାକୁ ନେଇ ଆମ ବିଜୁ ଜନତା ଦଳ ବି ମୂଳରୁ ପ୍ରଶ୍ନ ଉଠାଇଥିଲା। ଫର୍ମରେ କରାଯାଇଥିବା ପରିବର୍ତ୍ତନ ଫଳରେ ନୂତନ ଭୋଟରମାନେ ନିଜକୁ ପଞ୍ଜୀକରଣ କରିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ ଉଭୟ କମିଶନର ଶ୍ରୀ ସୁଖବିର ସିଂହ ସାନ୍ଧୁ ଏବଂ ଶ୍ରୀ ବିବେକ ଯୋଶୀ ବିରୋଧ କରିଥିଲେ। ନିୟମ ଅନୁସାରେ ଏହା କମିଶନଙ୍କ ଅଧିକାର ଭୁକ୍ତ ନୁହେଁ, ଏହି ଫର୍ମରେ ପରିବର୍ତ୍ତନ କରିବାର ଅଧିକାର କେବଳ ସରକାର ଅର୍ଥାତ ସଂସଦର ହିଁ ଅଛି। ତେଣୁ, ଆପଣମାନେ ଜାଣିପାରୁଥିବେ ଏହା କାହା ଇଙ୍ଗିତରେ ହେଇଥିଲା। ବିହାର, ପଶ୍ଚିମ ବଙ୍ଗ ନିର୍ବାଚନର ପରଦା ପଛରେ ରହି କେଉଁମାନେ ଏଭଳି କାର୍ଯ୍ୟ କୁ ପ୍ରୋତ୍ସାହନ ଦେଉଥିଲେ ତାହା ଦେଶବାସୀଙ୍କ ପାଖରେ ଆଉ ଅଛପା ନାହିଁ।

ସେହିପରି ଭୋଟର ଲିଷ୍ଟକୁ ସ୍ୱଚ୍ଛ ଭାବେ ସଂଶୋଧନ କରିବା ପାଇଁ ERO (ELECTION REGISTRATION OFFICER)ଙ୍କୁ ACCESS ଦିଆଯାଇଥିଲା। କିନ୍ତୁ, ଗତ କିଛି ମାସ ମଧ୍ୟରେ ବେନିୟମ ଭାବେ ଏହାକୁ ହଟାଯାଇ CENTRALIZED କରିଦିଆଗଲା ଯାହା ଫଳରେ FIELD LEVELରେ କାର୍ଯ୍ୟକରୁଥିବା ଅଧିକାରୀମାନେ ଆଉ ଭୋଟରଲିଷ୍ଟରେ ସଂଶୋଧନ କରି ପାରିଲେ ନାହିଁ । ଉଦାହରଣ ହେଉଛି ଗୋଆର ନିର୍ବାଚନ ଅଧିକାରୀମାନେ ସାତ ଦିନରେ ୮ ଗୋଟି ମେଲ ପଠାଇଥିଲେ ୯୭ ଜଣ ଯୋଗ୍ୟ ଭୋଟରଙ୍କୁ ସାମିଲ କରିବା ପାଇଁ, କିନ୍ତୁ ତାଙ୍କ କଥା କେହି ଶୁଣିଲେ ନାହିଁ। ଏହା ହେଉଛି ସବୁଠାରୁ ଚିନ୍ତାର ବିଷୟ, ଏହାକୁ ବିରୋଧ କରି ଉଭୟ କମିଶନର କ୍ୟାବିନେଟ ସେକ୍ରେଟାରୀଙ୍କ ପାଖକୁ ଯାଇଥିଲେ, କିନ୍ତୁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଆଜି SIR ହେଉଥିବା ୩୦ ଗୋଟି ରାଜ୍ୟର ୧୩ କୋଟିରୁ ଅଧିକ ଭୋଟରଙ୍କୁ ବେନିୟମ ଭାବେ କାଟି ଦିଆ ଯାଇଛି। ଏମିତି ଅନେକ ରାଜ୍ୟ ଅଛି ଯେଉଁଠି ସାବାଳକ (୧୮ ବର୍ଷରୁ ଉର୍ଦ୍ଧ୍ୱ)ଙ୍କ ସଂଖ୍ୟା ଭୋଟରଙ୍କ ଠାରୁ କମ। ଏହା କିପରି ସମ୍ଭବ। ସଂକ୍ଷେପରେ କହିବାକୁ ଗଲେ ନିର୍ବାଚନ ଆୟୋଗକୁ କେନ୍ଦ୍ର ସରକାର ନିଜର ସ୍ୱାର୍ଥ ପାଇଁ ହାତ ବାରିଶି କରିଛନ୍ତି, INDIAN EXPRESSର ଖୁଲାସା ପରେ ଏଥିରେ କାହାର ସନ୍ଦେହ ନାହିଁ। ବର୍ତ୍ତମାନ ଉଭୟ କେନ୍ଦ୍ର ସରକାର ଓ ନିର୍ବାଚନ କମିଶନଙ୍କ ମୁଖା ସଂପୂର୍ଣ୍ଣ ଭାବେ ବିଶ୍ୱ ସମ୍ମୁଖରେ ଖୋଲି ଯାଇଛି। ନିର୍ବାଚନ କମିଶନ ଏହି ଅଭିଯୋଗ ଉପରେ କୌଣସି ସ୍ପଷ୍ଟିକରଣ ନ ଦେଇ ତରବାରିଆ ଭାବେ ଏକ ପ୍ରେସ ବିବୃତି ଦେଇଛନ୍ତି, ଯେଉଁଥିରେ INDIAN EXPRESS ଉଠାଇଥିବା ମୂଳ ପ୍ରଶ୍ନର ଉତ୍ତର ଦେଇ ନାହାନ୍ତି। ତେଣୁ, ଯେ ପର୍ଯ୍ୟନ୍ତ ଏହି ପ୍ରଶ୍ନ ତଥା ବିରୋଧୀଦଳ ଉଠାଇଥିବା ଅଭିଯୋଗର ସନ୍ତୋଷଜନକ ଉତ୍ତର ଦେଇ ନାହାନ୍ତି, ଭାରତରେ ବର୍ତ୍ତମାନ ହେଉଥିବା ନିର୍ବାଚନ ପ୍ରକ୍ରିୟା ଉପରେ ସବୁବେଳେ ପ୍ରଶ୍ନବାଚୀ ସୃଷ୍ଟି ହେଉଥିବ।

**ONE MAN, ONE VOTE, ONE VALUE 1!!** ଆମ ଗଣତନ୍ତ୍ର- ସାର୍ବଭୌମତ୍ୱ ଓ ନାଗରିକ ଅଧିକାର ଅଟେ । ଏହି ଧାରାଟି ଗଣତନ୍ତ୍ରର ମୂଳ ପିଣ୍ଡ କହିଲେ ଅତ୍ୟୁକ୍ତି ହେବ ନାହିଁ । କିନ୍ତୁ ତିନି ଜଣିଆ ନିର୍ବାଚନ ଆୟୋଗ ରୂପକ ଆମର ସାମ୍ବିଧାନିକ ବ୍ୟବସ୍ଥାରେ ଏହି ଉକ୍ତିଟି ସାଂଘାତିକ ଭାବରେ ବ୍ୟାହତ ହୋଇଛି।

ବିଧାୟକ, ଆଠଗଡ

# ପଣ୍ଡିତ ଦିନ ଦୟାଲ ଉପାଧ୍ୟାୟ-ଏକାତ୍ମ ମାନବବାଦର ପ୍ରଣେତା



### ଶୁଭ୍ରଜିତ୍ ଦାଶ

ଭାରତୀୟ ରାଜନୀତି ର ପୃଷ୍ଠଭୂମିକୁ ଦେଖିଲେ ଆମେ ଅନେକ ବଡ଼ ବଡ଼ ନେତା ଓ ତାଙ୍କର ବିଜୟ ଗାଥା ତଥା କାର୍ଯ୍ୟପଦ୍ଧତି କଥା ମନେ ପକାଇ ଥାଉ। କିନ୍ତୁ ଏମିତି କିଛି ଜନନେତା ଅଛନ୍ତି ଯାହାଙ୍କ ଜୀବନ କୁ କେବଳ ରାଜନେତା ଭାବେ ବୁଝି ହେବ ନାହିଁ ତାଙ୍କର ଦେଶ ପ୍ରତି ଅବଦାନ ତଥା ନିଜର ସଂଘର୍ଷ ର କାହାଣୀ ଦେଖିଲେ ଆମେ ଦେଶ ପ୍ରତି ତାଙ୍କର ସମର୍ପଣ ଭାବନା କୁ ସଠିକ୍ ରୂପେ ବୁଝି ପାରିବା। ତାଙ୍କ ଜୀବନ ର ଶୈଳୀ କୁ ଆମେ ଯଦି ସଠିକ୍ ରୂପେ ତର୍ଜମା କରିବା ତେବେ ଜାଣିପାରିବା କି ତାଙ୍କର ଜୀବନରେ ନିଜର ଆଶା , ଆକାଂକ୍ଷା ବୋଲି କିଛି ନ ଥିଲା କେବଳ ଥିଲା ତ କେବଳ ରାଷ୍ଟ୍ର ପ୍ରତି ସମର୍ପିତ ଭାବନା ଓ ଅଖଣ୍ଡ ଭାରତ ର ସ୍ୱପ୍ନ। ପଣ୍ଡିତ ଜି ୨୫ ସେପ୍ଟେମ୍ବର ୧୯୧୬ ମସିହାରେ ଜନ୍ମ ଗ୍ରହଣ କରିଥିଲେ ସେହି ମହାନ୍ ଆତ୍ମା। ଛୋଟ ପିଲା ଅବସ୍ଥାରେ ଯେମିତି ଗୋଟିଏ ଶିଶୁର କାର୍ଯ୍ୟକଳାପ ହିଁ ସେ ଶିଶୁ ର ପରବର୍ତ୍ତୀ ଅବସ୍ଥା କୁ ପରିପ୍ରକାଶ କରେ ପଣ୍ଡିତ ଜି ଥିଲେ ସେମିତି ଜଣେ ଶିଶୁ। ପିଲାବେଳୁ ତୁଳସୀ ଦୁଇ ପତ୍ରରୁ ବାସିଲା ପରି ନିଜର କଥା ରେ ସମସ୍ତଙ୍କୁ ବିମୋହିତ କରୁଥିଲେ। ପରବର୍ତ୍ତୀ ସମୟରେ ସେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ( RSS ) ରେ ଯୋଗଦାନ କରନ୍ତି ଓ ରାଷ୍ଟ୍ର ଭବନରେ ବିମୋହିତ ହୋଇ ଦେଶ ସେବାରେ ନିଜକୁ ସମର୍ପିତ କରନ୍ତି।

ପଣ୍ଡିତ ଜି ଙ୍କ ମତରେ ରାଜନୀତି ସତ୍ତା ବା ପଦବୀ ପାଇଁ ନୁହେଁ ବରଂ ରାଜନୀତି ସମାଜର ଉନ୍ନତି ଓ ସମାଜର ତଳ ସ୍ତରରେ ଥିବା ବ୍ୟକ୍ତି ର ଉତ୍ଥାନ କୁ ହିଁ ବୁଝାଏ। ତାଙ୍କର ଜୀବନର ସବୁଠାରୁ ମହତ୍ୱ ବାଣୀ ଯଦି ଆମେ ଚିନ୍ତା କରିବା ତାହେଲେ ସେ ସବୁବେଳେ ଏକାତ୍ମ ମାନବ ବାଦ ଉପରେ ଗୁରୁତ୍ୱ ଦେଉଥିଲେ। ସେ କହୁଥିଲେ କି ଦେଶରେ ବଡ଼ବଡ଼ ଅଟ୍ଟାଳିକା , ରାସ୍ତା ନିର୍ମାଣ କରି ଦେଶକୁ ବିକଶିତ ତ କରିହେବ କିନ୍ତୁ ସାଧାରଣ ମଣିଷ ଉପରେ ତାହାର ପ୍ରଭାବ କେତେ ପଡୁଛି , ସେ କେତେ ନିଜକୁ ଦେଶର ବିକରେ ସାମିଲ କରିପାରୁଛି ତାହା ମଧ୍ୟ ଆମକୁ ଚିନ୍ତା କରିବାକୁ ହେବ। ଯଦି ଆମେ ପଣ୍ଡିତ ଦୀନଦୟାଲଜୀଙ୍କ ଆଉ ଏକ ବିଷୟ ଉପରେ ଚିନ୍ତା କରିବା ତାହେଲେ ସେ କହୁଥିଲେ ଅନ୍ତୋଦୟ ଅର୍ଥାତ୍ ସମାଜର ଶେଷ ବର୍ଗର ଲୋକ ର ଉନ୍ନତି ଓ ପ୍ରଗତି। ସମାଜର ଶେଷ ଧାଡ଼ି ରେ ଛିଡା ହୋଇଥିବା ବ୍ୟକ୍ତି କୁ କିପରି ସମାଜର ଆଗ ଧାଡ଼ି ର ଲୋକଙ୍କ ସହ ସମାନ କରିହେବ ସେଥିପାଇଁ ରାଜନୀତିକ ନେତୃତ୍ୱ ମାନେ ଚିନ୍ତା କରିବାକୁ ହେବ।

ପଣ୍ଡିତଜୀ ସବୁବେଳେ ନିଜର କାମ ଉପରେ ଗୁରୁତ୍ୱ ଦେଉଥିଲେ। କହୁଥିଲେ କି ପ୍ରଥମେ କାମ ତା ପରେ ପରିଚୟ। ତେଣୁ ଯଦି କର୍ମ ନିଜର ସଠିକ୍ ରହିଛି ତାହେଲେ ପରିଚୟ ଆପେ ଆପେ ବନିଯିବ। ଏ ଉକ୍ତି କୁ ମଧ୍ୟ ଆଜି ଅନେକ ବ୍ୟକ୍ତି ନିଜର ଜୀବନ ଚର୍ଯ୍ୟରେ ପ୍ରତିଫଳିତ କରୁଛନ୍ତି। ଏବେ ଆସନ୍ତୁ ଆମେ ଜାଣିବା ଏ ସବୁ କଥା କୁ ନେଇ କିପରି ଦେଶରେ ଆଜି ପ୍ରଗତି ହୋଇଛି। ପଣ୍ଡିତ ଜି ଏକାତ୍ମ ମାନବ ବାଦ ର କଥା କହିଥିଲେ, ଆଜିର କେନ୍ଦ୍ର ଓ ପ୍ରତ୍ୟେକ ରାଜ୍ୟ ସରକାର ଦେଶର ସାଧାରଣ ଜନତାଙ୍କ ପାଇଁ ଅନେକ ଯୋଜନା କରି ସେମାନଙ୍କୁ ଦେଶର ବିକାଶ ର ସ୍ରୋତ ରେ ସାମିଲ କରିବା ପାଇଁ କାର୍ଯ୍ୟରତ ଅଛନ୍ତି।

ପଣ୍ଡିତ ଜି କହିଥିଲେ ଅନ୍ତୋଦୟ। ଅର୍ଥାତ ଶେଷ ଧାଡ଼ି ରେ ଥିବା ବ୍ୟକ୍ତି ର ଉଦ୍ଧାର ବା ଉନ୍ନତିକରଣ। ଏ କ୍ଷେତ୍ରରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀ ଅନେକ ଯୋଜନା ଦେଶର ଜନତାଙ୍କ ସାମ୍ନାରେ ଆଣିଥିଲେ ଯାହାକି ଆଜି ମଧ୍ୟ ବଳବତ୍ତର ରହିଛି। ତାଙ୍କରି କହିବା ଆଧାରରେ ଆରମ୍ଭ ହୋଇଥିବା ଅନ୍ତୋଦୟ ଯୋଜନା ହେଉଛି ସମାଜର ସବୁଠାରୁ ଗରିବ ଓ ମଧ୍ୟବିତ୍ତ ପରିବାରଙ୍କୁ ପ୍ରାଥମିକତା ଦେଇ ସାମାଜିକ-ଆର୍ଥିକ ସୁରକ୍ଷା ଦେବାର ଏକ ପ୍ରମୁଖ ସରକାରୀ ପଦକ୍ଷେପ। ମାନନୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ବିଭିନ୍ନ ଅବସରରେ ଦୀନଦୟାଲଜୀଙ୍କ ଏହି ଚିନ୍ତାଧାରାକୁ ସ୍ମରଣ କରିଛନ୍ତି। ୨୦୨୫ରେ ଦୀନଦୟାଲଜୀଙ୍କ ଜୟନ୍ତୀରେ ମୋଦୀଜୀ ତାଙ୍କର ଏକାତ୍ମ ମାନବବାଦ ଓ ଅନ୍ତ୍ୟୋଦୟର ଦର୍ଶନକୁ ଭାରତର ବିକାଶ ଓ ରାଷ୍ଟ୍ର ନିର୍ମାଣ ପାଇଁ ପ୍ରେରଣାଦାୟୀ ବୋଲି ଉଲ୍ଲେଖ କରିଥିଲେ। ଦେଶର ଏପରି ଜଣେ ମହାନ୍ ଆଦର୍ଶବାଦୀ ତଥା ଚିନ୍ତାଶୀଳ ନେତାଙ୍କ ଜନ୍ମ ଜୟନ୍ତୀରେ ତାଙ୍କୁ ମୋର ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି।

ମୋବାଇଲ୍:୯୩୪୮୪୪୧୮୩୪

# କୃଷିକ୍ଷେତ୍ରରେ ଷଣ୍ଢ ଉତ୍ପାତ:ସବୁଜ ବିପ୍ଳବର ବିଷଫଳ ଓ ସମାଧାନ

### କାଳୀପ୍ରସାଦ ସ୍ୱାଇଁ

ଆଜିକାଲି ଖବରକାଗଜର ଶିରୋନାମା ହେଉ କି ସୋସିଆଲ ମିଡିଆର ଚର୍ଚ୍ଚା, ସବୁଠି ଗୋଟିଏ ପ୍ରସଙ୍ଗ,ରାଜରାସ୍ତାରୁ ନେଇ କୃଷିକ୍ଷେତ୍ର ଯାଏଁ ଷଣ୍ଢଙ୍କ ଉତ୍ପାତ। କେଉଁଠି ଷଣ୍ଢ ସହ ଦୁର୍ଘଟଣାରେ କେହି ଆହତ ହେଉଛନ୍ତି ତ କେଉଁଠି ଧାନ ବିଲ ଖାଇ ସଫା କରି ସାରିଲେଣି । ଏପରିକି ଷଣ୍ଢ ବିରୋଧରେ ଥାନାରେ ଏତଲା ଦିଆଯିବା ଏବଂ ବିଧାନସଭାରେ ଏହି ବିଷୟ ଗମ୍ଭୀରତାର ସହ ଆଲୋଚନା ହେବା ଘଟଣାର ଗୁରୁତ୍ୱକୁ ଦର୍ଶାଉଛି। ତେବେ ସଂଜ୍ଞାନଶୀଳ ମହଲରେ ପ୍ରଶ୍ନ ଉଠୁଛି ଯେ ଏହି ସମସ୍ୟା ପଛରେ କେଉଁମାନେ ଦାୟୀ? ଏ ଶହ ଶହ ଷଣ୍ଢ ରାଜରାସ୍ତାରେ କିଏ ଆଣି ଛାଡି ଯାଉଛି! ଆଜି ଓଡିଶା ରେ ବିଜେପି ସତ୍ତାକୁ ଆସିବା ପରେ ରାଜରାସ୍ତାରେ ଷଣ୍ଢ ବୁଲିବା ପାଇଁ ବଜରଙ୍ଗ ଦଳକୁ ଦାୟୀ କରିବା କେବଳ ଏକ ଶସ୍ତା ରାଜନୈତିକ ରଙ୍ଗବାଜି ବ୍ୟତୀତ ଆଉ କିଛି ନୁହେଁ। ବେଆଇନ ଗୋଚାଲାଣ କମ ହେବା ଏକ ସ୍ୱାଗତଯୋଗ୍ୟ କଥା । କିନ୍ତୁ ସମସ୍ୟାର ସମାଧାନ ଦିଗରେ ଚିନ୍ତା ନକରି ଗୋବଂଶ ର ବିରୋଧୀ ହୋଇ ଗୋ ଚାଲାଣ କୁ ଉଚିତ କହିବା ପରି ଉଭଟ ବାଚାଳାମି ବି ସାମାଜିକ ଗଣମାଧ୍ୟମ ରେ ଦେଖା ଦେଇଛି ।

ବାସ୍ତବରେ, ସ୍ୱାଧୀନତା ପରବର୍ତ୍ତୀ ସରକାରମାନଙ୍କର ଦୂରଦୃଷ୍ଟିର ଅଭାବ ଏବଂ ନୀତିଗତ ତ୍ରୁଟି ହେତୁ ଆଜି ଆମକୁ ଏହି ଦିନ ଦେଖିବାକୁ ମିଳୁଛି। ଯେଉଁ ଗୋବଂଶ କୁ ଆମ ସଂସ୍କୃତିରେ 'ମା' ଏବଂ ଓ ଗୋବରକୁ 'ମା' ଲକ୍ଷ୍ମୀଙ୍କ ଆଶୀର୍ବାଦ' ଭାବେ ପୂଜା କରାଯାଏ , ସେଇ ଗୋବଂଶ ମାନେ ଆଜି କିପରି ରାଜରାସ୍ତାରେ ବୁଲା ଓ ଅଦରକାରୀ ହୋଇପଡ଼ିଲେ ତାହା ଚିନ୍ତାଜନକ ବିଷୟ ସାଜିଛି। ଭାରତୀୟ ସଂସ୍କୃତି ଓ ପୁରାତନ କୃଷି ପରମ୍ପରାରେ ଗୋ-ବର ସହିତ ସଂଯୁକ୍ତ ହୋଇ ଭାରତ ଏକ ପ୍ରକୃତ କୃଷିପ୍ରଧାନ ଦେଶ ଭାବେ ଗଢ଼ିଉଠିଥିଲା ଏବଂ କୃଷିଜାତ ଦ୍ରବ୍ୟ ବିଦେଶକୁ ରପ୍ତାନି କରି ବିଶ୍ୱ ଦରବାରରେ ଏକ ସମୃଦ୍ଧ ବ୍ୟବସାୟ ପ୍ରଧାନ ଦେଶ ଭାବେ ସୁଖ୍ୟାତି ଲାଭ କରିଥିଲା। ମାତ୍ର ଆଜି ସେହି ଅସ୍ମିତା ରାଜରାସ୍ତାରେ ଅସହାୟ ଭାବେ ବୁଲୁଛି ଓ ଓଡିଶା ଗୋସୁରକ୍ଷା ଆଇନ ଥାଇ ବି ତା ନାଁ ରେ ଥାନାରେ FIR ହେଇପାରୁଛି ।

ଏହି ସଙ୍କଟର ମୂଳ ସୂତ୍ର ଲୁଚିରହିଛି ଗଣତନ୍ତ୍ର ବିରୋଧୀ ରକଫେଲର୍ ଫାଉଣ୍ଡେସନ୍, ଫୋର୍ଡ଼ ଫାଉଣ୍ଡେସନ, ଆମେରିକା ସରକାର ଆଦି ଦ୍ୱାରା ଆର୍ଥିକ ଭାବେ ପ୍ରୋତ୍ସାହିତ "ସବୁଜ ବିପ୍ଳବ" ଓ ତତ୍କାଳୀନ ଭାରତ ସରକାରଙ୍କ ଦ୍ୱାରା ପ୍ରଣୀତ ଶ୍ୱେତ ବିପ୍ଳବ ମଧ୍ୟରେ। ଏହି ବିପ୍ଳବ ନାମରେ ଯୁଗ ଯୁଗ ଧରି ଚାଲିଥିବା ଭାରତର ସ୍ୱାଭାବିକ ଗୋ-ଆଧାରିତ କୃଷି ପଦ୍ଧତିକୁ ସମ୍ପୂର୍ଣ୍ଣ ଲୋପ କରି ଦିଆଗଲା। ଦେଶୀ ବିହନ ବଦଳରେ ଜେନେଟିକ ପରିବର୍ତ୍ତିତ ହୋଇଥିବା ହାଇବ୍ରିଡ଼ ବିହନ, ବିଦେଶୀ ଟ୍ରାକ୍ଟର ଓ ଯନ୍ତ୍ରପାତି, ଏବଂ ଅତ୍ୟଧିକ ରାସାୟନିକ ସାର ଓ କୀଟନାଶକ ଆଦିର ବହୁଳ ବିକ୍ରି ନିମିତ୍ତ ରାସାୟନିକ ଆଧାରିତ କୃଷିକୁ ଆମ ଉପରେ ଲଦି ଦିଆଗଲା। ଅପରପକ୍ଷରେ, କେବଳ ଅତ୍ୟଧିକ କ୍ଷୀର ଉତ୍ପାଦନ ଲକ୍ଷ୍ୟରେ ଗିର୍, ସାହିୱାଲ ଆଦି ଉନ୍ନତ ମାନର ଦେଶୀ ଗୋବଂଶକୁ ଆଡ଼େଇ ଦେଇ ଶଙ୍କର (ଜର୍ସି/ଏଚ୍.ଏଫ୍.) ଗାଈ ପାଳନକୁ ପ୍ରୋତ୍ସାହନ ଦିଆଗଲା। ପୂର୍ବରୁ କୃଷକମାନେ ବଳଦ ଦ୍ୱାରା ହଳ କରି ଶାରୀରିକ ଶ୍ରମ କରୁଥିବାରୁ ସ୍ୱାଭାବିକ ଭାବେ ନୀରୋଗ, ସୁସ୍ଥ ଓ ଫିଟ ରହୁଥିଲେ ମାତ୍ର ଟ୍ରାକ୍ଟର ଏବଂ ଆଧୁନିକ ମେସିନ୍ ଆସିବା ପରେ କାୟିକ ଶ୍ରମ କମିଯାଇ ଆଜିର ପିଢ଼ି ମେଦବହୁଳତା ଠାରୁ ଆରମ୍ଭ କରି ଶହ ଶହ ଜଟିଳ ରୋଗରେ ପୀଡ଼ିତ ହେଉଛନ୍ତି। ଏହା ଗୋଟିଏ ପିଢ଼ି ନୁହେଁ, ବରଂ ପୀଢ଼ି ପରେ ପୀଢ଼ି ଭାରତୀୟଙ୍କ ସ୍ୱାସ୍ଥ୍ୟ ଓ ଶରୀରକୁ ପଙ୍ଗୁ କରିବା ପାଇଁ ଏକ ପ୍ରକାର ଯୋଜନାବଦ୍ଧ ବ୍ୟବସ୍ଥା। ଏହାର କୁପରିଣାମ ସ୍ୱରୂପ, ଆଜି ଆମର ପରମ୍ପରା ଭାଙ୍ଗିଯାଇଛି, ପ୍ରତିଟି ଖାଦ୍ୟରେ ଆମେ ପରୋକ୍ଷରେ ମୃଦୁ ବିଷ ଖାଉଛେ, ଏବଂ କୃଷିରୁ ବଳଦ/ଷଣ୍ଢଙ୍କ ଆବଶ୍ୟକତା ସରିଯିବା ପରେ ସେମାନେ ରାଜରାସ୍ତାରେ ଆବର୍ଜନା ଓ ପ୍ଲାଷ୍ଟିକ୍ ଖାଇ ବଞ୍ଚିବାକୁ ବାଧ୍ୟ ହେଉଛନ୍ତି ଓ ଗୋ ମାଫିଆ ମାନେ ଏମାନଙ୍କୁ ବେଆଇନ ଭାବେ ବିଦେଶ ଚାଲାଣ କରି ନୃଶଂସ ଭାବେ ହତ୍ୟା କରିବାକୁ ପଠାଉଛନ୍ତି। ଏହି ବିଷମୟ ଖାଦ୍ୟ ଶୃଙ୍ଖଳ, ରୋଗଗ୍ରସ୍ତ ଜୀବନଶୈଳୀ ଓ ଷଣ୍ଢ ଉତ୍ପାତରୁ ମୁକ୍ତି ପାଇବା ପାଇଁ ଗୋ-ଆଧାରିତ କୃଷି ହିଁ ଏକମାତ୍ର ବିକଳ୍ପ। ସମାଧାନ ଭାବେ ସରକାର କେବଳ "କ୍ଷୀର"କୁ ନୁହେଁ, ବରଂ ଗୋବର ଓ ଗୋମୂତ୍ରକୁ ଗୋବଂଶର ପ୍ରାଥମିକ ଉତ୍ପାଦ (PRIMARY ECONOMIC PRODUCT) ଭାବେ ଗ୍ରହଣ କରି ଗୋ-ଆଧାରିତ କୃଷିକୁ ବାଧ୍ୟତାମୂଳକ କରିବା ଆବଶ୍ୟକ । 'ଓମଫେଡ୍' ଦୁଗ୍ଧ ସଂଗ୍ରହ ଢାଞ୍ଚାରେ ପ୍ରତି ଗ୍ରାମପଞ୍ଚାୟତରେ "ଗୋବର ସଂଗ୍ରହ କେନ୍ଦ୍ର" ସ୍ଥାପନ କରାଯାଉ, ଯେଉଁଠାରେ ଚାଷୀଙ୍କଠାରୁ ନିର୍ଦ୍ଦିଷ୍ଟ ମୂଲ୍ୟରେ ଗୋବର କିଣାଯାଇ ପାରିବ । ସଂଗୃହୀତ ଗୋବରରୁ ବୃହତ୍ ସ୍ତରରେ ଜୈବିକ ଖତ ବା ଭର୍ମିକମ୍ପୋଷ୍ଟ , ସି.ବି.ଜି (COMPRESSED BIO GAS), ବାୟୋ-ସି.ଏନ୍.ଜି ଏବଂ ଗୋ-କାଷ୍ଠ, ଗୋବରରୁ ରଙ୍ଗ, ଗୃହ ଉପକରଣ ଆଦି ତିଆରି କରିବା ପାଇଁ ଆଞ୍ଚଳିକ ପ୍ରକ୍ରିୟାକରଣ ପ୍ଲାଣ୍ଟ ସ୍ଥାପନ କରାଯାଉ। ବିଶେଷ କରି ମରୁଭୂମି ପ୍ରବଣ ଦେଶଗୁଡ଼ିକରେ ଗୋବର ଖତର ଅତ୍ୟଧିକ ଚାହିଦା ରହିଛି, ତେଣୁ ଗୋବର ଖତକୁ ପ୍ରକ୍ରିୟାକରଣ କରି ଉଚ୍ଚ ଦାମରେ ବିଦେଶକୁ ରପ୍ତାନି କରିବାର ଏକ ସୁଦୃଢ଼ ବ୍ୟବସାୟିକ ନୀତି ପ୍ରସ୍ତୁତ କଲେ ଦେଶକୁ ବିପୁଳ ବୈଦେଶିକ ମୁଦ୍ରା ମିଳିପାରିବ। ସିବିଜି ଓ ବାୟୋ ସିଏନଜି ପ୍ରସ୍ତୁତି ର ବୃଦ୍ଧି କଲେ ତାହା ରାଜ୍ୟରେ ଜାଳେଣି ଓ ଯାନବାହାନ ପାଇଁ ଗ୍ୟାସ ର ଆବଶ୍ୟକତା କୁ ସହଜ ଓ ଶସ୍ତା କରିପାରିବ ଓ ବାହାରୁ ପେଟ୍ରୋଲିୟମ ଗ୍ୟାସ ଆମଦାନୀ କମିବ L ସେହିପରି ଗୋବର ରୁ ଗୋକାଷ୍ଠ ତିଆରି ଓ ତାର ଉଚିତ ପରିଚାଳନା ତଥା ମାର୍କେଟିଙ୍ଗ ଦ୍ୱାରା କାଠ ଜାଳେଣି ବ୍ୟବହାରକୁ କମ କରିବା ସହ ବନ ବିଭାଗ କର୍ମଚାରୀ ମାନଙ୍କ ବେଆଇନ ଛତ୍ରଛାୟା ରେ ହେଉଥିବା ବ୍ୟାପକ ଗଛ କଟା ବନ୍ଦ ହେଇ ବନ ସୁରକ୍ଷା କରାଯାଇପାରିବ। ଏହା ସହ ବଜାରରେ ବୁଲା ଷଣ୍ଢମାନଙ୍କୁ ସରକାରୀ ଆଶ୍ରୟସ୍ଥଳୀ ବା ଗୋଶାଳାରେ ରଖି ସେମାନଙ୍କ ସେବା କରିବା ସହ ଗୋବର ଓ ଗୋମୂତ୍ରରୁ ବ୍ୟବସାୟିକ ଉତ୍ପାଦ ପ୍ରସ୍ତୁତ କଲେ, ସେମାନେ ନିଜ ରହିବା ଓ ଖାଇବାର ଖର୍ଚ୍ଚ ନିଜେ ଉଠାଇବା ସହ ବଜାରର ଆବଶ୍ୟକତା କୁ ପୁରଣ କରିବା ସହ କିଛି ଲୋକ ରୋଜଗାର ମଧ୍ୟ ପାଇପାରିବେ ।

ଏହିପରି ଏକ ବ୍ୟାବହାରିକ ମଡେଲ୍‌ର ସଫଳ ଉଦାହରଣ ହେଉଛି ଛତିଶଗଡ଼ ସରକାରଙ୍କ 'ଗୋଧନ ନ୍ୟାୟ ଯୋଜନା'। ଏହି ଯୋଜନାରେ ଗୋବରକୁ କିଲୋଗ୍ରାମ ପ୍ରତି ୨ ଟଙ୍କା ଦରରେ ସରକାରୀ ସ୍ତରରେ କ୍ରୟ କରାଗଲା, ଗୋ-ସେବା କେନ୍ଦ୍ର ଗୁଡ଼ିକରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ଦ୍ୱାରା ଗୋବରରୁ ଜିଆଖତ (VERMI-COMPOST) ପ୍ରସ୍ତୁତ କରାଗଲା ଏବଂ ସରକାରୀ ବିଭାଗଗୁଡ଼ିକ ଦ୍ୱାରା ତାହା କିଣାଗଲା, ଯାହାଦ୍ୱାରା ଲୋକେ ଗୋରୁ ଷଣ୍ଢଙ୍କୁ ରାସ୍ତାରେ ଛାଡ଼ିବା ବନ୍ଦ କଲେ। ଏଥିସହିତ, ରାସାୟନିକ ସାର ଉପରୁ ସବ୍‌ସିଡି ହ୍ରାସ କରି ଜୈବିକ ସାର ବ୍ୟବହାର କରୁଥିବା ଚାଷୀଙ୍କୁ ନଗଦ ପ୍ରୋତ୍ସାହନ (DBT) ପ୍ରଦାନ, ସରକାରୀ ଫାର୍ମଗୁଡ଼ିକରେ ଜୈବିକ ଖତ ବ୍ୟବହାର ବାଧ୍ୟତାମୂଳକ କରିବା, ଏବଂ ବୁଲା ଷଣ୍ଢଙ୍କ ପାଇଁ ସରକାରୀ ସ୍ତରରେ ଗୋଶାଳା ନିର୍ମାଣ କରି ସେମାନଙ୍କୁ ସୁରକ୍ଷା ଦେବା ସହ ଗୋବର ରୁ ରାଜସ୍ୱ ଆୟ ବୃଦ୍ଧି କରିବାର ଜ୍ଞାନକୌଶଳ ଖୋଜି ବାହାର କରିବା ଆବଶ୍ୟକ। ଗୋବରକୁ ଏକ ମୂଲ୍ୟବାନ ସମ୍ପତ୍ତି ଓ ରପ୍ତାନି ଯୋଗ୍ୟ ଦ୍ରବ୍ୟ ଭାବେ ଗ୍ରହଣ କଲେ ରାଜରାସ୍ତାରେ ଷଣ୍ଢ ଉତ୍ପାତ ବୋଝ ନ ହୋଇ ସମୃଦ୍ଧିର କାରଣ ପାଲଟିବ। କେବଳ ଥାନାରେ FIR ଦେଇ, ବିଧାନସଭାରେ ହୋହଲ୍ଲା କରି କିମ୍ବା ରାଜନୈତିକ କାଦୁଅ ଫିଙ୍ଗାଫିଙ୍ଗି ନକରି ଆମର ପ୍ରାଚୀନ ଗୋସଂସ୍କୃତି, ଜୈବିକ କୃଷି, ରପ୍ତାନି ଭିତ୍ତିକ ଗୋଅର୍ଥନୀତି ଓ ଭାରତୀୟ ସ୍ୱାଭାବିକ ପରମ୍ପରାକୁ ଫେରିବା ହିଁ ଏସବୁର ଏକମାତ୍ର ସ୍ଥାୟୀ ସମାଧାନ।

**ସାମାଜିକ କର୍ମୀ, ପୁରୀ**



### ହିନ୍ଦ୍ ମହାସାଗରକୁ ବ୍ୟାପିପାରେ ମଧ୍ୟପ୍ରାଚ୍ୟ ଯୁଦ୍ଧ

# ଇରାନର ଚେତାବନୀ, ବଢ଼ିଲା ଭାରତର ଚିନ୍ତା



ତେହେରାନ, ୨୪।୯: ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ସଂଘର୍ଷ ଆଗାମୀ ଦିନରେ ହିନ୍ଦ ମହାସାଗର ଅଞ୍ଚଳକୁ ବ୍ୟାପିପାରେ ବୋଲି ଇରାନ ପକ୍ଷରୁ ଦିଆଯାଇଥିବା ଚେତାବନୀ ଭାରତ ପାଇଁ ଚିନ୍ତାର କାରଣ ପାଲଟିଛି। ଶକ୍ତି ସମ୍ପଦ (କ୍ରୁଡ୍ ଅଏଲ୍) ଆମଦାନୀ ଏବଂ ସାମୁଦ୍ରିକ ବାଣିଜ୍ୟ ପାଇଁ ଭାରତ ଏହି ସାମୁଦ୍ରିକ ମାର୍ଗ ଉପରେ ବହୁମାତ୍ରାରେ ନିର୍ଭରଶୀଳ ହୋଇଥିବାରୁ ଏହା ଦେଶର ଅର୍ଥନୀତି ଓ ନୌସେନା ସୁରକ୍ଷା ଉପରେ ସିଧାସଳଖ ପ୍ରଭାବ ପକାଇବାର ଆଶଙ୍କା ଦେଖାଦେଇଛି। ଇରାନର ସର୍ବୋଚ୍ଚ ନେତା ଖୋମେନେଇଙ୍କ ବରିଷ୍ଠ ପରାମର୍ଶଦାତା ଯାହ୍ୟା ରହିମ୍ ସଫାଭି ଗୁରୁବାର କହିଛନ୍ତି ଯେ, ଆମେରିକା କିମ୍ବା ଇସ୍ରାଏଲ୍ ଯଦି ଆକ୍ରମଣ ଜାରି ରଖନ୍ତି, ତେବେ ତେହେରାନ୍ ଏହି ଯୁଦ୍ଧର ପରିସରକୁ ଆହୁରି ବୃଦ୍ଧି କରିବା ପାଇଁ ପ୍ରସ୍ତୁତ। ଲୋହିତ ସାଗର ପର୍ଯ୍ୟନ୍ତ ବ୍ୟାପିସାରିଛି। ଆଗକୁ ଯୁଦ୍ଧ ଆହୁରି ବଢ଼ିଲେ ଏହାର ପ୍ରଭାବ ହିନ୍ଦ ମହାସାଗର ଏବଂ ବାବ୍ ଏଲ୍ ମାନ୍ଦେବ୍ ଜଳପଥରେ ଏହି ଯୁଦ୍ଧ ଅସ୍ଥିରତା ସୃଷ୍ଟି କରିବ। ଏହାଦ୍ୱାରା ମଧ୍ୟପ୍ରାଚ୍ୟ, ୟୁରୋପ ଓ ଆଫ୍ରିକା ସହ ଚାଲିଥିବା ଭାରତର ବାଣିଜ୍ୟିକ ଜାହାଜ ଚଳାଚଳ ଗୁରୁତର ବାଧାପ୍ରାପ୍ତ ହେବ। ଭାରତ ନିଜର ଅଶୋଧିତ ତୈଳର ଏକ ବଡ଼ ଭାଗ ମଧ୍ୟପ୍ରାଚ୍ୟରୁ ଆମଦାନୀ କରୁଥିବାରୁ, ହର୍ମୁଜ ପ୍ରଣାଳୀ କିମ୍ବା ପାରସ୍ୟ ଉପସାଗରରେ ଜାହାଜ ଚଳାଚଳ ବାଧାପ୍ରାପ୍ତ ହେଲେ ବିଶ୍ୱ ବଜାରରେ ତେଲ ଦର ବୃଦ୍ଧି ପାଇବା ସହ ଜାହାଜ ଭଡ଼ା ଏବଂ ସାମୁଦ୍ରିକ ବୀମା ଖର୍ଚ୍ଚ ବହୁ ପରିମାଣରେ ବଢ଼ିଯିବ। ପୂର୍ବରୁ ଲୋହିତ ସାଗରରେ ସୃଷ୍ଟି ହୋଇଥିବା ବିବାଦ ଯୋଗୁଁ ଅନେକ ବାଣିଜ୍ୟିକ ଜାହାଜ ଆଫ୍ରିକାର "କେପ୍ ଅଫ୍ ଗୁଡ୍ ହୋପ୍" ଦେଇ ବୁଲି ଯିବାକୁ ବାଧ୍ୟ ହେଉଛନ୍ତି, ଯାହାଦ୍ୱାରା ସମୟ ଓ ଖର୍ଚ୍ଚ ଉଭୟ ବୃଦ୍ଧି ପାଉଛି।

ଏବେ ଯୁଦ୍ଧ ପୂର୍ବ ଦିଗକୁ ବ୍ୟାପିଲେ ଭାରତୀୟ ଆମଦାନୀ-ରପ୍ତାନିକାରୀଙ୍କ ଉପରେ ଚାପ ଆହୁରି ବଢ଼ିବ। ଏହି ସ୍ଥିତିରେ ଭାରତୀୟ ବାଣିଜ୍ୟିକ ଜାହାଜଗୁଡ଼ିକୁ ସୁରକ୍ଷା ଦେବା ପାଇଁ ଭାରତୀୟ ନୌସେନା ଉପରେ ପାଟ୍ରୋଲିଂ ଓ ସୁରକ୍ଷା ଦାୟିତ୍ୱ ଆହୁରି ବୃଦ୍ଧି ପାଇବା ନିଶ୍ଚିତ।

ଯୁଦ୍ଧ ହିନ୍ଦ ମହାସାଗରକୁ ବ୍ୟାପିଲେ ଏହା ଭାରତର ସାମୁଦ୍ରିକ ସୀମା ପାଖାପାଖି ଅଞ୍ଚଳରେ ହର୍ମୁଜ ପ୍ରଣାଳୀରୁ ଆରମ୍ଭ ହୋଇଥିବା ଏହି ଯୁଦ୍ଧ ମହାସାଗର ଏବଂ ତା'ଠାରୁ ଆହୁରି ଦୂରକୁ ବିସ୍ତାରିତ ହେବାର ପୂର୍ଣ୍ଣ ସମ୍ଭାବନା ରହିଛି ବୋଲି ସଫାଭି ଜାରି କରିଥିବା ଏକ ଭିଡିଓ ବାର୍ତ୍ତାରେ କହିଛନ୍ତି।

### ଟିଏମ୍‌ସି ନାମ ଓ ନିର୍ବାଚନୀ ଚିହ୍ନ ନିଷ୍ପତ୍ତି ପ୍ରସଙ୍ଗ

## ସମୟସୀମା ସ୍ଥିର କରିବାକୁ ଇସିଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ



ନୂଆଦିଲ୍ଲୀ, ୨୪।୯: ତୃଣମୂଳ କଂଗ୍ରେସର ନାମ ଓ ନିର୍ବାଚନୀ ଚିହ୍ନ ବିବାଦର ଶୀଘ୍ର ସମାଧାନ ପାଇଁ ସୁପ୍ରିମକୋର୍ଟ ନିର୍ବାଚନ କମିଶନ (ଇସି)ଙ୍କଠାରୁ ସମୟସୀମା ମାଗିଛନ୍ତି। ଗୁରୁବାର ସୁପ୍ରିମକୋର୍ଟ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ଅଖିଳ ଭାରତୀୟ ତୃଣମୂଳ କଂଗ୍ରେସର ଦୁଇ ପ୍ରତିଦ୍ୱନ୍ଦ୍ୱୀ ଗୋଷ୍ଠୀ ମଧ୍ୟରୁ କେଉଁ ଗୋଷ୍ଠୀକୁ ଦଳର ନାମ ଓ ନିର୍ବାଚନୀ ଚିହ୍ନ ମିଳିବ ସେ ସମ୍ବନ୍ଧରେ ଶୀଘ୍ର ନିଷ୍ପତ୍ତି ନିଅନ୍ତୁ। ପଶ୍ଚିମବଙ୍ଗ ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ଏକ ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ ନିର୍ବାଚନ କମିଶନଙ୍କୁ ସୋମବାର ସୁଦ୍ଧା ଏହି ବିବାଦ ଉପରେ ତୁରନ୍ତ ନିଷ୍ପତ୍ତି ନେବା ବିଷୟରେ ଜଣାଇବାକୁ କହିଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀ ଓ ଜଷ୍ଟିସ୍ ଭି ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ବାଚନ ପ୍ୟାନେଲ ପକ୍ଷରୁ ଉପସ୍ଥିତ ବରିଷ୍ଠ ଓକିଲ ଡି.ଏସ୍. ନାଇଡୁଙ୍କୁ ବିବାଦର ଶେଷ ନିଷ୍ପତ୍ତି ନେବା ପାଇଁ ଆବଶ୍ୟକ ସମୟ ବିଷୟରେ ଜଣାଇବାକୁ କହିଥିଲେ। ଏହି ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୨୮ ତାରିଖରେ ହେବ। ବାନାର୍ଜୀଙ୍କ ପକ୍ଷରୁ ଉପସ୍ଥିତ ବରିଷ୍ଠ ଓକିଲ କପିଲ ସିବଲ କହିଥିଲେ ଯେ, ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇସାରିଥିବାରୁ ସେ ଅକ୍ଟୋବର ୬ ତାରିଖରେ ପଶ୍ଚିମବଙ୍ଗ ବିଧାନସଭା ଉପନିର୍ବାଚନ ଉପରେ ସ୍ଥଗିତାଦେଶ ଆବେଦନ କରିପାରିବେ ନାହିଁ।

### ମୁମ୍ବାଇ-ପୁଣେ ଏକ୍ସପ୍ରେସ୍‌ୱେ ବସ୍‌ରେ ନିଆଁ

## ଡ୍ରାଇଭରଙ୍କ ଯୋଗୁ ରକ୍ଷା ପାଇଲେ ୧୪ ଯାତ୍ରୀ



ମୁମ୍ବାଇ, ୨୪।୯: ମୁମ୍ବାଇ-ପୁଣେ ଏକ୍ସପ୍ରେସ୍‌ୱେରେ ଗୁରୁବାର ସକାଳେ ଏକ ଦୂରଗାମୀ ବସ୍‌ରେ ନିଆଁ ଲାଗି ଯାଉଥିବାବେଳେ ଡ୍ରାଇଭରଙ୍କ ସତର୍କତା ଯୋଗୁଁ ଅଳ୍ପକେ ବର୍ତ୍ତି ଯାଇଛନ୍ତି ୧୪ ଯାତ୍ରୀ। ଡ୍ରାଇଭର ବସ୍‌ର ଏସିରେ ଧୂଆଁ ବାହାରୁଥିବା ଦେଖି ତୁରନ୍ତ ଗାଡ଼ିକୁ ରୋକି ଦେଇଥିଲେ ଓ ଯାତ୍ରୀମାନଙ୍କୁ ଗାଡ଼ିରୁ ବାହାରି ଯିବାକୁ କହିଥିଲେ। ବସ୍‌ଟି ରାଜସ୍ଥାନର ଉଦୟପୁରରୁ ପୁଣେ ଯାଉଥିବାବେଳେ ସକାଳ ପ୍ରାୟ ୭ଟା୪୫ ମିନିଟ ସମୟରେ ମୁମ୍ବାଇରେ ପହଞ୍ଚିବା ପୂର୍ବରୁ ଡ୍ରାଇଭର ଛତ୍ରପାଲ ସିଂହ କିଶୋର ସିଂହ ଚହିଆ ଗାଡ଼ିର ଏସିରୁ ଧୂଆଁ ବାହାରୁଥିବା ଦେଖିଥିଲେ। ଡ୍ରାଇଭର ଗାଡ଼ି ରୋକି ଯାତ୍ରୀମାନଙ୍କୁ ବାହାରକୁ ବାହାର କରିଥିଲେ। ବସ୍‌ରେ ଥିବା ଏକ ଅଗ୍ନି ନିର୍ବାପକ ଯନ୍ତ୍ର ସାହାଯ୍ୟରେ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ନିଆଁ ଦ୍ରୁତଗତିରେ ଚାରିଆଡ଼େ ବ୍ୟାପି ଯାଇଥିଲା।

### ମେରାଇନ୍ ଡ୍ରାଇଭ୍ ରୋଡ୍‌ରେ ଭୟାବହ ସଡ଼କ ଦୁର୍ଘଟଣା

## ମନ୍ତ୍ରୀ ଦୀପିକା ପାଣ୍ଡେଙ୍କ ଝିଅ ସମେତ ୪ ମୃତ





ଜାମସେଦପୁର, ୨୪।୯: ଝାଡ଼ଖଣ୍ଡର ଜାମସେଦପୁର ସହରର ସୋନାରୀ ଥାନା ଅନ୍ତର୍ଗତ ମେରାଇନ୍ ଡ୍ରାଇଭ୍ ରୋଡରେ ଗୁରୁବାର ଭୋର୍ ସମୟରେ ଏକ ଭୟାବହ ସଡ଼କ ଦୁର୍ଘଟଣା ଘଟିଛି। ରାସ୍ତା କଡ଼ରେ ଠିଆ ହୋଇଥିବା ଏକ ଟ୍ରକ୍‌କୁ ଏକ କାରୁ ପଛପଟୁ ଧକ୍କା ଦେବା ଫଳରେ ଝାଡ଼ଖଣ୍ଡର ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ମନ୍ତ୍ରୀ ଦୀପିକା ପାଣ୍ଡେ ସିଂହଙ୍କ ଝିଅ କ୍ରିଷା ସିଂହଙ୍କ ସମେତ ୪ ଜଣଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଛି। ମୃତକମାନେ ହେଲେ କ୍ରିଷା ସିଂହ, ସାର୍ଥକ ଅଗ୍ରୱାଲ, ନମନ ଗୁପ୍ତା ଓ ବଂଶିକା ଖଣ୍ଡେଲୱାଲ। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ୪ ଲେନ୍ ବିଶିଷ୍ଟ ହାଇୱେର ଡିଭାଇଡର ନିକଟରେ ଟ୍ରକଟି ଖରାପ ହୋଇ ପଡ଼ିରହିଥିଲା। ସେଠାରେ କୌଣସି ରିଫ୍ଲେକ୍ଟର ସାଇନେଜ୍ ନଥିବାରୁ କାରଟି ଟ୍ରକ୍ ପଛରେ ପିଟିହୋଇ ଚୁରମାର୍ ହୋଇଯାଇଥିଲା।

### ଛାତ୍ର ମୃତ୍ୟୁ ଘଟଣାର ତଦନ୍ତ ପାଇଁ ୧୦ଜଣିଆ କମିଟି






ମୁମ୍ବାଇ, ୨୪।୯: ଆଇଆଇଟି ବମ୍ବେର ଛାତ୍ର ସାହିଲ ୱାକୋଡେଙ୍କ ମୃତ୍ୟୁ ଘଟଣାର ନିରପେକ୍ଷ ତଦନ୍ତ ପାଇଁ ପ୍ରଫେସର ସୂର୍ଯ୍ୟନାରାୟଣ ଦୁଲ୍ଲାଙ୍କୁ ଛୁଟିରେ ପଠାଯାଇଛି। ଦୁଲ୍ଲାଙ୍କ ବିରୋଧରେ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା ଓ ଜାତିଭିତ୍ତିକ ଭେଦଭାବ ଅଭିଯୋଗରେ ମାମଲା ରୁଜୁ ହୋଇଛି। ମୁମ୍ବାଇ କ୍ରାଇମ୍‌ବ୍ରାଞ୍ଚ ଘଟଣାର ତଦନ୍ତ କରୁଛି। ଅଭିଯୋଗଗୁଡ଼ିକ ଏଯାବତ୍ ତଦନ୍ତାଧୀନ ରହିଛି। ଦୁଲ୍ଲାଙ୍କୁ ସୋମବାର ଆଇଆଇଟି ବମ୍ବେର ପ୍ରଶାସନିକ ବ୍ୟାପାର ଡିନ୍ ପଦରୁ ହଟାଯାଇଥିଲା। ଛାତ୍ରଙ୍କ ମୃତ୍ୟୁକୁ ନେଇ କ୍ୟାମ୍ପସରେ ଛାତ୍ରଛାତ୍ରୀଙ୍କ ପ୍ରତିବାଦ ପରେ ଏହି ପଦକ୍ଷେପ ନିଆଯାଇଥିଲା। ଏବେ ତଦନ୍ତ ନିରପେକ୍ଷ ଭାବେ ହେବା ପାଇଁ ତାଙ୍କୁ ଛୁଟିରେ ପଠାଯାଇଛି। ବର୍ତ୍ତମାନ ତାଙ୍କର କୌଣସି କ୍ଲାସ୍ ନାହିଁ। ଏହା ସହ ଛାତ୍ର ସାହିଲଙ୍କ ମୃତ୍ୟୁର ପରିସ୍ଥିତି ଯାଞ୍ଚ ପାଇଁ ଆଇଆଇଟି ବମ୍ବେ ପକ୍ଷରୁ ୧୦ ଜଣିଆ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। ଆଇଆଇଟି ପାଲକ୍କଡ଼ର ବୋର୍ଡ ଅଫ୍ ଗଭର୍ଣ୍ଣର୍ସର ଅଧ୍ୟକ୍ଷ ପ୍ରଫେସର ରମେଶ ଭେଙ୍କଟେଶ୍ୱରନ୍ ଏହାର ଅଧ୍ୟକ୍ଷ ଅଛନ୍ତି। କମିଟିରେ ଛାତ୍ର ପ୍ରତିନିଧି ମଧ୍ୟ ରହିଛନ୍ତି ଏବଂ ଏକ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ କୁହାଯାଇଛି।

### ପ୍ରକାଶ ପାଇଲା ନିଟ୍ ପିଜି ପ୍ରବେଶିକା ପରୀକ୍ଷା ଫଳ

ନୂଆଦିଲ୍ଲୀ, ୨୪।୯: ନ୍ୟାସନାଲ ବୋର୍ଡ ଅଫ୍ ଏକଜାମିନେସନ୍ ମେଡିକାଲ ସାଇନ୍ସେସ୍ (ଏନ୍‌ବିଇଏମ୍‌ଏସ୍) ପକ୍ଷରୁ ଗୁରୁବାର ନିଟ୍ ପିଜି ୨୦୨୬ ପ୍ରବେଶିକା ପରୀକ୍ଷା ଫଳ ଘୋଷଣା କରାଯାଇଛି। ପିଜି ମେଡିକାଲ ପ୍ରବେଶିକା ପରୀକ୍ଷା ଦେଇଥିବା ପରୀକ୍ଷାର୍ଥୀ ଏନ୍‌ବିଇଏମ୍‌ଏସ୍ ଅଫିସିଆଲ ୱେବସାଇଟ୍‌ରୁ ଯାଇ ସେମାନଙ୍କ ପରୀକ୍ଷା ଫଳ ଯାଞ୍ଚ କରିପାରିବେ। ସ୍ନାତକୋତ୍ତର ଡାକ୍ତରୀ ପାଠ୍ୟକ୍ରମରେ ପ୍ରବେଶ ପାଇଁ ଏନ୍‌ବିଇଏମ୍‌ଏସ୍ ଦ୍ୱାରା ପରିଚାଳିତ ନିଟ୍ ପିଜି ୨୦୨୬ ପାଇଁ ଶହ ଶହ ଡାକ୍ତରୀ ସ୍ନାତକ ପରୀକ୍ଷା ଦେଇଥିଲେ। ପରୀକ୍ଷା ୩୦ ଅଗଷ୍ଟ, ୨୦୨୬ ରେ ଅନୁଷ୍ଠିତ ହୋଇଥିଲା ଓ ପରେ ଜୟପୁରର ଦୁଇଟି କେନ୍ଦ୍ରରେ ପ୍ରଭାବିତ ପରୀକ୍ଷାର୍ଥୀଙ୍କ ପାଇଁ ପୁନଃପରୀକ୍ଷା କରାଯାଇଥିଲା।

### ହେଲିକପ୍ଟର ଦୁର୍ଘଟଣାରେ ବର ମୃତ

## ସ୍ୱାମୀଙ୍କ ଶବ ତଳେ ରାତି କାଟିଲେ ନବବିବାହିତା



ନୂଆଦିଲ୍ଲୀ, ୨୪।୯: ଆମେରିକାର ଜର୍ଜିଆରୁ ଏକ ଅତ୍ୟନ୍ତ ମର୍ମନ୍ତୁଦ ଘଟଣା ସାମ୍ନାକୁ ଆସିଛି। ଦୀର୍ଘ ୧୦ ବର୍ଷର ପ୍ରେମ ସମ୍ପର୍କ ପରେ ଜେମ୍ସ ସାମ୍ ଓ ଡେଭ୍ ଫିଜି ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ଏକ ବିଳାସପୂର୍ଣ୍ଣ ଭେନ୍ୟୁରେ ଓ ଶହ ଶହ ଅତିଥିଙ୍କ ଉପସ୍ଥିତିରେ ସେମାନଙ୍କର ବିବାହ ଉତ୍ସବ ବେଶ୍ ଧୁମଧାମରେ ସମ୍ପନ୍ନ ହୋଇଥିଲା। ବିବାହ ପରେ ନବଦମ୍ପତି ଏକ ହେଲିକପ୍ଟର ଯୋଗେ ହୋଟେଲକୁ ଯିବା ପାଇଁ ବାହାରିଥିଲେ। ତେବେ ଉଡ଼ାଣ ପୂର୍ବରୁ ଖରାପ ପାଗ ଓ କମ୍ ଦୃଶ୍ୟମାନତାକୁ ନେଇ ବର ତଥା ନିଜେ ଜଣେ ପାଇଲଟ୍ ଥିବା ଡେଭ୍ କିଛିଟା ଚିନ୍ତା ପ୍ରକାଶ କରିଥିଲେ ମଧ୍ୟ ଶେଷରେ ହେଲିକପ୍ଟର ଉଡ଼ାଇଥିଲେ। ମାତ୍ର କିଛି ମିନିଟ୍ ମଧ୍ୟରେ ହେଲିକପ୍ଟରଟି ଘଞ୍ଚ ଜଙ୍ଗଲ ମଧ୍ୟରେ ଏକ ଉଚ୍ଚ ଗଛରେ ପିଟିହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ମର୍ମନ୍ତୁଦ ଦୁର୍ଘଟଣାରେ ଡେଭଙ୍କର ମୃତ୍ୟୁ ହୋଇଥିବା ବେଳେ ଜେମ୍ସ ଗୁରୁତର ଭାବେ ଆହତ ହୋଇଥିଲେ। ସବୁଠାରୁ ଦୁଃଖଦ କଥା ହେଲା, ଦୁର୍ଘଟଣା ପରେ ପ୍ରାୟ ୬ ଘଣ୍ଟା ଧରି ଧ୍ୱଂସସ୍ତୂପ ଭିତରେ ଫସି ରହିଥିଲେ ଜେମ୍ସ ଏବଂ ସେତେବେଳେ ତାଙ୍କ ଉପରେ ପଡ଼ି ରହିଥିଲା ତାଙ୍କ ସ୍ୱାମୀଙ୍କ ମୃତଦେହ। ଯେଉଁ ଜୀବନସାଥୀଙ୍କ ସହ ସାରା ଜୀବନ କାଟିବାର ସ୍ୱପ୍ନ ଦେଖିଥିଲେ, ତାଙ୍କର ଶବ ତଳେ ଅସହାୟ ଅବସ୍ଥାରେ ସେ ସାରା ରାତି କାଟିଥିଲେ।

# 'ଶକ୍ତିର ସପ୍ତଧାରା'ରେ ବିକଶିତ ଭାରତ ନିର୍ମାଣ ହେବ: ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ, ୨୪।୯: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଭିଡିଓ ସମ୍ମିଳନୀ ମାଧ୍ୟମରେ 'ସେବା ସଂକଳ୍ପ ଯାତ୍ରା'ର ଯୁବ ପ୍ରତିଭାଗୀଙ୍କ ସହ ଆଲୋଚନା କରିଛନ୍ତି। ଏହି ଅବସରରେ ସେ 'ବିକଶିତ ଭାରତ ୨୦୪୭'ର ଲକ୍ଷ୍ୟ ହାସଲରେ ଯୁବପିଢ଼ିର ଭୂମିକା ଉପରେ ଜୋର ଦେବା ସହ ଦେଶର ବିଭିନ୍ନ ଅଞ୍ଚଳ ଓ ସାମାଜିକ ବର୍ଗର ଲୋକଙ୍କ ଆକାଂକ୍ଷାକୁ ଜାଣିବା ଓ ବୁଝିବାର ଆବଶ୍ୟକତା ଉପରେ ମତ ରଖିଥିଲେ। ମୋଦି କହିଥିଲେ ଯେ ଆଜିର ଯୁବପିଢ଼ି 'ବିକଶିତ ଭାରତ'ର ନିର୍ମାତା ହେବା ସହ ଏହାର ପ୍ରମୁଖ ଲାଭାର୍ଥୀ ମଧ୍ୟ ହେବେ। ତେଣୁ ଯୁବମାନେ ଦେଶକୁ ନିକଟରୁ ଜାଣିବା ସହ ବିଭିନ୍ନ ଅଞ୍ଚଳର ଲୋକଙ୍କ ସହ ମିଶି ସେମାନଙ୍କ ସ୍ୱପ୍ନ, ଆକାଂକ୍ଷା ଓ ସମସ୍ୟା ସମ୍ପର୍କରେ ଜାଣିବା ଆବଶ୍ୟକ।

ଆଲୋଚନା ସମୟରେ ପ୍ରଧାନମନ୍ତ୍ରୀ 'ଶକ୍ତିର ସପ୍ତଧାରା' ମାଧ୍ୟମରେ ବିକଶିତ ଭାରତ ନିର୍ମାଣର କଥା ଉଲ୍ଲେଖ କରିଥିଲେ। ଉତ୍ପାଦନ ଶିଳ୍ପ, ପ୍ରଯୁକ୍ତି ଓ ନବସୃଜନ, ଯୋଗାଯୋଗ ବ୍ୟବସ୍ଥା ସମେତ ବିଭିନ୍ନ କ୍ଷେତ୍ରକୁ ଦେଶର ବିକାଶର ଶକ୍ତି ଭାବେ ସେ ଉଲ୍ଲେଖ କରିଥିଲେ। ଏହି ବିକାଶ ପ୍ରକ୍ରିୟାକୁ ଆଗକୁ ନେବାରେ ପ୍ରତ୍ୟେକ ନାଗରିକଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ ବୋଲି ମୋଦି କହିଥିଲେ।

ମୋଦି କହିଥିଲେ ଯେ ସେବା ହିଁ ମୁଖ୍ୟ ଲକ୍ଷ୍ୟ ହେବା ଉଚିତ। କେବଳ ଉପଦେଶ ଦେବା ପରିବର୍ତ୍ତେ ନିଜ କାର୍ଯ୍ୟ ଓ ଆଚରଣ ମାଧ୍ୟମରେ ସେବାର ବାର୍ତ୍ତା ଦେବା ଆବଶ୍ୟକ। କ୍ଷମତା ଯେତେ ବଢ଼ିଲେ ମଧ୍ୟ ସେବାର ପଥରୁ ବିଚ୍ୟୁତ ନହେବା ଉଚିତ ବୋଲି ସେ ମତ ଦେଇଥିଲେ। ସେ ଆହୁରି କହିଥିଲେ ଯେ 'ସେବା ଭାବନା' ଆଧାରରେ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନା ଆସିଛି। ମାଗଣା ଖାଦ୍ୟଶସ୍ୟ ଯୋଜନା ଓ 'ଆୟୁଷ୍ମାନ ଭାରତ' ଭଳି ପଦକ୍ଷେପର ଉଦାହରଣ ଦେଇ ସେ ସରକାରଙ୍କ ଜନକଲ୍ୟାଣ କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ତାଙ୍କ ଦାବି ଅନୁସାରେ, ଏହି ପ୍ରୟାସ ମାଧ୍ୟମରେ ବହୁ ଲୋକ ଦାରିଦ୍ର୍ୟରୁ ବାହାରିଛନ୍ତି ଏବଂ ଗରିବ ପରିବାରକୁ ସୁରକ୍ଷା ଘର ମିଳିଛି।

'ସେବା ସଂକଳ୍ପ ଯାତ୍ରା' ଗୁଜରାଟର ବଡ଼ନଗରରୁ ଆରମ୍ଭ ହୋଇ ଉତ୍ତରପ୍ରଦେଶର ବାରାଣସୀ ପର୍ଯ୍ୟନ୍ତ ଯାଉଛି। ଏହି ଦୁଇ ସହର ସହ ତାଙ୍କ ବ୍ୟକ୍ତିଗତ ସମ୍ପର୍କର ଉଲ୍ଲେଖ କରି ମୋଦି ବଡ଼ନଗରକୁ ଜନ୍ମଭୂମି ଓ କାଶୀକୁ କର୍ମଭୂମି ଭାବେ ବର୍ଣ୍ଣନା କରିଥିଲେ। ଏହି ଦୁଇ ସହରକୁ ଯୋଡ଼ୁଥିବା ସେବା ଅଭିଯାନକୁ ସେ ପ୍ରଶଂସା କରିଥିଲେ।

# ୧୦ ବର୍ଷ ପରେ ଆମେରିକାରେ ଜିନପିଙ୍ଗ



ୱାଶିଂଟନ, ୨୪।୯: ଦୀର୍ଘ ୧୦ ବର୍ଷ ପରେ ଆମେରିକାରେ ପହଞ୍ଚିଛନ୍ତି ଚାଇନା ରାଷ୍ଟ୍ରପତି ସି ଜିନପିଙ୍ଗ। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରୋଟୋକଲ ଭାଙ୍ଗି ନିଜେ ଜଏଣ୍ଟ ବେସ ଆଣ୍ଡ୍ରୁଜ ବିମାନବନ୍ଦରରେ ପହଞ୍ଚି ସି ଜିନପିଙ୍ଗଙ୍କୁ ସ୍ୱାଗତ କରିଛନ୍ତି। ଚାଇନା ରାଷ୍ଟ୍ରପତିଙ୍କ ସ୍ୱାଗତ ପାଇଁ ରେଡ କାର୍ପେଟ ବିଛାଯିବା ସହ ଔପଚାରିକ ସମ୍ମାନ ଦିଆଯାଇଛି। ସାଧାରଣତଃ କୌଣସି ବିଦେଶୀ ରାଷ୍ଟ୍ରମୁଖ୍ୟଙ୍କୁ ସ୍ୱାଗତ କରିବା ପାଇଁ ଆମେରିକାର ରାଷ୍ଟ୍ରପତି ବିମାନବନ୍ଦରକୁ ଯାଆନ୍ତି ନାହିଁ। ବିଦେଶୀ ନେତାଙ୍କୁ ସାଧାରଣତଃ ହ୍ୱାଇଟ ହାଉସ୍‌ରେ ସ୍ୱାଗତ କରାଯାଇଥାଏ। ଏହି ଦୃଷ୍ଟିରୁ ଟ୍ରମ୍ପଙ୍କ ଦ୍ୱାରା ବିମାନବନ୍ଦରରେ ନିଜେ ସିଙ୍କୁ ସ୍ୱାଗତ କରିବା ଘଟଣା ଚର୍ଚ୍ଚାରେ ରହିଛି। ଟ୍ରମ୍ପ ଓ ସି ଜିନପିଙ୍ଗଙ୍କ ଏହି ସାକ୍ଷାତ୍ ଏଭଳି ସମୟରେ ହେଉଛି, ଯେତେବେଳେ ଆମେରିକା ଓ ଚାଇନା ମଧ୍ୟରେ ବାଣିଜ୍ୟ, ପ୍ରଯୁକ୍ତି ଓ ରଣନୈତିକ ପ୍ରସଙ୍ଗକୁ ନେଇ ମତଭେଦ ଜାରି ରହିଛି। ଦୁଇ ନେତାଙ୍କ ଆଲୋଚନାରେ ବାଣିଜ୍ୟ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ତାଇୱାନ ଏବଂ ଇରାନ ସମ୍ପର୍କିତ ପ୍ରସଙ୍ଗ ପ୍ରମୁଖ ରହିବାର ଆଶା କରାଯାଉଛି। ଟ୍ରମ୍ପଙ୍କ ବିମାନବନ୍ଦରକୁ ଯାଇ ସି ଜିନପିଙ୍ଗଙ୍କୁ ସ୍ୱାଗତ କରିବା ପଛରେ ଟ୍ରମ୍ପଙ୍କ ଚାଇନା ଗସ୍ତର ପ୍ରସଙ୍ଗ ମଧ୍ୟ ରହିଛି। ମେ' ମାସରେ ଟ୍ରମ୍ପ ଚାଇନା ଗସ୍ତ କରିଥିବା ବେଳେ ତାଙ୍କୁ ସେଠାରେ ବ୍ୟାପକ ଭାବେ ସ୍ୱାଗତ କରାଯାଇଥିଲା। ଟ୍ରମ୍ପ ପୂର୍ବରୁ ମଧ୍ୟ ସି ଜିନପିଙ୍ଗଙ୍କ ସହ ନିଜ ସମ୍ପର୍କକୁ ସକାରାତ୍ମକ ବୋଲି ବର୍ଣ୍ଣନା କରିଆସିଛନ୍ତି।

## ୪ଟି ହାଇକୋର୍ଟରେ ୧୨ ଅତିରିକ୍ତ ବିଚାରପତି ଅନୁମୋଦନ କଲେ ସୁପ୍ରିମକୋର୍ଟ କଲେଜିୟମ୍

ନୂଆଦିଲ୍ଲୀ, ୨୪।୯: ସୁପ୍ରିମକୋର୍ଟ କଲେଜିୟମ୍ ଆନ୍ଧ୍ରପ୍ରଦେଶ, କେରଳ, ଉତ୍ତରାଖଣ୍ଡ ଓ ଗୁଆହାଟି ହାଇକୋର୍ଟରେ ସ୍ଥାୟୀ ବିଚାରପତି ଭାବରେ ୧୨ ଜଣ ଅତିରିକ୍ତ ବିଚାରପତିଙ୍କ ସ୍ଥାୟୀ ନିଯୁକ୍ତିକୁ ଅନୁମୋଦନ କରିଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ବିକ୍ରମ ନାଥ ଓ ବିଭି ନାଗରତ୍ନଙ୍କୁ ନେଇ ଗଠିତ କଲେଜିୟମ୍ ବୁଧବାର ଏକ ବୈଠକରେ ଏହି ନିଷ୍ପତ୍ତି ନେଇଛନ୍ତି। ଆନ୍ଧ୍ର ପ୍ରଦେଶ ହାଇକୋର୍ଟରେ ସ୍ଥାୟୀ ନିଯୁକ୍ତି ପାଇଁ ୫ ଅତିରିକ୍ତ ବିଚାରପତିଙ୍କ ନାଁ ଅନୁମୋଦନ କରାଯାଇଛି। ଜଷ୍ଟିସ୍ ମହେଶ୍ୱର ରାଓ କୁଞ୍ଚିମ୍, ଜଷ୍ଟିସ୍ ଥୁଜା ଚନ୍ଦ୍ର ଧନଶେଖର, ଜଷ୍ଟିସ ଚାଲା ଗୁଣରାଜନ, ଜଷ୍ଟିସ ଅବଧାନମ୍ ହରି ହାରାନାଥ ଶର୍ମା ଓ ଡ. ଜଷ୍ଟିସ ୟାଡାବଲ୍ଲି ଲକ୍ଷ୍ମଣରାଓ ଅଛନ୍ତି। କେରଳ ହାଇକୋର୍ଟ ପାଇଁ କଲେଜିୟମ ସ୍ଥାୟୀ ବିଚାରପତି ଭାବରେ ବିଚାରପତି ପି କ୍ରିଷ୍ଣା କୁମାର, କେଭି ଜୟକୁମାର, ମୁରଲୀ କ୍ରିଷ୍ଣା ଏସ୍, ଜୋବିନ୍ ସେବାଷ୍ଟିଆନ୍ ଓ ପିଭି ବାଲକ୍ରିଷ୍ଣନଙ୍କ ନିଯୁକ୍ତିକୁ ଅନୁମୋଦନ କରିଛନ୍ତି। ଜଷ୍ଟିସ୍ ସୁଭାଷ ଉପାଧ୍ୟାୟଙ୍କୁ ଉତ୍ତରାଖଣ୍ଡ ଓ କୌଶିକ ଗୋସ୍ୱାମୀଙ୍କୁ ଗୁଆହାଟୀ ହାଇକୋର୍ଟରେ ସ୍ଥାୟୀ ବିଚାରପତି ଭାବେ ନିଯୁକ୍ତିକୁ ଅନୁମୋଦନ ମିଳିଛି।

## ଆଫଗାନ୍ ସୀମାରେ ପାକିସ୍ତାନର ଏୟାରଷ୍ଟ୍ରାଇକ୍, ୧୦ ଆଡ୍ଡା ଧ୍ୱଂସ

ଇସଲାମାବାଦ, ୨୪।୯: ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ଚାଲିଥିବା ସୀମା ସଂଘର୍ଷ ଏବେ ଭୟଙ୍କର ରୂପ ନେଇଛି। ବୁଧବାର ଆଫଗାନିସ୍ତାନ ପକ୍ଷରୁ ୮ଟି ଡ୍ରୋନ୍ ଆକ୍ରମଣ ଓ ଗୋଳାବାରୁଦ ବର୍ଷା କରାଯିବା ପରେ, ଗୁରୁବାର ସକାଳୁ ପାକିସ୍ତାନୀ ସେନା ଆଫଗାନିସ୍ତାନ ଭିତରେ ପଶି ୧୦ଟି ସ୍ଥାନରେ ଏୟାରଷ୍ଟ୍ରାଇକ୍ କରିଛି। ପାକିସ୍ତାନ ସୂଚନା ମନ୍ତ୍ରୀ ଅତାଉଲ୍ଲା ତରାର ସୋସିଆଲ ମିଡିଆ "ଏକ୍ସ"ରେ ଏହି ସୂଚନା ଦେଇଛନ୍ତି। ପାକିସ୍ତାନର ଅଭିଯୋଗ ଅନୁଯାୟୀ, ଆଫଗାନିସ୍ତାନର ତାଲିବାନ ସରକାର ନିଜ ମାଟିରୁ ଆତଙ୍କବାଦୀ କାର୍ଯ୍ୟକଳାପ ନିୟନ୍ତ୍ରଣ କରିବାରେ ବିଫଳ ହେବା ସହ ନିଜେ ସୀମାନ୍ତରେ ଡ୍ରୋନ୍ ଏବଂ ମୋର୍ଟାର୍ ମାଡ଼ କରି ସ୍ଥିତିକୁ ବିଗାଡ଼ିଛନ୍ତି। ଏହାର ଜବାବରେ ପାକିସ୍ତାନୀ ସେନା ସୀମାପାର ସାମରିକ ଆଛାଦନ୍ତକୁ ଲକ୍ଷ୍ୟ କରି ଏହି ଆକ୍ରମଣ କରିଛି। ତେବେ ତାଲିବାନ ପ୍ରବକ୍ତା ଜବିହୁଲା ମୁଜାହିଦ୍ ପାକିସ୍ତାନ ଉପରେ କୌଣସି ଡ୍ରୋନ୍ ଆକ୍ରମଣ କରାଯାଇଥିବା କଥାକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଛନ୍ତି। ଗତ ସୋମବାର ମଧ୍ୟ ପାକିସ୍ତାନ ଜେଟ୍ ବିମାନ ପୂର୍ବ ଆଫଗାନିସ୍ତାନରେ ଆକ୍ରମଣ କରିଥିଲା, ଯେଉଁଥିରେ ୨୮ ଜଣ ଆତଙ୍କବାଦୀ ପ୍ରାଣ ହରାଇଥିବା ପାକିସ୍ତାନ ଦାବି କରିଥିଲା। ଏହି ଘଟଣା ପରେ ଚୀନ୍, ତୁର୍କୀ, କାତାର ଓ ସାଉଦି ଆରବ ପକ୍ଷରୁ ଚାଲିଥିବା ଶାନ୍ତି ଆଲୋଚନା ପ୍ରକ୍ରିୟା ଏବେ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି।

# କ୍ଷମା ମିଳିଲେ ମୁଁ ଗୁଳି ମାରିଥା'ନ୍ତି



**ନିର୍ବାଚନ ଆୟୁକ୍ତଙ୍କୁ ନେଇ ମୁକେଶ ସାହାନୀଙ୍କ ବିବାଦୀୟ ବୟାନ**

ନୂଆଦିଲ୍ଲୀ, ୨୪।୯: ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) ବିବାଦକୁ ନେଇ ବିକାଶଶୀଳ ଇନସାନ ପାର୍ଟି (ଭିଆଇପି) ମୁଖ୍ୟ ତଥା ବିହାର ପୂର୍ବତନ ମନ୍ତ୍ରୀ ମୁକେଶ ସାହାନୀ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ବିରୋଧରେ ଏକ ଅତ୍ୟନ୍ତ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସାହାନୀ କହିଛନ୍ତି ଯେ, ଯଦି ହତ୍ୟା ପାଇଁ କ୍ଷମା ମିଳନ୍ତା, ତେବେ ସେ ପ୍ରଥମେ ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କୁ ଗୁଳି ମାରିଥା'ନ୍ତେ। ନିର୍ବାଚନ ଆୟୋଗ ଶାସକ ଦଳର ହାତବାରିସି ପାଲଟିଛି ବୋଲି ଅଭିଯୋଗ କରି ସେ ଆହୁରି ମଧ୍ୟ ଚେତାବନୀ ଦେଇଛନ୍ତି ଯେ ୨୦୨୯ରେ ବିରୋଧୀ ସରକାର ଆସିଲେ ଏହି ନିଷ୍ପତ୍ତିରେ ସାମିଲ ସମସ୍ତ ଅଧିକାରୀଙ୍କୁ ଜେଲ୍ ପଠାଯିବ। ନିର୍ବାଚନ ଆୟୋଗଙ୍କ ଅଭ୍ୟନ୍ତରୀଣ ପରିଚାଳନାରେ ମତଭେଦ ନେଇ ପ୍ରକାଶିତ ରିପୋର୍ଟକୁ ନେଇ ଦେଶର ରାଜନୀତି ସରଗରମ ରହିଛି। ଅନ୍ୟପକ୍ଷରେ, ଆୟୋଗ ଏହି ଆଭ୍ୟନ୍ତରୀଣ ମତଭେଦ ଖବରକୁ ଖଣ୍ଡନ କରି ସମସ୍ତ ନିଷ୍ପତ୍ତି ସର୍ବସମ୍ମତିକ୍ରମେ ନିଆଯାଇଛି ବୋଲି ସ୍ପଷ୍ଟ କରିଛନ୍ତି।

### ସୌରଜଗତ ବାହାରୁ ଆସିଲା ରେଡିଓ ସିଗ୍ନାଲ୍

# ଅନ୍ୟ ଗ୍ରହର ଚୁମ୍ବକୀୟ କ୍ଷେତ୍ର ଠାବକଲେ ବୈଜ୍ଞାନିକ



ନୂଆଦିଲ୍ଲୀ, ୨୪।୯: ଆମ ସୌରଜଗତ ବାହାରେ ଅବସ୍ଥିତ ଏକ ଗ୍ରହରୁ ପ୍ରଥମଥର ପାଇଁ ଏକ ରହସ୍ୟମୟ ରେଡିଓ ସିଗ୍ନାଲ୍ ଠାବ କରାଯାଇଛି। ଦକ୍ଷିଣ ଆଫ୍ରିକାରେ ଥିବା ମିରକାଟ୍ ରେଡିଓ ଦୂରବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ବୈଜ୍ଞାନିକମାନେ ପୃଥିବୀଠାରୁ ପ୍ରାୟ ୬୩ ଆଲୋକ ବର୍ଷ ଦୂରରେ ଥିବା ଏକ ବିଶାଳ ଏକ୍ସୋପ୍ଲାନେଟ୍ 'ବା ବହିଃସୌରଜଗତର ଗ୍ରହ 'ଟେଟା ପିକ୍ଟୋରିସ୍ ବି'ରୁ ଏହି ସଙ୍କେତ ସଂଗ୍ରହ କରିବାରେ ସଫଳ ହୋଇଛନ୍ତି। ଏହି ଆବିଷ୍କାର ମାଧ୍ୟମରେ ବୈଜ୍ଞାନିକମାନେ ଏକ ଦୂରବର୍ତ୍ତୀ ଗ୍ରହର ଚୁମ୍ବକୀୟ କ୍ଷେତ୍ରକୁ ମାପିବା ପାଇଁ ଏକ ନୂତନ ପନ୍ଥା ପାଇଛନ୍ତି।

ଗବେଷକମାନେ ଏହି ଗ୍ରହରୁ ଦ୍ରୁତ ଗତିରେ ପୁନରାବୃତ୍ତି ହେଉଥିବା ତରଙ୍ଗ ଏବଂ ୦.୮୫ ରୁ ୩.୫ ଗିଗାହର୍ଜ ମଧ୍ୟରେ ନିରନ୍ତର ରେଡିଓ ନିର୍ଗମନ ଚିହ୍ନଟ କରିଛନ୍ତି। ବୈଜ୍ଞାନିକଙ୍କ ମତରେ, ଏହି ରେଡିଓ ନିର୍ଗମନ ଏକ ବିଶେଷ ପ୍ରକ୍ରିୟା ଦ୍ୱାରା ସୃଷ୍ଟି ହୋଇଥାଏ, ଯେଉଁଥିରେ ଶକ୍ତିଶାଳୀ ଇଲେକ୍ଟ୍ରନ୍‌ଗୁଡ଼ିକ ଗ୍ରହର ଚୁମ୍ବକୀୟ କ୍ଷେତ୍ର ସହିତ ପରସ୍ପର କ୍ରିୟା କରି ଅତ୍ୟନ୍ତ ତୀବ୍ର ଓ ସଂଗଠିତ ରେଡିଓ ତରଙ୍ଗ ସୃଷ୍ଟି କରନ୍ତି। ପୃଥିବୀ ଓ ଆମ ସୌରଜଗତର ଅନ୍ୟାନ୍ୟ ଗ୍ରହମାନଙ୍କରେ ମଧ୍ୟ ଏହି ପ୍ରକ୍ରିୟା ମେରୁଜ୍ୟୋତି ସହିତ ଜଡ଼ିତ ରହିଥାଏ। ତେଣୁ ଗବେଷକମାନେ ଏହି ଦୂରବର୍ତ୍ତୀ ଗ୍ରହରେ ଘଟୁଥିବା ମେରୁଜ୍ୟୋତି ପ୍ରକ୍ରିୟାର ଏକ ପ୍ରମାଣ ଭାବରେ ଏହି ରେଡିଓ ସିଗ୍ନାଲ୍‌କୁ ଗ୍ରହଣ କରିଛନ୍ତି।

ଏହି ରେଡିଓ ନିର୍ଗମନ ଆବୃତ୍ତି ଗ୍ରହର ଚୁମ୍ବକୀୟ କ୍ଷେତ୍ରର ଶକ୍ତି ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରିଥାଏ। ସର୍ବୋଚ୍ଚ ଆବୃତ୍ତିର ନିର୍ଗମନକୁ ଆଧାର କରି ଗବେଷକମାନେ ଆକଳନ କରିଛନ୍ତି ଯେ, ଉକ୍ତ ଗ୍ରହର ଚୁମ୍ବକୀୟ କ୍ଷେତ୍ର ଅତିକମ୍‌ରେ ୧.୨୫ କିଲୋଗାଉସ୍ ଅର୍ଥାତ୍ ପ୍ରାୟ ୧, ୨୫୦ ଗାଉସ୍ ଅଟେ। ଏକ ଗ୍ରହର ଚୁମ୍ବକୀୟ କ୍ଷେତ୍ର ଏହାର ଅଭ୍ୟନ୍ତରରେ ଘଟୁଥିବା ବିଭିନ୍ନ ପ୍ରକ୍ରିୟା ଦ୍ୱାରା ସୃଷ୍ଟି ହୋଇଥାଏ ଏବଂ ଏହା ସେହି ଗ୍ରହର ବାୟୁମଣ୍ଡଳକୁ ନିଜର ମୂଳ ନକ୍ଷତ୍ରର ବିକିରଣରୁ ସୁରକ୍ଷା ଦେବାରେ ସାହାଯ୍ୟ କରିଥାଏ।

ପୂର୍ବରୁ, ଆମ ସୌରଜଗତର ଗ୍ରହମାନଙ୍କରେ ଏପରି ରେଡିଓ ନିର୍ଗମନ ଦୃଶ୍ୟମାନ ହୋଇଥିଲେ ମଧ୍ୟ ଜ୍ୟୋତିର୍ବିଜ୍ଞାନୀମାନେ ଏଯାବତ୍ କୌଣସି ବହିଃସୌରଜଗତର ଗ୍ରହ ଓ ଏହାର ନକ୍ଷତ୍ର ମଧ୍ୟରୁ ସଠିକ୍ ଭାବରେ ସ୍ଥାନ ନିରୂପଣ କରିବାରେ ସଫଳ ହୋଇନଥିଲେ। ମାତ୍ର ଏଥର ଏହି ସଫଳତା ମିଳିଥିବାରୁ ଏହା ବିଜ୍ଞାନ ଜଗତରେ ଏକ ବଡ଼ ସଫଳତା ବୋଲି ବିବେଚନା କରାଯାଉଛି। ଏହି ଆବିଷ୍କାର ମାଧ୍ୟମରେ ଜ୍ୟୋତିର୍ବିଜ୍ଞାନୀମାନେ ୬୩ ଆଲୋକ ବର୍ଷ ଦୂରରୁ ସେହି ଗ୍ରହର ଚୁମ୍ବକୀୟ ପରିବେଶକୁ ଅନୁଧ୍ୟାନ କରିବା ପାଇଁ ଏକ ନୂତନ ଦ୍ୱାର ଉନ୍ମୋଚନ କରିଛନ୍ତି।

ନ୍ୟୁବର୍ଗ ଡାଇଗ୍ନୋଷ୍ଟିକ୍ସ-ପ୍ରୋଲାଇଫ୍ ଡାଇଗ୍ନୋଷ୍ଟିକ୍ସ ରଣନୈତିକ ଯୌଥ ଉଦ୍ୟୋଗ ଗଠନ

# ଓଡ଼ିଶାରେ ଉନ୍ନତ ଡାଇଗ୍ନୋଷ୍ଟିକ୍ସ ସମ୍ପ୍ରସାରଣ ହେବ

ଭୁବନେଶ୍ୱର, ୨୪।୯(ସଂଚାର ବ୍ୟୁରୋ): ଦେଶର ଅଗ୍ରଣୀ ସମନ୍ୱିତ ଡାଇଗ୍ନୋଷ୍ଟିକ୍ ନେଟୱର୍କ ମଧ୍ୟରୁ ଅନ୍ୟତମ ନ୍ୟୁବର୍ଗ ଡାଇଗ୍ନୋଷ୍ଟିକ୍ସ ସମଗ୍ର ଓଡ଼ିଶାରେ ଉଚ୍ଚମାନର, ସୁଲଭ ତଥା ଉନ୍ନତ ମାନର ଡାଇଗ୍ନୋଷ୍ଟିକ୍ ସେବା ଉପଲବ୍ଧ କରାଇବା ପାଇଁ ଭୁବନେଶ୍ୱରସ୍ଥିତ ପ୍ରୋଲାଇଫ୍ ଡାଇଗ୍ନୋଷ୍ଟିକ୍ସ ସହ ଏକ ରଣନୈତିକ ମିଳିତ ଉଦ୍ୟୋଗ (ଜଏଣ୍ଟ ଭେଞ୍ଚର) ସ୍ଥାପନ କରିଛି। ଏହି ନୂତନ ଉଦ୍ୟୋଗ 'ନିଉବର୍ଗ ପ୍ରୋଲାଇଫ୍', ନ୍ୟୁବର୍ଗର ସମଗ୍ର ଭାରତୀୟ ବ୍ୟାପ୍ତି, ଉନ୍ନତ ରୋଗ ନିର୍ଣ୍ଣୟ (ଡାଇଗ୍ନୋଷ୍ଟିକ୍) କ୍ଷମତା, ଉଚ୍ଚସ୍ତରୀୟ ଜ୍ଞାନକୌଶଳ, ଏଆଇ-ଆଧାରିତ ଆଇଟି ପ୍ଲାଟଫର୍ମ ଓ ଗୁଣବତ୍ତା ବ୍ୟବସ୍ଥାକୁ ପ୍ରୋଲାଇଫ୍ର ସୁନାମ, ସ୍ଥାନୀୟ ଉପସ୍ଥିତି ତଥା ଓଡ଼ିଶାର ସ୍ୱାସ୍ଥ୍ୟସେବା କ୍ଷେତ୍ର ବିଷୟରେ ଥିବା ଗଭୀର ବୁଝାମଣା ସହ ଏକତ୍ରିତ କରିବ। ନିଉବର୍ଗ ପ୍ରୋଲାଇଫ୍ ସାଧାରଣ ତଥା ବିଶେଷଜ୍ଞ ପାଥୋଲୋଜି,




ରେଡିଓଲୋଜି, ପ୍ରତିଷେଧକ ସୁସ୍ଥତା ଓ ଉନ୍ନତ ଡାଇଗ୍ନୋଷ୍ଟିକ୍ସ- ଯେପରିକି ଜେନୋମିକ୍ସ, ମେଟାବୋଲୋମିକ୍ସ, ପ୍ରୋଟିଓମିକ୍ସ, ଡିଜିଟାଲ୍ ପାଥୋଲୋଜି ଓ ଏଆଇଚାଳିତ ଉନ୍ନତ ରେଡିଓଲୋଜି ସମେତ ଏକ ବ୍ୟାପକ ସେବା ପରିସର ପ୍ରଦାନ କରିବ। ନ୍ୟୁବର୍ଗ ଡାଏଗ୍ନୋଷ୍ଟିକ୍ସର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଡକ୍ଟର ଜିଏସ୍କେ ଭେଲୁ କହିଛନ୍ତି ଯେ ନ୍ୟୁବର୍ଗର ସମଗ୍ର ଭାରତୀୟ ସମ୍ପ୍ରସାରଣ ଯାତ୍ରାରେ ଓଡ଼ିଶା ଏକ ଗୁରୁତ୍ୱପୂର୍ଣ୍ଣ ବଜାର, ଯେଉଁଠାରେ ପ୍ରମୁଖ ସହରାଞ୍ଚଳ ବାହାରେ ମଧ୍ୟ ଗୁଣାତ୍ମକ ତଥା ଉନ୍ନତ ରୋଗ ନିର୍ଣ୍ଣୟ (ଡାଏଗ୍ନୋଷ୍ଟିକ୍ସ) ସେବାର ଉପଲବ୍ଧତାକୁ ବୃଦ୍ଧି କରିବାର ଯଥେଷ୍ଟ ସମ୍ଭାବନା ରହିଛି।"

ଏହାର ସମ୍ପ୍ରସାରଣ ରଣନୀତିର ଏକ ଅଂଶ ଭାବେ ନ୍ୟୁବର୍ଗ ପ୍ରୋଲାଇଫ୍ ଭୁବନେଶ୍ୱର, କଟକ, ରାଉରକେଲା, ବ୍ରହ୍ମପୁର, ସମ୍ବଲପୁର, ପୁରୀ, ବାଲେଶ୍ୱର, ଭଦ୍ରକ, ବାରିପଦା ଓ ଝାରସୁଗୁଡ଼ାରେ ୧୦ଟି ସମନ୍ୱିତ ରୋଗ ନିର୍ଣ୍ଣୟ ତଥା ୱେଲନେସ୍ କେନ୍ଦ୍ର ପ୍ରତିଷ୍ଠା କରିବ। ଆଗାମୀ ଦୁଇ ବର୍ଷ ମଧ୍ୟରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ୧୦୦ରୁ ଅଧିକ ସାଟେଲାଇଟ୍ ଲାବୋରେଟୋରୀ ଓ ନମୁନା ସଂଗ୍ରହ କେନ୍ଦ୍ର ଦ୍ୱାରା ଏହି କେନ୍ଦ୍ରଗୁଡ଼ିକୁ ସହାୟତା ପ୍ରଦାନ କରାଯିବ। ନ୍ୟୁବର୍ଗ ପଲ୍ସ ଡାଏଗ୍ନୋଷ୍ଟିକ୍ସର ସିଇଓ ତଥା ପରିଚାଳନା ନିର୍ଦ୍ଦେଶିକା ସୁନୈନା ବିହାନୀ କହିଛନ୍ତି ଯେ ସମୃଦ୍ଧ ଐତିହ୍ୟ ଓ ଆଧ୍ୟାତ୍ମିକତାର ଭୂମି ଓଡ଼ିଶା, ଏକ ପ୍ରତିଶ୍ରୁତିପୂର୍ଣ୍ଣ ପ୍ରଗତିଶୀଳ ବଜାର ଭାବରେ ଉଭା ହେଉଛି। ରାଜ୍ୟର ଅଗ୍ରଗତି ସହ ଉନ୍ନତ ମାନର ସ୍ୱାସ୍ଥ୍ୟସେବା ପାଇବା ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିବ। ସେହିପରି ପ୍ରୋଲାଇଫ୍ ଡାଇଗ୍ନୋଷ୍ଟିକ୍ସର ସିଇଓ ତଥା ନିର୍ଦ୍ଦେଶକ ଓ ବିଶିଷ୍ଟ ପାଥୋଲୋଜିଷ୍ଟ ଡାକ୍ତର ମାନସ ବୈଶାଖି କହିଛନ୍ତି ଯେ ଲକ୍ଷଣ ପ୍ରକାଶ ପାଇବା ପରେ ରୋଗ ଚିହ୍ନଟ କରିବା ପରିବର୍ତ୍ତେ ପୂର୍ବରୁ ବିପଦକୁ ଆକଳନ କରିବା ତଥା ପ୍ରତିଷେଧକ ଓ ବ୍ୟକ୍ତିଗତ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବା ଦିଗରେ ଡାଇଗ୍ନୋଷ୍ଟିକ୍ସ କ୍ଷେତ୍ର ଦ୍ରୁତ ଗତିରେ ବିକଶିତ ହେଉଛି। ନ୍ୟୁବର୍ଗ ପ୍ରୋଲାଇଫ୍ ସଠିକତା, ଗୁଣବତ୍ତା ଏବଂ ସମୟୋପଯୋଗୀ ରିପୋର୍ଟ ପ୍ରଦାନକୁ ପ୍ରାଥମିକତା ଦେଇ ଓଡ଼ିଶାସାରା ରୋଗୀ ଓ ଚିକିତ୍ସକମାନଙ୍କ ନିକଟରେ ଏହି ସୁବିଧାଗୁଡ଼ିକୁ ପହଞ୍ଚାଇବ।

## ବିଂଶତମ ଗଣେଶ ମହୋତ୍ସବ ଉଦଯାପିତ

କଟକ, ୨୪।୯ (ସଂଚାର ବ୍ୟୁରୋ): କଟକ ତରୋଳ ପୂଜା କମିଟି ପକ୍ଷରୁ ୧୦ଦିନ ବ୍ୟାପି ଅନୁଷ୍ଠିତ ବିଂଶତମ ଗଣେଶ ମହୋତ୍ସବ ଉଦଯାପିତ ହୋଇଛି। ଅନ୍ତିମ ସନ୍ଧ୍ୟାକୁ ହାଇକୋର୍ଟ ବାର ଆସୋସିଏସନର ପୂର୍ବତନ ସଭାପତି ଡ଼ଃ ବିଜୟ କୁମାର ଦାଶ ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବରେ କମିଟିର ଅଧକ୍ଷ ତଥା ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ ଓ ମୁଖ୍ୟବକ୍ତା ଭାବରେ ବରିଷ୍ଠ ଆଇନଜୀବୀ ମନୋଜ କୁମାର ମିଶ୍ର ଯୋଗ ଦେଇଥିଲେ। ଦୀର୍ଘ ୨୦ବର୍ଷ ଧରି ଏହି କମିଟି ମାଧ୍ୟମରେ ଆୟୋଜନ କରାଯାଉଥିବା ଗଣପତିଙ୍କ ପୂଜା ଓ ସାଂସ୍କୃତିକ ମହୋତ୍ସବ ଅଞ୍ଚଳବାସୀଙ୍କୁ ଆନନ୍ଦ ଦେବା ସହିତ ଏଠାକାର ଭାଇଚାରାକୁ ସୁଦୃଢ଼ କରିଛି ବୋଲି ଅତିଥିମାନେ ମାତବ୍ୟକ୍ତ କରିଥିଲେ। ଏହି ଅବସରରେ ଆଗାମୀ ଏକବର୍ଷ ମଧ୍ୟରେ ବିଧାୟକ ଆଞ୍ଚଳିକ ପାଣ୍ଠିରୁ ଏଥରେ ମହୋତ୍ସବକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଏକ କମ୍ୟୁନିଟ ହଲ ଓ ଦର୍ଶକ ଗ୍ୟାଲେରୀ କରାଯିବ ବୋଲି ବିଧାୟକ ବିଶ୍ୱାଳ ଘୋଷଣା କରିଥିଲେ। ଏହି ଅବସରରେ କମିଟି ପକ୍ଷରୁ ବିଶିଷ୍ଟ ଡାକ୍ତର ଉପେନ୍ଦ୍ର କୁମାର ଦାସ, ଡାକ୍ତର ଶୁଭଙ୍କର ମିଶ୍ର, ଡାକ୍ତର ଶ୍ରୀକାନ୍ତ କୁମର ସ୍ୱାଇଁ, ସମାଜସେବୀ ସୁଖଦେବ ଅଗ୍ରୱାଲ, ଶିକ୍ଷାବିତ ରିତା ଦାସ, ଆଇନଜୀବୀ ଶର୍ମିଷ୍ଠା ପ୍ରିୟଦର୍ଶିନୀ ମହାନ୍ତି, ନିହାଲ ରଥ ଡ଼ଃ ସୁବ୍ରତ ମହାନ୍ତି ମନୋଜ ବିଶ୍ୱାଳ, ସର୍ବେଶ୍ୱର ବିଶ୍ୱାଳଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହିତ ରକ୍ତଦାତା, ବିବିଧ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ନୃତ୍ୟ ପରିବେଷଣ କରିଥିବା ନୃତ୍ୟଭୂମି ଅନୁଷ୍ଠାନର ଗୁରୁ ମୋନାଲିସା ଓଝା, ଗୁରୁ ସଞ୍ଜୟ ସାମଲ ଓ କଳାକାରଙ୍କୁ ସମ୍ମାନିତ କରାଯାଇଥଲା। ଆରମ୍ଭରେ ସାଧାରଣ ସମ୍ପାଦକ ଦୀପେଶ ମହାପାତ୍ର ଅତିଥି ପରିଚୟ ଓ ସ୍ୱାଗତଭାଷଣ ଦେଇଥିଲେ।

## କିରାଣିଙ୍କୁ ୪ ବର୍ଷ ଜେଲ୍

କଟକ,୨୪।୯(ସଂଚାର ବ୍ୟୁରୋ): ମରୁଡ଼ି ସହାୟତା ଟଙ୍କାର ଚେକ୍ ଦେବାକୁ ଜଣେ ଚାଷୀଙ୍କଠାରୁ ମାଗିଥିଲେ ୫ ହଜାର ଟଙ୍କା ଲାଞ୍ଚ। ଏହି ମାମଲାରେ ବରଗଡ଼ ଜିଲ୍ଲା ଭଟଲି ତହସିଲ କାର୍ଯ୍ୟାଳୟର ପୂର୍ବତନ ବରିଷ୍ଠ କିରାଣି ଗୋବର୍ଦ୍ଧନ ମେହେର ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ତାଙ୍କୁ ୪ ବର୍ଷ କଠୋର କାରାଦଣ୍ଡ ସହ ଜରିମାନା ଦଣ୍ଡାଦେଶ ହୋଇଛି। ବରଗଡ଼ ଭିଜିଲାନ୍ସ ସ୍ୱତନ୍ତ୍ର ଅଦାଲତ ଏହି ରାୟ ଶୁଣାଇଛନ୍ତି। ଗୋବର୍ଦ୍ଧନ ମେହେର ଭଟଲି ତହସିଲ କାର୍ଯ୍ୟାଳୟରେ ବରିଷ୍ଠ କିରାଣି ଭାବେ କାର୍ଯ୍ୟ କରୁଥିଲେ। ସେହି ସମୟରେ ଜଣେ ଚାଷୀଙ୍କୁ ମରୁଡ଼ି ସହାୟତା ରାଶିର ଚେକ୍ ପ୍ରଦାନ କରିବା ପାଇଁ ୫ ହଜାର ଟଙ୍କା ଲାଞ୍ଚ ଦାବି କରିବା ସହ ଏହାକୁ ଗ୍ରହଣ ମଧ୍ୟ କରିଥିଲେ। ଏହି ଘଟଣାରେ ଓଡ଼ିଶା ଭିଜିଲାନ୍ସ ତାଙ୍କ ବିରୋଧରେ ଦୁର୍ନୀତି ନିବାରଣ ଆଇନରେ ମାମଲା ରୁଜୁ କରି ଅଭିଯୋଗପତ୍ର ଦାଖଲ କରିଥିଲା। ବର୍ତ୍ତମାନ ସେ ବରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ରାଜସ୍ୱ ବିଭାଗରେ ବରିଷ୍ଠ କିରାଣି ଭାବେ କାର୍ଯ୍ୟରତ ଥିଲେ। ଦଣ୍ଡାଦେଶ ପରେ ତାଙ୍କୁ ଜେଲ୍ ପଠାଯାଇଛି। ଏଥିସହ ତାଙ୍କୁ ଚାକିରିରୁ ବହିଷ୍କାର କରିବା ପାଇଁ ଭିଜିଲାନ୍ସ ପକ୍ଷରୁ ସକ୍ଷମ କର୍ତ୍ତୃପକ୍ଷଙ୍କୁ ସୁପାରିସ କରାଯିବ ବୋଲି ଜଣାପଡିଛି।

## ସମାଜର ଜ୍ୱଳନ୍ତ ପ୍ରଶ୍ନକୁ ନେଇ ଚିନ୍ତାଶୀଳ ପ୍ରବନ୍ଧ 'ସ୍ୱାଧୀନ ଜିଜ୍ଞାସା' ଲୋକାର୍ପିତ



ଭୁବନେଶ୍ୱର, ୨୪।୯ (ସଂଚାର ବ୍ୟୁରୋ): ବିଶିଷ୍ଟ ସ୍ତମ୍ଭକାର ତଥା ସାମାଜିକ ବିଶ୍ଳେଷକ ଡ. ସ୍ୱାଧୀନ କୁମାର ଦାଶଙ୍କ ରଚିତ ପ୍ରବନ୍ଧ ବହି 'ସ୍ୱାଧୀନ ଜିଜ୍ଞାସା' ଗୀତଗୋବିନ୍ଦ ସଦନଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସାରସ୍ୱତ ସମାରୋହରେ ଲୋକାର୍ପିତ ହୋଇଯାଇଛି। ଏହି ଲୋକାର୍ପଣ ସମାରୋହରେ ପୂର୍ବତନ ବାଚସ୍ପତି ତଥା ବିଧାୟିକା ପ୍ରମିଳା ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ ଉଦଘାଟକ ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ପ୍ରଶାସକ ତଥା ଲବ୍ଧ ପ୍ରତିଷ୍ଠିତ ସାହିତ୍ୟିକ ଅଲେଖ ଚନ୍ଦ୍ର ପଢ଼ିଆରୀ ଯୋଗଦାନ କରିଥିଲେ। ଦୈନିକ 'ପ୍ରଗତିବାଦୀ'ର କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ ମୁଖ୍ୟବକ୍ତା, 'ଓଡ଼ିଶା ଭାସ୍କର'ର ମୁଖ୍ୟ ସମ୍ପାଦକ ତଥା ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକ ଏବଂ ବରିଷ୍ଠ ପ୍ରଶାସକ ମାନସ ରଞ୍ଜନ ସାମଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଓଡ଼ିଶା ସାମ୍ବାଦିକ ସଂଘର ସଭାପତି ତଥା ବରିଷ୍ଠ ସାମ୍ବାଦିକ ଶ୍ରୀଯୁକ୍ତ ପ୍ରସନ୍ନ ମହାନ୍ତି ସମାରୋହରେ ସଭାପତିତ୍ୱ କରିଥିଲେ। ପୁସ୍ତକଟିରେ ସମାଜର ବିଭିନ୍ନ ଜ୍ୱଳନ୍ତ ସମସ୍ୟା ସହ ଶିକ୍ଷା, ଗଣତନ୍ତ୍ର, ପ୍ରଶାସନିକ ବ୍ୟବସ୍ଥା, ନାରୀ ସମ୍ମାନ, ଯୁବପିଢ଼ିର ଭବିଷ୍ୟତ, ମାନବିକ ମୂଲ୍ୟବୋଧ, ଧର୍ମ, ସଂସ୍କୃତି ଓ ସାଧାରଣ ଲୋକଙ୍କ ଅଧିକାର ସମ୍ପର୍କିତ ବିଭିନ୍ନ ଚିନ୍ତନଶୀଳ ପ୍ରବନ୍ଧ ସ୍ଥାନ ପାଇଛି। ସାମାଜିକ ସମସ୍ୟାଗୁଡ଼ିକୁ କେବଳ ଉପସ୍ଥାପନ କରିବା ନୁହେଁ, ସେଗୁଡ଼ିକର ସମାଧାନ ଦିଗରେ ପାଠକଙ୍କ ମନରେ ପ୍ରଶ୍ନ, ଚିନ୍ତନ ଓ ସଚେତନତା ସୃଷ୍ଟି କରିବା ପୁସ୍ତକର ମୂଳ ଉଦ୍ଦେଶ୍ୟ ବୋଲି ଲେଖକ ଡ. ଦାଶ ପ୍ରକାଶ କରିଥିଲେ। ସମାରୋହରେ ବକ୍ତାମାନେ ପୁସ୍ତକର ବିଷୟବସ୍ତୁ, ଲେଖକଙ୍କ ସାମାଜିକ ଦାୟିତ୍ୱବୋଧ ଓ ନିର୍ଭୀକ ଲେଖନୀ ସମ୍ପର୍କରେ ଆଲୋଚନା କରିଥିଲେ। ସମାଜର ବିଭିନ୍ନ ବିସଙ୍ଗତି ଉପରେ ପ୍ରଶ୍ନ ଉଠାଇବା ସହ ତାହାର ସମାଧାନ ପାଇଁ ବୌଦ୍ଧିକ ଚିନ୍ତନର ଆବଶ୍ୟକତା ରହିଛି ବୋଲି ସେମାନେ ମତ ଦେଇଥିଲେ। 'ସ୍ୱାଧୀନ ଜିଜ୍ଞାସା' ସମକାଳୀନ ସମାଜର ବାସ୍ତବ ଚିତ୍ର, ସାଧାରଣ ମଣିଷର ସ୍ୱର ଓ ସମୟର ପ୍ରଶ୍ନକୁ ପ୍ରତିଫଳିତ କରୁଥିବା ଏକ ଚିନ୍ତନଧର୍ମୀ ପୁସ୍ତକ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଲେଖକ ଡ. ସ୍ୱାଧୀନ କୁମାର ଦାଶ ନିଜ ବକ୍ତବ୍ୟରେ କହିଥିଲେ ଯେ, 'ସ୍ୱାଧୀନ ଜିଜ୍ଞାସା' କେବଳ ଏକ ପୁସ୍ତକ ନୁହେଁ; ସମୟ, ସମାଜ ଓ ସାଧାରଣ ମଣିଷକୁ ନେଇ ତାଙ୍କ ମନରେ ସୃଷ୍ଟି ହୋଇଥିବା ପ୍ରଶ୍ନ, ଅନୁଭବ ଓ ଅନୁଭୂତିର ଏକ ସଂକଳନ। ପୁସ୍ତକଟି ପାଠକଙ୍କୁ ପ୍ରଶ୍ନ କରିବା, ଚିନ୍ତା କରିବା ଏବଂ ଏକ ସୁସ୍ଥ ସମାଜ ଗଠନ ଦିଗରେ ନିଜ ଭୂମିକା ସମ୍ପର୍କରେ ଆତ୍ମସମୀକ୍ଷା କରିବାକୁ ପ୍ରେରିତ କଲେ ତାଙ୍କ ଲେଖକୀୟ ପ୍ରୟାସ ସାର୍ଥକ ହେବ।

## ପୁଲିସ ବାହିନୀରେ ଦଳଗତ ଭାବନା ବଢ଼ାଇପାରେ ହକି

ଭୁବନେଶ୍ୱର,୨୪।୯(ସଂଚାର ବ୍ୟୁରୋ): ଓଡ଼ିଶା ସହ ହକିର ଗଭୀର ସମ୍ପର୍କ ରହିଥିବା ବେଳେ ଏହି ଖେଳର ଶୃଙ୍ଖଳା, ଦଳଗତ ଭାବନା, ସହଯୋଗ ଓ ଧୈର୍ଯ୍ୟ ଭଳି ଗୁଣ ପୁଲିସ କର୍ମଚାରୀଙ୍କ ବୃତ୍ତିଗତ ଦକ୍ଷତାକୁ ସୁଦୃଢ଼ କରିପାରେ ବୋଲି କହିଛନ୍ତି ସେଣ୍ଟ୍ରାଲ ରେଞ୍ଜ ଆଇଜି ଡଃ ସତ୍ୟଜିତ ନାୟକ। କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ୭୬ତମ ରାଜ୍ୟ ପୁଲିସ ହକି ଚାମ୍ପିୟନଶିପ୍-୨୦୨୬ରେ ଯୋଗଦେଇ



ସେ କହିଥିଲେ ଯେ ପୁଲିସ ବାହିନୀ ପାଇଁ ଶାରୀରିକ ସକ୍ଷମତା, ମାନସିକ ସତର୍କତା, ଶୃଙ୍ଖଳା, ଧୈର୍ଯ୍ୟ ଓ ଚାପରେ କାର୍ଯ୍ୟ କରିବାର କ୍ଷମତା ଅତ୍ୟନ୍ତ ଜରୁରୀ। ହକି ପଡ଼ିଆରେ ଯେପରି ପ୍ରତ୍ୟେକ ଖେଳାଳିଙ୍କ ମଧ୍ୟରେ ବିଶ୍ୱାସ ଓ ସମନ୍ୱୟ ଆବଶ୍ୟକ, ସେହିପରି ପୁଲିସ ବ୍ୟବସ୍ଥାରେ ମଧ୍ୟ ଦଳଗତ ଭାବନା ଓ ସାମୂହିକ ଦାୟିତ୍ୱ ଜରୁରୀ ବୋଲି ସେ କହିଥିଲେ। ଖେଳାଳିମାନେ ବିଜୟରେ ନମ୍ର ଓ ପରାଜୟରୁ ଶିକ୍ଷା ନେଇ ଆଗକୁ ବଢ଼ିବା ସହ ପ୍ରତିପକ୍ଷ, ଅମ୍ପାୟାର ଓ ଖେଳର ନିୟମକୁ ସମ୍ମାନ ଦେବାକୁ ଆଇଜି ଆହ୍ୱାନ ଦେଇଥିଲେ। ଯୁବ ପୁଲିସ କର୍ମଚାରୀମାନେ ନିୟମିତ କ୍ରୀଡ଼ାକୁ ଜୀବନର ଅଂଶ କରିବା ଉଚିତ ବୋଲି ସେ କହିବା ସହ ଚାମ୍ପିୟନଶିପ୍ ଆୟୋଜନ ପାଇଁ ଓଡ଼ିଶା ପୁଲିସ କ୍ରୀଡ଼ା ଓ ସାଂସ୍କୃତିକ ସଂଘ, ପ୍ରଶିକ୍ଷକ, ରେଫରି ଓ ସହାୟକ କର୍ମଚାରୀଙ୍କୁ ପ୍ରଶଂସା କରିଥିଲେ। ପ୍ରକୃତ ବିଜୟ କେବଳ ଟ୍ରଫି ଜିତିବାରେ ନୁହେଁ; ଜଣେ ଭଲ ଖେଳାଳି, ଭଲ ସାଥୀ ଓ ଶେଷରେ ଜଣେ ଭଲ ପୁଲିସ ଅଧିକାରୀ ହେବାରେ ରହିଛି ବୋଲି ଡଃ ନାୟକ କହିଥିଲେ।

## ସୁକୁମାର ସାହୁଙ୍କୁ ଗୋଲକ ମହାପାତ୍ରଙ୍କ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୨୪।୯(ସଂଚାର ବ୍ୟୁରୋ): ଭୁବନେଶ୍ୱର ଉତ୍ତର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଏମସି ୱାର୍ଡ ନଂ-୪ର କର୍ପୋରେଟର ସୁକୁମାର ସାହୁଙ୍କ ଅକାଳ ବିୟୋଗରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ବିୟୋଗରେ ପରିବାରବର୍ଗ,



ବନ୍ଧୁବର୍ଗଙ୍କ ମଧ୍ୟରେ ଏକ ଅପୂରଣୀୟ ଶୂନ୍ୟତା ସୃଷ୍ଟି ହୋଇଛି। ଭାରତୀୟ ଜନତା ପାର୍ଟିର ବରିଷ୍ଠ ନେତା ଗୋଲକ ମହାପାତ୍ର ଜୟ ସୋଲ କ୍ଲବଠାରେ ପହଞ୍ଚି ସ୍ୱର୍ଗତ ସୁକୁମାର ସାହୁଙ୍କ ପାର୍ଥିବ ଶରୀରର ଶେଷ ଦର୍ଶନ କରିଥିଲେ। ଅତ୍ୟନ୍ତ ଭାବବିହ୍ୱଳ ପରିବେଶରେ ସେ ସ୍ୱର୍ଗତ ସାହୁଙ୍କ ପାର୍ଥିବ ଶରୀର ଉପରେ ଭାରତୀୟ ଜନତା ପାର୍ଟିର ପତାକା ଅର୍ପଣ କରିବା ସହ ଗଭୀର ଶ୍ରଦ୍ଧା, ସମ୍ମାନ ଓ ଶୋକବ୍ୟକ୍ତ କରି ଅନ୍ତିମ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସ୍ୱର୍ଗତ ସୁକୁମାର ସାହୁ ଜଣେ ସରଳ, ମିଷ୍ଟଭାଷୀ ଓ ଲୋକଙ୍କ ସହ ସର୍ବଦା ନିବିଡ଼ ଭାବେ ଜଡ଼ିତ ଥିବା ଜନପ୍ରତିନିଧି ଭାବେ ନିଜର ସ୍ୱତନ୍ତ୍ର ପରିଚୟ ଗଢ଼ିଥିଲେ। ଅଞ୍ଚଳର ଲୋକଙ୍କ ସୁଖଦୁଃଖରେ ସାଥୀ ହେବା, ଜନସାଧାରଣଙ୍କ ସମସ୍ୟାକୁ ନିଜର ସମସ୍ୟା ଭାବେ ଗ୍ରହଣ କରି ସମାଧାନ ପାଇଁ ପ୍ରୟାସ କରିବା ଏବଂ ସମାଜସେବା ପ୍ରତି ତାଙ୍କର ନିଷ୍ଠା ତାଙ୍କୁ ସମସ୍ତଙ୍କ ନିକଟରେ ପ୍ରିୟ କରିଥିଲା।

## ଶାରଦୀୟ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

କଟକ, ୨୪।୯(ସଂଚାର ବ୍ୟୁରୋ): ଶାରଦୀୟ ଦୁର୍ଗାପୂଜାକୁ ସୁବ୍ୟବସ୍ଥିତ ଭାବେ ପାଳନ ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ ସ୍ଥାନୀୟ ନେତାଜୀ ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଅଧ୍ୟକ୍ଷତା କରି ଜନସାଧାରଣଙ୍କ ସୁରକ୍ଷିତ ପାର୍ବଣ ଉପରେ ଗୁରୁତ୍ୱ ଦେଇଛନ୍ତି। ପୂଜା ସମୟରେ ଟ୍ରାଫିକ୍ ପରିଚାଳନା, ବିଦ୍ୟୁତ୍, ପାନୀୟଜଳ, ଶୌଚାଳୟ, ପ୍ରବେଶପଥ, ଆଇନଶୃଙ୍ଖଳା ଓ ଅନ୍ୟାନ୍ୟ ଆଲୋଚିତ ବିଷୟ ଉପରେ ମତାମତ ରଖି ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀ ମାନେ ସମସ୍ତ କାର୍ଯ୍ୟ ପୂଜା ପୂର୍ବରୁ ଶେଷ କରିବାପାଇଁ ନିର୍ଦ୍ଦେଶ ଦେଇଥିଲେ।

୪୬ତମ ଉଚ୍ଚସ୍ତରୀୟ ମଞ୍ଜୁରୀ କର୍ତ୍ତୃପକ୍ଷଙ୍କ ନିବେଶ ଅନୁମୋଦନ ପ୍ରସଙ୍ଗ

## ସମାବେଶୀ ଶିଳ୍ପାୟନ ପାଇଁ ସରକାର ଓ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲା ବିଜେପି

ଭୁବନେଶ୍ୱର,୨୪।୯(ସଂଚାର ବ୍ୟୁରୋ): ରାଜ୍ୟରେ ବିଜେପି ସରକାର ଗଠନ ହେବା ପରେ ମାଇନ୍ସ ସମେତ ମାଇଣ୍ଡ ଇକୋନୋମିକୁ ଗୁରୁତ୍ୱ ଦିଆଯାଉଛି। ନୂତନ ପିଢି ଶିଳ୍ପାୟନର ଆଧାରଶୀଳା ହେଉଛି ଡାଟା ସେଣ୍ଟର ଓ ଏଆଇ। ରାଜ୍ୟରେ ଶିଳ୍ପାୟନକୁ ତ୍ୱରାନ୍ୱିତ କରିବା ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବା ପାଇଁ ଗତକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୪୬ତମ ଉଚ୍ଚସ୍ତରୀୟ ମଞ୍ଜୁରୀ କର୍ତ୍ତୃପକ୍ଷ ବୈଠକ (ଏଚ୍ଏଲ୍ସି)ରେ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସର ଅନୁମୋଦନ ପ୍ରଦାନ କରାଯାଇଛି। ବୈଠକରେ ୨୭ଟି ବୃହତ୍ ପ୍ରକଳ୍ପକୁ ଅନୁମୋଦନ ମିଳିବା ଓଡ଼ିଶାର ଶିଳ୍ପ ବିକାଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଓ ସ୍ୱାଗତଯୋଗ୍ୟ ପଦକ୍ଷେପ। ବିପୁଳ ନିଯୁକ୍ତି, ଶିଳ୍ପ ବିବିଧତା ଓ ସମାବେଶୀ ଶିଳ୍ପାୟନ ପାଇଁ ରାଜ୍ୟ ସରକାର ଓ ମୁଖ୍ୟମନ୍ତ୍ରୀଙ୍କୁ ବିଜେପି ପକ୍ଷରୁ ଧନ୍ୟବାଦ ଦିଆଯାଇଛି। ମୋଟ ପ୍ରାୟ ୨.୪୭ ଲକ୍ଷ କୋଟିର ନିବେଶ ସହ ଏହି ପ୍ରକଳ୍ପଗୁଡ଼ିକ ରାଜ୍ୟର ୧୫ଟି ଜିଲ୍ଲାରେ ସ୍ଥାପିତ ହେବା ସହ ପ୍ରାୟ ୫୦,୧୬୨ଟି ନୂତନ ନିଯୁକ୍ତି ଓ ରୋଜଗାର ସୁଯୋଗ ସୃଷ୍ଟି କରିବ। ଏହା କେବଳ ନିବେଶର ପରିମାଣକୁ ଦର୍ଶାଉନାହିଁ, ବରଂ ଓଡ଼ିଶାରେ ଶିଳ୍ପ, ପ୍ରଯୁକ୍ତି, ଭିତ୍ତିଭୂମି ଓ ମାନବ ସମ୍ବଳ ବିକାଶ ପାଇଁ ବଢୁଥିବା ସୁଯୋଗକୁ ମଧ୍ୟ ପ୍ରତିଫଳିତ କରୁଛି। ବିଶେଷକରି ଆଇଟି, ଆଇଟିଇଏସ୍ ଓ ଡାଟା ସେଣ୍ଟର କ୍ଷେତ୍ରରେ ପ୍ରାୟ ୧.୪୩ ଲକ୍ଷ କୋଟିର ନିବେଶ ଅନୁମୋଦିତ ହେବା ଓଡ଼ିଶାର ଅର୍ଥନୀତିକୁ ନୂତନ ପ୍ରଯୁକ୍ତି ଓ ଡିଜିଟାଲ୍ ଅର୍ଥନୀତି ସହ ଯୋଡ଼ିବାର ଅବସର ସୃଷ୍ଟି କରିବ। ଖୋର୍ଦ୍ଧାରେ ପ୍ରସ୍ତାବିତ ଇଣ୍ଟିଗ୍ରେଟେଡ୍ ଡାଟା ସେଣ୍ଟର ପାର୍କ ଭଳି ପ୍ରକଳ୍ପ ସମେତ କଟକ ଓ ପୁରୀର ଅନୁମୋଦିତ ଡାଟା ସେଣ୍ଟର ରାଜ୍ୟର ଡିଜିଟାଲ୍ ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବା ସହ ଭବିଷ୍ୟତରେ ଏଆଇ, କ୍ଲାଉଡ୍ କମ୍ପ୍ୟୁଟିଂ, ଡିଜିଟାଲ୍ ସେବା ଓ ଅନ୍ୟାନ୍ୟ ଉଚ୍ଚ ପ୍ରଯୁକ୍ତି କ୍ଷେତ୍ର ପାଇଁ ନୂତନ ସୁଯୋଗ ସୃଷ୍ଟି କରିପାରିବ। ବିଜେଡିଠାରୁ ଉତ୍ତରାଧିକାର ସୂତ୍ରରେ ପାଇଥିବା ଦୁର୍ବଳ ଡାଟା ସେଣ୍ଟର ଇକୋସିଷ୍ଟମରେ ଏହା ନୂତନ ଜୀବନ ଭରିଦେବ। ଏଥିସହ ଶକ୍ତି, ଇସ୍ପାତ, ସେମିକଣ୍ଡକ୍ଟର, ସବୁଜ ଶକ୍ତି, ଜାହାଜ ନିର୍ମାଣ ଓ ଅନ୍ୟାନ୍ୟ ଆଧୁନିକ ଶିଳ୍ପ କ୍ଷେତ୍ରରେ ନିବେଶ ଓଡ଼ିଶାର ଶିଳ୍ପ ଭିତିକୁ ଆହୁରି ବିବିଧ ଓ ସୁଦୃଢ଼ କରିବ। ଦେବଗଡ଼ ଓ ଅନୁଗୋଳରେ ତାପଜ ବିଦ୍ୟୁତ୍ ପ୍ରକଳ୍ପକୁ ଅନୁମୋଦନ ମଧ୍ୟ ରାଜ୍ୟର ଶକ୍ତି ଭିତ୍ତିଭୂମି ବିକାଶ ଦିଗରେ ଅତ୍ୟନ୍ତ ଅନୁକୂଳ ହେବ।

ଏହି ବୃହତ୍ ନିବେଶ ରାଜ୍ୟରେ ନୂତନ ଶିଳ୍ପ ସୃଷ୍ଟି ସହ ଏମ୍ଏସ୍ଏମ୍ଇ, ଷ୍ଟାର୍ଟଅପ୍, ସ୍ଥାନୀୟ ବ୍ୟବସାୟ ଏବଂ ଯୁବ ଉଦ୍ୟୋଗୀମାନଙ୍କ ପାଇଁ ପରୋକ୍ଷ ଭାବେ ମଧ୍ୟ ଅନେକ ସୁଯୋଗ ଆଣିପାରିବ। ନୂତନ ଶିଳ୍ପ ସହ ଦକ୍ଷତା ବିକାଶ, ସପ୍ଲାଏ ଚେନ୍, ସେବା କ୍ଷେତ୍ର ଓ ସ୍ଥାନୀୟ ଅର୍ଥନୀତିର ବିକାଶର ମଧ୍ୟ ସମ୍ଭାବନା ସୃଷ୍ଟି କରିବ। ଓଡ଼ିଶାକୁ ଏକ ନିବେଶ-ଅନୁକୂଳ, ଶିଳ୍ପ-ଅନୁକୂଳ ଓ ଭବିଷ୍ୟତମୁଖୀ ରାଜ୍ୟ ଭାବେ ଆଗେଇ ନେବା ସହ ଓଡ଼ିଶାର ଶିଳ୍ପ କ୍ଷେତ୍ରରେ ବିବିଧତା ଆଣିବା ଓ ଶିଳ୍ପାୟନକୁ ସମାବେଶୀ ଓ ବିବିଦ୍ଧ କରିବା ଦିଗରେ ଏହା ଏକ ପ୍ରଶଂସନୀୟ ପଦକ୍ଷେପ ଓ ନୂତନ ଅଧ୍ୟାୟ ବୋଲି ଏକ ମିଳିତ ବିବୃତି ଜରିଆରେ ବିଜେପି ମୁଖପାତ୍ର ସତ୍ୟବ୍ରତ ପଣ୍ଡା ଓ ବିଜେପି ଶିଳ୍ପ ପ୍ରକୋଷ୍ଠର ରାଜ୍ୟ ସଂଯୋଜକ ଡ. ତପନ ଚାନ୍ଦ କହିଛନ୍ତି।

ଜୁନିୟର କ୍ଲର୍କ ନିଯୁକ୍ତିରେ ଅନିୟମିତତା ଅଭିଯୋଗ

# ଚୌଦ୍ୱାର କଲେଜର ପୂର୍ବତନ କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ୍

କଟକ,୨୪।୯(ସଂଚାର ବ୍ୟୁରୋ): ଚୌଦ୍ୱାର କଲେଜରେ ଜୁନିୟର କ୍ଲର୍କ ଭାବେ ନିଯୁକ୍ତି ଓ ପରବର୍ତ୍ତୀ ସମୟରେ ହୋଇଥିବା ଅନିୟମିତତା ଅଭିଯୋଗକୁ ନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କଲେଜର ପୂର୍ବତନ ଜୁନିୟର କ୍ଲର୍କ ରବୀନ୍ଦ୍ର କୁମାର ପୃଷ୍ଟିଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଛି। ବିଭାଗର ପତ୍ର ସଂଖ୍ୟା ୪୧୧୫୭, ୩୧।୭।୨୦୨୬ ଓ ମାମଲା ନମ୍ବର ଏଚ୍ଇ-ଏନ୍ସିଇଆର୍ଟି-ଏ-କେସ୍-୩୪୯-୨୦୨୫ ଅନୁସାରେ ଏହି ପଦକ୍ଷେପ ନିଆଯାଇଛି।

ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକଙ୍କ ଅଧୀନରେ ହୋଇଥିବା ତଦନ୍ତରେ ଶ୍ରୀ ପୃଷ୍ଟିଙ୍କ ନିଯୁକ୍ତି ଓ ସେବା ରେକର୍ଡରେ କେତେକ ଅସଙ୍ଗତି ଥିବା ଦର୍ଶାଯାଇଛି। ରିପୋର୍ଟ ଅନୁସାରେ, ଗତ ଅଗଷ୍ଟ ୨୯ରୁ ୮୯ ଦିନ ପାଇଁ ତାଙ୍କୁ ଦିଆଯାଇଥିବା ପ୍ରାରମ୍ଭିକ ନିଯୁକ୍ତି ପତ୍ରର ପ୍ରାମାଣିକତା ନେଇ ପ୍ରଶ୍ନ ରହିଛି। ଏଥିସହିତ ୧୯୮୮ ଡିସେମ୍ବର ୭ର ଅନ୍ୟ ଏକ ନିଯୁକ୍ତି ଆଦେଶରେ ସେହି ପଦବୀ ପାଇଁ ଅନ୍ୟ ଜଣଙ୍କ ନାମ ଥିବା ମଧ୍ୟ ରିପୋର୍ଟରେ ଉଲ୍ଲେଖ ରହିଛି। ତଦନ୍ତରେ ଶ୍ରୀ ପୃଷ୍ଟିଙ୍କ ମାଟ୍ରିକ୍ ସାର୍ଟିଫିକେଟ ଓ ମାର୍କସିଟ୍ର ମୂଳ ଦଲିଲ ଉପଲବ୍ଧ ନ ଥିବା ଏବଂ ଫାଇଲ୍ରେ ଥିବା ସାର୍ଟିଫିକେଟର ନକଲ ୧୯୯୩ରେ ଜାରି ହୋଇଥିବା ଦର୍ଶାଯାଇଛି। ୧୯୮୮ରେ ଯୋଗଦାନ ଦର୍ଶାଯାଇଥିବା ପରିପ୍ରେକ୍ଷୀରେ ଏହି ତଥ୍ୟକୁ ନେଇ ତଦନ୍ତକାରୀ ଅଧିକାରୀ ପ୍ରଶ୍ନ ଉଠାଇଛନ୍ତି। ଏହାଛଡ଼ା ୧୯୯୫ରେ ନିଯୁକ୍ତି ସମ୍ପର୍କିତ 'ବି ଫର୍ମ' ଓ ଅନ୍ୟାନ୍ୟ ଆବଶ୍ୟକ ରେକର୍ଡ ବିଭାଗକୁ ଦାଖଲ ହୋଇ ନ ଥିବା କଥା ମଧ୍ୟ ରିପୋର୍ଟରେ ରହିଛି।

ବେତନ ରେକର୍ଡରେ ପ୍ରଥମେ ତାଙ୍କ ପଦବୀ 'ଲାଇବ୍ରେରୀ ଆଟେଣ୍ଡାଣ୍ଟ' ଭାବେ ଲେଖାଯାଇ ପରେ ଏହାକୁ କାଟି 'କ୍ଲର୍କ' କରାଯାଇଥିବା ତଦନ୍ତରେ ଦର୍ଶାଯାଇଛି। ଜୁନିୟର କ୍ଲର୍କ ପଦରେ ସେବା ନିୟମିତକରଣ ସମ୍ପର୍କରେ ଆବଶ୍ୟକ ଦଲିଲ ଓ ଗଭର୍ଣ୍ଣିଂ ବଡିର ଅନୁମୋଦନର ପ୍ରମାଣ ମଧ୍ୟ ରେକର୍ଡରୁ ମିଳୁନଥିବା ରିପୋର୍ଟରେ କୁହାଯାଇଛି। ଏହି ଆଧାରରେ ତଦନ୍ତକାରୀ ଅଧିକାରୀ ଅଭିଯୋଗଗୁଡ଼ିକରେ ମେରିଟ୍ ଥିବା ମତ ଦେଇଛନ୍ତି। ଏହାପରେ ବିଭାଗ ପକ୍ଷରୁ ଶ୍ରୀ ପୃଷ୍ଟିଙ୍କୁ ତାଙ୍କୁ ସରକାରୀ ଅନୁଦାନରୁ ମିଳିଥିବା ଦରମା ଓ ଅନ୍ୟାନ୍ୟ ସୁବିଧା କାହିଁକି ଜାରି ରଖାଯିବ, ସେ ସମ୍ପର୍କରେ ୧୫ ଦିନ ମଧ୍ୟରେ ଜବାବ ଦେବାକୁ କୁହାଯାଇଛି। ସବୁଠୁ ବଡ଼ କଥା ହେଲା ଶ୍ରୀ ପୃଷ୍ଟିଙ୍କୁ ତାଙ୍କ ଅବସରର ଦିନକ ପୂର୍ବରୁ ଏହି ନୋଟିସ ମିଳିଛି। ନୋଟିସ୍ର ନକଲ ଚୌଦ୍ୱାର କଲେଜର ଅଧ୍ୟକ୍ଷ, ନେତାଜୀ ସୁଭାଷ ମେମୋରିଆଲ ସିଟି କଲେଜ, ରାଜାବଗିଚାର ଅଧ୍ୟକ୍ଷ, କଟକ ଉପଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳଙ୍କୁ ପଠାଯାଇଛି। ମାଟ୍ରିକ ସାର୍ଟିଫିକେଟର ବୈଧତାକୁ ନେଇ ପ୍ରଶ୍ନ ଉଠିଥିବାରୁ ଅନେକ ଜାଲ୍ କର୍ମଚାରୀ, ଯେଉଁମାନେ ଏହିଭଳି ଜାଲ୍ ସାର୍ଟିଫିକେଟ ପ୍ରଦାନ କରି ଚାକିରି ସାରିଦେବାକୁ ବସିଛନ୍ତି ସେମାନଙ୍କ ଛାତିରେ ଛନକା ପଶିବା ଆରମ୍ଭ କରିଛି। ତେବେ ନୋଟିସ୍ ଜାରି ହେବା ଅଭିଯୋଗ ପ୍ରମାଣିତ ହୋଇଥିବାର ଚୂଡ଼ାନ୍ତ ନିଷ୍ପତ୍ତି ନୁହେଁ; ଶ୍ରୀ ପୃଷ୍ଟିଙ୍କ ଜବାବ ଓ ରେକର୍ଡ ଯାଞ୍ଚ ପରେ ବିଭାଗ ପରବର୍ତ୍ତୀ ନିଷ୍ପତ୍ତି ନେବ ବୋଲି କୁହାଯାଉଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିହାରରୁ ଉତ୍ତରପ୍ରଦେଶ...

ପ୍ରତି ଭୟ ଓ ଅବିଶ୍ୱାସ ବଢ଼ିଯାଏ। ଫଳସ୍ୱରୂପ ବିହାରରୁ ଉତ୍ତର ପ୍ରଦେଶ ସବୁଠି ନାରୀ ଅସୁରକ୍ଷିତ ହୋଇପଡ଼ିଛନ୍ତି। ବିହାରର ଜମୁଇ ଜିଲ୍ଲାରେ କୋଚିଂ କ୍ଲାସ୍ ସାରି ଫେରୁଥିବା ଦଶମ ଶ୍ରେଣୀର ଜଣେ ଛାତ୍ରୀଙ୍କୁ ରାସ୍ତା ଉପରେ କିଛି ଯୁବକ ଘେରିଯାଇ ଅଶାଳୀନ ଅତ୍ୟାଚାର କରିଥିଲେ। ଶନିବାର ସନ୍ଧ୍ୟାରେ ମୋଟରସାଇକେଲରେ ଫେରିବା ବେଳେ ଅଭିଯୁକ୍ତମାନେ ସେମାନଙ୍କୁ ଅଶାଳୀନ ଭାବରେ ଛୁଇଁବା ସହ ମାରପିଟ କରିଥିଲେ। ଏବେ ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏହି ଘଟଣାର ଚର୍ଚ୍ଚା ଶେଷ ନ ଥିବା ବେଳେ ଏବେ ସମ୍ବଲପୁର ଜିଲ୍ଲାର କର୍ପୁରଗ୍ରାମ ଥାନା ଅନ୍ତର୍ଗତ ଜଗଦୀଶପୁର ଗାଁ ଡାମ ବାଇପାସ ରୋଡ଼ରୁ ଆଉ ଏକ ବର୍ବରତାର କାହାଣୀ ସାମ୍ନାକୁ ଆସିଛି। ସେଠାରେ ଜଣେ ଯୁବତୀ ଓ ତାଙ୍କ ବନ୍ଧୁଙ୍କୁ କିଛି ଦୁର୍ବୃତ୍ତ ଘେରିଯାଇ ଅସଦାଚରଣ କରିବା ସହ ଅଶ୍ଳୀଳ ଆଚରଣ ପ୍ରଦର୍ଶନ କରିଥିଲେ। ୧୬ ସେପ୍ଟେମ୍ବର ଏହି ଭିଡିଓ ଭାଇରାଲ ହେବା ପରେ ପୁଲିସ ତଦନ୍ତ ପ୍ରକାଶ କରି ଚାରି ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଜମୁଇ ଘଟଣାରେ ମଧ୍ୟ ପୁଲିସ ଏକସନ ମାଧ୍ୟମରେ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ସହ କିଛି ନାବାଳକଙ୍କୁ ଅଟକ ରଖିଛି, କିନ୍ତୁ ବାରମ୍ବାର ଘଟୁଥିବା ଏପରି ଘଟଣା ରାଜ୍ୟର ଆଇନ ଶୃଙ୍ଖଳା ଏବଂ ନାରୀ ସୁରକ୍ଷାକୁ ନେଇ ଗଭୀର ଚିନ୍ତା ସୃଷ୍ଟି କରିଛି। ଏହି ସମସ୍ତ ଘଟଣା ଭିତରେ ଉତ୍ତର ପ୍ରଦେଶର ଅମ୍ବେଦକର ଜିଲ୍ଲାରୁ ଆସିଥିବା ଗଣଧର୍ଷଣ ମାମଲା ସମଗ୍ର ଦେଶକୁ ସ୍ତବ୍ଧ କରିଦେଇଛି। ଧାର୍ମିକ ସ୍ଥଳ ବୁଲାଇବା ନାଁରେ ପ୍ରଲୋଭିତ କରି ହରିୟାଣାର ଫତେହାବାଦ ଅଞ୍ଚଳର ଜଣେ ୨୩ ବର୍ଷୀୟା ଯୁବତୀଙ୍କୁ ଏକ ଫାର୍ମହାଉସରେ ଗଣଧର୍ଷଣ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ଜଣେ ସ୍ଥାନୀୟ ନେତାଙ୍କ ପୁଅଙ୍କ ସମେତ କେତେଜଣ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି। ପୀଡ଼ିତା ଜଣକ ରାଜ୍ୟ ମହିଳା ଆୟୋଗ ଓ ପୁଲିସ ମୁଖ୍ୟଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ଗଣଧର୍ଷଣ, ଅପହରଣ ଓ ଅନ୍ୟାନ୍ୟ ଗୁରୁତର ଧାରାରେ ମାମଲା ରୁଜୁ କରାଯାଇଛି। ସେପ୍ଟେମ୍ବର ୨୧ରେ ଘଟଣା ସମ୍ପର୍କରେ ପୁଲିସ ଯୁବତୀଙ୍କ ଅଭିଯୋଗକୁ ଆଧାର କରି ମାମଲା ରୁଜୁ କରିଥିଲା। ପୁଲିସ କହିଛି ଯେ ଏହି ଘଟଣାରେ ଅଭିଯୁକ୍ତଙ୍କୁ ଧରିବା ପାଇଁ ଚଢ଼ାଉ ଜାରି ରହିଛି। ଘଟଣା ପରେ ଗୁରୁତର ଅବସ୍ଥାରେ ପୀଡ଼ିତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏହି ଘଟଣାରେ ପୁଲିସ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସମସ୍ତ ତାଲିକାଭୁକ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଜେଲ୍ ପଠାଇଛି।

### ରାଷ୍ଟ୍ରୀୟ ସଭାପତିଙ୍କ...

ପଦବୀ ବଢ଼ାଇ ରଖିଛନ୍ତି। ତାଙ୍କର କାର୍ଯ୍ୟକାଳ ଓଡ଼ିଶା ରହିଥିବା ବେଳେ ଭୁବନେଶ୍ୱର ତାଙ୍କର କେନ୍ଦ୍ର ଭାବେ ରହିବ। ବିଜେପି ବିଭିନ୍ନ ରାଜ୍ୟରେ ନିଜର ସାଙ୍ଗଠନିକ ଢାଞ୍ଚାକୁ ଅଧିକ ମଜବୁତ କରିବା ପାଇଁ ଏହି ନିଷ୍ପତ୍ତି ନେଇଛି। ଏହି ନୂତନ ଘୋଷଣା ଫଳରେ ଓଡ଼ିଶା ଆନୁଷ୍ଠାନିକ ଭାବେ ସୌଦାନ ସିଂହଙ୍କ ବ୍ୟାପକ ସାଙ୍ଗଠନିକ ଅଧିକାର କ୍ଷେତ୍ର ଅଧୀନକୁ ଆସିଥିବା ବେଳେ ମାନସ ମହାନ୍ତି ରାଜ୍ୟର ଶୀର୍ଷ ସାଙ୍ଗଠନିକ ପଦବୀରେ ରହିଛନ୍ତି। ବିଜେପିର ସରକାରୀ ବିଜ୍ଞପ୍ତି ଅନୁଯାୟୀ, ଏହି ସମସ୍ତ ନିଯୁକ୍ତି ତୁରନ୍ତ କାର୍ଯ୍ୟକାରୀ ହେବ।

### ନଅ ଦିନର ଅଧିବେଶନ...

ପ୍ରଶ୍ନକାଳ ମାତ୍ର ୧୩ ମିନିଟ ଚାଲିଥିବା ବେଳେ ଅପରାହ୍ନ ଅଧିବେଶନ ମାତ୍ର ୪ ମିନିଟ ପାଇଁ ଚାଲିଥିଲା। ଆଜି ପ୍ରଶ୍ନକାଳ ଆରମ୍ଭରୁ ବିଜେଡିକୁ ଭିନ୍ନ ମୁଡ୍ରେ ଦେଖିବାକୁ ମିଳିଥିଲା। ଗତକାଲି ବିଜେଡି ନେତ୍ରୀ ଏମ୍ଏମ୍ଡିଆର ଆଇନକୁ ନେଇ ଭିଡିଓ ଜାରି କରିବା ପରେ ଆଜି ବିଧାୟକମାନେ ଏହି ସଂଶୋଧିତ ଆଇନ ରଦ୍ଦ ଦାବିରେ ହଲ୍ଲାବୋଲ କରିଛନ୍ତି। ଗୃହରେ ବିଜେପି ବିରୋଧରେ ନାରାବାଜି କରି ପ୍ରବଳ ହଟ୍ଟଗୋଳ କରିଥିଲେ ବିରୋଧୀ ଦଳର ବିଧାୟକ। କାହା ସ୍ୱାର୍ଥରେ ଓଡ଼ିଶାକୁ ବଳି ପକାଉଛି କେନ୍ଦ୍ର ତାହାର ଜବାବ ମାଗିଥିଲେ ବିଧାୟକମାନେ। ଗୃହ ଭିତରେ ଓ ବାହାରେ ଦୁଇ ବିରୋଧ ଏମଏମଡିଆର ବିରୋଧରରେ ତୀବ୍ର ପ୍ରତିବାଦ ଉଷ୍ମ ହୋଇଛି ରାଜ୍ୟ ରାଜନୀତି। ବିଧାନସଭାର ବିଜେଡି ବିଧାୟକମାନେ ବାହାରି ଓଏମସି କାର୍ଯ୍ୟାଳୟକୁ ପ୍ରତିବାଦ କରି ପଶିଥିଲେ। ଓଏମସି କାର୍ଯ୍ୟାଳୟରେ ବିଜେଡି ବିଧାୟକ ଅର୍ଥନୈତିକ ଅବରୋଧ ଆରମ୍ଭ କରିଥିଲେ। ଆଗକୁ ପୂରା ଓଡ଼ିଶାରେ ଅର୍ଥନୈତିକ ଅବରୋଧକୁ ଜୋରଦାର କରିବାକୁ ଦଳ ଚେତାବନୀ ଦେଇଛି। ଅନ୍ୟପଟେ କଂଗ୍ରେସ ଗୃହରେ ପ୍ରତିବାଦ କରିବା ପରେ ଗାନ୍ଧିମୂର୍ତ୍ତି ତଳେ ପ୍ରତିବାଦ କରିଛି। ଏମଏମଡିଆର ସଂଶୋଧନ ଆଇନ ପ୍ରତ୍ୟାହାର ନ ହେବା ଯାଏ ପ୍ରତିବାଦ ଜାରି ରଖିବ ବୋଲି ଦଳ ଚେତାବନୀ ଦେଇଛି। ଦୁଇ ବିରୋଧୀ ୩ ଦିନ ଧରି ଶାସକ ଦଳକୁ ବିଧାନସଭାରେ ଷଣ୍ଢଆସୀ ଆକ୍ରମଣ କରିବା ପରେ ଶାସକ ଦଳ ମଧ୍ୟ ବିରୋଧୀଙ୍କୁ ଗୃହ ବାହାରେ ଧୋଇଛନ୍ତି। ବିଜେପି ବିଧାୟକ ପଦ୍ମଲୋଚନ ପଣ୍ଡା କହିଛନ୍ତି, ବିଧାନସଭା ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଛି। ବିରୋଧୀ ଦଳ କିନ୍ତୁ ବାଉଁଶ ରାଣୀ ଖେଳ ଖେଳୁଛନ୍ତି। ବିଜେଡି ଓଡ଼ିଶାରେ ଖଣିକୁ ଖୋଳ କରି ଦେଇଛନ୍ତି, ଶାହା କମିଶନ ଆସିକି ଧରିଲେ। ଏମ୍ଏମ୍ଡିଆର ପ୍ରସଙ୍ଗରେ ଆମେ ସବୁ ଦିନ ଆଲୋଚନା ପାଇଁ ରାଜି, କିନ୍ତୁ ବିଜେଡି ଡରୁଛି। ନିଜ ଦୋଷ ଲୁଚେଇବା ପାଇଁ ବିଜେଡି ଓ କଂଗ୍ରେସ ଗୃହ ବନ୍ଦ କରୁଛନ୍ତି ବୋଲି ଅଭିଯୋଗ ସହ ସେ ବିରୋଧୀ ଦଳକୁ ବିତର୍କର ଆହ୍ୱାନ ଦେଇଛନ୍ତି।

### ସମନ୍ୱିତ ପ୍ରୟାସ...

ସଂଲଗ୍ନ ଦକ୍ଷିଣ ଓଡ଼ିଶା ଉପରେ କେନ୍ଦ୍ରୀଭୂତ ହୋଇଥିଲା। ଏହା ଆନ୍ଧ୍ରପ୍ରଦେଶ କଳିଙ୍ଗପଟ୍ଟନମର ପ୍ରାୟ ୭୦ କିମି ପଶ୍ଚିମ-ଉତ୍ତର ପଶ୍ଚିମ, ରାୟଗଡ଼ାର ୮୦ କିମି ଦକ୍ଷିଣ-ଦକ୍ଷିଣ ପୂର୍ବ, କୋରାପୁଟର ୯୦ କିମି ପୂର୍ବ-ଦକ୍ଷିଣପୂର୍ବ ଏବଂ ଜଗଦଲପୁରର ୧୭୦ କିମି ପୂର୍ବ-ଦକ୍ଷିଣ ପୂର୍ବରେ ଅବସ୍ଥିତ ଥିଲା। ଏହି ଗଭୀର ଅବପାତ ଉତ୍ତର-ଉତ୍ତର ପଶ୍ଚିମ ଦିଗକୁ ଗତି କରି ଆଜି ସୁଦ୍ଧା ଧୀରେ ଧୀରେ ଦୁର୍ବଳ ହୋଇ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି। ଏହାପରେ ମଧ୍ୟ ପରବର୍ତ୍ତୀ ୨୪ ଘଣ୍ଟା ମଧ୍ୟରେ ଉତ୍ତର-ଉତ୍ତର ପଶ୍ଚିମ ଦିଗକୁ ଗତି କରି ଧୀରେ ଧୀରେ ଦୁର୍ବଳ ହେବାର ସମ୍ଭାବନା ରହିଛି। ଆସନ୍ତା ୧୨ ଘଣ୍ଟା ମଧ୍ୟରେ ଏହା ପ୍ରଥମେ ଉତ୍ତର-ପଶ୍ଚିମ ଦିଗକୁ ଗତି କରି ଏହାର ତୀବ୍ରତା ବଜାୟ ରଖିବାର ସମ୍ଭାବନା ରହିଛି। ପରବର୍ତ୍ତୀ ସମୟରେ ଏହା ଉତ୍ତର-ଉତ୍ତର ପଶ୍ଚିମ ଦିଗକୁ ଗତି କରି କ୍ରମେ ଦୁର୍ବଳ ହେବ। ଗଭୀର ଅବପାତ ଉପକୂଳ ଅତିକ୍ରମ କରି ଏବେ ସ୍ଥଳଭାଗ ଆଡ଼କୁ ଗତି କରୁଥିବାରୁ ରାଜ୍ୟ ସରକାର ପରିସ୍ଥିତି ଉପରେ ନିରନ୍ତର ନଜର ରଖିଛନ୍ତି।

### କ୍ଷୁବ୍ଧ ହେଲେ...

ହୋଇଥିବାରୁ ମଞ୍ଜୁରୀପ୍ରାପ୍ତ ଅଫିସରଙ୍କ ସଂଖ୍ୟା କମ୍। କାଳେ ୟୁପିଏସସି ପ୍ରଥମ ତିନି ଜଣଙ୍କ ମଧ୍ୟରୁ କାହାକୁ ଉପଯୁକ୍ତ ନ ପାଇବେ, ସେଥିପାଇଁ ବିକଳ୍ପ ସୁନିଶ୍ଚିତ କରିବା ଲାଗି ଲେଭଲ-୧୬ର ତିନି ଜଣ ଓ ଲେଭଲ-୧୫ରୁ ଅନ୍ୟ ୮ ଜଣଙ୍କୁ ମିଶାଇ ମୋଟ ୧୧ ଜଣ ଅଫିସରଙ୍କ ତାଲିକା ପଠାଯାଇଥିଲା। ମେ' ୧୪ ତାରିଖରେ ପଠାଯାଇଥିବା ପ୍ରସ୍ତାବରେ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଥିବା ପରଫରମାନ୍ସ ଆପ୍ରାଇଜାଲ ରିପୋର୍ଟ ଓ ସେବା ରେକର୍ଡ ଭିତ୍ତିରେ ସମସ୍ତ ଅଫିସରଙ୍କ ସାଧୁତା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ତେବେ ପୁଲିସ ଏସଆଇ ନିଯୁକ୍ତି ପରୀକ୍ଷା ଦୁର୍ନୀତିର ତଦନ୍ତ କରୁଥିବା ସିବିଆଇ ଅଗଷ୍ଟ ୪ରେ ଓପିଆରବିର ପୂର୍ବତନ ଅଧ୍ୟକ୍ଷ ସୁଶାନ୍ତ କୁମାର ନାଥଙ୍କୁ ପଚରାଉଚରା କରାଯିବାର ଆବଶ୍ୟକତା ପଡ଼ିପାରେ ବୋଲି ରାଜ୍ୟ ସରକାରଙ୍କୁ ଜଣାଇଥିଲେ। ତେବେ ସଲିସିଟର ଜେନେରାଲଙ୍କ ଏହି ଯୁକ୍ତି ଶୁଣାଣି ପରେ ଜଷ୍ଟିସ ଜୟମାଲ୍ୟ ବାଗଚୀ ଅତ୍ୟନ୍ତ କଡ଼ା ପ୍ରତିକ୍ରିୟା ବ୍ୟକ୍ତ କରି କହିଥିଲେ ଯେ 'ଇଣ୍ଟିଗ୍ରିଟି ସାର୍ଟିଫିକେଟ୍' ରୋକିବା ମାତ୍ରାଧିକ ପଦକ୍ଷେପ। ଆପଣ କ'ଣ ତାଙ୍କୁ ଅଭିଯୁକ୍ତଙ୍କ ଶ୍ରେଣୀରେ ଛିଡ଼ା କରାଇ ଦେଉଛନ୍ତି କି? ସରକାରଙ୍କ ଏହି ଆଚରଣ ଉଦ୍ଦେଶ୍ୟ ପ୍ରଣୋଦିତ କି ନୁହେଁ, ଆମେ ସେ କଥା କହୁନାହୁଁ। ଯଦି ଏହା କୁହାଯାଏ ଯେ କେବଳ ଗୋଟିଏ ମାମଲା ବିଚାରାଧୀନ ଥିବା କାରଣରୁ ହିଁ ଇଣ୍ଟିଗ୍ରିଟି ସାର୍ଟିଫିକେଟ୍ ରୋକାଯାଇପାରିବ, ତେବେ ଏହା ଆମକୁ ଏପରି ଏକ ନିଷ୍କର୍ଷ ଆଡ଼କୁ ନେଇଯିବ ଯାହା ଘୋଡ଼ା ଆଗରେ ଗାଡ଼ି ଯୋଚିବା ଭଳି କାମ ହେବ।

### ସଫେଇ ନାଁରେ...

ପର୍ଯ୍ୟନ୍ତ ସମସ୍ତ ୧୪ଟି ୱାର୍ଡର ସଫେଇ ଦାୟିତ୍ୱ ଘରୋଇ ସଂସ୍ଥା 'ପ୍ରତ୍ୟୁଷ ଏଜେନ୍ସି'କୁ ହସ୍ତାନ୍ତର କରାଯାଇଛି। ତେବେ ଏହି ଘରୋଇ ସଂସ୍ଥା ଅଧୀନରେ ଥିବା ୱାର୍ଡଗୁଡ଼ିକର ସ୍ଥିତି ଅତ୍ୟନ୍ତ ଶୋଚନୀୟ ରହିଛି। ପ୍ରତ୍ୟୁଷ ଏଜେନ୍ସିକୁ ପୌରପାଳିକା ପକ୍ଷରୁ ପ୍ରତି ମାସରେ ୧୮ ଲକ୍ଷ ୭୯ ହଜାର ୯୧୬ ଟଙ୍କାର ମୋଟା ଅଙ୍କର ବିଲ୍ ପେମେଣ୍ଟ କରାଯାଉଛି। ଏହି ସଂସ୍ଥା ପାଖରେ ୯୦ ଜଣ ସଫେଇ କର୍ମଚାରୀ ଓ ୨ ଜଣ ସୁପରଭାଇଜର କାର୍ଯ୍ୟ କରୁଛନ୍ତି ବୋଲି ତଥ୍ୟରେ କୁହାଯାଇଛି। କିନ୍ତୁ ବିପୁଳ ଅର୍ଥ ଓ ମାନବ ସମ୍ବଳ ଥାଇ ମଧ୍ୟ ୱାର୍ଡ ନମ୍ବର ୮ରୁ ୨୧ ପର୍ଯ୍ୟନ୍ତ ଅଞ୍ଚଳରେ ନିୟମିତ ସଫେଇ ହେଉନାହିଁ କି ଜାମ୍ ହୋଇ ରହିଥିବା ନାଳନର୍ଦ୍ଦମା ସଫା କରାଯାଉନାହିଁ। ଏଜେନ୍ସି ୯୦ ଜଣ କର୍ମଚାରୀଙ୍କୁ ନେଇ କାମ କରୁଥିବା ଦର୍ଶାଉଥିଲେ ମଧ୍ୟ କାମ କରୁଛନ୍ତି ମାତ୍ର ୪୦ ଜଣ। ସେହିପରି ବିଭିନ୍ନ ସମୟରେ ବନ୍ୟା, ବାତ୍ୟା କିମ୍ବା ରଥଯାତ୍ରା, ଦୁର୍ଗା ପୂଜା, ଗଜଲକ୍ଷ୍ମୀ ପୂଜା ଭଳି ପୂଜାପର୍ବ ସମୟରେ ଏଜେନ୍ସି ଦ୍ୱାରା ଅତିରିକ୍ତ ସଫେଇ କର୍ମଚାରୀ ଲଗାଇ ସଫେଇ କାର୍ଯ୍ୟ କରିବାକୁ ଏଗ୍ରିମେଣ୍ଟରେ ଉଲ୍ଲେଖ ଥିବା ବେଳେ ଏସବୁ କାମର ଅତିରିକ୍ତ ବିଲ୍ ହେଉଛି। ସେହିପରି ପ୍ରତ୍ୟୁଷ ଏଜେନ୍ସି ବର୍ଷେ ପାଇଁ କାମ କରିବାକୁ କାର୍ଯ୍ୟାଦେଶ ଥିବା ବେଳେ କାହା ସ୍ୱାର୍ଥରେ ୪ ବର୍ଷ ଧରି ଏହି ସଂସ୍ଥା କାମ କରୁଛି, ତାହା ବି ବୁଝାପଡୁନାହିଁ। ସମ୍ପୃକ୍ତ ଏଜେନ୍ସିର ଟେଣ୍ଡର ସରିଯାଇଥିଲେ ମଧ୍ୟ ସାନି ଟେଣ୍ଡର କରା ନ ଯାଇ ସେହି ପୁରୁଣା ଏଜେନ୍ସିକୁ କାଉନସିଲରେ ପ୍ରସ୍ତାବ ପକାଇ ୪ ବର୍ଷ ଧରି କେବଳ ଟେଣ୍ଡର ଅବଧି ବୃଦ୍ଧି କରାଯାଉଛି। ପ୍ରତ୍ୟୁଷ ଏଜେନ୍ସିର ଦାୟିତ୍ୱହୀନତା ଓ ନିମ୍ନମାନର କାର୍ଯ୍ୟ ବିରୋଧରେ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଅର୍ଥ ହରିଲୁଟ୍ ବିରୋଧରେ ତୁରନ୍ତ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସ୍ଥାନୀୟ ଅଧିବାସୀ ଦାବି କରିଛନ୍ତି।

### ଶାସକ ବିଧାୟକ...

ପୂର୍ବରୁ ବିରୋଧୀଙ୍କ ହଟ୍ଟଗୋଳ ପାଇଁ ଗୃହକୁ ମୁଲତବୀ କରିଦେଇଥିଲେ ଉପବାଚସ୍ପତି। ତେବେ ଗୃହ ବାହାରେ ଏହାର ଉତ୍ତର ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ। ସେ କହିଛନ୍ତି, ବର୍ଷାରେ କ୍ଷୟକ୍ଷତି ଆକଳନ କରିବା ଦାୟିତ୍ୱ ଜିଲ୍ଲାପାଳଙ୍କର। ସେମାନେ ସରକାରଙ୍କ ଏଜେନ୍ସି ଭାବେ ଗ୍ରାଉଣ୍ଡରେ କାମ କରୁଛନ୍ତି। ମୋ ଜାଣିବାରେ ଝାରସୁଗୁଡ଼ା ଜିଲ୍ଲାରେ ସେଭଳି ବର୍ଷା ହୋଇନି। ଝାରସୁଗୁଡ଼ା ଜିଲ୍ଲାପାଳ ବି କ୍ଷୟକ୍ଷତିର ରିପୋର୍ଟ ଏଯାଏ ଦେଇନାହାନ୍ତି। ଯଦି ଦେବେ ତା'ହେଲେ ମିଳିବ। ମୁଁ ଲୋକଙ୍କ ସମସ୍ୟା ଓ ଅଭିଯୋଗ ଶୁଣିବା ପାଇଁ ବସିଛି। କିଏ ବିଧାନସଭାରେ କ'ଣ ଦାବି କଲା ତାହା ମୋ ପାଇଁ ବଡ଼ ନୁହେଁ।

# ବେଆଇନ ବାଲି ଖନନ ଓ ଗଚ୍ଛିତକୁ ନେଇ ଅତିଷ୍ଠ ଗ୍ରାମବାସୀ

**ମାଲାନଗିରି,୨୪।୯ (ସଂଚାର ବ୍ୟୁରୋ):** ମାଲାନଗିରିରେ ଜିଲ୍ଲା ଖଇରପୁଟ ବ୍ଲକ ଅନ୍ତର୍ଗତ ଗୋଜିଆଗୁଡ଼ାରେ ପ୍ରବାହିତ ନଦୀ ମଧ୍ୟରୁ କିଛି ବ୍ୟକ୍ତିଙ୍କ ଦ୍ୱାରା ବେଆଇନ ଭାବେ ବାଲି ଖନନ ଓ ଗଚ୍ଛିତ କୁ ନେଇ ଅତିଷ୍ଠ ହୋଇପଡ଼ିଛନ୍ତି କମଳାପଦର ଗ୍ରାମବାସୀ। ଦିନକୁ ଦିନ ଜିଲ୍ଲାରେ ସରକାରୀ ତଥା ବେସରକାରୀ ନିର୍ମାଣ କାର୍ଯ୍ୟ ବୃଦ୍ଧି ପାଇବା ସହ ବାଲି ଦର ଆକାଶଛୁଆଁ ହୋଇପଡୁ ଥିବାରୁ ଏହା ଫାଇଦା ଉଠାଉଛନ୍ତି ବାଲି ବ୍ୟବସାୟୀ।ସୂଚନା ଅନୁଯାୟୀ ଉକ୍ତ ନଦୀରୁ ବାଲି ଖନନ ପାଇଁ କୌଣସି ସରକାରୀ ଆଦେଶ ନଥିବା ବେଳେ ଏହାର ଫାଇଦା ନେଉଛନ୍ତି ବାଲି ବ୍ୟବସାୟୀ ରାତି ଅଧିଆ ଜେସିବି ମେସିନ୍ ସାହାଯ୍ୟରେ ବାଲି ଉତ୍ତୋଳନ ସହ ଗାଁ ର ରାସ୍ତା ପାର୍ଶ୍ୱରେ ଗଚ୍ଛିତ ରଖି ଏହାକୁ ଚୋରା ଚାଲାଣ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାର ବିରୋଧ କଲେ କମଳା ପଦର ଗ୍ରାମବାସୀ ଙ୍କୁ ଗାଡ଼ି ଚପାଇ ଦେବାକୁ ମଧ୍ୟ ଧମକ ଦିଆଯାଉଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଅଧିକାରୀ ଙ୍କୁ ଏବାବଦରେ ସୂଚନା ଦେବା ପରେ କୌଣସି ସମାଧାନ ନ ହେବାରୁ ଗ୍ରାମବାସୀ ମାନେ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଏବାବଦ ରେ ମାଇନିଙ୍ଗ ଅଧିକାରୀଙ୍କ ସହିତ ଯୋଗା ଯୋଗ କରିବାରୁ ସେ



ବର୍ତ୍ତମାନ ସମୟରେ ଉକ୍ତ ସ୍ଥାନରେ ଖନନ କରିବା କୁ ମନା କରାଯିବା ସହ ବାଲି ଚାଲାଣ ପାଇଁ କୌଣସି ଆଦେଶ ଦିଆଯାଇ ନାହିଁ ଏବଂ ବର୍ତ୍ତମାନ ପରିବହନ ଆଦେଶ ବା (ଟିପି) କୁ ବନ୍ଦ କରାଯାଇଥିବା କହିଛନ୍ତି। ତେବେ ଏନେଇ କମଳାପଦର ଗ୍ରାମ ବାସୀଙ୍କ ପକ୍ଷରୁ ତୁରନ୍ତ ବେଆଇନ ଖନନ ସହ ଚୋରା ଚାଲାଣ ରୋକିବା ପାଇଁ ଗାଁ ମୁଖିଆ ମାଧବ ଖେମୁଣ୍ଡୁ, ମେମ୍ବର ପୂର୍ଣ୍ଣ ମୁଣ୍ଡାଗୁଡ଼ିଆ, ଗ୍ରାମର ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ଦେବେନ୍ଦ୍ର ଖିଲ, ରାମ ଖିଲ ସମବେତ ଗ୍ରାମବାସୀ ଉପଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

# ଗାର୍ଡ ୱାଲ ଧସି ଅସୁରକ୍ଷିତ ହୋଇପଡ଼ିଛି କଳିଙ୍ଗା ଘାଟି

## ଧସିଲା ନିର୍ମାଣାଧୀନ ୱାଲ





**ଫୁଲବାଣୀ,୨୪।୯ (ସଂଚାର ବ୍ୟୁରୋ):** ଆସନ୍ତା ତିନି ଦିନ ବ୍ୟାପି ହୋଇଥିବା ପ୍ରବଳ ବର୍ଷାକୁ ଆଖି ଆଗରେ ରଖି ସରକାର ସଚେତନ ଅଛନ୍ତି ତେଣୁ ଜିରୋ ମୃତାହତ ସହ କ୍ଷୟ କ୍ଷତି ନ ହେବ ବ୍ୟାପକ ପ୍ରସ୍ତୁତି ଆରମ୍ଭ କରିଛନ୍ତି।ଏହି ପରିପ୍ରେକ୍ଷୀରେ ଗଂଜାମ ଓ କନ୍ଧମାଳକୁ ସଂଯୋଗ କରୁଥିବା କଳିଙ୍ଗା ଘାଟିକୁ ମଧ୍ୟ ସୁରକ୍ଷା ଦୃଷ୍ଟିରୁ ବନ୍ଦ କରାଯାଇଛି। କିନ୍ତୁ ଆଜି ଅପରାହ୍ନରେ କଳିଙ୍ଗା ଘାଟିର ଗାର୍ଡ ୱାଲ ଧସି ଯାଇଛି ଫଳରେ ଅସୁରକ୍ଷିତ ହୋଇ ପଡ଼ିଛି କଳିଙ୍ଗା ଘାଟି।ସୂଚନା ଯୋଗ୍ୟ ଯେ ଲଗାତାର ବର୍ଷା ଫଳରେ କଳିଙ୍ଗା ଘାଟି ବନଦୁର୍ଗା ମନ୍ଦିର ନିକଟ ରେ ନିର୍ମାଣ ଧୀନ ଗାର୍ଡ ୱାଲ ପ୍ରବଳ ଜଳ ସ୍ରୋତରେ ଭାସି ଯାଇଛି।ତେଣୁ ଦେଖିବାକୁ କହିଲେ ଏକ ପ୍ରକାର କଳିଙ୍ଗା ଘାଟି ଅସୁରକ୍ଷିତ ହୋଇଛି।ବାତ୍ୟା ଲ୍ୟାଣ୍ଡ ଫାଲ କଲେ ସୁଦ୍ଧା ଆହୁରି ଚବିଶ ଘଣ୍ଟା ବର୍ଷା ପବନ ଆଶଙ୍କା ରହିଛି।ପୂର୍ବରୁ କଳିଙ୍ଗା ଘାଟିରେ ଭୂସ୍ଖଳନ ଯୋଗୁଁ ଦୁଇ ମାସ ରୁ ଉର୍ଦ୍ଧ୍ୱ ଦିନ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା। ବର୍ତ୍ତମାନ କଳିଙ୍ଗା ଘାଟି ର କିଛି ମାତ୍ରାରେ ମରାମତି ହୋଇ ଗୋଟାଏ ଛୋଟିଆ ରାସ୍ତା ନିର୍ମାଣ ହୋଇଥିଲା, କିନ୍ତୁ ବର୍ତ୍ତମାନ ସୁଦ୍ଧା କଳିଙ୍ଗା ଘାଟିର ଉପରେ ବଡ ବଡ ପଥର ଖସି ପୁଣି ଭୂସ୍ଖଳନ ହେବା ଆଶଙ୍କା ଦେଖା ଯାଉଛି।ଏହି ପରି କ୍ଷେତ୍ରରେ ସେହି ରାସ୍ତା ଦେଇ ଯାନବାହନ ଯିବା ଆସିବା କରିବା ଠିକ ନୁହଁ ତେଣୁ ଗଂଜାମ ଓ କନ୍ଧମାଳ ଜିଲ୍ଲା ପ୍ରଶାସନ ଅଶାନ୍ତ ୨୩ ତାରିଖ ୨୪ ତାରିଖ କଳିଙ୍ଗା ଘାଟିକୁ ବନ୍ଦ ରଖିଥିଲା ଓ ବର୍ତ୍ତମାନ ଉଭୟ ପଟେ ପୋଲିସ ମୁତୟନ ହୋଇଛି।

# ୪.୬୮ ଲିଟର ବିଦେଶୀ ମଦ ଜବତ, ଜଣେ ଗିରଫ

**ପାରାଦୀପ,୨୪।୯ (ସଂଚାର ବ୍ୟୁରୋ):** ବିଶ୍ୱକର୍ମା ପୂଜା ଅବସରରେ ଅବକାରୀ ବିଭାଗ ପକ୍ଷରୁ ବେଆଇନ ମଦ କାରବାର ବିରୋଧରେ ଚଢ଼ଉ କରାଯାଇ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି।



ପାରାଦୀପ ବାଲିପ୍ଲଟ ମାଛ ମାର୍କେଟ ନିକଟରୁ ୪.୬୮୦ ଲିଟର ବିଦେଶୀ ମଦ ସହ ଗୋଟିଏ ମୋଟର ସାଇକେଲ ଜବତ କରାଯାଇଛି। ଗିରଫ ବ୍ୟକ୍ତି ଜଣକ ହେଲେ ସୁବାଷ ଚନ୍ଦ୍ର ବେହେରା। ତାଙ୍କ ଘର ପାରାଦୀପ ଥାନା ଅଧୀନ ସୁନାଖଳା (ସୁକୁଆଖଳ) ବୋଲି ଜଣାପଡ଼ିଛି। ଘଟଣାରେ ଅବକାରୀ ବିଭାଗ ପକ୍ଷରୁ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଫରୱାର୍ଡ କରାଯାଇଛି। ବିଶ୍ୱକର୍ମା ପୂଜା ସମୟରେ କଣ୍ଟ୍ରୋଲ ରୁମ୍ ଡ୍ୟୁଟିରେ ଥିବା ପାରାଦୀପ ଅବକାରୀ ନିରୀକ୍ଷକ ଶ୍ରୀକାନ୍ତ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଏହି ଚଢ଼ଉ କରାଯାଇଥିଲା। ଏଥିରେ ଓଆଇସି ଧର୍ମପଦ ଦାସ, ଏଏସଆଇ ଗୟାଧର ସେଠୀ, ମନୋରଞ୍ଜନ ଦାସ, ଜୟଦେବ ପାତ୍ର ଓ ସନ୍ତୋଷୀ ସାହୁ ସାମିଲ ଥିଲେ।

# ଏମଏମଡିଆର କଳା ଆଇନ ପ୍ରତ୍ୟାହାର ଦାବିରେ ବ୍ୟାସନଗରରେ ଓଜେସିର ଦାବି ଦିବସ ପାଳନ

**ଯାଜପୁର ରୋଡ଼,୨୪।୯ (ସଂଚାର ବ୍ୟୁରୋ):** କେନ୍ଦ୍ର ସରକାରଙ୍କ ଏମ.ଏମ.ଡି.ଆର ସଂଶୋଧନ ଆଇନ-୨୦୨୬କୁ କଳା ଆଇନ ଆଖ୍ୟା ଦେଇ ଏହାର ପ୍ରତ୍ୟାହାର ଦାବିରେ ଓଡ଼ିଶା ଜନତା



କଂଗ୍ରେସ ପାର୍ଟି ପକ୍ଷରୁ ବ୍ୟାସନଗରରେ ଦାବି ଦିବସ ପାଳନ ହୋଇଛି। ଓ.ଜେ.ସି ଯାଜପୁର ଜିଲ୍ଲା ସଭାପତି ବିଦ୍ୟାଧର ମହାନ୍ତି'ଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଓ ଯୁବକ ବ୍ୟାସନଗର ପୌରାଞ୍ଚଳ ମହରର ଚୋରଦା ବାଇପାସ ଛକ ଠାରୁ ବାଇକ ଶୋଭାଯାତ୍ରାରେ ବାହାରି କେନ୍ଦ୍ର ସରକାରଙ୍କ ବିରୁଦ୍ଧରେ ନାରାବାଜି ଦେଇ ବ୍ୟାସନଗର ତହସିଲ କାର୍ଯ୍ୟାଳୟରେ ପହଂଚିଥିଲେ। ସେଠାରେ ମାଧବ ମହାପାତ୍ରଙ୍କ ସଭାପତିତ୍ୱରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା।ଜିଲ୍ଲା ସଭାପତି ବିଦ୍ୟାଧର ମହାନ୍ତି ଅଭିଯୋଗ କରି କହିଥିଲେ ଯେ, କେନ୍ଦ୍ର ବିଜେପି ସରକାର ଶିଳ୍ପପତିଙ୍କ ହାତବାରିସି ସାଜି ସୁପ୍ରିମକୋର୍ଟଙ୍କ ଆଦେଶକୁ ଅମାନ୍ୟ କରି ବିନା ବିତର୍କରେ ଅଧ୍ୟାଦେଶ ମାଧ୍ୟମରେ ଏହି କଳା ଆଇନ ପାରିତ କରିଛନ୍ତି। ଏହା ଦ୍ୱାରା ଦେଶର ଖଣିଜ ସମ୍ପଦ ଓ ଜଙ୍ଗଲ ଜମି ଆଦାନୀ-ଅମ୍ବାନୀ ଭଳି ଘରୋଇ ଶିଳ୍ପପତିଙ୍କ ହାତକୁ ଚାଲିଯିବ। ଯାଜପୁର ଭଳି ଖଣିଜ ଭରପୁର ଜିଲ୍ଲା ଏହି ଆଇନ ଦ୍ୱାରା ସବୁଠୁ ଅଧିକ କ୍ଷତିଗ୍ରସ୍ତ ହେବ ଏବଂ ରାଜ୍ୟ ସରକାର ଖଣିଜ ରାଜସ୍ୱ ହରାଇବା ସହ ଡି.ଏମ.ଏଫ ପାଣ୍ଠିରୁ ହେଉଥିବା ବିକାଶ କାର୍ଯ୍ୟ ଠପ୍ ହୋଇଯିବ ବୋଲି ସେ କହିଥିଲେ।

# କଲଭର୍ଟରେ ୫ ଫୁଟ୍ ପାଣି; ଜୀବନକୁ ବାଜି ଲଗାଇ ନଦୀ ପାର ହେଉଛନ୍ତି ଲୋକେ



**ନାରାୟଣପାଟଣା,୨୪।୯ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲାରେ ବାତ୍ୟା 'ଅର୍ଣ୍ଣବ୍'ର ପ୍ରଭାବରେ ପ୍ରବଳ ବର୍ଷା ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ବିଶେଷକରି ନାରାୟଣପାଟଣା ଅଞ୍ଚଳରେ ବର୍ଷାର ପ୍ରକୋପ ଅଧିକ ରହିଥିବା ବେଳେ ଅନେକ ସ୍ଥାନରେ ଜଳପ୍ରବାହ ବଢ଼ିଛି। ଗୁରୁବାର ରାତିର ଦୃଶ୍ୟ ଥିଲା ଆହୁରି ଭୟାବହ। ତେନ୍ତୁଳିପଦର କଲଭର୍ଟ ଉପରେ ପ୍ରାୟ ୫ ଫୁଟ୍ ଉଚ୍ଚରେ ପାଣି ପ୍ରବାହିତ ହେଉଥିଲା। ଫଳରେ ଯାତାୟାତ ଠପ୍ ହୋଇଯିବା ସହ ଲୋକେ ଦୀର୍ଘ ସମୟ ଧରି ଅପେକ୍ଷା କରିଥିଲେ। ତେବେ ଅପେକ୍ଷାର ଅନ୍ତ ନହେବାରୁ କିଛି ଲୋକ ବିପଦକୁ ଖାତିର ନକରି ଉଛୁଳା ନଦୀର ପ୍ରଖର ସ୍ରୋତ ମଧ୍ୟରେ ପାର ହେଉଥିବା ଦୃଶ୍ୟ ସାମ୍ନାକୁ ଆସିଛି। ଜୀବନକୁ ବାଜି ଲଗାଇ ଏଭଳି ଭାବେ ନଦୀ ପାର ହେବାର ଚିତ୍ର ଏହି ଅଞ୍ଚଳର ଯାତାୟାତ ବ୍ୟବସ୍ଥା ଓ ବର୍ଷାଦିନର ଦୁର୍ଦ୍ଦଶାର ଚିତ୍ରକୁ ସ୍ପଷ୍ଟ କରୁଛି। ପ୍ରବଳ ଜଳସ୍ରୋତ ସମୟରେ ଏଭଳି ଭାବେ ନଦୀ ପାର ହେବା ବିପଦପୂର୍ଣ୍ଣ ହୋଇଥିବାରୁ ପ୍ରଶାସନ ପକ୍ଷରୁ ତୁରନ୍ତ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ନାବାଳିକା ବିବାହ ରୋକିଲା ଚାଇଲ୍ଡ ହେଲ୍ପଲାଇନ୍, ୮ ଘଣ୍ଟା ପରେ ଉଦ୍ଧାର

**ଖୋର୍ଦ୍ଧା,୨୪।୯ (ସଂଚାର ବ୍ୟୁରୋ):** ଜିଲ୍ଲା ଟାଙ୍ଗୀ ବ୍ଲକ ଅଚ୍ୟୁତପୁର ଅଞ୍ଚଳରେ ନାବାଳିକା ବିବାହ ଆୟୋଜନ ହେଉଥିବା ଖବର ପାଇ ଚାଇଲ୍ଡ ହେଲ୍ପଲାଇନ୍ ଓ ଜଙ୍କିଆ ପୋଲିସ ଟିମ୍ ଚଢ଼ାଉ କରିଛନ୍ତି। ଟିମ୍ ପହଞ୍ଚିବା ପୂର୍ବରୁ ନାବାଳିକା ଓ ତାଙ୍କୁ ବିବାହ କରିବାକୁ ଥିବା ଯୁବକ ସେଠାରୁ ଚାଲିଯାଇଥିଲେ। ପ୍ରାୟ ୮ ଘଣ୍ଟାର ଖୋଜାଖୋଜି ପରେ ବେଗୁନିଆ ଥାନା ଅଞ୍ଚଳରୁ ନାବାଳିକାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଟାଙ୍ଗୀ ବ୍ଲକ, ଅଚ୍ୟୁତପୁର ରାଉଳ ସାହି ତାରାଦେବୀ ମନ୍ଦିର ନିକଟରେ ପ୍ରାୟ ୧୫ ବର୍ଷୀୟା ନାବାଳିକାଙ୍କ ବିବାହ ଆୟୋଜନ ହେଉଥିବା ନେଇ ଚାଇଲ୍ଡ ହେଲ୍ପଲାଇନ୍ ଖୋର୍ଦ୍ଧାକୁ ସୂଚନା ମିଳିଥିଲା। ସୂଚନା ପାଇବା ପରେ ଚାଇଲ୍ଡ ହେଲ୍ପଲାଇନ୍ ଟିମ୍,ଟାଙ୍ଗୀ ସିଡିପିଓ ଓ ଜଙ୍କିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ତେବେ ସେତେବେଳକୁ ନାବାଳିକା ଓ ବିବାହ ହେବାକୁ ଥିବା ସ୍ୱାମୀ ସେଠାରୁ ଚାଲିଯାଇଥିଲେ। ଘଟଣାସ୍ଥଳରେ ବିବାହ ଭୋଜି ପାଇଁ ଖାଦ୍ୟ ପ୍ରସ୍ତୁତ ସହ ବିବାହ ବେଦି ମଧ୍ୟ ପ୍ରସ୍ତୁତ ହୋଇଥିଲା। ପରେ



ପ୍ରାୟ ୮ ଘଣ୍ଟାର ନିରନ୍ତର ଖୋଜାଖୋଜି ପରେ ନାବାଳିକା ଜଣକ ବେଗୁନିଆ ଥାନା ଅଞ୍ଚଳରେ ଥିବା ଜଣାପଡ଼ିଥିଲା। ଚାଇଲ୍ଡ ହେଲ୍ପଲାଇନ୍ ଟିମ୍ ସେଠାରେ ପହଞ୍ଚି ନାବାଳିକାଙ୍କୁ ସୁରକ୍ଷିତ ଉଦ୍ଧାର କରିଥିଲେ। ପରେ ନାବାଳିକାଙ୍କୁ ସିଡବ୍ଲୁସି ଖୋର୍ଦ୍ଧାଙ୍କ ସମ୍ମୁଖରେ ଉପସ୍ଥାପନ କରାଯାଇଥିଲା। ସିଡବ୍ଲୁସିଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ ଖୋର୍ଦ୍ଧା ସ୍ଥିତ ଓପେନ୍ ସେଲ୍ଟରରେ ସୁରକ୍ଷିତ ଭାବେ ରଖାଯାଇଛି।

# ପ୍ରଜ୍ଞାଶ୍ରୀ ପଣ୍ଡାଙ୍କ ସ୍ମୃତିରେ ଶୋକସଭା

**ସୁନ୍ଦରଗଡ଼,୨୪।୯ (ସଂଚାର ବ୍ୟୁରୋ):** କାହ୍ନକୁଣ୍ଡରେ ଭାସିଯାଇ ଅକାଳ ମୃତ୍ୟୁବରଣ କରିଥିବା ସୁନ୍ଦରଗଡ଼ର ପ୍ରଜ୍ଞାଶ୍ରୀ ପଣ୍ଡାଙ୍କ ସ୍ମୃତିରେ ସୁନ୍ଦରଗଡ଼ ନୂଆପଡ଼ାସ୍ଥିତ ମିଶନ ଶକ୍ତି ଗୃହଠାରେ ବିଜେପି ନେତ୍ରୀ ଶ୍ରୀମତୀ ଶାନ୍ତି ସରାଫ ଙ୍କ ନେତୃତ୍ୱରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏହି ଶୋକସଭା ରେ ସୁନ୍ଦରଗଡ଼ ପୌରପାଳିକା ର ଅଧକ୍ଷା ଶ୍ରୀମତୀ ତନାୟ ମିଶ୍ର, ୧୮ ନମ୍ବର ୱାର୍ଡ ର ୱାର୍ଡ କାଉନସିଲର ଶ୍ରୀମତୀ କୌଶଳୀ ବାରିକ ସମେତ ଏହି ଶୋକସଭାରେ ସୁନ୍ଦରଗଡ଼ ସହରର ବିଭିନ୍ନ ଅଞ୍ଚଳର ମହିଳାମାନେ ଯୋଗଦେଇ ପ୍ରଜ୍ଞାଶ୍ରୀଙ୍କ ସ୍ମୃତିଚାରଣ କରିଥିଲେ। ତାଙ୍କ ଅକାଳ ବିୟୋଗରେ ଉପସ୍ଥିତ ମହିଳାମାନେ ଗଭୀର ଶୋକ ପ୍ରକାଶ କରିବା ସହ ତାଙ୍କ ଆତ୍ମାର ସଦ୍ଗତି କାମନା କରିଥିଲେ। ଶୋକସଭାରେ ପ୍ରଜ୍ଞାଶ୍ରୀଙ୍କ ଅମାୟିକ ବ୍ୟବହାର, ସ୍ନେହଶୀଳ ସ୍ୱଭାବ ଓ ସମସ୍ତଙ୍କ ସହ ତାଙ୍କର ଆତ୍ମୀୟତାକୁ ସ୍ମରଣ କରାଯାଇଥିଲା। ତାଙ୍କ ଅକାଳ ବିୟୋଗ ପରିବାର, ବନ୍ଧୁବର୍ଗ ଓ ପରିଚିତମହଲରେ ଏକ ଅପୂରଣୀୟ ଶୂନ୍ୟତା ସୃଷ୍ଟି କରିଥିବା ଉପସ୍ଥିତ ମହିଳାମାନେ କହିଥିଲେ।

# ସୋଆ ଆଇଡିଏସ୍ ପ୍ରଫେସର ଜାତୀୟ ସଂସ୍ଥାର ସଭାପତି ନିର୍ବାଚିତ

**ଭୁବନେଶ୍ୱର,୨୪।୯ (ସଂଚାର ବ୍ୟୁରୋ):** ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଣ୍ଟାଲ୍ ସାଇନ୍ସେସ୍ (ଆଇଡିଏସ୍)ର ପେଡ଼ିଆଟ୍ରିକ୍ସ ଆଣ୍ଡ ପ୍ରିଭେନ୍‌ଟିଭ୍ ଡେଂଟିଷ୍ଟ୍ରି ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) ସୁଶାନ୍ତ ମହାନ୍ତି ଇଣ୍ଡିଆନ୍ ସୋସାଇଟି ଅଫ୍ ପେଡ଼ିଆଟ୍ରିକ୍ସ ଆଣ୍ଡ ପ୍ରିଭେନ୍‌ଟିଭ୍ ଡେଂଟିଷ୍ଟ୍ରି (ଆଇଏସ୍‌ପିପିଡି)ର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ନିକଟରେ ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ଆଇଏସ୍‌ପିପିଡିର ୪୭ତମ ଜାତୀୟ ସମ୍ମିଳନୀରେ ସେ ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପୂବତର୍ନ ସଭାପତି ପ୍ରଫେସର ସୁଧୀନ୍ଦ୍ର ବାଲିଗାଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଥିବା ବେଳେ ଆଇଏସ୍‌ପିପିଡିର





ସମ୍ମାନିତ ମହାସଚିବ ପ୍ରଫେସର (ଡାକ୍ତର) ବରିନ୍ଦର ଗୋୟଲ ତାଙ୍କୁ ଔପଚାରିକ ଭାବେ ପଦବୀରେ ଅଭିଷିକ୍ତ କରିଥିଲେ। ସଭାପତି ଭାବେ ନିଜର ଅଭିଭାଷଣରେ ପ୍ରଫେସର (ଡାକ୍ତର) ମହାନ୍ତି ଆଇଏସ୍‌ପିପିଡି ସମ୍ପର୍କରେ ନିଜର ଦୃଷ୍ଟିକୋଣ ଉପସ୍ଥାପନ କରିବା ସହ ମାତୃ ଓ ସମୁଦାୟ ସ୍ୱାସ୍ଥ୍ୟ କ୍ଷେତ୍ରରେ କାର୍ଯ୍ୟରତ ପ୍ରସୂତି ବିଶେଷଜ୍ଞ, ଶିଶୁରୋଗ ବିଶେଷଜ୍ଞ ଏବଂ ଅନ୍ୟ ସ୍ୱାସ୍ଥ୍ୟକର୍ମୀଙ୍କ ସହ ଅଧିକ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ଉପରେ ଜୋର ଦେଇଥିଲେ। ଜଣେ ଗର୍ଭବତୀ ମହିଳାଙ୍କୁ ମୁଖ ଓ ସାଧାରଣ ସ୍ୱାସ୍ଥ୍ୟ ପାଇଁ ଅଲଗା ଅଲଗା ବ୍ୟବସ୍ଥାର ଆଶ୍ରୟ ନେବାକୁ ପଡ଼ିବା ଉଚିତ ନୁହେଁ ବୋଲି ସେ କହିଥିଲେ। ମାତୃ ମୁଖ ସ୍ୱାସ୍ଥ୍ୟ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ସହ ଏହା ଶିଶୁର ଭବିଷ୍ୟତ ମୁଖ ସ୍ୱାସ୍ଥ୍ୟ ଉପରେ ମଧ୍ୟ ପ୍ରଭାବ ପକାଇପାରେ ବୋଲି ସେ ମତ ଦେଇଥିଲେ। ଗବେଷଣା ନେଇ ପ୍ରାଥମିକତା ଜାତୀୟ ଓ ଆଞ୍ଚଳିକ ଆବଶ୍ୟକତା ଉପରେ ଆଧାରିତ ହେବା ଆବଶ୍ୟକ ବୋଲି ପ୍ରଫେସର (ଡାକ୍ତର) ମହାନ୍ତି କହିଥିଲେ।

# ୩୦ ହଜାର ଲାଞ୍ଚ ମାଗିବା ଘଟଣା, ଜାରି ହେଲା ଫୋନ୍ ନମ୍ବର

**ହିଞ୍ଜିଳିକାଟୁ, ୨୪।୯ (ସଂଚାର ବ୍ୟୁରୋ):** ଶନିବାର ସନ୍ଧ୍ୟା ସମୟରେ ହିଞ୍ଜିଳି ସିଡିପିଓଙ୍କ କାର୍ଯ୍ୟାଳୟରେ ଦୁଇ କର୍ମଚାରୀ ଲାଞ୍ଚ ମାଗି ଭିଜିଲାନ୍ସ ହାତରେ ଧରାପଡ଼ିବା ପରେ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଏକ ମୋବାଇଲ ନମ୍ବର ଜାରି ହୋଇଛି। ଯେ କୌଣସି ସୁପର ଭାଇଜର, ସିଡିପିଓ ଏବଂ କାର୍ଯ୍ୟରତ କର୍ମଚାରୀ ମାନେ ଅଙ୍ଗନବାଡି କର୍ମୀଙ୍କୁ ଲାଞ୍ଚ ଟଙ୍କା ମାଗିଲେ ଅବା ହଇରାଣ ହରକତ କଲେ ଜଣାଇବାକୁ ଅନୁରୋଧ କରାଯାଇଛି। ଅଙ୍ଗନବାଡି କର୍ମୀ ମାନେ ସଠିକ ଭାବେ ନିଜର ଦାୟିତ୍ୱ ପାଳନ ପାଇଁ ଏଥିରେ ଉଲ୍ଲେଖ ରହିଛି।

# ସହିଦ ଜଗବନ୍ଧୁ ମାଝୀଙ୍କ ସହିଦ ଦିବସ ପାଳିତ

**ରାଇଘର,୨୪।୯ (ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା ବ୍ଲକର ଗୋନାଠାରେ ଆଜି ପୂର୍ବତନ ବିଧାୟକ ସ୍ୱର୍ଗତ ଜଗବନ୍ଧୁ ମାଝୀଙ୍କ ୧୬ ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି।ପ୍ରବଳ ବର୍ଷାକୁ ଖାତିର କରିନଥିଲେ ଜଗବନ୍ଧୁ



ପ୍ରେମୀ। ୨୬ପଞ୍ଚାୟତ ର ଲୋକେ ଏକତ୍ରିତ ହୋଇଥିଲେ ଗୋନା ହାଟପଦା ନିକଟରେ ଥିବା ସହିଦ ସ୍ତମ୍ଭ ଠାରେ। ପ୍ରଥମେ ସହିଦ ସ୍ତମ୍ଭ ଠାରେ ଦୀପ ପ୍ରଜ୍ୱଳନ ସହ ପୁଷ୍ପମାଲ୍ୟ ଅର୍ପଣ ସାରି ଏକ ଶୋଭାଯାତ୍ରାରେ ଅତିଥି ମାନେ ଯାଇ ପହଞ୍ଚିଥିଲେ ମଣ୍ଡି ଠାରେ ହୋଇଥିବା ସଭାସ୍ଥଳରେ। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ସାଂସଦ ରମେଶ ଚନ୍ଦ୍ର ମାଝୀ ଯୋଗ ଦେଇଥିବାବେଳେ ମଞ୍ଚ ପରିଚାଳନା ପୂର୍ବତନ ବିଧାୟକ ସୁବାସ ଗଣ୍ଡ କରିଥିଲେ। ଅନ୍ୟତମ ଅତିଥି ମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷ ଗୁପ୍ତ ପ୍ରସାଦ ଝାଙ୍କର, ବି ଜେ ଡି ବିଧାୟିକା ପ୍ରାର୍ଥୀ ନବୀନା ନାୟକ, ଜିଲ୍ଲା ପରିଷଦ ସଭ୍ୟ ଯତୀନ୍ଦ୍ର ନାଥ ଗଣ୍ଡ, ଖଗେଶ୍ୱର ହରିଜନ, ପୂର୍ବତନ ବି କେ ବି କେ ଅଧକ୍ଷ ଶୁକଦେବ ଗଣ୍ଡ, ପୂର୍ବତନ ଏସ ଡି ସି ଅଧକ୍ଷ ଉପେନ୍ଦ୍ର ଗଣ୍ଡ, କାଜମ ମଦାନୀ ସମେତ ବିଜେଡି ସମର୍ଥିତ ସମିତିସଭ୍ୟ ଏବଂ ସରପଞ୍ଚମାନେ ଓ ବହୁ ବରିଷ୍ଟ ବିଜେଡି ନେତା କର୍ମୀ ଉପସ୍ଥିତ ଥିଲେ।

# ସହର ସମେତ ଆର ଏମ ନଗର ଓ ଏନଏଚ ରାସ୍ତା ଜଳମଗ୍ନ



**ବୋରିଗୁମ୍ମା,୨୪।୯ (ସଂଚାର ବ୍ୟୁରୋ):** ବଙ୍ଗୋପସାଗରରେ ସୃଷ୍ଟ ଗଭୀର ଅବପାତ ପ୍ରଭାବରେ ବୋରିଗୁମ୍ମା ସହର ସମେତ ଏହାର ଆଖପାଖ ଅଞ୍ଚଳରେ ତୁହାକୁତୁହା ବର୍ଷା ଲାଗିରହିଛି। ଲଗାଣ ବର୍ଷା ଯୋଗୁଁ ବିଭିନ୍ନ ଅଞ୍ଚଳରେ ରାସ୍ତା ଉପରେ ବର୍ଷା ପାଣି ଜମି ଯାତାୟାତ ବାଧାପ୍ରାପ୍ତ ହୋଇଛି। ବୋରିଗୁମ୍ମା ବ୍ଲକ ନିକଟସ୍ଥ ତେଲେଙ୍ଗିରି ଡ୍ୟାମ, ମୁରାନ ଜଳ ଭଣ୍ଡାରରେ ଜଳସ୍ତର ବୃଦ୍ଧି ପାଇବାରୁ ଏହାର ଆଖପାଖ ଅଞ୍ଚଳରେ ଭୟର ପରିସ୍ଥିତି ଦେଖାଦେଇଛି।ଗତ ଦୁଇ ଦିନର ଲଗାଣ ବର୍ଷାରେ ବୋରିଗୁମ୍ମା ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ଆର ଏମ ନଗର, ଭେଙ୍କେଟ ନଗର, ସନ୍ତୋଷୀ ନଗର ସମେତ ରାଜ୍ୟ ରାଜପଥ ଏନ ଏଚ ୨୬ ରାସ୍ତାରେ ଆଣ୍ଠୁଏ ଉଚ୍ଚର ବର୍ଷା ଜଳ ଜମିରହି କୃତ୍ରିମ ପୋଖରୀ ସୃଷ୍ଟି ହୋଇଛି, ଏବଂ ବୋରିଗୁମ୍ମା ଜେଏମଏଫସି କୋର୍ଟ କାର୍ଯ୍ୟାଳୟ ଓ ଅନେକ ଲୋକଙ୍କ ଘର ଭିତରେ ପାଣି ପଶିଛି। ଯାହା ଫଳରେ ଏଠାରେ ବାସ କରୁଥିବା ପ୍ରାୟ ଶତାଧିକ ପରିବାର ଜଳବନ୍ଦୀ ପରିସ୍ଥିତିରେ ରହିଛନ୍ତି।ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ୨୬ ନଂ ରାଜ୍ୟ ରାଜପଥ ମୁଖ୍ୟ ରାସ୍ତା ଉପରେ ଆଣ୍ଠୁଏ ଉଚ୍ଚର ବର୍ଷା ଜଳ ପ୍ରବାହିତ ହେଉଛି। ସେହିପରି ବୋରିଗୁମ୍ମା ସହରର ଭେଙ୍କେଟ ନଗର, ସନ୍ତୋଷୀ ନଗର, ପାଇଲୁ ସର୍ବେଶ୍ୱର ମାର୍ଗ, ଅଞ୍ଚଳରେ ଅନେକ ଘର ବର୍ଷା ପାଣି ଘେରରେ ରହିଥିବା ଜଣାପଡ଼ିଛି। ଫଳରେ ସ୍ଥାନୀୟ ଲୋକେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗଭୀର ଅବପାତ ପ୍ରଭାବରେ ବର୍ଷାର ବିପଦ ଏବେ ମଧ୍ୟଟଳିନଥିବାରୁ ପ୍ରଶାସନ ପକ୍ଷରୁ ଜାରି ହୋଇଥିବା ସତର୍କତା ଓ ନିର୍ଦ୍ଦେଶାବଳୀ ପାଳନ କରିବା ସହ ଅନାବଶ୍ୟକ ଭାବେ ଘରୁ ବାହାରକୁ ନଯିବାକୁ ପରାମର୍ଶ ଦିଆଯାଇଛି।

## ଲଗାଣ ବର୍ଷାରେ କୋରାପୁଟ ବେହାଲ

# ଜଳମଗ୍ନ ଅନେକ ଅଞ୍ଚଳ, ରାସ୍ତା ଓ ରେଳ ଯୋଗାଯୋଗ ପ୍ରଭାବିତ

**କୋରାପୁଟ,୨୪।୯ (ସଂଚାର ବ୍ୟୁରୋ):** ଲଗାଣ ବର୍ଷାରେ ବେହାଲ ହୋଇପଡ଼ିଛି କୋରାପୁଟ ଜିଲ୍ଲା। ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବରେ ଗତ ୩ ଦିନ ଧରି ଜାରି ରହିଥିବା ବର୍ଷା ଗତକାଲି ମଧ୍ୟରାତ୍ରି ପରଠାରୁ ଆହୁରି ତୀବ୍ର ହୋଇଛି। ଫଳରେ ଜିଲ୍ଲାର ଅଧିକାଂଶ ବ୍ଲକରେ ଜନଜୀବନ ବ୍ୟାପକ ଭାବେ ପ୍ରଭାବିତ ହୋଇଛି। ମାତ୍ର ୧୦ ଘଣ୍ଟାରେ ଜିଲ୍ଲାରେ ୧୩୮୫.୩ ମିଲିମିଟର



ବର୍ଷା ରେକର୍ଡ ହୋଇଥିବା ଜଣାପଡ଼ିଛି। ଏହି ପ୍ରବଳ ବର୍ଷାରେ ୫୨ଟି ଘର ଆଂଶିକ ଭାବେ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଗୋଟିଏ ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ବର୍ଷାଜନିତ ବିପଦକୁ ଦୃଷ୍ଟିରେ ରଖି ୩୪ ଜଣଙ୍କୁ ଆଶ୍ରୟସ୍ଥଳୀକୁ ନିଆଯାଇଛି ଏବଂ ସେଠାରେ ମାଗଣା ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି। ଏହାସହ ୨୬୨ ଜଣ ଆସନ୍ନ ପ୍ରସବା ମହିଳାଙ୍କୁ ସୁରକ୍ଷା ଦୃଷ୍ଟିରୁ 'ମା ଗୃହ'କୁ ସ୍ଥାନାନ୍ତର କରାଯାଇଛି। ବର୍ଷାର ସବୁଠାରୁ ବଡ଼ ପ୍ରଭାବ ପଡ଼ିଛି କୋଟପାଡ଼, କୁନ୍ଦୁରା ଓ ଜୟପୁର ବ୍ଲକରେ। ଏହି ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ସହ ବ୍ୟାପକ ଭାବେ ଚାଷଜମି ପ୍ରଭାବିତ ହୋଇଛି। ଅନେକ ଚାଷଜମିରେ ବାଲି ଚରିଯାଇଥିବାରୁ ଚାଷୀଙ୍କ ଫସଲ କ୍ଷତିଗ୍ରସ୍ତ ହୋଇଛି। ଏପଟେ ଲକ୍ଷ୍ମୀପୁର- ନାରାୟଣପାଟଣା ରାସ୍ତାର ବନଦୁର୍ଗା ମନ୍ଦିର ନିକଟ ଓ ଡିଡି ଘାଟିରେ ପାହାଡ଼ରୁ ମାଟି ଧସି ରାସ୍ତା ଉପରେ ପଡ଼ିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଉପର କୁଟିଙ୍ଗା ନିକଟରେ ରାସ୍ତା ଉପରେ ଗଛ ପଡ଼ିଥିବାରୁ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଗଛ କାଟି ରାସ୍ତା ସଫା କରିଥିଲା। ବର୍ଷାର ପ୍ରଭାବ କେବଳ ସଡ଼କ ଯୋଗାଯୋଗରେ ସୀମିତ ରହିନାହିଁ। ଲକ୍ଷ୍ମୀପୁର ରେଳଲାଇନର ଦୁଇ ନମ୍ବର ଟନେଲରେ ପାଣି ପଶିଯିବାରୁ ଟ୍ରେନ୍ ଚଳାଚଳ ମଧ୍ୟ ପ୍ରଭାବିତ ହୋଇଛି। ଉପର କୁଟିଙ୍ଗାରେ ଗୋଟିଏ ଓ ପିପଲପଦର ଗ୍ରାମରେ ୩ଟି ଘର ଭାଙ୍ଗିଥିବା ଜଣାପଡ଼ିଛି। ଅନ୍ୟପଟେ କାକିରିଗୁମ୍ମା ଅଞ୍ଚଳ ଜଳମଗ୍ନ ହୋଇପଡ଼ିଥିବା ବେଳେ ଅନେକ ଯାନବାହନ ପାଣିରେ ବୁଡ଼ି ରହିଥିବା ଦେଖାଯାଇଛି। ନାରାୟଣପାଟଣା ବ୍ଲକ ପାଲାପୁଟ ନିକଟରେ ଚମ୍ପାବତୀ ନଦୀର ଜଳସ୍ତର ମଧ୍ୟ ବଢ଼ିଛି। ପ୍ରଖର ସ୍ରୋତ ଯୋଗୁଁ ନଦୀକୂଳିଆ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। କୋରାପୁଟ ବ୍ଲକର ତଳ ଡାକରା ଗ୍ରାମ ନିକଟରେ ରାସ୍ତା ଧୋଇଯାଇ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ଗ୍ରାମକୁ ଯାତାୟାତ ବିଚ୍ଛିନ୍ନ ହୋଇପଡ଼ିଛି। ଅନେକ ଗ୍ରାମରେ ବିଦ୍ୟୁତ ସରବରାହ ମଧ୍ୟ ବାଧାପ୍ରାପ୍ତ ହୋଇଥିବା ସୂଚନା ମିଳିଛି। ଦଶମନ୍ତପୁର ବ୍ଲକରେ ମଧ୍ୟ ବର୍ଷାର ଗମ୍ଭୀର ପ୍ରଭାବ ଦେଖିବାକୁ ମିଳିଛି।

## ସୁ ସୁ ଗର୍ଜନ କରୁଛି ଅସ୍ତରଙ୍ଗ ସମୁଦ୍ର

# ଭାଙ୍ଗୁଛି କୂଳ, ମାନଚିତ୍ରରୁ ହଜିବ କି ଡାଳୁଅକଣି ?



**କାକଟପୁର/ଅସ୍ତରଙ୍ଗ ,୨୪।୯ (ସଂଚାର ବ୍ୟୁରୋ):** ରାତି ହେଲେ ଆରମ୍ଭ ହୁଏ ଆତଙ୍କ। ସୁଁ ସୁଁ ଶବ୍ଦରେ ଗର୍ଜି ଉଠେ ବଙ୍ଗୋପସାଗର। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ଡାଳୁଅକଣି, ପୀରଜାହାନିଆ, କେଳୁଣୀ ମୁହାଣରେ ଏବେ ଏହି ଗର୍ଜନ ସବୁଠୁ ବଡ ଭୟ। ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ କଳିଙ୍ଗପଟ୍ଟନମରେ ଲ୍ୟାଣ୍ଡଫଲ୍ କଲା ପରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଉପକୂଳ ସବୁଠୁ ଅଧିକ ଅଶାନ୍ତ ହୋଇଛି। ଗତ ୪୮ ଘଣ୍ଟାରେ ପାଖାପାଖି ୧୫ ମିଟର କୂଳ ଲଙ୍ଘି ସାରିଛି ସମୁଦ୍ର। ବାଲି ପଠା ଧୋଇ ନେଲା, ଝାଉଁ ଗଛ ଉପାଡି ନେଲା, ଏବେ ଗାଁ ମୁହାଁ ଧାଉଁଛି। ସବୁଠୁ କରୁଣ ଅବସ୍ଥା ଡାଳୁଅକଣି ଗାଁର। ଗାଁ ଓ ସମୁଦ୍ର ମଧ୍ୟରେ ବ୍ୟବଧାନ ମାତ୍ର ୫୦ ଫୁଟ। ମାନେ ଗୋଟିଏ ବଡ ଢେଉ ଆସିଲେ ସିଧା ଗାଁ ଘରେ ପାଣି। ଗ୍ରାମବାସୀ କହୁଛନ୍ତି, ଆଗରୁ ସମୁଦ୍ର ଏତେ ପାଖ ନ ଥିଲା। ୫ଶହ ମିଟର ଦୂରରେ ଘଞ୍ଚ ଝାଉଁ ଜଙ୍ଗଲ ଥିଲା, ହଜାର ହଜାର ଗଛ। ସେ ଜଙ୍ଗଲ ସମୁଦ୍ରକୁ ରୋକୁଥିଲା। ଏବେ ସେ ସବୁ ସମୁଦ୍ର ଲୀନ। କେଳୁଣୀ ନଦୀ ମୁହାଣ ବୁଲି ଯିବାରୁ ସମୁଦ୍ର ନିଜ ରାସ୍ତା ବଦଳାଇ ସିଧା ଗାଁ ଉପରକୁ ମାଡି ଆସୁଛି।ଏହି ବିପଦ କେବଳ ଡାଳୁଅକଣିର ନୁହେଁ। ଅଣକଣା, ଛୁରିଆନା, ତଣ୍ଡାହର, ପୀରଜାହାନିଆ ଭଳି ୫ଟି ଗାଁ ଏବେ ଚରମ ବିପଦରେ। ଗୋଟିଏ ପୂର୍ଣ୍ଣିମା ଜୁଆର ଆସିଲେ ଲୁଣି ପାଣି ଗାଁ ଭିତରେ ପଶି ଚାଷ ଜମି, ନଳକୂପ, ଘର ସବୁ ନଷ୍ଟ ହେବ। ଲୋକେ ରାତି ସାରା ଅନିଦ୍ରା ରହି ସମୁଦ୍ରକୁ ଜଗି ରହିଛନ୍ତି। ପିଲାଛୁଆ ଡରି କାନ୍ଦୁଛନ୍ତି। ସରପଞ୍ଚ କ୍ଷୀରୋଦ କାଣ୍ଡି କହିଛନ୍ତି, ଏ ନେଇ ବାରମ୍ବାର ବ୍ଲକ ଓ ଜିଲ୍ଲା ପ୍ରଶାସନକୁ ଜଣାଇଛୁ। ଫାଇଲ ଚାଲିଛି, ହେଲେ ପଥର ବନ୍ଧ ହେଉନି। ଯାହା ଝାଉଁ ଗଛ ଥିଲା ସବୁ ଗଲାଣି, ଏବେ ତୁରନ୍ତ ସ୍ଥାୟୀ ପ୍ରତିରକ୍ଷା ଦରକାର। ସ୍ଥାନୀୟ ବାସିନ୍ଦା ସୁରେନ୍ଦ୍ର କାଣ୍ଡି କହିଛନ୍ତି, ଆମେ ରାତିରେ ଶୋଇ ପାରୁନା। ସୁଁ ସୁଁ ଶବ୍ଦରେ ପିଲା ଛୁଆ ଡରି ଯାଉଛନ୍ତି। ସମୁଦ୍ର ଦୁଆର ମୁହଁରେ। ପରିବେଶବିତ୍ ସରୋଜ କୁମାର ଜେନା ଚେତାବନୀ ଦେଇ କହିଛନ୍ତି, ଜଳବାୟୁ ପରିବର୍ତ୍ତନ ଯୋଗୁଁ ସାତଭାୟା ପରି ଅନେକ ଗାଁ ସମୁଦ୍ର ଗର୍ଭରେ ଲୀନ ହେଲାଣି। ଛେନୁଅ, ଉଦୟକଣି ଦୁଇ ଥର ବିସ୍ଥାପିତ ହେଲାଣି। ଏବେ ଡାଳୁଅକଣି ପାଳି। ବୈଜ୍ଞାନିକ ପଦ୍ଧତିରେ ପଥର ବନ୍ଧ ଓ ଜିଓ ଟ୍ୟୁବ ୱାଲ୍ ନିର୍ମାଣ ନ ହେଲେ ଏ ଗାଁ ମାନଚିତ୍ରରୁ ହଜିଯିବ।

# ମେଡିକାଲ ବାଇକ ଷ୍ଟାଣ୍ଡରେ ପଡ଼ି ପଡ଼ି ଭିକା ସିଂର ଜୀବନ ଗଲା



**ନୀଳଗିରି,୨୪।୯ (ସଂଚାର ବ୍ୟୁରୋ):** ପଟା ରିକ୍ସା ହିଁ ତା ଜୀବନର ସବୁ କିଛି। ଦିନ ସାରା ରିକ୍ସାକୁ ଧରି ଯାହା ରୋଜଗାର କରେ ମୁହଁ ଅନ୍ଧାର ହେଲେ ନିଳଗିରି ସହରରେ ଆରମ୍ଭ ହୁଏ ତାର ରାଜ। ନିଜେ ଗୀତ ଗାଇ ଗାଇ ସମସ୍ତଙ୍କୁ ହସାଉ ଥାଏ। କାହାରିକୁ ଅସମ୍ମାନ କରେ ନାହିଁ। ପରିବାରରେ ସମସ୍ତେ ଅଛନ୍ତି ମାତ୍ର କେହି ନାହାନ୍ତି। ରିକ୍ସା ଟାଣି ଯାହା ରୋଜଗାର କରେ ସେଥିରେ ଚଳେ। ଏପରି ଏକ ନିଆରା ମଣିଷ ହେଲେ ଭିକା ସିଂ। ନୀଳଗିରୀ ଏନ୍ ଏ ସି, ଶାଳବନ୍ଧ ଗ୍ରାମରେ ଜନ୍ମ ହୋଇଥିବା ବେଳେ ଅନେକ ବର୍ଷ ଧରି ଗାଁ ଛାଡି ନିଳଗିରି ଚିମିନିଭାଟି ଅଞ୍ଚଳରେ ରହି ଆସୁଥିଲା। ଯାହାର ବାହାଘର ହେଉ କି ମହୋତ୍ସବ ହେଉ ସବୁପ୍ରକାର ଭୋଜି ରେ ଖୋଜା ପଡ଼େ ଭିକା ଭାଇକୁ। ଖାଇବା ପତ୍ର ଗୋଟାଇବା ପାଇଁ ସମସ୍ତଙ୍କର ଆଶା ଭରଷା ପାଲଟି ଥାଏ ଭିକା ଭାଇକୁ। ଆଜି ଦୁନିଆରେ ଭିକା ଭାଇ ନାହାନ୍ତି ସତ, ହେଲେ ଝୁରୁଛନ୍ତି ଲୋକେ। ପାଖା ପାଖି ୭୦ବର୍ଷ ବୟସରେ ତାଙ୍କର ମୃତ୍ୟୁ ଘଟିଛି। ଖବର ପାଇ କେହି ଜଣ ସମାଜସେବୀ ତାଙ୍କର ଶେଷକୃତ୍ୟ ସଂପନ୍ନ କରିଛନ୍ତି।

ପରମାଣୁ ଶକ୍ତି ଉତ୍ପାଦନ ସମ୍ଭାବ୍ୟତା ଅଧ୍ୟୟନ ପାଇଁ ସରକାରୀ ସ୍ୱୀକୃତି

# ଓଡ଼ିଶାର ୬ ସ୍ଥାନ ବାଛିଛନ୍ତି ଏନ୍‌ଟିପିସି ଓ ଆଦାନୀ ପାୱାର

ଭୁବନେଶ୍ୱର,୨୪ା୯(ସଂଚାର ବ୍ୟୁରୋ): ଓଡ଼ିଶା ନିଜର ଶକ୍ତି ଉତ୍ସ ମିଶ୍ରଣରେ ପରମାଣୁ ଶକ୍ତି ଉତ୍ପାଦନକୁ ସାମିଲ କରିବା ଦିଗରେ ପ୍ରଥମ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି। କେନ୍ଦ୍ରୀୟ ସରକାରୀ ସଂସ୍ଥା ଜାତୀୟ ତାପଜ ବିଦ୍ୟୁତ ନିଗମ (ଏନଟିପିସି) ଓ ଘରୋଇ କମ୍ପାନୀ 'ଆଦାନୀ ପାୱାର'କୁ ବିଭିନ୍ନ ସ୍ଥାନରେ ପରମାଣୁ ଶକ୍ତି ଉତ୍ପାଦନ ପ୍ରକଳ୍ପ ପାଇଁ ସମ୍ଭାବ୍ୟତା ଅଧ୍ୟୟନ କରିବାକୁ ଓଡ଼ିଶା ସରକାର ସୈଦ୍ଧାନ୍ତିକ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଗତକାଲି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଏକ ଅଣତାରକା ପ୍ରଶ୍ନର ଉତ୍ତରରେ ବିଧାନସଭାକୁ ସୂଚନା ଦେଇଛନ୍ତି ଯେ ସରକାର ଏନଟିପିସିକୁ ରାଜ୍ୟର ୪ଟି ସ୍ଥାନରେ ଅଧ୍ୟୟନ କରିବାକୁ ଅନୁମତି ଦେଇଛନ୍ତି। ଏଥିମଧ୍ୟରୁ ଦେବଗଡ଼ ନିକଟସ୍ଥ ଏକ ସ୍ଥାନକୁ ଏନଟିପିସି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ଚୟନ କରିଛି। ସେହିପରି ମାଲକାନଗିରି ଜିଲ୍ଲାର ବାଲିମେଳା ଡ୍ୟାମ୍ ଓ ଅନୁଗୋଳ ଜିଲ୍ଲାର ମଞ୍ଜୋର ଡ୍ୟାମ୍ ନିକଟସ୍ଥ ସ୍ଥାନଗୁଡ଼ିକର ଯାଞ୍ଚ କରିବା ପାଇଁ ଆଦାନୀ ପାୱାର ସୈଦ୍ଧାନ୍ତିକ ମଞ୍ଜୁରୀ ପାଇଛି। ଓଡ଼ିଶାରେ ପରମାଣୁ ଶକ୍ତି କେନ୍ଦ୍ର ସ୍ଥାପନ ପାଇଁ ରାଜ୍ୟ ସରକାର ଏନଟିପିସି, ଆଦାନୀ ପାୱାର ଏବଂ ଟାଟା ପାୱାରଠାରୁ ପ୍ରସ୍ତାବ ପାଇଥିଲେ। ଏହି ପ୍ରସ୍ତାବଗୁଡ଼ିକ ମଧ୍ୟରୁ

**ଟାଟା ପାୱାର ପ୍ରସ୍ତାବ ବିଚାରାଧୀନ ରହିଛି**

ଏନଟିପିସି ଓ ଆଦାନୀ ପାୱାରକୁ ଅଧ୍ୟୟନ ପାଇଁ ସୈଦ୍ଧାନ୍ତିକ ମଞ୍ଜୁରୀ ଦିଆଯାଇଛି। ଟାଟା ପାୱାର ମଧ୍ୟ ମାଲକାନଗିରିରେ ଏକ ପରମାଣୁ ଶକ୍ତି କେନ୍ଦ୍ର ସ୍ଥାପନ କରିବାକୁ ଆଗ୍ରହ ପ୍ରକାଶ କରିଛି। ରିଆକ୍ଟରର ଆକାର ଅନୁସାରେ ୨×୨୨୦=୪୪୦ ମେଗାୱାଟ କିମ୍ବା ୨×୭୦୦=୧୪୦୦ ମେଗାୱାଟ୍ କ୍ଷମତାବିଶିଷ୍ଟ ପରମାଣୁ ଶକ୍ତି କେନ୍ଦ୍ର ସ୍ଥାପନ ପାଇଁ ଟାଟା ପାୱାର ଓଡ଼ିଶା, ମଧ୍ୟପ୍ରଦେଶ ଓ ଗୁଜରାଟକୁ ସମ୍ଭାବ୍ୟ ରାଜ୍ୟ ଭାବେ ଚିହ୍ନଟ କରିଛି। ତେବେ ପ୍ରକଳ୍ପଗୁଡ଼ିକ ଏବେ ପ୍ରାରମ୍ଭିକ ପର୍ଯ୍ୟାୟରେ ରହିଛି; ସ୍ଥାନ ସର୍ବେକ୍ଷଣ ଓ ସମ୍ଭାବ୍ୟତା ଯାଞ୍ଚ ମାଧ୍ୟମରେ



ଏହା ସ୍ଥିର ହେବ ଯେ ସମ୍ପୃକ୍ତ ସ୍ଥାନଗୁଡ଼ିକ ପରମାଣୁ ପ୍ରକଳ୍ପ ପାଇଁ ଉପଯୁକ୍ତ କି ନୁହେଁ। ବର୍ତ୍ତମାନ ସୁଦ୍ଧା କୌଣସି ସ୍ଥାନରେ ପରମାଣୁ ଶକ୍ତି କେନ୍ଦ୍ର ସ୍ଥାପନ ପାଇଁ ଚୂଡ଼ାନ୍ତ ଅନୁମୋଦନ ହୋଇନାହିଁ।

ଆଦାନୀ ପାୱାର୍ ପାଇଁ ବାଲିମେଳା ଓ ମଞ୍ଜୋର ଗୁରୁତ୍ୱପୂର୍ଣ୍ଣ, କାରଣ ଉଭୟ ସ୍ଥାନରେ ଆବଶ୍ୟକ ଜଳଭଣ୍ଡାର ଓ ବିଦ୍ୟୁତ୍ ଭିତ୍ତିଭୂମି ରହିଛି। ବାଲିମେଳାରେ ପୂର୍ବରୁ ଓଡ଼ିଶା ହାଇଡ୍ରୋ ପାୱାର୍ କର୍ପୋରେସନ୍ ଦ୍ୱାରା ପରିଚାଳିତ ୫୧୦ ମେଗାୱାଟ କ୍ଷମତା ବିଶିଷ୍ଟ ଜଳବିଦ୍ୟୁତ୍ କେନ୍ଦ୍ର ରହିଛି। ଗତ ଜୁଲାଇ ୩୦ରେ ଆଦାନୀ କମ୍ପାନୀର ଏକ ପ୍ରତିନିଧିମଣ୍ଡଳୀ ଶକ୍ତିମନ୍ତ୍ରୀଙ୍କୁ ଭେଟି ଓଡ଼ିଶାରେ ଆଣବିକ, ତାପଜ ଓ ପମ୍ପ ଷ୍ଟୋରେଜ ପ୍ଲାଣ୍ଟ ପ୍ରତିଷ୍ଠା କରିବା ପାଇଁ ପ୍ରାୟ ଦେଢ଼ କୋଟି ଟଙ୍କାର ପୁଞ୍ଜି ନିବେଶ ପାଇଁ ପ୍ରସ୍ତାବ ଦେଇଥିଲା। ସେଥିରୁ ଆଣବିକ ଶକ୍ତି ଉତ୍ପାଦନ ପାଇଁ ପ୍ରତ୍ୟେକ ପ୍ରକଳ୍ପରୁ ୨୮୦୦ ମେଗାୱାଟ ହିସାବରେ ୫୬୦୦ ମେଗାୱାଟ ପରମାଣୁ ଶକ୍ତି ଉତ୍ପାଦନ ପାଇଁ ପ୍ରସ୍ତାବ ଦାଖଲ କରିଛି। ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର କହିଛନ୍ତି ଯେ ପାରମ୍ପାରିକ ପରମାଣୁ ଶକ୍ତି କେନ୍ଦ୍ର ସ୍ଥାପନ ପାଇଁ ବୃହତ ଜଳାଶୟର ଉପସ୍ଥିତି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ। କାରଣ ପରମାଣୁ ରିଆକ୍ଟରଗୁଡ଼ିକ ଅତ୍ୟଧିକ ଉତ୍ତାପ ସୃଷ୍ଟି କରୁଥିବାରୁ ଏହାର ଶୀତଳୀକରଣ ପାଇଁ ପ୍ରଚୁର ଜଳ ଆବଶ୍ୟକ ହୋଇଥାଏ। ପରମାଣୁ ଶକ୍ତିକେନ୍ଦ୍ର ସ୍ଥାପନ ପାଇଁ ସ୍ଥାନ ଚୟନ ବିଭିନ୍ନ କାରଣ ଉପରେ ନିର୍ଭର କରିବ, ଯେଉଁଥିରେ ଭୂତତ୍ତ୍ୱ, ଭୂକମ୍ପ ସମ୍ବେଦନଶୀଳତା, ଜଳବିଜ୍ଞାନ, ପରିବେଶଗତ ସ୍ଥିତି, ଜନସଂଖ୍ୟା ଘନତ୍ୱ, ଜରୁରୀକାଳୀନ ଯୋଜନା ଏବଂ ଅନ୍ୟାନ୍ୟ ସୁରକ୍ଷା ମାନଦଣ୍ଡ ଅନ୍ତର୍ଭୁକ୍ତ।

# ଅନଲାଇନ୍ ଗେମ୍‌ଠାରୁ ଦୂରେଇ ରହି ଜୀବନ ସୁରକ୍ଷିତ ରଖନ୍ତୁ: ଆଇଜିପି

କଟକ, ୨୪ା୯ (ସଂଚାର ବ୍ୟୁରୋ): ଡିଜିଟାଲ୍ ଯୁଗରେ ଅନଲାଇନ୍ ଗେମ୍ ମନୋରଞ୍ଜନର ଏକ ସାଧାରଣ ମାଧ୍ୟମ ହୋଇଥିଲେ ମଧ୍ୟ ଏହାର ଅତ୍ୟଧିକ ବ୍ୟବହାର ଅଭ୍ୟାସ ଓ ଆସକ୍ତିରେ ପରିଣତ ହୋଇ ଶିଶୁ ଓ ଯୁବପିଢ଼ିଙ୍କ ପାଠପଢ଼ା, ନିଦ୍ରା, ଶାରୀରିକ କ୍ରୀଡ଼ା, ପରିବାର ସହ ସମୟ ଓ ସାମାଜିକ ସମ୍ପର୍କକୁ ପ୍ରଭାବିତ କରିପାରେ ବୋଲି କେନ୍ଦ୍ରାଞ୍ଚଳ ଆଇଜିପି ଡ.



ସତ୍ୟଜିତ୍ ନାୟକ କହିଛନ୍ତି। ମନୋରଞ୍ଜନ ପାଇଁ ସୀମିତ ସମୟ ଗେମ୍ ଖେଳିବା ଏକ କଥା, କିନ୍ତୁ ଘଣ୍ଟା ଘଣ୍ଟା ଧରି ଏଥିରେ ବ୍ୟସ୍ତ ରହିବା ଦୈନନ୍ଦିନ ଜୀବନର ସନ୍ତୁଳନକୁ ବିଗାଡ଼ିପାରେ। ଗେମ୍‌ରେ ନୂଆ ଲେଭେଲ୍ ଜିତିବା, ଲକ୍ଷ୍ୟ ପୂରଣ କରିବା ଓ ପ୍ରତିଯୋଗିତାରେ ଆଗକୁ ବଢ଼ିବାର ଆକର୍ଷଣ ଖେଳାଳିଙ୍କୁ ଅଧିକ ସମୟ ଧରି ଏଥିରେ ଜଡ଼ିତ ରଖିପାରେ। ତେଣୁ ଅଭିଭାବକମାନେ ପିଲାମାନେ କେତେ ସମୟ ଗେମ୍ ଖେଳୁଛନ୍ତି, କେଉଁ ପ୍ରକାରର ଗେମ୍ ଖେଳୁଛନ୍ତି ଓ ଅନଲାଇନ୍‌ରେ କାହା ସହ ଯୋଗାଯୋଗ କରୁଛନ୍ତି, ସେଥିପ୍ରତି ସଚେତନ ରହିବା ଆବଶ୍ୟକ। କେବଳ ନିଷେଧ ଲଗାଇବା ପରିବର୍ତ୍ତେ ପିଲାଙ୍କ ସହ ଖୋଲା ମନରେ ଆଲୋଚନା କରିବା, କ୍ରୀଡ଼ା, ପୁସ୍ତକ ପଢ଼ିବା, ସଙ୍ଗୀତ ଓ ସୃଜନଶୀଳ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ାଇବା ଅଧିକ ଫଳପ୍ରଦ ହୋଇପାରେ।

ଆଇଜିପି ଡ. ନାୟକ କହିଛନ୍ତି ଯେ ଅନଲାଇନ୍ ଗେମିଂ ସହ ସାଇବର ସୁରକ୍ଷାର ଦିଗଟି ମଧ୍ୟ ଜଡ଼ିତ। ଅଜଣା ବ୍ୟକ୍ତିଙ୍କ ସହ ଅନଲାଇନ୍ ଯୋଗାଯୋଗ, ବ୍ୟକ୍ତିଗତ ସୂଚନା କିମ୍ବା ପାସୱାର୍ଡ ଶେୟାର କରିବା, ଅଜଣା ଲିଙ୍କ୍‌ରେ କ୍ଲିକ୍ କରିବା, ଅସୁରକ୍ଷିତ ଆପ୍ ଡାଉନ୍‌ଲୋଡ୍ କରିବା ଓ ଅନଲାଇନ୍ ଆର୍ଥିକ କାରବାର ସମୟରେ ଅସାବଧାନତା ବିପଦ ସୃଷ୍ଟି କରିପାରେ। ତେଣୁ ଶିଶୁ ଓ ଯୁବପିଢ଼ିଙ୍କୁ ଡିଜିଟାଲ୍ ସୁରକ୍ଷାର ମୌଳିକ ନିୟମ ବିଷୟରେ ସଚେତନ କରିବା ଓ କୌଣସି ଅସ୍ୱାଭାବିକ ଘଟଣା ଘଟିଲେ ଅଭିଭାବକ କିମ୍ବା ବିଶ୍ୱସ୍ତ ବ୍ୟକ୍ତିଙ୍କୁ ତୁରନ୍ତ ଜଣାଇବା ଆବଶ୍ୟକ। ପରିବାର, ଶିକ୍ଷକ ଓ ସମାଜ ମିଳିତ ଭାବେ ପିଲାମାନଙ୍କ ମଧ୍ୟରେ ଦାୟିତ୍ୱପୂର୍ଣ୍ଣ ଡିଜିଟାଲ୍ ବ୍ୟବହାରର ଅଭ୍ୟାସ ଗଢ଼ିବା ଦରକାର। ଜୀବନ ଅମୂଲ୍ୟ। କୌଣସି ଅନଲାଇନ୍ ଗେମ୍ କିମ୍ବା ଡିଜିଟାଲ୍ ମନୋରଞ୍ଜନଠାରୁ ଜୀବନ, ପରିବାର, ଶିକ୍ଷା, ସ୍ୱାସ୍ଥ୍ୟ ଓ ଭବିଷ୍ୟତ ଅଧିକ ମୂଲ୍ୟବାନ। ତେଣୁ ଅନଲାଇନ୍ ଗେମ୍‌ର ଅତ୍ୟଧିକ ବ୍ୟବହାରଠାରୁ ଦୂରେଇ ରହନ୍ତୁ, ସମୟର ସଠିକ୍ ବ୍ୟବହାର କରନ୍ତୁ ଓ ନିଜ ଜୀବନକୁ ସୁରକ୍ଷିତ ରଖିବାକୁ ଡ. ନାୟକ ଆହ୍ୱାନ ଦେଇଛନ୍ତି।

## ଟ୍ରକ୍‌ରୁ ଡିଜେଲ ଚୋରି ଉଦ୍ୟମ ବେଳେ ଗୁଳିମାଡ଼

**ଜଣେ ଗିରଫ, ପିସ୍ତଲ ସହ ଡିଜେଲ ଓ ବାଇକ୍ ଜବତ**



ଯୋଡ଼ା,୨୪ା୯(ସଂଚାର ବ୍ୟୁରୋ): ଯୋଡ଼ା ଥାନାଞ୍ଚଳର କାଟାମାଟି ମାଇନ୍ସ ନିକଟରେ ଟ୍ରକ୍‌ରୁ ଡିଜେଲ ଚୋରି ଉଦ୍ୟମ ବେଳେ ଗୁଳି ଚଳାଇବା ଅଭିଯୋଗରେ ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଏନେଇ ଯୋଡ଼ା ଥାନାରେ କେସ୍ ନମ୍ବର ୩୪୭, ତାରିଖ ୨୩.୦୯.୨୦୨୬ରେ ବିଏନ୍ଏସ୍ ଧାରା ୩୦୯(୬) ଏବଂ ଆର୍ମ୍ସ ଆକ୍ଟର ଧାରା ୨୫ ଓ ୨୭ରେ ମାମଲା ରୁଜୁ ହୋଇଛି। ପୁଲିସଠାରୁ ମିଳିଥିବା ସୂଚନାନୁସାରେ, ଗତକାଲି ବିଳମ୍ବିତ ରାତିରେ କାଟାମାଟି ମାଇନ୍ସ ଅଞ୍ଚଳରେ ବସନ୍ତ କୁମାର ମହାନ୍ତଙ୍କ ଟ୍ରକ୍ (ନଂ.ଓଡି୦୯ଜି ୫୩୫୬) ଲୋଡିଂ ପାଇଁ ରହିଥିଲା। ଏହି ସମୟରେ ୪ ଜଣ ଯୁବକ ବାଇକ୍‌ରେ ଆସି ଉକ୍ତ ଟ୍ରକ୍‌ରୁ ଡିଜେଲ ଚୋରି କରୁଥିବା ଦେଖି ଡ୍ରାଇଭରମାନେ ସେମାନଙ୍କୁ ଧରିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ଅଭିଯୁକ୍ତମାନଙ୍କ ମଧ୍ୟରୁ ଜଣେ ପିସ୍ତଲ ବାହାର କରି ଗୁଳି ଚଳାଇଥିଲା। ପରେ ୩ ଜଣ ଅଭିଯୁକ୍ତ ଗୋଟିଏ ବାଇକ୍‌ରେ ସେଠାରୁ ଫେରାର ହୋଇଯାଇଥିବା ବେଳେ ଅନ୍ୟ ଜଣଙ୍କୁ ଡ୍ରାଇଭରମାନେ କାବୁ କରି ପୁଲିସକୁ ହସ୍ତାନ୍ତର କରିଥିଲେ। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ପଶ୍ଚିମ ସିଂହଭୂମ ଜିଲ୍ଲା ଜଗନ୍ନାଥପୁର ଥାନା ଅନ୍ତର୍ଗତ ଯୋଗିନନ୍ଦ ଅଞ୍ଚଳର ବିନୁ ସିଂ ଚତାରଙ୍କ ପୁଅ ଶାବନ ଚତାର (୨୪)। ପୁଲିସ ଘଟଣାସ୍ଥଳରୁ ଗୋଟିଏ ମୋଟର ସାଇକେଲ, ବ୍ୟାଗ୍‌ରେ ଥିବା ଡିଜେଲ, ଡିଜେଲ ପାଇପ୍ ଓ ଗୋଟିଏ ପିସ୍ତଲ ଜବତ କରିଛି। ଏଥିସହ ଫେରାର ଅନ୍ୟ ୩ ଅଭିଯୁକ୍ତଙ୍କୁ ଧରିବା ପାଇଁ ଯୋଡ଼ା ପୁଲିସ ଉଦ୍ୟମ ଚଳାଇଛି।

## ଦୁଇ ଟ୍ରକ୍ ମୁହାଁମୁହିଁ: ଡ୍ରାଇଭର ଗୁରୁତର



ବିନିକା,୨୪ା୯(ସଂଚାର ବ୍ୟୁରୋ): ଦୁଇଟି ଟ୍ରକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ସୁବର୍ଣ୍ଣପୁର ଜିଲ୍ଲା ବିନିକା ଥାନା ଚେରୁପାଲି ଛକ ନିକଟରେ ଘଟିଛି ଏହି ଦୁର୍ଘଟଣା। ଗୋଟିଏ ଟ୍ରକର ଡ୍ରାଇଭର ଏହି ଦୁର୍ଘଟଣାରେ ଗୁରୁତର ଭାବେ ଆହତ ହୋଇଥିବା ବେଳେ ଅନ୍ୟ ଏକ ଟ୍ରକ ଡ୍ରାଇଭର ସାମାନ୍ୟ ଆହତ ହୋଇଛନ୍ତି। ସମ୍ବଲପୁରୀ ବିନିକା ପଟରୁ ଭୁଷା ବୋଝେଇ ହୋଇ ଆସୁଥିବା ଟ୍ରକଟି ବିନିକା ପଟରୁ ଯାଉଥିବା ଆଉ ଏକ ଟ୍ରକ ସହ ମୁହାଁମୁହିଁ ଭାବେ ଧକ୍କା ହୋଇଥିଲା। ଫଳରେ ଉଭୟ ଟ୍ରକ୍‌ର ଡ୍ରାଇଭର ଗାଡ଼ି ଭିତରେ ଚାପି ହୋଇ ରହିଯାଇଥିଲେ। ପରେ ସ୍ଥାନୀୟ ଲୋକେ ଟ୍ରକରେ ଚାପି ହୋଇ ରହିଥିବା ଡ୍ରାଇଭରଙ୍କୁ ଉଦ୍ଧାର କରି ବିନିକା ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଦୁର୍ଘଟଣା ପରେ କିଛି ସମୟ ପର୍ଯ୍ୟନ୍ତ ସୁବର୍ଣ୍ଣପୁର ସମ୍ବଲପୁରୀ ମୁଖ୍ୟ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ପରେ ଜେସିବି ମେସିନ ମାଧ୍ୟମରେ ଗୋଟିଏ ଟ୍ରକ ରାସ୍ତାରୁ ହଟାଇବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

## ଗର୍ଭବତୀ ଭାଇବୋହୂଙ୍କୁ ଦୁଷ୍କର୍ମ: ଦେଢ଼ଶୁର ଗିରଫ



ପାଟଣା, ୨୩ା୯ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲାର ପାଟଣା ଥାନା ଅଞ୍ଚଳରେ ପବିତ୍ର ପାରିବାରିକ ସମ୍ପର୍କକୁ ନେଇ ଏକ ସଙ୍ଗିନ ଓ କଳଙ୍କିତ ଅଭିଯୋଗ ସାମ୍ନାକୁ ଆସିଛି। ନିଜର ୫ ମାସର ଗର୍ଭବତୀ ଭାଇବୋହୂଙ୍କୁ ଦୁଷ୍କର୍ମ କରିବା ଅଭିଯୋଗରେ ଦେଢ଼ଶୁର ଲୋକନାଥ ମହାନ୍ତଙ୍କୁ ପାଟଣା ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ଏହି ସାଂଘାତିକ ଘଟଣାଟି ବାଲିବନ୍ଧ ଗାଁରେ ଘଟିଥିବା ଜଣାପଡ଼ିଛି। ଅଭିଯୋଗ ଅନୁଯାୟୀ, ଗତ ରବିବାର ଦିନ ୨୨ ବର୍ଷୀୟା ପୀଡ଼ିତା ମହିଳା ଘରେ ରୋଷେଇ କରୁଥିଲେ। ଏହି ସମୟରେ ତାଙ୍କ ଶ୍ୱଶୁର ବଳଦ ଚରାଇବାକୁ ଯାଇଥିଲେ ଓ ଶାଶୂ ଅନ୍ୟ ଗୃହକାର୍ଯ୍ୟରେ ବ୍ୟସ୍ତ ଥିଲେ। ଏହାର ସୁଯୋଗ ନେଇ ଦେଢ଼ଶୁର ଲୋକନାଥ ତରକାରୀ ମାଗିବା ବାହାନାରେ ଘର ଭିତରକୁ ପଶି ଆସିଥିଲେ। ପରେ ସେ ମହିଳାଙ୍କୁ ଜୋରଜବରଦସ୍ତି ଘରର ଉପର ମହଲାକୁ ଟେକି ନେଇ ଦୁଷ୍କର୍ମ କରିଥିବା ଏତଲାରେ ଦର୍ଶାଯାଇଛି। ପୀଡ଼ିତା ମହିଳାଙ୍କ ସ୍ୱାମୀ ଜୀବିକାର୍ଜନ ପାଇଁ ବୋଙ୍ଗାଲୁରୁରେ ରହୁଥିବା ବେଳେ ସେ ଘରେ ଶାଶୂ-ଶ୍ୱଶୁରଙ୍କ ସହ ରହୁଥିଲେ। ଏହି କୁତ୍ସିତ ଘଟଣା ପରେ ମହିଳା ଜଣଙ୍କ ନିଜ ପରିବାର ଲୋକଙ୍କୁ ଜଣାଇବା ସହ ପାଟଣା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଗୁରୁତ୍ୱର ସହ ନେଇ ପାଟଣା ପୁଲିସ ତୁରନ୍ତ ଚଢ଼ାଉ କରି ଅଭିଯୁକ୍ତ ଦେଢ଼ଶୂର ଲୋକନାଥଙ୍କୁ ଗିରଫ କରିଛି। ପାଟଣା ଥାନା ଏସ୍ଆଇ ଲକ୍ଷ୍ମଣ କୁମାର ମାଝୀ ଏହି ସମ୍ବେଦନଶୀଳ ମାମଲାର ତଦନ୍ତ ଭାର ଗ୍ରହଣ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛନ୍ତି।

କେଆର୍ ରେଳପଥରେ ଭୂସ୍ଖଳନ

# ତିନି ଘଣ୍ଟା ଧରି ଟ୍ରେନ ଚଳାଚଳ ବାଧାପ୍ରାପ୍ତ

ରାୟଗଡ଼ା,୨୪ା୯(ସଂଚାର ବ୍ୟୁରୋ): ଗଭୀର ଅବପାତ ପ୍ରଭାବରେ ଗତ ଦୁଇ ଦିନ ଧରି ଲଗାଣ ବର୍ଷା ଯୋଗୁଁ ରେଳ ଚଳାଚଳ ଉପରେ ପ୍ରଭାବ ପଡ଼ିଛି। ଏପରିକି ଆଜି ରେଳ ଚଳାଚଳ କିଛିକାଂଶରେ ବାଧାପ୍ରାପ୍ତ ହୋଇଛି। ଭୂସ୍ଖଳନ ଘଟି ଲେଲିଗୁମା ଓ ରାଉଳି ଷ୍ଟେସନ୍ ମଧ୍ୟରେ ଥିବା ଟନେଲ୍ ନମ୍ବର ୩ ନିକଟରେ ରେଳ ଧାରଣା ଉପରେ ମାଟି ଅତଡ଼ା ଖସିଛି।

ଫଳରେ କୋରାପୁଟ-ରାୟଗଡ଼ା (କେଆର୍) ରେଳପଥ ବନ୍ଦ ରହିଥିଲା। ଏହି ରେଳପଥରେ ରେଳ ଚଳାଚଳ ପାଖାପାଖି ତିନି ଘଣ୍ଟା ଧରି ବାଧାପ୍ରାପ୍ତ ହୋଇଥିଲା। ସକାଳ ପ୍ରାୟ ସାଢ଼େ ୧୦ଟା ସମୟରେ ଭୂସ୍ଖଳନ ଘଟିଥିଲା। ଏହାପରେ ରାୟଗଡ଼ାଠାରୁ ବିଭାଗର ଏକ



ସ୍ୱତନ୍ତ୍ର ବୈଷୟିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ରେଳ ଧାରଣାରୁ ମାଟି ହଟାଇଥିଲେ। ରେଳ ଟ୍ରାକ୍ ଉପରୁ ସମସ୍ତ ମାଟିକୁ ହଟାଇବା ପରେ ରେଳ ଚଳାଚଳ ସ୍ୱାଭାବିକ ହୋଇଥିଲା। ମଧ୍ୟାହ୍ନ ୨ଟା ସମୟରେ ରେଳ ଧାରଣା ପରିଷ୍କାର ହୋଇଥିଲା।

ତେବେ କିଛି ସ୍ଥାନରେ ରେଳ ଧାରଣା ଉପରେ ବର୍ଷା ପାଣି ପ୍ରବାହିତ ହେଉଥିବା ଦେଖିବାକୁ ମିଳିଛି। ତେଣୁ ପୁନର୍ବାର ଏହି ରେଳପଥ ବନ୍ଦ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ମୁଖ୍ୟତଃ ଲେଲିଗୁମା, ରାଉଳି, ସିଙ୍ଗାରାମ, ଭାଲୁମସ୍କା ଷ୍ଟେସନ ନିକଟରେ ଟ୍ରାକ ଉପରେ ପାଣି ଜମି ରହିଛି। ତେବେ ଏଥିପ୍ରତି ନଜର ରହିଛି ବୋଲି ଡିଆରଏମ ଅମିତାଭ୍ ସିଂଘଲ କହିଛନ୍ତି।

## ପୋଲ ଉପରେ ୪ ଫୁଟର ବନ୍ୟାଜଳ, ଯୋଗାଯୋଗ ବିଚ୍ଛିନ୍ନ



ବଂଶପାଳ,୨୪ା୯(ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲାର ଉପାନ୍ତ ତେଲକୋଇ ଅଞ୍ଚଳରେ ବାତ୍ୟା ଜନିତ ଲଗାଣ ବର୍ଷା ଜାରି ରହିଛି । ୨ ଦିନ ଲଗାଣ ବର୍ଷା ହେବା ପରେ ଆଜି ସକାଳେ ଉପର ମୁଣ୍ଡରେ ସମାକୋଇ ନଦୀର ପଙ୍ଗା ପୋଲ ଉପରେ ୪ ଫୁଟ ଉଚ୍ଚର ବନ୍ୟାଜଳ ପ୍ରବାହିତ ହେଉଛି। ଫଳରେ ତେଲକୋଇ- ହରିଚନ୍ଦନପୁର ଓ ଘଟଗାଁକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ପଙ୍ଗା ପୋଲ ନିକଟରେ ଉଭୟ ପାର୍ଶ୍ୱରେ ଯାତ୍ରୀବାହୀ ବସ୍ ଓ ଗାଡ଼ି ମୋଟର ଅଟକି ରହିଛି । ସେହିପରି ତେଲକୋଇ ଶିବନାରାୟଣପୁର ଗୋଡା ରାସ୍ତାର ଶଙ୍କରପୁର ନାଳ ପୋଲ ଉପରେ ୪ ଫୁଟ୍ ବନ୍ୟାଜଳ ପ୍ରବାହିତ ହେଉଛି। ଉଭୟ ପାର୍ଶ୍ୱରେ ସ୍କୁଲ ଛାତ୍ରଛାତ୍ରୀଙ୍କ ସହିତ ଗାଡି ମୋଟର ଓ ଶିକ୍ଷକ ଶିକ୍ଷୟିତ୍ରୀ ଜନସାଧାରଣ ଅଟକି ରହିଛନ୍ତି। ଓରିଆବିରିଦା ପଞ୍ଚାୟତ ଅନ୍ତର୍ଗତ ପିଟାନାଳୀ ଓଏଭି ସ୍କୁଲ ନାଳ ପୋଲ ଉପରେ ମଧ୍ୟ ବନ୍ୟାଜଳ ପ୍ରବାହିତ ହେଉଛି ।

## ନକଲି ସିମ୍ କାରବାର ଠାବ, ୩ ଅଭିଯୁକ୍ତ ଗିରଫ



ସମ୍ବଲପୁର,୨୪ା୯(ସଂଚାର ବ୍ୟୁରୋ): ସମ୍ବଲପୁର ସାଇବର ଥାନା ପୁଲିସ ନକଲି ସିମ୍ କାର୍ଡ ପ୍ରସ୍ତୁତ କରି ବିକ୍ରି କରୁଥିବା ଅଭିଯୋଗରେ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପଞ୍ଚପୁଟର ସୂରଜ ବାଗ (୨୪), ସିନାପାଲିର ମାଳତୀ ଓରାମ ଓରଫ ମାଳା (୨୯) ଓ ସମ୍ବଲପୁର ମୋତିଝରଣର ପାପୁ ଓରଫ ଶେଖ ପରଭେଜ (୩୨)। ସମ୍ବଲପୁର ସାଇବର ଥାନା ମାମଲା ନଂ-୩୪, ୨୨.୯.୨୦୨୬ର ତଦନ୍ତ ବେଳେ ଏହି ନକଲି ସିମ୍ କାରବାର ସାମ୍ନାକୁ ଆସିଥିଲା। ଅଭିଯୁକ୍ତମାନେ ଗ୍ରାହକଙ୍କ ପରିଚୟ ପତ୍ର ଓ ଅନ୍ୟାନ୍ୟ କାଗଜପତ୍ର ବ୍ୟବହାର କରି ଗୋଟିଏ ନମ୍ବର ବଦଳରେ ଏକାଧିକ ସିମ୍ ପ୍ରସ୍ତୁତ କରୁଥିଲେ। ଗ୍ରାହକଙ୍କୁ ଗୋଟିଏ ସିମ୍ ଦେବା ପରେ ଅତିରିକ୍ତ ସିମ୍‌ଗୁଡ଼ିକୁ ନିଜ ପାଖରେ ରଖି ଅନ୍ୟମାନଙ୍କୁ ବିକ୍ରି କରୁଥିଲେ। ତଦନ୍ତରୁ ଜଣାପଡ଼ିଛି ଯେ ଏହିପରି ଭାବେ ପ୍ରସ୍ତୁତ କିଛି ସିମ୍ ଝାଡ଼ଖଣ୍ଡର ଜାମତାରା ଅଞ୍ଚଳରେ ସାଇବର ଅପରାଧରେ ବ୍ୟବହୃତ ହେଉଥିଲା। ସିମ୍ ବିକ୍ରିରୁ ମିଳୁଥିବା ଅର୍ଥ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ମଧ୍ୟରେ ବଣ୍ଟାଯାଉଥିବା ନେଇ ମଧ୍ୟ ତଥ୍ୟ ମିଳିଛି। ଅଭିଯୁକ୍ତମାନଙ୍କ ନିକଟରୁ ୪ଟି ମୋବାଇଲ୍ ଫୋନ୍, ୪ଟି ସକ୍ରିୟ ସିମ୍, ୧୨୦ଟି ସିଲ୍ ଥିବା ଖାଲି ଏୟାରଟେଲ୍ ସିମ୍ କାର୍ଡ, ୩ଟି ବ୍ୟାଙ୍କ ପାସ୍‌ବୁକ୍, ଚେକ୍‌ବୁକ୍, ଆଧାର କାର୍ଡ, ଗୋଟିଏ ଫୋନ୍‌ପେ କ୍ୟୁଆର୍ କୋଡ୍ ସ୍କାନର, ୪ଟି ଆଫିଡେଭିଟ୍, ଘରଭଡ଼ା ଚୁକ୍ତିପତ୍ର, ୧୦ଟି ଏୟାରଟେଲ୍ ପାମ୍ପଲେଟ୍ ଓ ୪ଟି ଏୟାରଟେଲ୍ ୫ଜି ପ୍ଲସ୍ ସାଇନ୍‌ବୋର୍ଡ ଜବତ କରାଯାଇଛି। ଏହି ନେଟୱାର୍କରେ ଆଉ କେଉଁମାନେ ସମ୍ପୃକ୍ତ, କେତେ ସିମ୍ ପ୍ରସ୍ତୁତ ହୋଇଛି, କାହାକୁ ଯୋଗାଇ ଦିଆଯାଇଛି ଏବଂ କେତେ ପରିମାଣରେ ଅର୍ଥ କାରବାର ହୋଇଛି, ସେନେଇ ପୁଲିସ ତଦନ୍ତ ଜାରି ରଖିଛି। ଜାମତାରା ସହ ଏହି ନେଟୱାର୍କର ସମ୍ପର୍କ ନେଇ ମଧ୍ୟ ତଦନ୍ତ କରାଯାଉଛି।

## ଆଠଗଡ଼ ମଡେଲ୍ ଜେଲ୍‌ରୁ କଏଦୀ ଫେରାର୍

ଭୁବନେଶ୍ୱର,୨୪ା୯(ସଂଚାର ବ୍ୟୁରୋ): କଟକ ଜିଲ୍ଲାର ଆଠଗଡ଼ ମଡେଲ୍ ଜେଲ୍‌ରୁ ଆଜି ଜଣେ କଏଦୀ ଫେରାର୍ ହୋଇଯାଇଛି। ଫେରାର୍ ହୋଇଯାଇଥିବା କଏଦୀ ଜଣକ ସୁନୀଲ ଜେନା ଓ ତା'ର ଘର ଯାଜପୁର ଜିଲ୍ଲାରେ ହୋଇଥିବା ବେଳେ ସେ ଏକ ଡବଲ୍ ମର୍ଡର୍ ଘଟଣାରେ କଏଦୀ ଭାବେ ଜେଲ୍‌ରେ ରହିଥିଲା। ସେ ପାଖାପାଖି ୮ ମାସ ତଳେ ଏହି ଜେଲ୍‌ରେ ବନ୍ଦୀ ଜୀବନ କାଟିଆସୁଥିବା ବେଳେ ଆଜି ସନ୍ଧ୍ୟାରେ ଫେରାର୍ ହୋଇଯାଇଛି। ଜେଲ୍ କର୍ତ୍ତୃପକ୍ଷଙ୍କ କହିବାନୁସାରେ, ସୁନୀଲ ଜେଲ୍‌ର ପଛପଟେ ଥିବା ଏକ ପାଇପ୍‌ରେ ଚଢ଼ି କାନ୍ଥ ଡେଇଁ ପଛପଟର ଜଙ୍ଗଲକୁ ପଳାଇ ଯାଇଛି। ତାକୁ ଧରିବା ପାଇଁ ଖୁଣ୍ଟୁଣୀ ପୁଲିସ୍ ପକ୍ଷରୁ ଆଖପାଖ ଅଞ୍ଚଳରେ ବ୍ୟାପକ ଛାନ୍‌ଭିନ୍ କରାଯାଉଛି।

● ଓସିଏ ନିର୍ବାଚନ ମାମଲା

## ୨୫ ସୁଦ୍ଧା ଜବାବ ଦାଖଲ ନିର୍ଦ୍ଦେଶ, ୨୮ରେ ପରବର୍ତ୍ତୀ ଶୁଣାଣି

କଟକ,୨୪ା୯(ସଂଚାର ବ୍ୟୁରୋ): ଓଡ଼ିଶା କ୍ରିକେଟ୍ ସଂଘ (ଓସିଏ) ନିର୍ବାଚନ ସମ୍ପର୍କିତ ମାମଲାରେ ସମସ୍ତ ପକ୍ଷଙ୍କୁ ଜବାବ ଦାଖଲ କରିବାକୁ ଓଡ଼ିଶା ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଓସିଏର ବିଭିନ୍ନ ପଦପଦବୀ ପାଇଁ ନିର୍ବାଚନ ହେଉ ନ ଥିବାରୁ ପୂର୍ବତନ ବିଧାୟକ ତଥା ରଣଜୀ ଖେଳାଳି ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ହାଇକୋର୍ଟରେ ଏହି ମାମଲା ରୁଜୁ କରିଛନ୍ତି। ହାଇକୋର୍ଟର ବିଚାରପତି ଜଷ୍ଟିସ୍ ମୃଗାଙ୍କ ଶେଖର ସାହୁ ମାମଲାର ଶୁଣାଣି କରି ଏହି ନିର୍ଦ୍ଦେଶ ଦେବା ସହ ପରବର୍ତ୍ତୀ ଶୁଣାଣି ଆସନ୍ତା ୨୮ ତାରିଖରେ କରିବାକୁ ଧାର୍ଯ୍ୟ କରିଛନ୍ତି। ଶୁଣାଣି ସମୟରେ ପ୍ରତିପକ୍ଷ ଓସିଏ ଯୁଗ୍ମ ସମ୍ପାଦକଙ୍କ ପକ୍ଷରୁ ଏକ ଅନ୍ତରୀଣ ପିଟିସନ୍ ଦାଖଲ କରାଯାଇ ସୁପ୍ରିମ୍‌କୋର୍ଟଙ୍କ ଏକ ରାୟ ନେଇ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସୁପ୍ରିମ୍‌କୋର୍ଟରେ ବିଚାରାଧୀନ ଥିବା ବିସିସିଆଇ ବନାମ ବିହାର କ୍ରିକେଟ ଆସୋସିଏସନ ମାମଲାରେ ଗତ ୮ ତାରିଖରେ ହୋଇଥିବା ଶୁଣାଣିରେ ନୂତନ ଭାବେ କାର୍ଯ୍ୟକାରୀ ହୋଇଥିବା ଜାତୀୟ କ୍ରୀଡ଼ା ପରିଚାଳନା ଆଇନ ୨୦୨୫ର ପ୍ରାବଧାନଗୁଡ଼ିକୁ କାହିଁକି ଲାଗୁ କରାଯାଉନାହିଁ ଏବଂ ନିର୍ବାଚିତ ବା ନିଯୁକ୍ତ କର୍ମକର୍ତ୍ତାଙ୍କ କାର୍ଯ୍ୟକାଳ ଏହି ଆଇନ ଅନୁଯାୟୀ କାହିଁକି କାର୍ଯ୍ୟକାରୀ ହେବନାହିଁ, ସେନେଇ ବିସିସିଆଇ ଓ ସମସ୍ତ ରାଜ୍ୟ କ୍ରିକେଟ୍ ସଂଘକୁ ସ୍ପଷ୍ଟୀକରଣ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ସୁପ୍ରିମକୋର୍ଟଙ୍କ ରାୟ ଆସିବା ପର୍ଯ୍ୟନ୍ତ ହାଇକୋର୍ଟରେ ଚାଲିଥିବା ଏହି ମାମଲାର ଶୁଣାଣି ଉପରେ ରହିତାଦେଶ ଜାରି କରାଯାଉ ବୋଲି ଯୁଗ୍ମ ସମ୍ପାଦକଙ୍କ ପକ୍ଷରୁ ଯୁକ୍ତି ଦର୍ଶାଯାଇଥିଲା।

● କେନାଲ ଭିତରକୁ ପଶିଗଲା ସ୍କର୍ପିଓ

## ଅଳ୍ପକେ ବର୍ତ୍ତିଲେ ମା' ଓ ପୁଅ

ତାଳଚେର,୨୪ା୯(ସଂଚାର ବ୍ୟୁରୋ): କେନାଲ ଭିତରକୁ ପଶିଗଲା ସ୍କର୍ପିଓ। ତାଳଚେରରେ ବଡ଼ ଅଘଟଣରୁ ଅଳ୍ପକେ ବର୍ତ୍ତିଲେ ମା' ଓ ପୁଅ। ଭାରସାମ୍ୟ ହରାଇ ଏକ ସ୍କର୍ପିଓ ଗାଡ଼ି କେନାଲ ଭିତରକୁ ପଶିଯିବା ପରେ ଗାଡ଼ି ଭିତରେ ଫସିରହିଥିଲେ ଉଭୟ ମା' ଓ ପୁଅ। ତେବେ ସ୍ଥାନୀୟ ଗ୍ରାମବାସୀଙ୍କ ତତ୍ପରତା ଯୋଗୁଁ ଉଭୟଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ମିଳିଥିବା ସୂଚନାନୁସାରେ, ଏହି ଘଟଣାଟି ତାଳଚେର ବନ୍ତୁଲ ଗାଁ ନିକଟ କେନାଲ ବାଇପାସ ନିକଟରେ ଘଟିଛି। ସମଲ ରାଇଟ୍ କେନାଲ ନିକଟରେ ଯାଉଥିବା ବେଳେ ସ୍କର୍ପିଓଟି ହଠାତ୍ ଭାରସାମ୍ୟ ହରାଇ କେନାଲ ଭିତରକୁ ପଶିଯାଇଥିଲା। ସେତେବେଳେ ଗାଡ଼ିରେ ଥିଲେ ତାଳଚେର ଗୋପାଳପ୍ରସାଦ କୁସୁମପାଳ ଗାଁର ବାସନ୍ତୀ ସାମଲ ଓ ତାଙ୍କ ପୁଅ ଶାନ୍ତନୁ ପଡିଆରୀ। ତାଳଚେରରେ ମାର୍କେଟିଂ ସାରି ନିଜ ଝିଅକୁ ତାଳଚେର ରୋଡ୍ ଷ୍ଟେସନରୁ ଆଣିବା ପାଇଁ ଯାଉଥିବା ବେଳେ ଏପରି ଅଘଟଣ ଘଟିଥିଲା। ଗାଡ଼ି କେନାଲ ଭିତରକୁ ପଶିଯିବା ପରେ ମା' ଓ ପୁଅ ଭିତରେ ଫସିଯାଇଥିଲେ। ସ୍ଥାନୀୟ ଗ୍ରାମବାସୀ ତୁରନ୍ତ ସେଠାରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରିଥିଲେ। ଏହାପରେ ଅଗ୍ନିଶମ ବିଭାଗ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲା। କେନାଲ ଭିତରୁ ସ୍କର୍ପିଓଟିକୁ ବାହାର କରିବା ପାଇଁ ଉଦ୍ୟମ ଜାରି ରହିଛି। ସ୍ଥାନୀୟ ଲୋକଙ୍କ ତତ୍ପରତା ଯୋଗୁଁ ଦୁଇଟି ଜୀବନ ବଞ୍ଚିଯାଇଛି ବୋଲି ଚର୍ଚ୍ଚା ହେଉଛି।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସାମ୍ନା ରାସ୍ତା ମରଣଯନ୍ତା

କେନ୍ଦ୍ରାପଡ଼ା,୨୪ା୯(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲାର ଏକମାତ୍ର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମୁଖ୍ୟ ରାସ୍ତା ଏବେ ମରଣଯନ୍ତା ପାଲଟିଛି। ମୁଖ୍ୟ ଫାଟକ ନିକଟରେ ଜଳ ନିଷ୍କାସନ ପାଇଁ ଥିବା ଡ୍ରେନର ଲୁହା ପ୍ଲେଟ୍ ଭାଙ୍ଗି ଯାଇଥିବା ବେଳେ ଜୀବନକୁ ପାଣି ଛଡ଼ାଇ ରୋଗୀଙ୍କଠାରୁ ଆରମ୍ଭ କରି ସାଧାରଣ ଜନତା ଏହି ରାସ୍ତା ଦେଇ ଯାତାୟାତ କରୁଛନ୍ତି। ଆମ୍ବୁଲାନ୍ସ, ବାଇକ

- ● ଭାଙ୍ଗିଗଲାଣି ଲୁହା ପ୍ଲେଟ୍, ରାସ୍ତା ସାରା ଖାଲଖମା
- ● ବେଫିକର୍ ପ୍ରଶାସନ, ଲୋକେ ହନ୍ତସନ୍ତ



ଆରୋହୀ, ଯାତ୍ରୀବାହୀ ଯାନ ଓ ଭାରୀଯାନ ମଧ୍ୟ ଏହି ରାସ୍ତା ଦେଇ ଯାତାୟାତ କରୁଛନ୍ତି। କେତେବେଳେ ଯେ ଏହି ଏହି ଭଙ୍ଗା ଲୁହା ଯୋଗୁଁ ଦୁର୍ଘଟଣା ଘଟିବ, ତାହା କିଏ କହିବ। କେବଳ ସେତିକି ନୁହେଁ, ରାସ୍ତା ମୁହଁରେ ବଡ଼ ବଡ଼ ଖାଲଖମା ହୋଇଥିବାରୁ ବର୍ଷାଦିନେ ଏଥିରେ ପାଣି ଜମା ହୋଇ କୃତ୍ରିମ ଗଡ଼ିଆର ଭ୍ରମ ସୃଷ୍ଟି କରୁଛି। ସାରା ଜିଲ୍ଲାର ଲୋକେ ଚିକିତ୍ସା ପାଇଁ ଏହି ମେଡିକାଲ୍ ଉପରେ ନିର୍ଭର କରୁଥିବା ବେଳେ ଏବେ ଖୋଦ୍ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପାରିପାର୍ଶ୍ୱିକ ଅବସ୍ଥା ଦୁର୍ବଳ ହୋଇ ମରାମତି ଲୋଡୁଛି। ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଲୋକ ଏହି ଚିକିତ୍ସାଳୟକୁ ଆସୁଛନ୍ତି। ହେଲେ ମୁଖ୍ୟ ଦ୍ୱାରର ଦୟନୀୟ ଅବସ୍ଥା ଦେଖି ସେମାନେ ହତାଶ ହେଉଛନ୍ତି। କାରଣ ଗାଁ ପରିମଳ ଧୋବୁ ତୁଠରୁ ମୁଖ୍ୟ ଦ୍ୱାରର ଦୟନୀୟ ଅବସ୍ଥା ହୋଇଥିବାରୁ ଏଠାରେ ଚିକିତ୍ସା ବ୍ୟବସ୍ଥା କିପରି ଥିବ ସେମାନେ ଅନୁମାନ କରିନେଉଛନ୍ତି। ଏଥିପାଇଁ ନା ପ୍ରଶାସନ ନା ଲୋକପ୍ରତିନିଧି କେହି ବି ଦୃଷ୍ଟି ଦେଉନାହାନ୍ତି।

# ହଟ୍ଟଗୋଳ ମଧ୍ୟରେ ଆଗତ ହେଲା ଓଡ଼ିଶା ଜନ ବିଶ୍ୱାସ ବିଲ୍

ଭୁବନେଶ୍ୱର,୨୪ା୯(ସଂଚାର ବ୍ୟୁରୋ): ରାଜ୍ୟରେ ବ୍ୟାବସାୟିକ ସୁଗମତା ଓ ଜୀବନଧାରଣର ସୁଗମତାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ସରକାର ପଦକ୍ଷେପ ନେଇଛନ୍ତି। ଆଜି ବିଧାନସଭାରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ 'ଓଡ଼ିଶା ଜନ ବିଶ୍ୱାସ ବିଲ୍, ୨୦୨୬' ଆଗତ କରିଛନ୍ତି। ଅପରାହ୍ଣରେ ବିରୋଧୀ ଦଳ ଏମଏମଡିଆର ସଂଶୋଧନ ବିଲକୁ ବିରୋଧ କରି ଗୃହରେ ହଟ୍ଟଗୋଳ କରୁଥିବା ବେଳେ ଶିଳ୍ପମନ୍ତ୍ରୀ ବିଲଟିକୁ ଗୃହରେ ଉପସ୍ଥାପନ କରିଥିଲେ। ଏହାପରେ ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ ପ୍ରଧାନଙ୍କ ପ୍ରସ୍ତାବ କ୍ରମେ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ବିଲ୍ ସମ୍ପର୍କରେ ଆଲୋଚନା ପାଇଁ ସମୟ ନିର୍ଦ୍ଧାରଣ କରିବାକୁ ଏହାକୁ କାର୍ଯ୍ୟ ପରାମର୍ଶଦାତା କମିଟି ନିକଟକୁ ପଠାଇଛନ୍ତି।

ରାଜ୍ୟରେ ଥିବା ପୁରୁଣା ଦଣ୍ଡ ବ୍ୟବସ୍ଥାକୁ ଯୁକ୍ତିସଙ୍ଗତ କରିବା ଓ ନିୟାମକ ବ୍ୟବସ୍ଥାକୁ ସରଳ କରିବା ବିଲର ମୁଖ୍ୟ ଉଦ୍ଦେଶ୍ୟ।

**■ ସାମାନ୍ୟ ତ୍ରୁଟି ପାଇଁ ଆଉ ହେବନି ଜେଲ୍ ଦଣ୍ଡ**
**■ ସରଳ ହେବ ଲାଇସେନ୍ସ ବ୍ୟବସ୍ଥା**

ବିଲ୍‌ର ବିବରଣୀ ଅନୁଯାୟୀ, ବାଣିଜ୍ୟ, ଶିଳ୍ପ, ସାଧାରଣ ପ୍ରଶାସନ, ସ୍ଥାନୀୟ ସ୍ୱାୟତ୍ତଶାସନ, କୃଷି, ଜଙ୍ଗଲ ଏବଂ ଶ୍ରମ ଆଦି କ୍ଷେତ୍ରକୁ ନିୟନ୍ତ୍ରଣ କରୁଥିବା ଆଇନଗୁଡ଼ିକର ବ୍ୟାପକ ସମୀକ୍ଷା କରାଯାଇ ଏହାକୁ ପ୍ରସ୍ତୁତ କରାଯାଇଛି। ଅନେକ ଦଶନ୍ଧି ପୁରୁଣା ଆଇନଗୁଡ଼ିକରେ ସାମାନ୍ୟ ପ୍ରକ୍ରିୟାଗତ କିମ୍ବା ବୈଷୟିକ ତ୍ରୁଟି ପାଇଁ ମଧ୍ୟ କାରାଦଣ୍ଡର ବ୍ୟବସ୍ଥା ରହିଛି, ଯାହା ନାଗରିକ ତଥା ବ୍ୟବସାୟୀଙ୍କ ପାଇଁ ଅଯଥା ଭୟ ଓ ଅନୁପାଳନ ବୋଝ ସୃଷ୍ଟି କରୁଛି। ତେଣୁ ଏହି ନୂତନ ବିଲ୍ ମାଧ୍ୟମରେ ସେହିଭଳି କ୍ଷୁଦ୍ର ଅପରାଧଗୁଡ଼ିକୁ ଅପରାଧମୁକ୍ତ କରାଯାଇ କାରାଦଣ୍ଡ ବଦଳରେ କେବଳ ଆର୍ଥିକ ଜରିମାନା ଆଦାୟ କରିବାର ବ୍ୟବସ୍ଥା କରାଯାଇଛି।

ଆନୁପାତିକ ଲାଭ ବିନା ବ୍ୟବସାୟୀ ଓ ସାଧାରଣ ଲୋକଙ୍କ ସମୟ ନଷ୍ଟ କରୁଥିବା ଜଟିଳ ଲାଇସେନ୍ସ, ନବୀକରଣ ଓ ଅନୁମତି ପ୍ରକ୍ରିୟାକୁ ଏହି ବିଲ୍ ମାଧ୍ୟମରେ ସରଳ



କରାଯିବ। ଅନାବଶ୍ୟକ ହସ୍ତକ୍ଷେପ କମାଇବା ପାଇଁ ଲାଇସେନ୍ସିଂକୁ କେବଳ ସୂଚନାଭିତ୍ତିକ କିମ୍ବା ତୃତୀୟ-ପକ୍ଷ ଅନୁମୋଦନଭିତ୍ତିକ ବ୍ୟବସ୍ଥାରେ ପରିଣତ କରିବାକୁ ଲକ୍ଷ୍ୟ ରଖାଯାଇଛି। ଯଦିଓ କ୍ଷୁଦ୍ର ତ୍ରୁଟି ପାଇଁ ନିୟମ କୋହଳ କରାଯାଇଛି, ତଥାପି ବିଲ୍‌ରେ ସ୍ପଷ୍ଟ କରାଯାଇଛି ଯେ ଗୁରୁତର ଅପରାଧ କ୍ଷେତ୍ରରେ କୌଣସି ସାଲିସ୍ କରାଯିବ ନାହିଁ। ଠକେଇ, ପ୍ରାକୃତିକ ସମ୍ପଦର ବେଆଇନ ଉତ୍ତୋଳନ, ସାଧାରଣ ସୁରକ୍ଷା ପ୍ରତି ବିପଦ କିମ୍ବା ପରିବେଶ ନଷ୍ଟ ଭଳି ଗମ୍ଭୀର ଓ ଇଚ୍ଛାକୃତ ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ ପୂର୍ବପରି କଠୋର ଦଣ୍ଡବିଧାନ ଜାରି ରହିବ। ଏହି ବିଲ୍ ପାରିତ ହେଲେ ରାଜ୍ୟରେ ନିୟାମକ ପ୍ରଶାସନର ଦକ୍ଷତା ଓ ସ୍ୱଚ୍ଛତା ବୃଦ୍ଧି ପାଇବ। ଏହା ସ୍ୱେଚ୍ଛାକୃତ ଅନୁପାଳନକୁ ଉତ୍ସାହିତ କରିବା ସହ ରାଜ୍ୟକୁ ଅଧିକ ପୁଞ୍ଜିନିବେଶକୁ ଆକର୍ଷିତ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଶିଳ୍ପମନ୍ତ୍ରୀ କହିଛନ୍ତି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ସେନ୍‌ସେକ୍ସରେ ୧୨୪୮ ପଏଣ୍ଟ ହ୍ରାସ




ମୁମ୍ବାଇ, ୨୪।୯: ଅଶୋଧିତ ତୈଳ ଦରରେ ବୃଦ୍ଧି ଓ ନୂଆ ବୀମା କମିସନ ନିୟମ ଘୋଷଣା ହେବା ପରେ ଆଜି ଷ୍ଟକ ବଜାର କାବରାରରେ ଅସ୍ଥିରତା ଦେଖାଦେଇଥିଲା। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍‌ସେକ୍ସ ୧୨୪୭.୭୧ ପଏଣ୍ଟ ହ୍ରାସ ପାଇ ୭୩,୫୮୦.୫୪ ପଏଣ୍ଟରେ ବନ୍ଦ ହୋଇଥିଲା। ସେହି ସମୟରେ ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍‌ଟି ୩୮୩.୭୦ ପଏଣ୍ଟ ହ୍ରାସ ପାଇ ୨୩,୦୬୩.୧୦ ପଏଣ୍ଟରେ ବନ୍ଦ ହୋଇଥିଲା। ଭାରତୀୟ ବୀମା ନିୟାମକ ଓ ବିକାଶ କର୍ତ୍ତୃପକ୍ଷ (ଆଇଆର୍‌ଡିଏଆଇ) ପକ୍ଷରୁ ବୀମା କମିସନ ଢାଞ୍ଚାରେ ପରିବର୍ତ୍ତନ କରାଯିବା ପରେ ଆର୍ଥିକ କ୍ଷେତ୍ରର କମ୍ପାନିଗୁଡ଼ିକର ସେୟାର ଅଧିକ ବିକ୍ରି ହୋଇଥିଲା।

ସେନ୍‌ସେକ୍ସର ଅଂଶ ଥିବା ବଜାଜ ଫାଇନାନ୍ସ, ଆକ୍ସିସ୍ ବ୍ୟାଙ୍କ, ବଜାଜ ଫିନ୍‌ସର୍ଭ, ଇଣ୍ଡିଗୋ, ଟ୍ରେଣ୍ଟ, ମହିନ୍ଦ୍ରା ଆଣ୍ଡ୍ ମହିନ୍ଦ୍ରା, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍, ଏସିଆନ୍ ପେଣ୍ଟ୍ସ ଓ ଭାରତୀ ଏୟାରଟେଲ୍ ସେୟାର ମୂଲ୍ୟରେ ବଡ଼ ଧରଣର ହ୍ରାସ ହୋଇଥିଲା। ନିଫ୍‌ଟିରେ ଅଟୋମୋବାଇଲ୍, ଆର୍ଥିକ ସେବା, ଏଫ୍‌ଏମ୍‌ସିଜି, ସୂଚନା ପ୍ରଯୁକ୍ତି, ଗଣମାଧ୍ୟମ ଓ ଧାତବ କ୍ଷେତ୍ରର କମ୍ପାନିଗୁଡ଼ିକର ସେୟାର ଅଧିକ ବିକ୍ରି ହୋଇଥିଲା। ଫାର୍ମା, ରାଷ୍ଟ୍ରାୟତ୍ତ ବ୍ୟାଙ୍କ, ଘରୋଇ ବ୍ୟାଙ୍କ, ରିଅଲ ଇଷ୍ଟେଟ୍, କନ୍‌ଜ୍ୟୁମର ଡ୍ୟୁରେବଲ୍, ସ୍ୱାସ୍ଥ୍ୟସେବା ଏବଂ ତୈଳ ଓ ଗ୍ୟାସ୍ କ୍ଷେତ୍ରର କମ୍ପାନିଗୁଡ଼ିକର ସେୟାର ମଧ୍ୟ ଚାପରେ ଥିଲା। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ପୁଣି ବୃଦ୍ଧି ପାଇଛି। ବ୍ରେଣ୍ଟ କ୍ରୁଡ୍ ଦର ବ୍ୟାରେଲ୍‌କୁ ୧୦୫.୧୦ ଡଲାର ଏବଂ ଆମେରିକାର ୱେଷ୍ଟ ଟେକ୍ସାସ୍ ଇଣ୍ଟରମେଡିଆରି ଦର ୯୩.୪୭ ଡଲାରକୁ ବୃଦ୍ଧି ପାଇଛି। ମହଙ୍ଗା ତେଲ ଭାରତର ଆମଦାନି ବିଲ୍ ବଢ଼ାଇବା ଓ ଦେଶରେ ଦରଦାମ୍ ସ୍ଥିତି ବେଲଗାମ କରିବା ଆଶଙ୍କା ଥିବାରୁ ନିବେଶକମାନେ ଚିନ୍ତିତ ହୋଇପଡ଼ିଛନ୍ତି। ଇରାନ ଉପରେ ଆମେରିକାର ଆକ୍ରମଣ ପରଠାରୁ ଅଶୋଧିତ ତୈଳ ଦର ଉଚ୍ଚା ରହିଛି। ଗତ କିଛି ଦିନ ପୂର୍ବେ ତାହା ସାମାନ୍ୟ ତଳକୁ ଖସିଥିଲା। ଏବେ ପୁଣି ସେଥିରେ ବୃଦ୍ଧି ହେବା ନିବେଶକମାନଙ୍କ ପାଇଁ ଚିନ୍ତାର କାରଣ ହୋଇଛି।

## ଆଜିର ସୁନା ଦର



ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୩,୩୨୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୦,୫୪୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୩,୩୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୪୦,୫୪୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୩,୩୨୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୪୦,୫୪୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୫୩,୩୨୦ ଟଙ୍କା ଓ ୨୨ କ୍ୟାରଟେ ୧,୪୦,୫୪୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୫୩,୩୨୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୦,୫୪୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୩,୩୨୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୪୦,୫୪୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୪୯,୯୦୦ ଟଙ୍କା ହୋଇଛି ।

## ଆଜିର ପେଟ୍ରୋଲ, ଡିଜେଲ୍ ଦର



ଆଜି ବି ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩. ୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୬ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା ୫୫ ପଇସା ରହିଛି ।

## ଚିଙ୍ଗୁଡ଼ି, ସାମୁଦ୍ରିକ ଖାଦ୍ୟ ରପ୍ତାନି ହ୍ରାସ: ମଧ୍ୟପ୍ରାଚ୍ୟ ଯୁଦ୍ଧ ପାଇଁ ୨୩ କୋଟି କ୍ଷତି



ଭୁବନେଶ୍ୱର,୨୪।୯:ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବରେ ଓଡ଼ିଶାରୁ ମାଛ, ଚିଙ୍ଗୁଡ଼ି ଓ ସାମୁଦ୍ରିକ ଖାଦ୍ୟ ରପ୍ତାନିରେ ୨୩.୪୦ କୋଟି ଟଙ୍କାର କ୍ଷତି ହୋଇଛି। ଯୁଦ୍ଧ ଦ୍ୱାରା ପ୍ରଭାବିତ ଅଞ୍ଚଳରେ ରପ୍ତାନି ମୂଲ୍ୟରେ ୧୪.୫୭ ପ୍ରତିଶତ ହ୍ରାସ ଘଟିଥିବା ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏମ୍‌ପେଡା ତଥ୍ୟ ଅନୁସାରେ ୨୦୨୪-୨୫ ତୁଳନାରେ ୨୦୨୫-୨୬ରେ ରାଜ୍ୟର ମୋଟ୍ ସାମୁଦ୍ରିକ ଖାଦ୍ୟ ରପ୍ତାନି ୧୬.୩୬ ପ୍ରତିଶତ ବଢ଼ିଥିଲା। ଏହି ସମୟରେ ରପ୍ତାନି ମୂଲ୍ୟରେ ୭୬୩.୯୪ କୋଟି ଟଙ୍କାର ବୃଦ୍ଧି ହୋଇଥିଲା। ମନ୍ତ୍ରୀଙ୍କ ସୂଚନା ଅନୁସାରେ, ୨୦୨୫ରେ ଓଡ଼ିଶାରୁ ମଧ୍ୟପ୍ରାଚ୍ୟକୁ ୧୬୦.୫୭ କୋଟି ଟଙ୍କାର ସାମୁଦ୍ରିକ ଦ୍ରବ୍ୟ ରପ୍ତାନି କରାଯାଇଥିଲା। ୨୦୨୬ର ଏପ୍ରିଲରୁ ଅଗଷ୍ଟ ମଧ୍ୟରେ ସେହି ମୂଲ୍ୟ ୧୪.୫୭ ପ୍ରତିଶତ ହ୍ରାସ ପାଇ ୧୩୭.୧୭ କୋଟି ଟଙ୍କାକୁ ଖସିଆସିଛି। ଡଲାର ଅନୁସାରେ ରପ୍ତାନି ମୂଲ୍ୟରେ ୨୨.୮୦ ପ୍ରତିଶତର ହ୍ରାସ ହୋଇଛି। ୨୦୨୫ରେ ରପ୍ତାନି ୧୮.୮୪ ଡଲାର ଥିଲା ଯାହା ୨୦୨୬ରେ ୧୪.୫୪ ଡଲାରକୁ ହ୍ରାସ ପାଇଛି। ରାଜ୍ୟର ମୋଟ୍ ସାମୁଦ୍ରିକ ଦ୍ରବ୍ୟ ରପ୍ତାନି ସମ୍ପର୍କରେ ସେ କହିଛନ୍ତି ଯେ, ୨୦୨୧-୨୨ରେ ମୋଟ୍ ରପ୍ତାନି ମୂଲ୍ୟ ୪୬୨୭.୯୧ କୋଟି ଟଙ୍କା ଥିଲା। ୨୦୨୩-୨୪ରେ ତାହା ୩୯୫୪.୬୦ କୋଟି ଟଙ୍କାକୁ ହ୍ରାସ ପାଇଥିଲା। ୨୦୨୫-୨୬ ସୁଦ୍ଧା ତାହା ୫୪୩୧.୯୫ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ୨୦୨୫-୨୬ରେ ରାଜ୍ୟରୁ ୫୪୦୯.୯୨ କୋଟି ଟଙ୍କାର ଫ୍ରୋଜେନ୍ ଚିଙ୍ଗୁଡ଼ି, ୬.୩୧ କୋଟି ଟଙ୍କାର ଫ୍ରୋଜେନ ମାଛ, ୭.୨୭ କୋଟି ଟଙ୍କାର କାଳି ମାଛ ଓ ୭.୮୧ କୋଟି ଟଙ୍କାର ଶୁଖିଲା ଦ୍ରବ୍ୟ ରପ୍ତାନି କରାଯାଇଥିଲା। ସେହିପରି, ରାଜ୍ୟର ମାଛ ଚାହିଦା ଓ ସ୍ଥାନୀୟ ଉତ୍ପାଦନ ସମ୍ପର୍କରେ ସୂଚନା ଦେଇ ମନ୍ତ୍ରୀ ଜଣାଇଛନ୍ତି ଯେ ୨୦୨୫-୨୬ରେ ୯.୪୬ ଲକ୍ଷ ଟନ୍ ମାଛ ଆବଶ୍ୟକ ଥିଲା ଓ ରାଜ୍ୟରେ ୧୨.୭ ଲକ୍ଷ ଟନ୍ ମାଛ ଉତ୍ପାଦନ ହୋଇଥିଲା। ଏହି ବର୍ଷ ପଡ଼ୋଶୀ ରାଜ୍ୟଗୁଡ଼ିକରୁ ୨୫,୪୭୭ ଟନ୍ ମାଛ ଆମଦାନି କରାଯାଇଥିଲା। ୨୦୨୫-୨୬ରେ ବାଲେଶ୍ୱରରେ ୧.୮୬ ଲକ୍ଷ ଟନ୍, ପୁରୀରେ ୧.୨୧ ଲକ୍ଷ ଟନ୍, ଗଞ୍ଜାମରେ ୧.୧୬ ଲକ୍ଷ ଟନ୍, ଜଗତସିଂହପୁରରେ ୧.୧୪ ଲକ୍ଷ ଟନ୍ ଓ ଭଦ୍ରକରେ ୧.୦୮ ଲକ୍ଷ ଟନ୍ ମାଛ ଉତ୍ପାଦନ ହୋଇଥିଲା।

## ଋଣ ସହ ବୀମା କିଣିବାକୁ ବ୍ୟାଙ୍କ ବାଧ୍ୟ କରିପାରିବେନି




ନୂଆଦିଲ୍ଲୀ.୨୪।୯: କୌଣସି ଜରୁରୀ କାମ ପାଇଁ ଋଣ ନେଇଥିବା ଗ୍ରାହକମାନେ ଜାଣିଥିବେ ସେମାନେ କେତୋଟି ବୀମା ପଲିସି କିଣିଛନ୍ତି। ଆବଶ୍ୟକତା ନ ଥିବା ସତ୍ତ୍ୱେ ବ୍ୟାଙ୍କ କିମ୍ବା ଋଣ ଦେଉଥିବା ସଂସ୍ଥା ସେହି ପଲିସିଗୁଡ଼ିକୁ ବାଧ୍ୟ କରି ବିକ୍ରି କରାଇଛନ୍ତି। ବୀମା ନାଁରେ ଋଣଗ୍ରହୀତାଙ୍କୁ ହେଉଥିବା ଶୋଷଣ ଉପରେ ରୋକ ଲାଗିବ। ଋଣ ନେବାକୁ ଚାହୁଁଥିବା ଗ୍ରାହକମାନଙ୍କୁ ବୀମା ପଲିସି କିଣିବାକୁ ବାଧ୍ୟ କରାଯାଇପାରିବ ନାହିଁ। ଏହି ବ୍ୟବସ୍ଥାକୁ ନିଷିଦ୍ଧ କରିବାକୁ ଭାରତୀୟ ବୀମା ନିୟାମକ ଓ ବିକାଶ କର୍ତ୍ତୃପକ୍ଷ (ଆଇଆର୍‌ଡିଏଆଇ) ପ୍ରସ୍ତାବ ଦେଇଛି। ବର୍ତ୍ତମାନ କେବଳ ଚିଠା ନିୟମ ପ୍ରସ୍ତୁତ ହୋଇଛି ଓ ତାହା ଆଲୋଚନା ପର୍ଯ୍ୟାୟରେ ରହିଛି। ପ୍ରସ୍ତାବଗୁଡ଼ିକ କାର୍ଯ୍ୟକାରୀ ହେଲେ ବ୍ୟାଙ୍କ ଓ ଆର୍ଥିକ ସଂସ୍ଥାଗୁଡ଼ିକର ଫି ଆୟ ଗୁରୁତର ପ୍ରଭାବିତ ହେବା ଆଶଙ୍କା ରହିଛି। ସେଥିପାଇଁ ଆଜି ଷ୍ଟକ୍ ବଜାରରେ ବ୍ୟାପକ ଅସ୍ଥିରତା ଦେଖିବାକୁ ମିଳିଥିଲା। ଚିଠା ନିୟମ ଅନୁସାରେ, ବୀମା ପଲିସି ବିକ୍ରି ଉପରେ ବ୍ୟାଙ୍କ ପାଉଥିବା କମିସନର ସୀମା ନିର୍ଦ୍ଧାରଣ କରାଯିବ। କେତେକ ପ୍ରକାର ପଲିସି ଉପରେ ବ୍ୟାଙ୍କଗୁଡ଼ିକ ୪୦ ପ୍ରତିଶତ ଭଳି ଉଚ୍ଚ ହାରରେ କମିସନ ପାଉଛନ୍ତି। ସେହି ହାରକୁ ମାତ୍ର ୨ ପ୍ରତିଶତରେ ସୀମିତ ରଖାଯିବ। ଫଳରେ କୌଣସି ବ୍ୟାଙ୍କ ଅଧିକ କମିସନ ପାଇବା ଆଶାରେ ଆବଶ୍ୟକତାଠାରୁ ଅଧିକ ପଲିସି ବିକ୍ରି କରିପାରିବେ ନାହିଁ। ଏହା ଦ୍ୱାରା ମିସ୍-ସେଲିଂ ହ୍ରାସ ପାଇବ। ଚିଠା ପ୍ରସ୍ତାବ ଅନୁସାରେ, ଋଣ ସହ ବିକ୍ରି କରାଯାଉଥିବା ବୀମା ଉପରେ କମିସନକୁ ୨ ପ୍ରତିଶତରେ ସୀମିତ ରଖିବା ପ୍ରସ୍ତାବ ରହିଛି ଯାହା ସମ୍ପ୍ରତି ୨୮ ପ୍ରତିଶତ ଭଳି ଉଚ୍ଚ ସ୍ତରରେ ରହିଛି। ସ୍ୱାସ୍ଥ୍ୟ ବୀମା ଉପରେ କମିସନକୁ ୪୦ ପ୍ରତିଶତରୁ କମାଇ ୫ ପ୍ରତିଶତ ଓ ମୋଟର ଯାନ ବୀମାର କମିସନକୁ ୧୬ ପ୍ରତିଶତରୁ ଖସାଇ ୪ ପ୍ରତିଶତ କରିବାକୁ ପ୍ରସ୍ତାବ ଦିଆଯାଇଛି। କେବଳ ସେତିକି ନୁହେଁ, ବ୍ୟାଙ୍କାସ୍ୟୁରାନ୍ସ ମଡେଲ୍ ଅଧୀନରେ ଦିଆଯାଉଥିବା ପ୍ରୋତ୍ସାହନର ସମୀକ୍ଷା କରିବାକୁ ମଧ୍ୟ ଆଇଆର୍‌ଡିଏଆଇ ନିଷ୍ପତ୍ତି ନେଇଛି। ଏଥି ସହିତ ଅଧିକ ପଲିସି ବିକ୍ରି କରୁଥିବା ବ୍ୟାଙ୍କ ଓ ଏନ୍‌ବିଏଫ୍‌ସି କର୍ମଚାରୀଙ୍କୁ ଅଧିକ ପ୍ରୋତ୍ସାହନର ଯେଉଁ ବ୍ୟବସ୍ଥା ରହିଛି ତାହାକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା ଉପରେ ବିଚାର କରାଯାଉଛି। ଏହି ଚିଠା ନିୟମ ଲାଗୁ ହେଲେ ଇଣ୍ଡସ୍‌ଇଣ୍ଡ୍ ବ୍ୟାଙ୍କ, ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ, ଏୟୁ ସ୍ମଲ ଫାଇନାନ୍ସ ବ୍ୟାଙ୍କ, ଆକ୍ସିସ୍ ବ୍ୟାଙ୍କ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ, କୋଟକ୍ ବ୍ୟାଙ୍କ, ଷ୍ଟେଟ୍ ବ୍ୟାଙ୍କ, ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ବରୋଦା ଓ ଆଇସିଆଇସିଆଇ ବ୍ୟାଙ୍କ ଆଦିର ଫି ଆୟ ପ୍ରଭାବିତ ହେବା ଆଶଙ୍କା ରହିଛି।

## ଅକ୍ଟୋବର ୨ରେ ଦେଶବ୍ୟାପୀ 'ନୋ ୟୁପିଆଇ ଡେ'




ନୂଆଦିଲ୍ଲୀ,୨୪।୯: ୟୁପିଆଇରେ ନେଣଦେଣ କରୁଥିବା ଲୋକଙ୍କ ପାଇଁ ବଡ଼ ଖବର।ଅକ୍ଟୋବର ୨ ତାରିଖରେ ହୁଏତ ଆପଣ ଅସୁବିଧାରେ ପଡ଼ିପାରନ୍ତି।କାରଣ ଏହି ଦିନ ସାରା ଦେଶରେ କୌଣସି ବି ଦୋକାନୀ ବା ବ୍ୟବସାୟୀ ୟୁପିଆଇ ଦ୍ୱାରା ଟଙ୍କା ଗ୍ରହଣ କରିବେ ନାହିଁ।ବ୍ୟବସାୟୀ ସଂଗଠନଗୁଡ଼ିକ ପକ୍ଷରୁ ଏହି ଦିନ 'ନୋ ୟୁପିଆଇ ଡେ' (No UPI Day) ପାଳନ କରିବାକୁ ଘୋଷଣା କରାଯାଇଛି।

ପ୍ରକୃତରେ, ଆସନ୍ତା ଅକ୍ଟୋବର ୧୫ ତାରିଖରୁ ୨,୦୦୦ ଟଙ୍କାରୁ ଅଧିକ ୟୁପିଆଇ କାରବାର ଉପରେ ୦.୪% ମର୍ଚ୍ଚାଣ୍ଟ ଡିସକାଉଣ୍ଟ ରେଟ୍ (MDR) ଚାର୍ଜ ଲାଗୁ ହେବାକୁ ଯାଉଛି।ହେଲେ ସରକାରଙ୍କ ଏହି ନୂଆ ନିୟମକୁ ବ୍ୟବସାୟୀମାନେ ତୀବ୍ର ବିରୋଧ କରୁଛନ୍ତି ଏବଂ ଏହି ଚାର୍ଜକୁ ତୁରନ୍ତ ହଟାଇବା ପାଇଁ ଦାବି କରୁଛନ୍ତି।ମହାରାଷ୍ଟ୍ର ଚାମ୍ବର ଅଫ୍ କମର୍ସ, ଇଣ୍ଡଷ୍ଟ୍ରି ଆଣ୍ଡ ଏଗ୍ରିକଲଚର (MACCIA)ର ସଭାପତି ରବୀନ୍ଦ୍ର ମଙ୍ଗୱେଙ୍କ ସୂଚନା ଅନୁସାରେ, ଏହି ଆନ୍ଦୋଳନ କେବଳ ଗୋଟିଏ ରାଜ୍ୟରେ ସୀମିତ ନାହିଁ ବରଂ ଦେଶର ୫୦୦ରୁ ଅଧିକ ପ୍ରମୁଖ ବ୍ୟବସାୟୀ ସଂଗଠନ ଏଥିରେ ସାମିଲ ହେଉଛନ୍ତି।ଏହି କ୍ରମରେ ବ୍ୟବସାୟୀମାନେ ନିଜ ନିଜ ଦୋକାନରେ ଥିବା QR କୋଡ୍ ସ୍କାନର୍, ସାଉଣ୍ଡ ବକ୍ସ, ଅନ୍ୟ ସମସ୍ତ ଡିଜିଟାଲ୍ ପେମେଣ୍ଟ ଡିଭାଇସ୍ ସବୁକୁ କଳା କପଡ଼ାରେ ଢାଙ୍କି ପ୍ରତିବାଦ କରିବେ ଏବଂ କୌଣସି ଅନଲାଇନ୍ ପେମେଣ୍ଟ ନେବେ ନାହିଁ।ଅଲ୍ ଇଣ୍ଡିଆ କନଜ୍ୟୁମର ପ୍ରଡକ୍ଟସ ଡିଷ୍ଟ୍ରିବ୍ୟୁଟର୍ସ ଫେଡେରେସନ (AICPDF) ଏବଂ ଅନ୍ୟ ବ୍ୟବସାୟୀ ସଂଗଠନର ନେତୃବୃନ୍ଦ କହିଛନ୍ତି ଯେ, ଖୁଚୁରା ବ୍ୟବସାୟୀମାନେ ବହୁତ କମ୍ ମାର୍ଜିନରେ କାମ କରନ୍ତି। ଏଭଳି ସ୍ଥିତିରେ ଅତିରିକ୍ତ ଚାର୍ଜ ଲଦିଦେବା ଦ୍ୱାରା ବ୍ୟବସାୟିକ ଖର୍ଚ୍ଚ ବହୁତ ବଢ଼ିଯିବ। ସେମାନଙ୍କ କହିବା କଥା ହେଲା, ବ୍ୟବସାୟୀମାନେ ଦେଶକୁ କ୍ୟାଶ୍-ଲେସ୍ ଓ ସ୍ୱଚ୍ଛ କରିବାରେ ସରକାରଙ୍କୁ ସହଯୋଗ କଲେ, ହେଲେ ଏବେ ସେମାନଙ୍କ ଉପରେ ହିଁ ଆର୍ଥିକ ବୋଝ ଲଦି ଦିଆଯାଉଛି। ଯଦି ସରକାର ଏହି ନିଷ୍ପତ୍ତିକୁ ପୁନର୍ବିଚାର ନକରନ୍ତି, ତେବେ ଆଗାମୀ ଦିନରେ ଏହି ଆନ୍ଦୋଳନ ଆହୁରି ଜୋରଦାର ହେବ ବୋଲି ଚେତାବନୀ ଦିଆଯାଇଛି।MDR ହେଉଛି ସେହି ଶୁଳ୍କ ବା ଫି' ଯାହାକୁ କୌଣସି ଦୋକାନୀ ବା ବ୍ୟବସାୟୀ ଡିଜିଟାଲ୍ ପେମେଣ୍ଟର ସୁବିଧା ବ୍ୟବହାର କରିବା ବଦଳରେ ବ୍ୟାଙ୍କ ଏବଂ ପେମେଣ୍ଟ ସର୍ଭିସ୍ ପ୍ରୋଭାଇଡରଙ୍କୁ ଦେଇଥାନ୍ତି। ଡିଜିଟାଲ୍ ଭିତ୍ତିଭୂମି ଏବଂ ନେଟୱର୍କକୁ ସୁରୁଖୁରୁରେ ଚଳାଇବା ପାଇଁ ଏହି ଚାର୍ଜ ନିଆଯାଏ। ତେବେ ନିୟମ ଅନୁଯାୟୀ ଏହି ଚାର୍ଜ କେବଳ ବ୍ୟବସାୟୀଙ୍କୁ ଦେବାକୁ ପଡ଼ିବ, ଗ୍ରାହକଙ୍କୁ ନୁହେଁ। ତେଣୁ ଯଦି ଆପଣ ଅକ୍ଟୋବର ୨ରେ ବଜାରକୁ କିଛି କିଣାକିଣି କରିବାକୁ ଯାଉଛନ୍ତି, ତେବେ ସାଙ୍ଗରେ ଆବଶ୍ୟକ ମୁତାବକ ନଗଦ ଟଙ୍କା (Cash) ନେବାକୁ ଜମାରୁ ଭୁଲନ୍ତୁ ନାହିଁ।

## ଟଙ୍କା ଉଠାଣକୁ ନେଇ ଏସ୍‌ବିଆଇର ନୂଆ ନିୟମ




ନୂଆଦିଲ୍ଲୀ,୨୪।୯: ଅକ୍ଟୋବର ୧୫ରୁ ୟୁପିଆଇରେ ଚାର୍ଜ ଲାଗୁ ହେବାକୁ ଥିବା ବେଳେ, ଏହା ପୂର୍ବରୁ ଦେଶର ସବୁଠାରୁ ବଡ଼ ସରକାରୀ ବ୍ୟାଙ୍କ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ୨୦୨୬ ଅକ୍ଟୋବର ୧ରୁ କିଛି ଗ୍ରାହକଙ୍କ ପାଇଁ ନଗଦ ଟଙ୍କା ଉଠାଣ ନିୟମରେ ପରିବର୍ତ୍ତନ କରିଛି। ନୂଆ ନିୟମ ଅନୁସାରେ, ଧାର୍ଯ୍ୟ ମାଗଣା ସୀମାଠାରୁ ଅଧିକ ଥର ନଗଦ ଟଙ୍କା ଉଠାଇଲେ ଗ୍ରାହକଙ୍କୁ ଅତିରିକ୍ତ ଚାର୍ଜ ଦେବାକୁ ପଡ଼ିବ।ଯଦି ଆପଣଙ୍କ ବ୍ୟାଙ୍କ ଖାତା ଭାରତୀୟ ଷ୍ଟେଟ୍ ବ୍ୟାଙ୍କରେ ରହିଛି ଏବଂ ଆପଣ ଏଟିଏମ୍ କିମ୍ବା ଅନ୍ୟ ମାଧ୍ୟମରେ ବାରମ୍ବାର ନଗଦ ଟଙ୍କା ଉଠାନ୍ତି, ତେବେ ଟଙ୍କା ଉଠାଇବା ପୂର୍ବରୁ ନୂଆ ନିୟମ ବିଷୟରେ ଜାଣିବା ଜରୁରୀ। ତେବେ ଏହି ପରିବର୍ତ୍ତନ ଏସ୍‌ବିଆଇର ସମସ୍ତ ଖାତାଧାରୀଙ୍କ ପାଇଁ ଲାଗୁ ହେବ ନାହିଁ। ଏହି ନିୟମ ବିଶେଷ ଭାବେ ବ୍ରାଞ୍ଚ୍ ମାଧ୍ୟମରେ ଖୋଲାଯାଇଥିବା ବେସିକ୍ ସେଭିଂସ୍ ବ୍ୟାଙ୍କ ଡିପୋଜିଟ୍ (ବିଏସ୍‌ବିଡି) ଖାତା ସହ ଜଡ଼ିତ ଗ୍ରାହକଙ୍କ ପାଇଁ ଲାଗୁ ହେବ। ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ନିଜର ଅଫିସିଆଲ୍ ପ୍ଲାଟଫର୍ମ 'ଏକ୍ସ'ରେ ଏକ ପୋଷ୍ଟ ମାଧ୍ୟମରେ କହିଛି ଯେ, ଏସ୍‌ବିଆଇର ବିଏସ୍‌ବିଡି ଖାତା ଗ୍ରାହକଙ୍କୁ ପ୍ରତି ମାସରେ ନିର୍ଦ୍ଧାରିତ ସଂଖ୍ୟକ ଥର ମାଗଣାରେ ନଗଦ ଟଙ୍କା ଉଠାଇବାର ସୁବିଧା ମିଳିଥାଏ। ଅକ୍ଟୋବର ୧ ପରେ ମଧ୍ୟ ମାସକୁ ୪ ଥର ନଗଦ ଟଙ୍କା ଉଠାଇବା ମାଗଣା ରହିବ। ଅର୍ଥାତ୍ ୪ ଥର ଟଙ୍କା ଉଠାଇଲେ କୌଣସି ଅତିରିକ୍ତ ଚାର୍ଜ ଲାଗିବ ନାହିଁ। କିନ୍ତୁ ଧାର୍ଯ୍ୟ ସୀମାଠାରୁ ଅଧିକ ଥର ଟଙ୍କା ଉଠାଇଲେ ଅତିରିକ୍ତ ଚାର୍ଜ ଦେବାକୁ ପଡ଼ିପାରେ। ସରଳ ଭାଷାରେ କହିଲେ, ଆପଣ ନିଜ ଖାତାରୁ ମାସକୁ ୪ ଥର ମାଗଣାରେ ନଗଦ ଟଙ୍କା ଉଠାଇପାରିବେ। କିନ୍ତୁ ଏହି ସୀମାଠାରୁ ଅଧିକ ଥର ଟଙ୍କା ଉଠାଇଲେ ଆପଣଙ୍କୁ ଅତିରିକ୍ତ ଚାର୍ଜ ଦେବାକୁ ପଡ଼ିବ। ଏସ୍‌ବିଆଇ ବ୍ୟାଙ୍କ ଅନୁସାରେ, ଡିଜିଟାଲ୍ ନେଣଦେଣ ଉପରେ ଏହି ପରିବର୍ତ୍ତନର କୌଣସି ପ୍ରଭାବ ପଡ଼ିବ ନାହିଁ। ଅର୍ଥାତ୍, ଗ୍ରାହକ ପୂର୍ବଭଳି ଡିଜିଟାଲ୍ ପେମେଣ୍ଟ ମାଧ୍ୟମରେ ମାଗଣାରେ ନେଣଦେଣ କରିପାରିବେ ଏବଂ ଏଭଳି ନେଣଦେଣର ସଂଖ୍ୟା ଉପରେ କୌଣସି ସୀମା ଲାଗୁ ହେବ ନାହିଁ।

## ସେପ୍ଟେମ୍ବର ୨୫ରେ ସରକାରୀ କର୍ମଚାରୀଙ୍କୁ ମିଳିବ ଆଡଭାନ୍ସ ଦରମା



ନୂଆଦିଲ୍ଲୀ,୨୪।୯: କେନ୍ଦ୍ର ସରକାରୀ କର୍ମଚାରୀ ଓ ପେନସନଭୋଗୀଙ୍କ ପାଇଁ ଏକ ବଡ଼ ଖବର । ଚଳିତ ସେପ୍ଟେମ୍ବର ମାସର ଦରମା ଓ ପେନସନ୍ ନିର୍ଦ୍ଧାରିତ ସମୟ ପୂର୍ବରୁ ଅର୍ଥାତ୍ ସେପ୍ଟେମ୍ବର ୨୫ରେ ମିଳିବ । ଆଗକୁ ହେବାକୁ ଥିବା ତିନି ଦିନିଆ ବ୍ୟାଙ୍କ ଧର୍ମଘଟ ଯୋଗୁଁ ଯେପରି କର୍ମଚାରୀମାନେ କୌଣସି ସମସ୍ୟାର ସମ୍ମୁଖୀନ ନ ହୁଅନ୍ତି, ତାକୁ ଦୃଷ୍ଟିରେ ରଖି କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସମସ୍ତ ବିଭାଗକୁ ଏହି ନିର୍ଦ୍ଦେଶ ଦିଆଯାଇଛି । ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିଅନ୍ସ (UFBU) ପକ୍ଷରୁ ସେପ୍ଟେମ୍ବର ୨୮ ରୁ ୩୦ ତାରିଖ ପର୍ଯ୍ୟନ୍ତ ତିନି ଦିନିଆ ଦେଶବ୍ୟାପୀ ବ୍ୟାଙ୍କ ଧର୍ମଘଟ ଡାକରା ଦିଆଯାଇଛି। ସପ୍ତାହକୁ ୫ ଦିନିଆ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ଲାଗୁ କରିବା ସହ ଅନ୍ୟାନ୍ୟ ଦାବି ନେଇ ଏହି ଆନ୍ଦୋଳନର ଡାକରା ଦିଆଯାଇଛି। ପ୍ରାୟ ୯୦ ପ୍ରତିଶତ ବ୍ୟାଙ୍କ କର୍ମଚାରୀ ଏହି ସଂଗଠନର ପ୍ରତିନିଧିତ୍ୱ କରୁଥିବାରୁ ବ୍ୟାଙ୍କିଙ୍ଗ ସେବା ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି। ସାଧାରଣ କେନ୍ଦ୍ର ସରକାରୀ କର୍ମଚାରୀ, ପ୍ରତିରକ୍ଷା, ଡାକ ଓ ଦୂରସଞ୍ଚାର ବିଭାଗ, ଶିଳ୍ପ ଭିତ୍ତିକ ଶ୍ରମିକ ଏବଂ ପେନସନଭୋଗୀମାନେ ସେପ୍ଟେମ୍ବର ୨୫ରେ ଆଗୁଆ ଅର୍ଥ ପାଇବେ । ଏହି ଅର୍ଥକୁ ଅଗ୍ରୀମ ଭାବେ ଗ୍ରହଣ କରାଯିବ । ଅକ୍ଟୋବର ମାସର ଦରମାରେ ସମ୍ପୂର୍ଣ୍ଣ ହିସାବ ସହ ଏହାର ଆଡଜଷ୍ଟମେଣ୍ଟ କରାଯିବ । ମାସ ଶେଷରେ ହେବାକୁ ଥିବା ଅନ୍ୟାନ୍ୟ ଜରୁରୀ ସରକାରୀ କାରବାରଗୁଡ଼ିକୁ ମଧ୍ୟ ସେପ୍ଟେମ୍ବର ୨୫ ସୁଦ୍ଧା ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସେପ୍ଟେମ୍ବର ୩୦ ତାରିଖ ହେଉଛି ବ୍ୟାଙ୍କଗୁଡ଼ିକର ଅର୍ଦ୍ଧବାର୍ଷିକ ଜମା-ଖର୍ଚ୍ଚ ହିସାବ ନିକାଶ ଦିନ । ଧର୍ମଘଟ ଏବଂ କ୍ଲୋଜିଂ ଏକାସାଙ୍ଗରେ ପଡୁଥିବାରୁ ଗ୍ରାହକଙ୍କ ସୁବିଧା ପାଇଁ ଆସନ୍ତା ରବିବାର ଦିନ ସମସ୍ତ ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ ସମେତ ଅନ୍ୟ ସମସ୍ତ ବ୍ୟାଙ୍କ ଖୋଲା ରଖିବାକୁ ଅର୍ଥ ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଛନ୍ତି । ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗର ବ୍ୟବହାର କରିବାକୁ ବ୍ୟାଙ୍କଗୁଡ଼ିକ ପକ୍ଷରୁ ଗ୍ରାହକମାନଙ୍କୁ ପରାମର୍ଶ ଦିଆଯାଇଛି ।

### ଅବୈଧ ସାର ସଂରକ୍ଷଣ ଓ ବିକ୍ରିକୁ ନେଇ ପ୍ରଶାସନର କଡ଼ା କାର୍ଯ୍ୟାନୁଷ୍ଠାନ

# ପିଓଏସ୍ ମେସିନ ଜବତ; ଦୋକାନ ସିଲ୍

**ସତ୍ୟବାଦୀ,୨୪।୯ (ସଂଚାର ବ୍ୟୁରୋ):** ସତ୍ୟବାଦୀ ଓ ଡେଲାଙ୍ଗ ବ୍ଲକ ସୀମା ଅନ୍ତର୍ଗତ ମଉନି ମଠ ବଜାରରେ ଅବୈଧ ଭାବେ ସାର ସଂରକ୍ଷଣ ଓ ବିକ୍ରି ଅଭିଯୋଗକୁ ନେଇ ପ୍ରଶାସନ ପକ୍ଷରୁ ମିଳିତ ଚଢ଼ାଉ କରାଯାଇଛି। ସତ୍ୟବାଦୀ କୃଷି ବିଭାଗ, ପୁଲିସ ଓ ତହସିଲ ପ୍ରଶାସନର ମିଳିତ ସହଯୋଗରେ ଗୁରୁବାର ଏହି ଚଢ଼ାଉ ହୋଇଥିଲା। ସୂଚନା ଅନୁଯାୟୀ, ମଉନି ମଠ ବଜାରର ସାର ବ୍ୟବସାୟୀ ଅତୁଲ୍ୟ ଶତପଥୀଙ୍କ ଲାଇସେନ୍ସର ବୈଧତା ପ୍ରାୟ ୨ ମାସ ତଳୁ ଶେଷ ହୋଇଥିବା ସତ୍ତ୍ୱେ ଅଘୋଷିତ ସ୍ଥାନରେ ସାର ଗଚ୍ଛିତ ରଖିବା ସହ ସାର ଓ କୀଟନାଶକ ବିକ୍ରି



କରାଯାଉଥିବା ନେଇ ଅଭିଯୋଗ ରହିଥିଲା। ଅଭିଯୋଗ ଆଧାରରେ ସତ୍ୟବାଦୀ କୃଷି ବିଭାଗର ଅଧିକାରୀ କୁମାର ଚିରଞ୍ଜୀବି, ସତ୍ୟବାଦୀ ପୁଲିସ ଏବଂ ଅତିରିକ୍ତ ତହସିଲଦାର ଓମ ପ୍ରକାଶ ପରିଡ଼ା ଓ ଅର୍ପିତା ସେନାପତିଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଅଚାନକ ଦୋକାନରେ ଚଢ଼ାଉ କରିଥିଲା।ଚଢ଼ାଉ ବେଳେ ଚନ୍ଦ୍ରକୋଟସ୍ଥିତ ଏକ ଓମ୍‌ଫେଡ୍ ଦୁଗ୍ଧ ସଂଗ୍ରହ କେନ୍ଦ୍ରରେ ଅଘୋଷିତ ଭାବେ ସାର ଗଚ୍ଛିତ ରଖାଯାଇଥିବା ଜଣାପଡ଼ିଥିଲା। ଏଥିସହ ଲାଇସେନ୍ସ ଅବଧି ଶେଷ ହୋଇଥିଲେ ମଧ୍ୟ ସାର ଓ କୀଟନାଶକ ବିକ୍ରି କରାଯାଉଥିବା ଏବଂ ବିକ୍ରି ସମ୍ପର୍କିତ ତଥ୍ୟର ଲିଖିତ ହିସାବ ରଖାଯାଇ ନଥିବା ଟିମ୍ ଜାଣିବାକୁ ପାଇଥିଲା। ଏହାପରେ ସହକାରୀ କୃଷି ଅଧିକାରୀ ଓ ଅତିରିକ୍ତ ତହସିଲଦାରଙ୍କ ପକ୍ଷରୁ ଲାଇସେନ୍ସ ନବୀକରଣ ନହେବା ପର୍ଯ୍ୟନ୍ତ ଦୋକାନକୁ ସାମୟିକ ଭାବେ ସିଲ୍ କରାଯାଇଥିବା ବେଳେ ପିଓଏସ୍ ମେସିନ ଜବତ କରାଯାଇଛି। ଅନ୍ୟପଟେ ଲାଇସେନ୍ସ ନବୀକରଣ ପାଇଁ ଅନଲାଇନ ଆବେଦନ କରିଥିବା ଦୋକାନୀ କହିଛନ୍ତି।

# ଦୁର୍ଘଟଣାରେ ଦେବଦୂତ, ଅସହାୟଙ୍କ ପାଇଁ ସାହାରା ପଙ୍କଜ-ପ୍ରଭାତ

**ପାରାଦ୍ୱୀପ,୨୪।୯ (ସଂଚାର ବ୍ୟୁରୋ):** ଦୁର୍ଘଟଣା ଘଟିଲେ ଅନେକେ ଭୟରେ ଦୂରେଇ ଯାଆନ୍ତି। କେହି ଆହତଙ୍କୁ ଦେଖି ମଧ୍ୟ ସହାୟତାର ହାତ ବଢ଼ାଇବାକୁ ଆଗେଇ ଆସନ୍ତି ନାହିଁ। ହେଲେ ଏଭଳି ଘଡ଼ିସନ୍ଧି ସମୟରେ ଅସହାୟଙ୍କ ପାଖରେ ଠିଆ ହୋଇ ମାନବିକତାର ନିଆରା ଉଦାହରଣ ସୃଷ୍ଟି କରିଛନ୍ତି କୁଜଙ୍ଗ ଅଞ୍ଚଳର ଦୁଇ ଯୁବକ। ଦେବଦୂତ ସଡ଼କ ସୁରକ୍ଷା ବାହିନୀର ସଭାପତି ପଙ୍କଜ ତରାଇ ଓ ବିନୋରି ଫାଉଣ୍ଡେସନର ସଭାପତି ପ୍ରଭାତ ବେହେରା। ଦୁଇଟି ସଂଗଠନର ଦାୟିତ୍ୱରେ ଥିବା ଏହି ଦୁଇ ଯୁବକଙ୍କ ପାଇଁ ସେବା ଏବେ କେବଳ ଏକ କାର୍ଯ୍ୟକ୍ରମ ନୁହେଁ, ବରଂ ଜୀବନର ଏକ ବ୍ରତ ପାଲଟିଛି। ସଡ଼କ ଦୁର୍ଘଟଣା ଘଟିଲେ ଆହତଙ୍କୁ ତୁରନ୍ତ ଉଦ୍ଧାର କରି ଡାକ୍ତରଖାନାରେ ପହଞ୍ଚାଇବାଠାରୁ ଆରମ୍ଭ



କରି ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଲୋକଙ୍କ ଶବ ସତ୍କାର ପର୍ଯ୍ୟନ୍ତ, ଅନେକ ସମୟରେ ଏମାନେ ଅସହାୟ ପରିବାରର ସାହାରା ପାଲଟିଛନ୍ତି। ଦୁର୍ଘଟଣାସ୍ଥଳରେ ଖଣ୍ଡବିଖଣ୍ଡିତ ଶରୀର ପଡ଼ିଥିଲେ ମଧ୍ୟ ଘୃଣା କିମ୍ବା ଭୟ ନକରି ମାନବିକତାର ସହ ଉଦ୍ଧାର କାର୍ଯ୍ୟରେ ଲାଗିପଡ଼ନ୍ତି ଏହି ଦୁଇ ଯୁବକ। ସେମାନଙ୍କ କହିବା ଅନୁଯାୟୀ, ଏପର୍ଯ୍ୟନ୍ତ ୨ ହଜାରରୁ ଊର୍ଦ୍ଧ୍ୱ ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ବିଭିନ୍ନ ସମୟରେ ସହାୟତା କରାଯାଇଛି। କାହାକୁ ତୁରନ୍ତ ଚିକିତ୍ସା ପାଇଁ ମେଡିକାଲ ନେବା, କାହାର ପରିବାରକୁ ଖବର ଦେବା, ଆଉ କାହାର ଅସହାୟ ଶବକୁ ସତ୍କାର କରିବା ସେବାର ପରିଧି ଦୀର୍ଘ। କେବଳ ସଡ଼କ ଦୁର୍ଘଟଣା ନୁହେଁ, ପ୍ରଭାତ ବେହେରା ବିଭିନ୍ନ ସ୍ଥାନରୁ ବିଷାକ୍ତ ସାପ ଉଦ୍ଧାର କରିବାରେ ମଧ୍ୟ ସକ୍ରିୟ। ତାଙ୍କ ଦାବି ଅନୁଯାୟୀ, ଏପର୍ଯ୍ୟନ୍ତ ୫ ହଜାରରୁ ଊର୍ଦ୍ଧ୍ୱ ସାପ ଉଦ୍ଧାର କରି ଲୋକଙ୍କୁ ସୁରକ୍ଷିତ କରିବା ସହ ସାପଗୁଡ଼ିକୁ ଉପଯୁକ୍ତ ସ୍ଥାନରେ ଛାଡ଼ିଛନ୍ତି। ନିଜ ଜୀବନକୁ ବିପଦରେ ପକାଇ ଅନ୍ୟର ଜୀବନ ବଞ୍ଚାଇବା ଏବଂ ଅସହାୟଙ୍କ ଶେଷ ଯାତ୍ରାରେ ସାଥୀ ହେବା ପଙ୍କଜ ଓ ପ୍ରଭାତଙ୍କ ଏହି ନିରବ ସେବା ଏବେ କୁଜଙ୍ଗ ଅଞ୍ଚଳରେ ଏକ ନିଆରା ପରିଚୟ ସୃଷ୍ଟି କରିଛି। ସେବା ଓ ମାନବିକତାକୁ ନିଜ ଜୀବନର ଲକ୍ଷ୍ୟ କରିଥିବା ଏହି ଦୁଇ ଯୁବକ ଆଜି ଅଞ୍ଚଳର ଅନେକଙ୍କ ପାଇଁ ଉଦାହରଣ ପାଲଟିଛନ୍ତି।

## ବନ୍ୟାଞ୍ଚଳରେ ଲୋକଙ୍କ ଦୁଃଖ ଓ ସମସ୍ୟା ବୁଝିଲେ ବିଧାୟକ

**ମାଲକାନଗିରି,୨୪।୯ (ସଂଚାର ବ୍ୟୁରୋ):** ବିଧାନସଭାର କାର୍ଯ୍ୟକ୍ରମ ମଧ୍ୟରୁ ସମୟ ବାହାର କରି ମାଲକାନଗିରି ପହଞ୍ଚିଲେ ବିଧାୟକ ନରସିଂହ ମାଡକାମୀ। ଗତ ଦୁଇ ଦିନଧରି ଲଘୁଚାପ ଜନିତ ବର୍ଷା ଯୋଗୁଁ ଜିଲ୍ଲାର ବିଭିନ୍ନ ନଦୀରେ ବନ୍ୟା



ପ୍ରବାହିତ ହେବା ସହ ଯୋଗା ଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। ବିଶେଷ କରି କାଳିମେଲା, ପୋଟେରୁ ଓ ପଡ଼ିଆ ଓ କାଳିମେଲା ଅଞ୍ଚଳକୁ ଯୋଗା ବନ୍ଦ ହୋଇପଡ଼ିଛି। କିଛି ଜାଗାରେ ଲଘୁଚାପ ଜନିତ ବର୍ଷା ଯୋଗୁଁ ଗାଁ ଗୁଡିକରେ ବର୍ଷା ଜଳ ପଶିବା ସହିତ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ସହ ଜନଜୀବନ ପ୍ରଭାବିତ ହୋଇ ପଡ଼ିଛି। ଆଜି ମାଲକାନଗିରି ବିଧାୟକ ଉକ୍ତ ଅଞ୍ଚଳ କୁ ଗ୍ରସ୍ତ କରିବା ସହ ସେଠାରେ ସ୍ଥାନୀୟ ଲୋକଙ୍କ ସହ ସିଧାସଳଖ ଆଲୋଚନା କରି ବନ୍ୟା ଯୋଗୁଁ ସୃଷ୍ଟି ହୋଇଥିବା ସମସ୍ୟା ବିଷୟରେ ପଚାରି ବୁଝିଥିଲେ। ଘରେ ପାଣି ପଶିବା, ଯାତାୟାତ ସମସ୍ୟା, ଖାଦ୍ୟ ଓ ପାନୀୟ ଜଳର ଅଭାବ ଭଳି ବିଭିନ୍ନ ସମସ୍ୟା ସମ୍ପର୍କରେ ଲୋକମାନେ ବିଧାୟକଙ୍କ ନିକଟରେ ଅଭିଯୋଗ କରିଥିବା ବେଳେ ସେ ଏହାର ସମାଧାନ ଓ ପ୍ରଭାବିତ ଲୋକଙ୍କ ସମସ୍ୟା ଶୁଣିବା ସହ ଆବଶ୍ୟକ ସହାୟତା ଓ ପ୍ରଶାସନିକ ପଦକ୍ଷେପ ପାଇଁ ସମ୍ପୃକ୍ତ ଅଧିକାରୀଙ୍କ ସହ ଆଲୋଚନା କରିବା କୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ବିପର୍ଯ୍ୟୟ ସମୟରେ ବିଧାୟକଙ୍କୁ ନିକଟରେ ପାଇ ଅଞ୍ଚଳ ବାସୀ ଖୁସି ଅନୁଭବ କରିଥିବା ବେଳେ ବିଧାୟକଙ୍କ ବିଧାନସଭା ଅଧାରୁ ଛାଡ଼ି ବନ୍ୟାଞ୍ଚଳ ଗ୍ରସ୍ତ କୁ ନେଇ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି।

## ବିଜ୍ଞାନ ସେମିନାରରେ ସ୍ୱାଗତିକା ପଣ୍ଡା ପ୍ରଥମ



**ବାରିପଦା,୨୪।୯(ସଂଚାର ବ୍ୟୁରୋ):** ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ସାଇନ୍ସ ପ୍ଲାନେଟୋରିୟମ୍ ପରିସରରେ ଜିଲ୍ଲାସ୍ତରୀୟ ବିଜ୍ଞାନ ସେମିନାର-୨୦୨୬ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ୨୬ଟି ବ୍ଲକରୁ ଚୟନିତ କୃତୀ ଛାତ୍ରଛାତ୍ରୀମାନେ ଏଥିରେ ଯୋଗଦେଇ ନିଜର ବିଜ୍ଞାନଭିତ୍ତିକ ଚିନ୍ତନ, ଜ୍ଞାନ ଓ ପ୍ରତିଭା ପ୍ରଦର୍ଶନ କରିଥିଲେ। ଏହି ପ୍ରତିଯୋଗିତାରେ ଉଲ୍ଲେଖନୀୟ ପ୍ରଦର୍ଶନ କରି ଲେଡି ହାମିଲଟନ୍ ହାଇସ୍କୁଲର ଛାତ୍ରୀ ସ୍ୱାଗତିକା ପଣ୍ଡା ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଓ.ଏ.ଭି. ଗରୁଡ଼ବସା, ବେତନଟୀର ବ୍ରହ୍ମଶଙ୍କର ମହାନ୍ତ ଦ୍ୱିତୀୟ ଏବଂ ଓ.ଏ.ଭି. ସାନଶୋଳ, ଶାମାଖୁଣ୍ଟାର ପ୍ରୀତିଲତା ବିନ୍ଧାଣୀ ତୃତୀୟ ସ୍ଥାନ ହାସଲ କରିଛନ୍ତି। ପ୍ରଥମ ସ୍ଥାନ ଅଧିକାର କରିଥିବା ସ୍ୱାଗତିକା ପଣ୍ଡା ଆଗାମୀ ଦିନରେ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ବିଜ୍ଞାନ ସେମିନାରରେ ମୟୂରଭଞ୍ଜ ଜିଲ୍ଲା ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ସେମିନାରରେ ଛାତ୍ରଛାତ୍ରୀମାନେ ବିଜ୍ଞାନ ସମ୍ପର୍କିତ ବିଷୟ ଉପରେ ନିଜର ମତାମତ ଓ ଚିନ୍ତାଧାରା ଉପସ୍ଥାପନ କରିଥିଲେ। ବିଜ୍ଞାନ ପ୍ରତି ଛାତ୍ରଛାତ୍ରୀଙ୍କ ଆଗ୍ରହ, ଅନୁସନ୍ଧାନମୂଳକ ଚିନ୍ତନ ଓ ସୃଜନଶୀଳତାକୁ ପ୍ରୋତ୍ସାହନ ଦେବା ଦିଗରେ ଏହି ସେମିନାର ଏକ ଉପଯୋଗୀ ମଞ୍ଚ ପ୍ରଦାନ କରିଥିଲା।

# ବର୍ଷା ସ୍ଥିତିର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ସଂପୂର୍ଣ୍ଣ ସଜାଗ

### ବିଳମ୍ବିତ ରାତିରେ ଜିଲ୍ଲାପାଳଙ୍କ କ୍ଷେତ୍ର ପରିଦର୍ଶନ, କ୍ଷେତ୍ରସ୍ତରରେ ମୁତୟନ ଅଛନ୍ତି ବରିଷ୍ଠ ଅଧିକାରୀ

**ମାଲକାନଗିରି,୨୪।୯ (ସଂଚାର ବ୍ୟୁରୋ):** ମାଲକାନଗିରି ଜିଲ୍ଲାରେ ଜାରି ରହିଥିବା ପ୍ରବଳ ବର୍ଷା ସମୟରେ ଜନସାଧାରଣଙ୍କ ସୁରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ସକାରାତ୍ମକ ଓ ପ୍ରଶଂସନୀୟ ପଦକ୍ଷେପ ନିଆଯାଇଛି। ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ସୁଦୃଢ଼ ନେତୃତ୍ୱରେ ସାରା ପ୍ରଶାସନିକ କଳ ସମ୍ପୂର୍ଣ୍ଣ ସଜାଗ ରହି ଅତ୍ୟନ୍ତ ନିଷ୍ଠାର ସହ ନିଜ ନିଜ ଦାୟିତ୍ୱ ନିର୍ବାହ କରୁଛନ୍ତି। ଜନସାଧାରଣଙ୍କୁ ସୁରକ୍ଷିତ ରଖିବା ପାଇଁ ଜିଲ୍ଲାପାଳ ନିଜେ ବିଳମ୍ବିତ ରାତିରେ କ୍ଷେତ୍ର ଗସ୍ତ କରି ପ୍ରଭାବିତ ଅଞ୍ଚଳର ସ୍ଥିତି ଅନୁଧ୍ୟାନ କରିବା ସହ ତୃଣମୂଳ ସ୍ତରର ଅଧିକାରୀମାନଙ୍କୁ ସେବା କାର୍ଯ୍ୟକୁ ଆହୁରି ଜୋରଦାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବରିଷ୍ଠ ଅଧିକାରୀମାନଙ୍କୁ ପ୍ରତ୍ୟେକ ବ୍ଲକର ସ୍ୱତନ୍ତ୍ର ମନିଟରିଂ



ଦାୟିତ୍ୱ ଦିଆଯାଇ ସଫଳତାର ସହ ସହାୟତା ପହଞ୍ଚାଯାଉଥିବା ବେଳେ ଏସଆରସି ଙ୍କ କାର୍ଯ୍ୟାଳୟରୁ ମଧ୍ୟ ଜଣେ ବରିଷ୍ଠ ଅଧିକାରୀ ଜିଲ୍ଲା ଗସ୍ତ କରି ସ୍ଥିତି ସମୀକ୍ଷା କରିବେ। ବର୍ତ୍ତମାନ ସୁଦ୍ଧା ଜିଲ୍ଲାର ମାଲକାନଗିରି, କାଳିମେଲା, ମାଥିଲି, ମୋଟୁ, ଚିତ୍ରକୋଣ୍ଡା ଏବଂ ଖଇରପୁଟ ଭଳି ୬ଟି ବ୍ଲକର ୫୮ଟି ଗ୍ରାମ ପ୍ରଭାବିତ ହୋଇଥିବା ବେଳେ ସୁବ୍ୟବସ୍ଥିତ ଉଦ୍ଧାର କାର୍ଯ୍ୟ ଜରିଆରେ ବିପଦସଙ୍କୁଳ ଅଞ୍ଚଳରୁ ୧, ୧୫୪ ଜଣ ଲୋକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇ ୮ଟି ବିପଦମୁକ୍ତ ଆଶ୍ରୟ କେନ୍ଦ୍ରରେ ରଖାଯାଇଛି। ବିଶେଷ କରି ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ ଆଶ୍ରମ ସ୍କୁଲର ୪୫୮ ଜଣ ଛାତ୍ରଛାତ୍ରୀଙ୍କୁ ଅତ୍ୟନ୍ତ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଇଛି। ଆଶ୍ରୟ କେନ୍ଦ୍ରଗୁଡ଼ିକରେ ବିପନ୍ନଙ୍କୁ ପର୍ଯ୍ୟାପ୍ତ ରନ୍ଧାଖାଦ୍ୟ ଓ ପଲିଥିନ ବଣ୍ଟନ ପ୍ରକ୍ରିୟା ଜୋରଦାର ଚାଲିଛି। କାଳିମେଲା ବ୍ଲକରେ ଲୋକଙ୍କ ସୁବିଧା ପାଇଁ ବ୍ୟାପକ ଖାଦ୍ୟପେୟର ବ୍ୟବସ୍ଥା କରାଯାଇଛି, ଯେଉଁଥିରେ କୋଇମେଟଲା ଗ୍ରାମ ପଞ୍ଚାୟତର ନାମକୋଣ୍ଡା ଗ୍ରାମରୁ ସ୍ଥାନାନ୍ତରିତ ୧୦୦ ଜଣ ଏବଂ ଭେଜାଙ୍ଗୱାଡାର ଏମଭି-୧୬ ଗ୍ରାମରୁ ଉଦ୍ଧାର ହୋଇଥିବା ୧୦୨ ଜଣ ଗ୍ରାମବାସୀଙ୍କୁ ପାନୀୟ ଜଳ ସହ ସୁସ୍ଥ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଛି। ଏହା ସହିତ କାଙ୍ଗୁରୁକୋଣ୍ଡାରେ ଅଟକି ରହିଥିବା ୪୦ ଜଣ ଟ୍ରକ ଚାଳକ ଓ ପଥିକଙ୍କୁ ରନ୍ଧାଖାଦ୍ୟ ପ୍ୟାକେଟ ଏବଂ ମାଣ୍ଡପାଲିର ଏମଭି-୬ ଠାରେ ଫସି ରହିଥିବା ଲୋକଙ୍କୁ ୨୦ ୟୁନିଟ୍ ସୁଖିଲା ଖାଦ୍ୟ ପ୍ୟାକେଟ୍ ଆଦରର ସହ ବଣ୍ଟନ କରାଯାଇଛି।

## ଜିଲ୍ଲାସ୍ତରୀୟ ସିନିୟର ସିପକଟାକ୍ରୋ ଖେଳାଳି ଚୟନ

**ସୁନ୍ଦରଗଡ଼,୨୪।୯ (ସଂଚାର ବ୍ୟୁରୋ):** ଆସନ୍ତା ସେପ୍ଟେମ୍ବର ୨୭ ତାରିଖ ରବିବାର ସକାଳ ୧୦ଟା ସମୟରୁ ସୁନ୍ଦରଗଡ଼ ଭବାନୀ ଭବନ ସ୍ପୋର୍ଟ୍ସ କଂପ୍ଲେକ୍ସ ପରିସରରେ ଜିଲ୍ଲା ସ୍ତରୀୟ ସିନିୟର ପୁରୁଷ ଓ ମହିଳା ସିପକଟାକ୍ରୋ ଖେଳାଳି ଚୟନ କରାଯିବ। ଯେଉଁ ଖେଳାଳିମାନେ ଚୟନ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଇଚ୍ଛୁକ ସେମାନେ ଆସନ୍ତା ରବିବାର ସକାଳ ୧୦ ଟାରେ ସିପକଟାକ୍ରୋ ପରିସରରେ ପାସପୋର୍ଟ ସାଇଜ ଫୋଟୋ, ଆଧାର କାର୍ଡ ନକଲ ଏବଂ ଜନ୍ମ ପ୍ରମାଣ ପତ୍ର ନକଲ ସହିତ ସିପକଟାକ୍ରୋ ଡ୍ରେସ କୋଡ଼ରେ ଉପସ୍ଥିତ ରହି ନିଜ ନାମ ପଞ୍ଜିକରଣ କରି ଭାଗ ନେଇ ପାରିବେ। ଜିଲ୍ଲା ସ୍ତରରେ ଯେଉଁ ଖେଳାଳି ମାନେ ଚୟନ ହେବେ ସେମାନେ ଆସନ୍ତା ମାସ ୨ ରୁ ୪ ତାରିଖରେ ରାଏଗଡ଼ା ଜିଲ୍ଲା ବିଷମ କଟକରେ ହେବାକୁ ଥିବା ୨୫ ତମ ସିନିୟର ଓଡ଼ିଶା ଆନ୍ତଃଜିଲ୍ଲା ସିପକଟାକ୍ରୋ ପ୍ରତିଯୋଗିତାରେ ଭାଗ ନେଇ ପାରିବେ। ଅଧିକ ଜାଣିବା ପାଇଁ ଭବାନୀ ଭବନ ସ୍ପୋର୍ଟ୍ସ କଂପ୍ଲେକ୍ସର ସିପକଟାକ୍ରୋ ଟ୍ରେନର ଲିପ୍ସା ଷଡଙ୍ଗୀଙ୍କ ମୋବାଇଲ୍ ନମ୍ବର ୬୩୭୧୪୪୮୪୮୫ ରେ ସମ୍ପର୍କ କରିବା ପାଇଁ ସୁନ୍ଦରଗଡ଼ ଜିଲ୍ଲକ୍ଷ ସିପକଟାକ୍ରୋ ସଂଘର ସଭାପତି ସିଦ୍ଧାର୍ଥ ବକ୍ସି ସୂଚନା ଦେଇଛନ୍ତି ।

## ମାଁ ଗଜଲକ୍ଷ୍ମୀ ପୂଜା ନିମନ୍ତେ ଶୁଭ ସ୍ଥାପନ

**ବୋରିଗୁମ୍ମା,୨୪।୯ (ସଂଚାର ବ୍ୟୁରୋ):** ବୋରିଗୁମ୍ମା ସ୍ଥିତ ଦୁଲ୍ଲାଗୁଡ଼ା ରୋଡ଼ରେ ପ୍ରଥମ ଥର ପାଇଁ ମାଁ ଗଜଲକ୍ଷ୍ମୀ ଅନୁଷ୍ଠିତ ହେବାକୁ ଯାଉଛି।ସାର୍ବଜନୀନ ଗଜଲକ୍ଷ୍ମୀ



ପୂଜା ନିମନ୍ତେ ଆଜି ଭାଦ୍ରବ ମାସ ଶୁକ୍ଳ ପକ୍ଷ ତ୍ରୟୋଦଶୀ ତିଥିରେ ରେ ଶୁଭ ସ୍ଥାପନ କରାଯାଇଥିଲା। ପୁରୋହିତ ଭାବେ ପଣ୍ଡିତ ଲାକ୍ଷ୍ମୀକାନ୍ତ ତ୍ରିପାଠୀ ଯୋଗ ଦେଇଥିବା ବେଳେ କର୍ତ୍ତା ଭାବେ ରାମକୃଷ୍ଣ ମିଶ୍ର ଓ ଧର୍ମପତ୍ନୀ ରାଜାନିବାଳା ମିଶ୍ର ଯୋଗ ଦେଇ ଶୁଭ ସ୍ଥାପନ ନିମନ୍ତେ ପୂଜାର୍ଚ୍ଚନା କରିଥିଲେ।ପ୍ରକାଶ ଥାଉକି ବୋରିଗୁମ୍ମା ସହର ର ଦୁଲ୍ଲାଗୁଡ଼ା ରୋଡ଼ ସ୍ଥିତ ଅଯୋଧ୍ୟା ନଗର, ଜଗନ୍ନାଥ ବିହାର, ନିଳକଣ୍ଠେଶ୍ୱର ମାର୍ଗ, ମାନିକେଶ୍ୱରୀ ମାର୍ଗ(ହାଟପଦା) କୁ ନେଇ ଦୁଲ୍ଲାଗୁଡ଼ା ରୋଡ ରେ ମାଁ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହେବ।ଆସନ୍ତା ଅକ୍ଟୋବର ମାସ, ୨୫ ତାରିଖ କୁମାର ପୂର୍ଣ୍ଣିମା ଦିନ ମାଁ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଦୁଲ୍ଲାଗୁଡ଼ା ରୋଡ଼ ସାର୍ବଜନୀନ ଗଜଲକ୍ଷ୍ମୀ ପୂଜା କମିଟିର ସଭାପତି ସୂର୍ଯ୍ୟନାରାୟଣ ଆଚାରୀ, ଲାଲୁ ମହାନ୍ତି, କୋଷାଧ୍ୟକ୍ଷ ଦେବାଶିଷ ରଥ, ଯୁଗ୍ମ କୋଷାଧ୍ୟକ୍ଷ ମନୋଜ ରଥ ଓ କମିଟି ସଦସ୍ୟ ବୃନ୍ଦ ଯୋଗ ଦେଇଥିଲେ।

## ଜାତୀୟ ସେବା ଯୋଜନା ପ୍ରତିଷ୍ଠା ଦିବସ ପାଳିତ

**ଜୟପୁର,୨୪।୯(ସଂଚାର ବ୍ୟୁରୋ):** ସରକାରୀ ମହିଳା ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଓଡ଼ିଆ ବିଭାଗର ମୁଖ୍ୟ ଡ. ଡମ୍ବରୁଧର ଦାସ ମାନବ ସେବା ହିଁ ମାଧବ ସେବା ତଥା ସାମାଜିକ ଗୁଣାବଳୀର ବିକାଶ ସାଧନର ଗୁରୁତ୍ୱ ସମ୍ପର୍କରେ ମତ ରଖିଥିଲେ। ଯୁକ୍ତ ୩ ଏନ୍ ଏସ ଏସ କାର୍ଯ୍ୟକ୍ରମ ଅଧିକାରୀ ସୁନୀତା କୁମାରୀ ପ୍ରଧାନ କାର୍ଯକ୍ରମ ପରିଚାଳନା କରିବା ସହ ଜାତୀୟ ସେବା ଯୋଜନାର ମୂଳ ଲକ୍ଷ୍ୟ ସମ୍ପର୍କରେ ଛାତ୍ରୀମାନଙ୍କୁ ଅବଗତ କରାଇଥିଲେ। ଯୁକ୍ତ ୨ ଏନ୍ ଏସ ଏସ କାର୍ଯ୍ୟକ୍ରମ ଅଧିକାରୀ ରାଧିକା ମଞ୍ଜରୀ ବେଶ୍ରା ଜାତୀୟ ସେବା ଯୋଜନାର ପ୍ରତୀକ ବିଷୟରେ ଚର୍ଚ୍ଚା କରିବା ସହ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ। ଶେଷରେ ଜାତୀୟ ସେବା ଯୋଜନାରେ ଥିବା ମହାବିଦ୍ୟାଳୟର ଶେଷ ବର୍ଷର ସ୍ୱେଚ୍ଛାସେବୀ ମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା ଏବଂ ମାଇଁ ଭାରତ ପୋର୍ଟାଲ ପ୍ରକ୍ରିୟା ସମ୍ପର୍କରେ ଛାତ୍ରୀମାନଙ୍କୁ ଅବଗତ କରାଯାଇଥିଲା।

# ବିଦ୍ୟାଳୟରେ ବାଲ୍ୟବିବାହ ସଚେତନତା କାର୍ଯ୍ୟକ୍ରମ

**ବେତନଟୀ,୨୪।୯(ସଂଚାର ବ୍ୟୁରୋ):** ଗୁରୁବାର ଦିନ ପି.ଏମ୍. ଶ୍ରୀ ମହାରାଜା ପ୍ରତାପ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ, ବେତନଟୀ ଠାରେ ଜୀବନ କୌଶଳ ଶିକ୍ଷା କାର୍ଯ୍ୟକ୍ରମ ଅଧୀନରେ ବାଲ୍ୟବିବାହ ବିରୋଧୀ ସଚେତନତା କାର୍ଯ୍ୟକ୍ରମ ପ୍ରଧାନ ଶିକ୍ଷକ ଅର୍ଜୁନ ସିଂ ଙ୍କ ଅଧ୍ୟକ୍ଷତା




ରେ ଆୟୋଜିତ ହୋଇଯାଇଛି। ଏହି ସଚେତନତା କାର୍ଯ୍ୟକ୍ରମ ରେ ଜୀବନ କୌଶଳ ଶିକ୍ଷା ସହେଲି ସଂଗଠନ ର ଅଧିକାରୀ ଭାରତୀ ଦାସ ଓ କୌଶଲ୍ୟା ବିନ୍ଧାଣୀ ଛାତ୍ରଛାତ୍ରୀମାନଙ୍କୁ ବାଲ୍ୟବିବାହର କୁପରିଣାମ, ଶିକ୍ଷା ଉପରେ ଏହାର ପ୍ରଭାବ ଏବଂ ନିଜ ଅଧିକାର ସମ୍ପର୍କରେ ସଚେତନ କରାଇଥିଲେ। ଶିକ୍ଷକମାନେ ବାଲ୍ୟବିବାହର ସାମାଜିକ, ଶିକ୍ଷାଗତ ଓ ସ୍ୱାସ୍ଥ୍ୟଗତ କୁପ୍ରଭାବ ବିଷୟରେ ଆଲୋଚନା କରିଥିଲେ। ଅଳ୍ପ ବୟସରେ ବିବାହ ହେଲେ ଶିକ୍ଷା ବାଧାପ୍ରାପ୍ତ ହେବା ସହିତ ଶିଶୁମାନଙ୍କର ଭବିଷ୍ୟତ ଓ ସୁଯୋଗ ପ୍ରଭାବିତ ହେବ ବୋଲି ସଚେତନ କରାଯାଇଥିଲା। ଛାତ୍ରଛାତ୍ରୀମାନଙ୍କୁ "ବାଲ୍ୟବିବାହକୁ ନା କହିବା, ଶିକ୍ଷାକୁ ହଁ କହିବା" ଏବଂ ନିଜର ଲକ୍ଷ୍ୟ ପୂରଣ ପାଇଁ ଶିକ୍ଷା ଜାରି ରଖିବାକୁ ପ୍ରେରଣା ଦିଆଯାଇଥିଲା। ସନ୍ଦେହଜନକ ବାଲ୍ୟବିବାହ ଘଟଣା ଦେଖିଲେ ଅଭିଭାବକ, ଶିକ୍ଷକ ଓ ସମ୍ପୃକ୍ତ ସରକାରୀ କର୍ତ୍ତୃପକ୍ଷଙ୍କୁ ଜଣାଇବା ପାଇଁ ମଧ୍ୟ ସଚେତନ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀମାନେ ବାଲ୍ୟବିବାହ ରୋକିବା ଏବଂ ସମାଜରେ ସଚେତନତା ସୃଷ୍ଟି କରିବା ପାଇଁ ଶପଥ ନେଇଥିଲେ। ଏହି କାର୍ଯ୍ୟକ୍ରମ ରେ ଶିକ୍ଷୟତ୍ରୀ ଇତିଶ୍ରୀ ମନ୍ତ୍ରୀ, ଶିକ୍ଷକ ହେମନ୍ତ କୁମାର ଦାସ୍, ଶିକ୍ଷୟତ୍ରୀ ମୌସୁମୀ ମଣ୍ଡଳ, ଅଜୟ କୁମାର ବାରିକ୍, ସୌରଭ ନନ୍ଦ, ସୁନିଲ୍ କୁମାର୍ ସାହୁ, ତାପସ କୁମାର୍ ବାରିକ୍, ଅଣଶିକ୍ଷା କର୍ମଚାରୀ ଖଗେନ୍ ଚନ୍ଦ୍ର ମହାନ୍ତ, ହୃଷିକେଶ ମହାପାତ୍ର, ହିତେଶ କୁମାର ଗନ୍ତାୟତ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

## ଜାତୀୟ ସେବା ଯୋଜନାର ବାର୍ଷିକ ଦିବସ ଉତ୍ସବ ପାଳିତ

**ବାରିପଦା,୨୪।୯(ସଂଚାର ବ୍ୟୁରୋ):** ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଜାତୀୟ ସେବା ଯୋଜନାର ବାର୍ଷିକ ଦିବସ ଉତ୍ସବ ପାଳିତ ହୋଇଯାଇଛି। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ରାଜେଶ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନିଜ ଅଭିଭାଷଣରେ ପରିବେଶ ସୁରକ୍ଷା, ଧାରଣକ୍ଷମ ପ୍ରଗତି, ତଥା ବର୍ଜ୍ୟବସ୍ତୁ ପରିଚାଳନା ସମ୍ବନ୍ଧରେ ଗ୍ରାମସ୍ତରରେ ଶିକ୍ଷା ଦେବାକୁ ସ୍ୱେଚ୍ଛାସେବୀମାନଙ୍କୁ ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ସଂଯୋଜକ ଡକ୍ଟର ପ୍ରିୟ ରଂଜନ ଦେବତା, ଜିଲ୍ଲା ନୋଡାଲ ଅଧିକାରୀ ଡକ୍ଟର ଅନାମ ଚରଣ ରାଉଳ, ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ଯତୀନ୍ଦ୍ର ନାଥ ବେଶ୍ରା ଯୋଗ ଦେଇ ଅଭିଭାଷଣ ରଖିଥିଲେ। ସାମାଜିକ କାର୍ଯ୍ୟ ବିଭାଗର ସହକାରୀ ପ୍ରଫେସର ଡକ୍ଟର ଶୁଭେନ୍ଦୁ କୁମାର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଯୁଗ୍ମ ସଚିବ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସହିତ ସମୀକ୍ଷା ବୈଠକ

**ସୁନ୍ଦରଗଡ଼,୨୪।୯ (ସଂଚାର ବ୍ୟୁରୋ):** ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଯୁଗ୍ମ ସଚିବ ତଥା ସୁନ୍ଦରଗଡ଼ ଜିଲ୍ଲା ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନାର କେନ୍ଦ୍ରୀୟ ପ୍ରଭାରୀ ଅଧିକାରୀଙ୍କ ଦୁଇ ଦିନିଆ ସୁନ୍ଦରଗଡ଼ ଜିଲ୍ଲା ଗସ୍ତରେ ଆସିଛନ୍ତି।



ଏହି ଅବସରରେ କ୍ଷେତ୍ର ପରିଦର୍ଶନ କରିବା ସହିତ ଜିଲ୍ଲାସ୍ତରୀୟ ଅଧିକାରୀ ମାନଙ୍କ ସହିତ ବୈଠକ କରିଥିଲେ। ଏହି ଅବସରରେ ସଦର ବ୍ଲକ ଅନ୍ତର୍ଗତ ସେମିନାଠାରେ ଛେଳି ପାଳନ ୟୁନିଟ ବୁଲି ଦେଖିଥିଲେ ଏବଂ ହିତାଧିକାରୀଙ୍କ ସହିତ ଛେଳି ପାଳନ ସମ୍ପର୍କରେ ଆଲୋଚନା କରିଥିଲେ। କୋପସିଂଘା ଠାରେ ନିର୍ମାଣାଧୀନ ଥିବା ଇନ- ଷ୍ଟ୍ରିମ ସଂରକ୍ଷଣ ପ୍ରକଳ୍ପ ଏବଂ ବିଲେଗଡ଼ଠାରେ ଥିବା ବୃହତ ଉଠା ଜଳସେଚନ ପରିଦର୍ଶନ କରିବା ସହ ବିଭାଗୀୟ ଅଧିକାରୀ ଏବଂ ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହା ସହ ସେ ମୃତ୍ତିକା ସଂରକ୍ଷଣ କେନ୍ଦ୍ର ମଧ୍ୟ ବୁଲି ଦେଖିଥିଲେ। ଦ୍ୱିତୀୟ ଦିନରେ ଟାଙ୍ଗରପାଲି ବ୍ଲକ ରଙ୍ଗିଆମୁଣ୍ଡାର ମିଲେଟ୍ ପ୍ରକ୍ରିୟାକରଣ ୟୁନିଟ୍, ଉଜ୍ଜଳପୁରର ମଞ୍ଜି ପ୍ରକ୍ରିୟାକରଣ କେନ୍ଦ୍ର, ଦୁଗ୍ଧ ସମବାୟ ସମିତି ଏବଂ ବଲ୍କ ମିଲ୍କ କୁଲର ୟୁନିଟ୍ ବୁଲି ଦେଖିଥିଲେ। ଏହା ପରେ ଫୁଲଧୁଡ଼ି ଗ୍ରାମର ଛତୁ ଚାଷ ଓ ଭର୍ମି କମ୍ପୋଷ୍ଟ ୟୁନିଟ୍ ସହିତ ଟାଙ୍ଗରପାଲିର ଆର.ଏମ.ସି ଏବଂ 'ସୁଭଦ୍ରା ଶକ୍ତି' ରିଟେଲ ମାର୍ଟ ପରିଦର୍ଶନ କରି ଅଧିକାରୀ ଓ ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ। ଗସ୍ତ ଅବସରରେ ସେ 'ଏକ ପେଡ଼ ମାଁ କେ ନାମ' ଅଭିଯାନରେ ଫୁଲଧୁଡ଼ି ଗ୍ରାମରେ ଚାରା ରୋପଣ କରି ବୃକ୍ଷରୋପଣର ବାର୍ତ୍ତା ଦେଇଥିଲେ। ଏହି ଅବସରରେ ଜିଲ୍ଲା ଖଣିଜ ପ୍ରତିଷ୍ଠାନର ସମ୍ମିଳନୀ କକ୍ଷଠାରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ, କୃଷି ଓ କୃଷକ ବିଭାଗ ଏବଂ ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହ ପ୍ରଧାନ ମନ୍ତ୍ରୀ ଧନଧାନ୍ୟ ଯୋଜନା ସମ୍ପର୍କରେ ଏକ ସମୀକ୍ଷା ବୈଠକ କରିଥିଲେ।

# ଯୁବ ସମାଜସେବୀ ଜିଲ୍ଲାପାଳଙ୍କୁ ଭେଟି ନିରପେକ୍ଷ ତଦନ୍ତ ପାଇଁ ଦାବି

**ନୀଳଗିରି,୨୪।୯(ସଂଚାର ବ୍ୟୁରୋ):** ଜନୈକ ଠିକାଦାର ନିମ୍ନ ମାନରରାସ୍ତା ନିର୍ମାଣ କରୁଥିବା ରୁ ଯୁବକ ଜଣକ ବିରୋଧ କରି ବାରୁ ଗତ୬ତାରିଖ ଦିନ ରାତିରେ ଠିକାଦାର, ତାଙ୍କ କର୍ମଚାରୀ ମାନେ ସଙ୍ଘ ବଧ ଭାବରେ ଯୁବକ କୁ ଆକ୍ରମଣ କରିଥିଲେ।ନ୍ୟାୟ ପାଇଁ ଯୁବକ ଜଣକ ଥାନାରେ ଦ୍ୱାରସ୍ଥ ହୋଇଥିବା ବେଳେ ଠିକାଦାର ଭାବେଶ ନିଜକୁ ସୁରକ୍ଷିତ ପାଇଁ ଯୁବକ ଜଣକ ଚାନ୍ଦା ମାଗିବା ସହ ଅଶ୍ଳିଳ ଭାଷା ରେ ଗାଳି ଗୁଲଜ କରିବା ସହିତ ମାଡ଼ ମାରି ଥିବା ନେଇ ଅଭିଯୋଗ କରିଛନ୍ତି।ଏହାକୁ ବିରୋଧ କରି ଆଜି ପୂର୍ବାହ୍ନ ୧୧ଟା ସମୟ ରେ ନୀଳଗିରି ଯୁବ ସମାଜ ସେବୀ କାର୍ତ୍ତିକ ରାଏ ଙ୍କ ନେତୃତ୍ୱରେ ଆକ୍ରମଣ ଶିକାର ହୋଇଥିବା ଯୁବକ ସରୋଜ କୁମାର ଦାସ, ବିଜୟ କୁମାର ଲେଙ୍କା, ଆଦର୍ଶ ଗୌରବ ଦାସ, ଅଶ୍ୱିନି କୁମାର ପାତ୍ର, ରଂଜନ ବେହେରା, ରମେଶ ବାଗ, ମୁକ୍ତି



କାନ୍ତ ଦାସ ବାବୁ, ଦିଲ୍ଲୀପ ପ୍ରଧାନ, ଦୀପକ ନାୟକ, ସୁରେନ୍ଦ୍ର ନାୟକ, ଜିତେନ୍ଦ୍ର ରାଉତ, ଘନ ଶ୍ୟାମ ପ୍ରଧାନ ପ୍ରମୁଖ ବହୁ ଯୁବକ ନୀଳଗିରି ଉପଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥ ଓ ଆଇଆଇସି ଗୋବର୍ଦ୍ଧନ ନାୟକ ଙ୍କୁ ଭେଟି ଘଟଣା ବିଷୟ ରେ ଆଲୋଚନା କରିବା ସହ ଆହତ ଯୁବକ ଙ୍କୁ ନ୍ୟାୟ ଦେବାକୁ ଦାବି କରିଛନ୍ତି।ନ୍ୟାୟ ନମିଳିଲେ ନୀଳଗିରି ସ୍ୱାଭିମାନପାଇଁ ଆଗକୁ ଆନ୍ଦୋଳନ ଜୋର ଦାର କରାଯିବ ବୋଲି ଯୁବ ସମାଜସେବୀ ଶ୍ରୀ ରାଏ ଗଣମାଧ୍ୟମ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ନୀଳଗିରି ଏନ୍‌ଏସି ଅଧିନସ୍ଥ୨ନମ୍ବର ୱାର୍ଡଘାଟଘରସାହି ଗ୍ରାମର ହୃଷିକେଶ ଦାସଙ୍କ ପୁଅ ସରୋଜ କୁମାର ଦାସ (୪୭) ଗତ ସେପ୍ଟେମ୍ବର ୬ ତାରିଖ ରବିବାର ରାତ୍ରୀ ପ୍ରାୟ ୧୦.୩୦ ସମୟରେ ପଞ୍ଚଲିଙ୍ଗେଶ୍ୱର ରୁ ନିଜ ଘରକୁ ଫେରୁଥିବା ବେଳେ ଉକ୍ତ ନୀଳଗିରି-ପଞ୍ଚଲିଙ୍ଗେଶ୍ୱର ପି.ଡବ୍ଲ୍ୟୁ. ଡି ରାସ୍ତା ମରାମତି କାର୍ଯ୍ୟ ଚାଲିଥିଲା। ତେବେ ସଂପୃକ୍ତ ରାସ୍ତାର ମରାମତି ଲକ୍ଷ ଲକ୍ଷ ଟଙ୍କା କାର୍ଯ୍ୟ ଚାଲିଥିବା ସମୟରେ ସେଠାରେ ବିଭାଗୀୟ ଅଧିକାରୀ ମାନେ ରାସ୍ତା କାର୍ଯ୍ୟ ସ୍ଥଳରେ ରହୁନଥିବା ଏବଂ ରାତ୍ରୀ ୧୦.୩୦ ସମୟରେ ଠିକାଦାର ଜଣଙ୍କ ରାସ୍ତାରେ ରାବିସ୍ ଠିକ ଭାବେ ନ ପକାଇ ଛାଞ୍ଚ ପିଚ ପକାଉଥିବାର ଦେଖି ଶ୍ରୀ ଦାସ ସେଠାରେ ବାଇକ ଛିଡା କରି ଠିକା କର୍ମଚାରୀ ଙ୍କୁ ଟିକେ ଭଲ କାମ କରିବାକୁ କହିଥିଲେ। ସେହି ସମୟରେ ସେଠାରେ ଉପସ୍ଥିତ ଥିବା ବାଲେଶ୍ୱର ଜିଲ୍ଲା ଶିଲ୍ପାଞ୍ଚଳ ଥାନା ବାମପଦା ଗ୍ରାମର ଭବେଶ୍ ପ୍ରଧାନ (୪୦) ଉତ୍ୟକ୍ତ ହୋଇ ଅଭଦ୍ର ଭାଷାରେ ଗାଳିଗୁଲଜ କରିବା ସହ ସମସ୍ତଙ୍କୁ ପିସି ଦିଆଯାଇଛି। ରାତ୍ରିରେ ପିଚୁ କାମ ହେବ, କାମ ଭଲ କି କରିହେବ ନାହିଁ। ଏହାକୁ ନେଇ ଯୁକ୍ତି ତର୍କ ବଢ଼ିବା ସହ ଠିକାଦାର ଶ୍ରୀ ପ୍ରଧାନ ସହ ୪-୫ ଜଣ ତାଙ୍କ କର୍ମଚାରୀ ହାତରେ ଭୁଜାଲି, ଲୁହାରଡ ଧରି ସରୋଜ କୁମାର ଦାସଙ୍କୁ ଆକ୍ରମଣ କରି ରକ୍ତାକ୍ତ କରି ତାଙ୍କ ବେକରୁ ସୁନା ଚେନ୍ ଓ ହାତରୁ ଘଣ୍ଟାନେଇଯାଇଥିଲେ।

### ୯ ଦିନିଆ ଜାତୀୟ ନାଟ୍ୟ ମହୋତ୍ସବର ୩ୟ ସନ୍ଧ୍ୟା

# ମଞ୍ଚସ୍ଥ ହେଲା ନାଟକ 'କାଞ୍ଚି ଅଭିଯାନ' ଓ 'ରାଜା'



**ବାରିପଦା,୨୪।୯(ସଂଚାର ବ୍ୟୁରୋ):** ସ୍ଥାନୀୟ ସହିଦ ସ୍ମୃତି ଭବନରେ ଆମେ, ବାରିପଦା ଆନୁକୂଲ୍ୟରେ ୨ୟ ବାର୍ଷିକ ୯ ଦିନିଆ ନାଟ୍ୟ ମହୋତ୍ସବର ୩ୟ ସନ୍ଧ୍ୟାରେ ୧ମ ନାଟକ ଭଞ୍ଜଭୂମି ସାଂସ୍କୃତିକ ପରିଷଦ, ବାରିପଦା ପ୍ରଯୋଜିତ "କାଞ୍ଚି ଅଭିଯାନ" ମଞ୍ଚସ୍ଥ ହୋଇଥିଲା । ଅନୁବାଳା ମହାନ୍ତିଙ୍କ ନିର୍ଦ୍ଦେଶିତ ନାଟକରେ ଅରୂପାନନ୍ଦ ମାହାଲା, ଅସିତ କୁମାର ମଲ୍ଲିକ, ତପନ କୁମାର ବେହେରା, ଜିତେନ୍ଦ୍ର ଦଳବେହେରା, ସ୍ମୃତି ମହାନ୍ତି, କାତ୍ୟାୟନୀ ମହାନ୍ତି, ଅନନ୍ଦିତା ପ୍ରିୟଦର୍ଶିନୀ ଭୂୟାଁ, ଚିନ୍ମୟ ଶେଜପଡା, ନମ୍ରତା ନାଏକ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ । ସଂଗୀତ ନିର୍ଦ୍ଦେଶକ ଓ କଣ୍ଠଦାନ ଅକ୍ଷୟ ମହାନ୍ତି ଓ ଗୀତିକାର ଡ଼. ପାର୍ଥ ସାରଥୀ ମହାପାତ୍ର । ଆମେ କ୍ରାନ୍ତି, ଉଦଳା ପ୍ରଯୋଜିତ ଏବଂ ଡ. ନାରାୟଣ ସାହୁଙ୍କ ରଚିତ ଓ ରତିକାନ୍ତ ବେହେରାଙ୍କ ନିର୍ଦ୍ଦେଶିତ ୨ୟ ନାଟକ "ରାଜା" ରେ ରତିକାନ୍ତ ବେହେରା, ଅଶୋକ ପଟ୍ଟନାୟକ, କୁନ୍ଦନ ଭଞ୍ଜ, ଅସିତ ଗିରି, ପ୍ରଦ୍ୟୁମ୍ନ ଦାସ, ଗିରିଶ ଦାସ, ରାହୁଲ ଓ ସେଲଭି ଅଭିନୟ କରିଥିବା ବେଳେ ଆଲୋକରେ ରାମଚନ୍ଦ୍ର ମହାପାତ୍ର, ସଂଗୀତରେ ସୁଶାନ୍ତ ଦାସ ଓ ସହ ନିର୍ଦ୍ଦେଶନାରେ ପ୍ରକାଶ ଦାଶ ସହଯୋଗ କରିଥିଲେ । ଆୟୋଜନ କମିଟିର ସଭାପତି ଡ଼ା. କୈଳାସ ଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସଭାରେ ଅତିଥି ଭାବେ ଯୋଗଦେଇ ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ର. ମହେନ୍ଦ୍ର କୁମାର ମହାନ୍ତି, ଅବସରପ୍ରାପ୍ତ ଶିକ୍ଷୟତ୍ରୀ ରଜନୀ ବାରିକ, ଅବସରପ୍ରାପ୍ତ ଶିଶୁ ବିକାଶ ଅଧିକାରିଣୀ ପ୍ରୀତିସୁଧା ତ୍ରିପାଠୀ, ବାରିପଦା କଳାକାର ପରିବାରର ସଭାପତି ସନ୍ତୋଷ କୁମାର ମହାନ୍ତି କାର୍ଯ୍ୟକ୍ରମର ଉଦଘାଟନ କରିବା ସହ ମହୋତ୍ସବର ସଫଳତା କାମନା କରିଥିଲେ। ଏହି ଅବସରରେ ବିଶିଷ୍ଟ ଅଭିନେତା ଓ ନିର୍ଦ୍ଦେଶକ ତଥା କମିଟିର ସମ୍ପାଦକ ଚିନ୍ମୟ ଦାସ ପଟ୍ଟନାୟକ ସ୍ୱାଗତ ଅଭିଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ ।



# ସକାଳୁ ଉଷୁମ ପାଣି, ଫଳ ଶରୀର ପାଇଁ ଉପକାରୀ

ସକାଳ ସମୟରେ ଆମେ କ'ଣ ଏବଂ କିପରି ଖାଉ ତାହା ସାରା ଦିନ ଆମର ସ୍ୱାସ୍ଥ୍ୟ, ଶକ୍ତି ଏବଂ ପାଚନକୁ ପ୍ରଭାବିତ କରିଥାଏ। ବିଶେଷକରି ସକାଳ ସମୟରେ ଆମ ପେଟ ଖାଲିଥାଏ । ଏହି ସମୟରେ କ'ଣ ଖାଇବା ଉଚିତ କ'ଣ ନଖାଇବା ଉଚିତ ତାହାକୁ ନେଇ ଲୋକଙ୍କ ମନରେ ଦ୍ୱନ୍ଦ୍ୱ ରହିଥାଏ। ତେବେ ଆସନ୍ତୁ ଜାଣିବା ସକାଳ ସମୟରେ କେଉଁ ଖାଦ୍ୟ ଖାଇବା ଉଚିତ। ଖାଲି ପେଟରେ କଫି, ଚା, କିମ୍ବା ସାଇଟ୍ରସ୍ ଫଳ ଖାଇବା ଦ୍ୱାରା ଏହା ଆମ ଶରୀରରେ ସମସ୍ୟା ସୃଷ୍ଟି କରିପାରେ।

ସକାଳେ ପ୍ରଥମେ ଏକ ଗ୍ଲାସ୍ ଉଷୁମ ପାଣି ପିଇବା ଦ୍ୱାରା ପେଟ ବିଷମୁକ୍ତ ହୁଏ। ଏଥିରେ ଅଳ୍ପ ଲେମ୍ବୁ ମିଶାଇ ପିଇଲେ ଶରୀରରୁ ବିଷାକ୍ତ ପଦାର୍ଥ ବାହାରିବା ସହିତ ମେଟାବୋଲିଜିମ୍ ବୃଦ୍ଧି କରିବାରେ ସାହାଯ୍ୟ କରେ। ଏହା ପାଚନ ତନ୍ତ୍ରକୁ ହାଲୁକା ଏବଂ ସକ୍ରିୟ ରଖେ। ଯାହା ଆପଣଙ୍କୁ ଦିନସାରା କାମ କରିବା ପାଇଁ ଶକ୍ତି ଯୋଗାଇଥାଏ। ସକାଳେ ଖାଲି ପେଟରେ ତେଲ କିମ୍ବା ଭାରି ଖାଦ୍ୟ ଖାଇବା ଦ୍ୱାରା ଗ୍ୟାସ୍ ବଢ଼ିପାରେ। ଏହି କ୍ଷେତ୍ରରେ ଓଟ୍ସ ଭଳି ହାଲୁକା ଖାଦ୍ୟ ଖାଇବା ହେଉଛି ସର୍ବୋତ୍ତମ ବିକଳ୍ପ। ଏଭଳି ଖାଦ୍ୟରେ ଫାଇବର ପ୍ରଚୁର ପରିମାଣରେ ରହିଥାଏ। ଯାହାକି ପାଚନ କ୍ରିୟାରେ ସାହାଯ୍ୟ କରିଥାଏ। ଯଦି ଆପଣ ସକାଳ ସମୟରେ କିଛି ହାଲୁକା ଏବଂ ଶୀଘ୍ର ଖାଇବାକୁ ଚାହୁଁଛନ୍ତି ତେବେ କଦଳୀ, ସେଓ କିମ୍ବା ଅମୃତଭଣ୍ଡା ଖାଇ ପାରିବେ। ଏହି ଫଳଗୁଡ଼ିକ ସହଜରେ ହଜମ ହୁଏ ଏବଂ ପେଟକୁ ଥଣ୍ଡା ରଖିଥାଏ। ଖାଲିପେଟରେ ପଇଡ଼ ପାଣି ବି ପିଇ ପାରିବେ। ସକାଳେ ଖାଲି ପେଟରେ ରାତିସାରା ଭିଜା ହୋଇଥିବା କିସମିସ୍, ବାଦାମ କିମ୍ବା ଅଖରୋଟ ଖାଇବା ଅତ୍ୟନ୍ତ ଲାଭଦାୟକ। ଏହା କେବଳ ହଜମକୁ ସମର୍ଥନ କରେ ନାହିଁ ବରଂ ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିବା ସହିତ ପେଟ ସମସ୍ୟାକୁ ଦୂର କରିଥାଏ।

# ଚାଲିବା ଦ୍ୱାରା କମିଥାଏ କ୍ୟାନସର୍ ରୋଗର ଆଶଙ୍କା



ପ୍ରତ୍ୟେକ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟର ରହସ୍ୟ ତାଙ୍କ ଦୈନନ୍ଦିନ ଜୀବନଶୈଳୀରେ ରହିଛି। ଆପଣଙ୍କ ଜୀବନଶୈଳୀ ଆପଣଙ୍କୁ ବିଭିନ୍ନ ରୋଗରୁ ରକ୍ଷା କରେ। ଆସନ୍ତୁ ଜାଣିବା ଯେ, ଆପଣ ୧୩ ପ୍ରକାରର କର୍କଟ ରୋଗରୁ ନିଜକୁ ରକ୍ଷା କରିବା ପାଇଁ କ'ଣ ପଦକ୍ଷେପ ନେଇପାରିବେ। ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ଗବେଷଣା ଅନୁଯାୟୀ, ଚାଲିବା ଦ୍ୱାରା କର୍କଟ ରୋଗର ଆଶଙ୍କା ହ୍ରାସ ପାଇପାରେ। କିଛି ଲୋକଙ୍କ କାର୍ଯ୍ୟକଳାପ ଟ୍ରାକ୍ କରାଯାଇଥିଲା ଏବଂ ଜଣାପଡିଥିଲା ଯେ, ଯେଉଁମାନେ ଯେତେ ଅଧିକ ଚାଲିବେ, ସେମାନଙ୍କର କର୍କଟ ରୋଗର ଆଶଙ୍କା ସେତେ କମ୍ ହେବ। ଚାଲିବା ଏବଂ କର୍କଟ ରୋଗର ହ୍ରାସ ବିପଦ ମଧ୍ୟରେ ସମ୍ପର୍କ ଅନେକ ଅଧ୍ୟୟନରେ ନିଶ୍ଚିତ ହୋଇଛି। ଏହା କୁହାଯାଇଛି ଯେ ଆପଣ ଯେତେ ଅଧିକ ଚାଲିବେ, ଆପଣ ସେତେ ସୁରକ୍ଷିତ। ଏଥିରେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ୮୫,୦୦୦ ଯୁବକଙ୍କୁ ସାମିଲ କରିଥିଲା, ଯେଉଁମାନେ ସମ୍ପୂର୍ଣ୍ଣ ଗୋଟିଏ ସପ୍ତାହ ପାଇଁ ଆକ୍ସିଲେରୋମିଟର ପିନ୍ଧିଥିଲେ ଏବଂ ୬ ବର୍ଷ ଧରି ସେମାନଙ୍କ ଉପରେ ନଜର ରଖାଯାଇଥିଲା। ଏହି ସମୟ ମଧ୍ୟରେ, ଅଧ୍ୟୟନରେ ସାମିଲ ହୋଇଥିବା ୨,୬୦୦ ଲୋକଙ୍କ ମଧ୍ୟରୁ ଅତି କମରେ ୧୩ ଜଣଙ୍କ ମଧ୍ୟରୁ ଜଣେ କର୍କଟ ରୋଗ ଚିହ୍ନଟ ହୋଇଥିଲେ। ଏହା ବ୍ୟତୀତ, ଯେତେବେଳେ ସେମାନଙ୍କର ଚାଲିବା ପାଦକୁ ଟ୍ରାକ୍ କରାଯାଇଥିଲା, ସେତେବେଳେ ଏକ ପାର୍ଥକ୍ୟ ପରିଲକ୍ଷିତ ହୋଇଥିଲା। ଦେଖାଗଲା ଯେ, ଯେଉଁମାନେ ଦୈନିକ ୭,୦୦୦ ପାଦ ଚାଲିଥିଲେ ସେମାନଙ୍କ କର୍କଟ ରୋଗର ଆଶଙ୍କା ୧୧ ପ୍ରତିଶତ କମ୍ ଥିଲା। ଏହି ସମୟରେ, ଦୈନିକ ୯,୦୦୦ ପାଦ ଚାଲିବା ଲୋକଙ୍କ ପାଇଁ ଏହି ପ୍ରତିଶତ ୧୬ ପ୍ରତିଶତକୁ ହ୍ରାସ ପାଇଛି। ତଥାପି, ଏହି ଅଧ୍ୟୟନ ସମୟରେ ବିଚାର କରାଯାଇଥିବା ଚାଲିବା ସେତେ ପ୍ରଭାବଶାଳୀ ନଥିଲା। ଅଧିକ ଗତିରେ ଚାଲିବା ଦ୍ୱାରା ଅଧିକ କ୍ୟାଲୋରୀ ନଷ୍ଟ ହୋଇଥାନ୍ତା। ୧୩ଟି କର୍କଟ ରୋଗ ମଧ୍ୟରେ ମୂତ୍ରାଶୟ, ସ୍ତନ, କୋଲୋରେକ୍ଟାଲ୍, ଏଣ୍ଡୋମେଟ୍ରିଆଲ୍, ଖାଦ୍ୟନଳୀ, ବୃକକ୍, ଯକୃତ, ଫୁସଫୁସ, ପେଟ ଏବଂ ମଳଦ୍ୱାର କର୍କଟ ରୋଗ ଏବଂ ଲ୍ୟୁକେମିଆ, ମାଏଲୋମା ଏବଂ ମୁଣ୍ଡ ଏବଂ ବେକ କର୍କଟ ରୋଗ ଅନ୍ତର୍ଭୁକ୍ତ।

# ହାର୍ଟ ଫେଲ୍ୟୁଅର କିପରି ହୋଇଥାଏ ?

ଦ୍ରୁତ ଗତିରେ ବଦଳୁଥିବା ଜୀବନଶୈଳୀ ଏବଂ ବର୍ଦ୍ଧିତ ଚାପ ସହିତ, ହୃଦଘାତ ଆଜି ଏକ ଗମ୍ଭୀର ସମସ୍ୟା ପାଲଟିଛି। ପୂର୍ବରୁ ଏହି ଅବସ୍ଥା କେବଳ ବୟସ୍କ ବ୍ୟକ୍ତିମାନଙ୍କ ପାଇଁ ସୀମିତ ବୋଲି ବିବେଚନା କରାଯାଉଥିଲା । କିନ୍ତୁ ବର୍ତ୍ତମାନ ଯୁବପିଢ଼ି ମଧ୍ୟ ଏହାର ଶିକାର ହେଉଛନ୍ତି। ଏହି ଅବସ୍ଥା ସେତେବେଳେ ଘଟେ ଯେତେବେଳେ ହୃତପିଣ୍ଡ ସାରା ଶରୀରରେ ରକ୍ତ ପମ୍ପ କରିବାର କ୍ଷମତା ହରାଇଦିଏ । ଯାହା ଫଳରେ ଶରୀର ପର୍ଯ୍ୟାପ୍ତ ଅମ୍ଳଜାନ ପହଞ୍ଚି ନପାରି ହୃଦଘାତ ହୋଇଥାଏ ।

### ହୃଦଘାତ କିପରି ହୁଏ ?

ଏହା ସେତେବେଳେ ଘଟେ ଯେତେବେଳେ ହୃଦୟ ମାଂସପେଶୀ ଅତ୍ୟଧିକ କଠିନ କିମ୍ବା ଅତ୍ୟଧିକ ଦୁର୍ବଳ ହୋଇଯାଏ। ଏହା ହେତୁ ହୃତପିଣ୍ଡ ରକ୍ତକୁ ଦକ୍ଷତାର ସହିତ ପମ୍ପ କରିପାରି ନଥାଏ, ଯାହା ଫଳରେ ଶରୀରର ବିଭିନ୍ନ ଅଂଶରେ ତରଳ ପଦାର୍ଥ ଜମା ହୁଏ। ଏହି କାରଣରୁ ଏହାକୁ କେତେକ ସମୟରେ କଞ୍ଜେଷ୍ଟିଭ୍ ହାର୍ଟ ଫେଲ୍ୟୁଅର କୁହାଯାଏ, କାରଣ ରକ୍ତ ଏବଂ ତରଳ ପଦାର୍ଥ ଶରୀରର



ଟିସୁଗୁଡ଼ିକରେ ଜମା ହୁଏ। ହୃଦୟର ଡାହାଣ ପାର୍ଶ୍ୱ ଫୁସଫୁସକୁ ରକ୍ତ ପମ୍ପ କରେ, ଯେତେବେଳେ ବାମ ପାର୍ଶ୍ୱ ଫୁସଫୁସରୁ ଶରୀରର ଅନ୍ୟାନ୍ୟ ଅଂଶକୁ ଅମ୍ଳଜାନ ଯୁକ୍ତ ରକ୍ତ ପମ୍ପ କରେ। ଯେତେବେଳେ ଏହି ପ୍ରକ୍ରିୟା ବିଫଳ ହୁଏ, ସେତେବେଳେ ଶ୍ୱାସକ୍ଲାନ୍ତି, ଥକ୍କାପଣ ଏବଂ ଫୁଲା ଭଳି ଲକ୍ଷଣ ଦେଖାଯାଏ।

### ହୃଦଘାତର ଆଶଙ୍କା କାହାର ଅଧିକ ଥାଏ ?

ହୃଦଘାତ ଯେକୌଣସି ବୟସରେ ହୋଇପାରେ, କିନ୍ତୁ ବୟସ୍କ ଲୋକଙ୍କର ବିପଦ ଅଧିକ ଥାଏ। ଏହାର ସାଧାରଣ କାରଣ ହେଉଛି କରୋନାରୀ ଧମନୀ ରୋଗ, ଉଚ୍ଚ ରକ୍ତଚାପ, ମଧୁମେହ, ସ୍ଥୁଳତା ଏବଂ ଧୂମପାନ। ଏହି ଅବସ୍ଥା ପ୍ରାୟତଃ ଧୀରେ ଧୀରେ ବିକଶିତ ହୁଏ। ଲୋକମାନେ ପ୍ରାୟତଃ ପ୍ରାରମ୍ଭିକ ପର୍ଯ୍ୟାୟରେ କୌଣସି ଲକ୍ଷଣ ଅନୁଭବ କରନ୍ତି ନାହିଁ । କିନ୍ତୁ ସମୟ ସହିତ, ନିଶ୍ୱାସ ନେବାରେ କଷ୍ଟ, ଥକ୍କାପଣ ଏବଂ ଗୋଡ଼ କିମ୍ବା ପେଟ ଫୁଲିବା ବୃଦ୍ଧି ପାଏ।

### ହୃଦଘାତ ପରେ ମଧ୍ୟ ଦୀର୍ଘ ଜୀବନ ସମ୍ଭବ

ହୃଦଘାତ ଏକ ଗମ୍ଭୀର ଅବସ୍ଥା, କିନ୍ତୁ ଶୀଘ୍ର ଚିହ୍ନଟ ଏବଂ ଉପଯୁକ୍ତ ଚିକିତ୍ସା ଜୀବନକୁ ଲମ୍ବା କରିପାରିବ। କିଛି ଗବେଷଣା ଅନୁଯାୟୀ, ଯଦି ଜଣେ ବ୍ୟକ୍ତି ନିଜ ଜୀବନଶୈଳୀ ପ୍ରତି ଧ୍ୟାନ ଦିଅନ୍ତି, ସମୟାନୁସାରେ ଔଷଧ ନିଅନ୍ତି ଏବଂ ସକ୍ରିୟ ରୁହନ୍ତି, ତେବେ ସେ ବହୁ ବର୍ଷ ପର୍ଯ୍ୟନ୍ତ ଏକ ସାଧାରଣ ଜୀବନଯାପନ କରିପାରିବେ। ବିଶେଷଜ୍ଞମାନେ କୁହନ୍ତି ଯେ ହୃଦଘାତର ଅର୍ଥ ହୃଦଘାତ ବନ୍ଦ ହୋଇଗଲା ବୋଲି ନୁହେଁ; ବରଂ ଏହା ଏକ ଚେତାବନୀ ଯେ ପୂର୍ବ ଅପେକ୍ଷା ଏବେ ହୃତପିଣ୍ଡର ଯତ୍ନ ନେବା ଅଧିକ ଗୁରୁତ୍ୱପୂର୍ଣ୍ଣ।

### ହୃଦଘାତର ଚିକିତ୍ସା

ଲକ୍ଷଣଗୁଡ଼ିକୁ ନିୟନ୍ତ୍ରଣ କରିବା ଏବଂ ଜୀବନର ଗୁଣବତ୍ତା ଉନ୍ନତ କରିବା ଉପରେ ଧ୍ୟାନ ଦେବା ହିଁ ହୃଦଘାତର ଚିକିତ୍ସା । ଔଷଧ ସହିତ, ହୃଦୟଘାତର ଚିକିତ୍ସାରେ ଜୀବନଶୈଳୀରେ ପରିବର୍ତ୍ତନକୁ ମଧ୍ୟ ଅତ୍ୟାବଶ୍ୟକ ବୋଲି ବିବେଚନା କରାଯାଏ। ଡାକ୍ତରମାନେ ସାଧାରଣତଃ ବିଟା ବ୍ଲକର୍ସ, ଡାଇୟୁରେଟିକ୍ସ ଏବଂ ଏସିଇ ଇନହିବିଟର ଭଳି ଔଷଧ ଲେଖନ୍ତି, ଯାହା ହୃଦଘାତକୁ ହ୍ରାସ କରେ। ଗୁରୁତର କ୍ଷେତ୍ରରେ, ହୃତପି ପ୍ରତିରୋପଣ କିମ୍ବା ପେସମେକର ପ୍ରତିରୋପଣ ସୁପାରିଶ କରାଯାଇପାରେ।

# ବେକ ବଙ୍କା କରି ମୋବାଇଲ୍ ଫୋନ୍ ବ୍ୟବହାର କରୁଛନ୍ତି କି ?



ଆଜିକାଲି ମଣିଷ ଜୀବନ ସମ୍ପୂର୍ଣ୍ଣ ବଦଳି ଯାଇଛି। ଅଫିସରେ ଘଣ୍ଟା ଘଣ୍ଟା ଲାପଟପରେ କାମ କରିବା ହେଉ କିମ୍ବା ପ୍ରତିଦିନ ଘଣ୍ଟା ଘଣ୍ଟା ମୋବାଇଲ୍ ଫୋନ୍‌ରେ ରିଲ୍ସ ସ୍କ୍ରୋଲ୍ କରିବା ହେଉ, ଏହି ଜିନିଷଗୁଡ଼ିକ ଆମ ଜୀବନଶୈଳୀର ଏକ ଅଂଶ ହୋଇଗଲାଣି। ଯାହା ଆମ ସ୍ୱାସ୍ଥ୍ୟ ଉପରେ ଏକ ନକରାତ୍ମକ ପ୍ରଭାବ ପକାଉଛି। ଲୋକମାନେ ବିଭିନ୍ନ ରୋଗର ଶିକାର ହେଉଛନ୍ତି, ଯାହା ମଧ୍ୟରୁ ଗୋଟିଏ ହେଉଛି ସର୍ଭାଇକାଲ୍ ପେନ୍। ଲଗାତାର ଭୁଲ ଆସନରେ ବସିବା ଯୋଗୁଁ, ଯୁବପିଢ଼ିଙ୍କ ମଧ୍ୟରେ ଏହି ସମସ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଆସନ୍ତୁ ଜାଣିବା ଯେ, ଏହି ରୋଗ କେତେ ବିପଦପୂର୍ଣ୍ଣ ଏବଂ ଏହା ଲୋକଙ୍କୁ କିପରି ପ୍ରଭାବିତ କରେ। ଖରାପ ପୋଜିସନରେ ଲଗାତାର ବସିବା ଦ୍ୱାରା ମୁଣ୍ଡରୁ ବେକ ଉପରେ ଅତ୍ୟଧିକ ଚାପ ପଡ଼ିଥାଏ, ଯାହା ଫଳରେ ହାଡ଼ରେ କ୍ଷୟ ବୃଦ୍ଧି ପାଏ। ଏହା ଯନ୍ତ୍ରଣା, କଠିନତା, ଝିମ୍ ଝିମ୍ ଏବଂ ଖରାପ ପୋଜିସନ ଯୋଗୁଁ ବହୁ ସଂଖ୍ୟକ ହସ୍ପିଟାଲକୁ ଯାଆନ୍ତି। ଏକ ସାଧାରଣ ମୁଣ୍ଡର ଓଜନ ୪ ରୁ ୫ କିଲୋଗ୍ରାମ ମଧ୍ୟରେ ହୋଇଥାଏ, କିନ୍ତୁ ଖରାପ ପୋଜିସନ ଯୋଗୁଁ, ବେକ ଉପରେ ଓଜନ ୧୨ ରୁ ୨୭ କିଲୋଗ୍ରାମ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ। ଯଦି ବେକ ସବୁବେଳେ ବଙ୍କା ରହିଥାଏ, ତେବେ ସର୍ଭାଇକାଲ୍ ଭେରିଟାବ୍ରାର ବିପଦ ବହୁତ ବଢ଼ିଯାଏ। ପ୍ରାରମ୍ଭିକ ଲକ୍ଷଣଗୁଡ଼ିକ ହେଉଛି କଠିନତା ଏବଂ ବେକରେ ଯନ୍ତ୍ରଣା। ଯଦି ଅଣଦେଖା କରାଯାଏ, ତେବେ ଏହା ସମୟ ସହିତ ଅଧିକ ଗମ୍ଭୀର ସମସ୍ୟା ଆଡ଼କୁ ଗତି କରିପାରେ, ଯେପରିକି ମୁଣ୍ଡବିନ୍ଧା, ଟାଣ ସ୍ନାୟୁ ମୁଣ୍ଡବିନ୍ଧା ଏବଂ ମାଂସପେଶୀ ଦୁର୍ବଳତା। ଯଦି ଅବସ୍ଥା ନିୟନ୍ତ୍ରଣ ବାହାରକୁ ଯାଏ, ତେବେ ଏଥିପାଇଁ ଡାକ୍ତରୀ ଚିକିତ୍ସା ଆବଶ୍ୟକ । ଯେଉଁଥିରେ ଶାରୀରିକ ଚିକିତ୍ସା, ଯନ୍ତ୍ରଣା ନିବାରକ ଔଷଧ ଏବଂ କେତେକ ସମୟରେ ଅସ୍ତ୍ରୋପଚାର ମଧ୍ୟ ଅନ୍ତର୍ଭୁକ୍ତ। ଯଦି ଆପଣ ସର୍ଭାଇକାଲ୍ ସମସ୍ୟାରୁ ରକ୍ଷା ପାଇବାକୁ ଚାହାଁନ୍ତି, ତେବେ ଆପଣଙ୍କୁ ଆପଣଙ୍କର ଜୀବନଶୈଳୀ ଏବଂ ଦୈନନ୍ଦିନ କାର୍ଯ୍ୟରେ କିଛି ପରିବର୍ତ୍ତନ କରିବାକୁ ପଡିବ।

# ମହିଳାଙ୍କ ପାଇଁ ଆଲ୍‌କହଲ୍ କ୍ଷତିକାରକ



ଅଧିକାଂଶ ମହିଳା ଆଲକହଲ୍ ପିଉଥିବା ଦେଖିବାକୁ ମିଳୁଛି । ହେଲେ ଆପଣ ଜାଣନ୍ତି କି ଏହା ନା କେବଳ କ୍ୟାନ୍‌ସର, ହୃଦ୍‌ରୋଗ ଏବଂ ଅନ୍ୟାନ୍ୟ ଘାତକ ରୋଗର ଆଶଙ୍କା ବୃଦ୍ଧି କରିଥାଏ ବରଂ ତ୍ୱଚା ପାଇଁ ମଧ୍ୟ ଏହା କ୍ଷତିକାରକ। ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟ ମୁତାବକ ଆଲ୍‌କହଲ୍ ଶରୀର ପାଇଁ କ୍ଷତିକାରକ। ଏହା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ। ଫଳରେ ତ୍ୱଚା କୁଣ୍ଡେଇହେବା, ଆଲର୍ଜି ଭଳି ସମସ୍ୟା ଦେଖାଦେଇଥାଏ। ଏହା ଡ୍ରାଏ ସ୍କିନ୍ ସମସ୍ୟା ସହ ଆଖି ଲାଲ୍ ପଡ଼ିବା ଏବଂ ଓଠ ଫାଟିବା ସମସ୍ୟାର ମୂଳ କାରଣ ସାଜିଥାଏ। ଡବ୍ଲ୍ୟୁଏଚ୍‌ଓ ରିପୋର୍ଟ ମୁତାବକ ଦିନରେ ୧ ପେଗ୍‌ରୁ ଅଧିକ ଆଲ୍‌କହଲ୍ ପିଉଥିବା ମହିଳାଙ୍କ ଶରୀରର ରୋଗ ପ୍ରତିରୋଧକ ଶକ୍ତି କମିଯାଏ। ଫଳରେ ତ୍ୱଚାରେ ସହଜରେ ବିଭିନ୍ନ ରୋଗ ସଂକ୍ରମଣ ହୋଇଥାଏ। କେବଳ ଏତିକି ନୁହେଁ, ଏମାନଙ୍କ ତ୍ୱଚା ଅଧିକ ସମ୍ବେଦନଶୀଳ (ସେନ୍‌ସିଟିଭ୍) ଥିବାରୁ କ୍ୟାନ୍‌ସର ଆଶଙ୍କା ବଢ଼ିଯାଏ। ଆଲ୍‌କହଲ୍ ପିଇବା ଯୋଗୁ ଅନେକଙ୍କଠାରେ ନିଦ୍ରାହୀନତା ଦେଖାଯାଏ। ତ୍ୱଚାରେ ଲାଲ୍ ହୋଇ ଫଳିଯିବା, ଆଖିତଳ କଳା ପଡ଼ିବା, ମୁହଁ ଫୁଲିଯିବା ଭଳି ଲକ୍ଷଣ ଦେଖାଦିଏ। ଏମାନଙ୍କଠାରେ ଅଧିକାଂଶ ସମୟରେ ହାଇବ୍ଲଡ୍‌ପ୍ରେସର ଏବଂ ନିଦ୍ରାହୀନତା ସମସ୍ୟା ଦେଖାଦେଇଥାଏ। କମ୍ ଶୋଇବା କାରଣରୁ ଆଖିତଳେ ଡାର୍କ ସର୍କଲ, ଏଜ୍ ଲାଇନ, ରିଙ୍କଲ୍ ମାର୍କ, ସ୍କିନ୍ ଟୋନ୍ ଡାର୍କ ହେବା ଭଳି ସମସ୍ୟା ଦେଖାଦିଏ। ଆଲ୍‌କହଲ୍ ଶରୀରରେ ଅଧିକ ହିଷ୍ଟାମାଇନ୍ ନିର୍ଗତ କରିଥାଏ। ତେଣୁ ତ୍ୱଚାର ତଳଭାଗରେ ଥିବା ବ୍ଲଡ୍ ଭେଜେଲ୍ ଫୁଲିଯାଇଥାଏ। ଫଳରେ ମୁହଁ ଓ ପୂରା ଶରୀର ମୋଟା ଦେଖାଯାଏ।

**ଲଗାଣ ବର୍ଷାରେ ଭାଙ୍ଗିଲା ଘର**

# ଭଙ୍ଗା ଘରେ ୧୫ରୁ ଅଧିକ ପରିବାର

**ବୈପାରୀଗୁଡା,୨୪।୯ (ସଂଚାର ବ୍ୟୁରୋ)ଃ** ଲଗାଣ ବର୍ଷା ଯୋଗୁଁ ବୈପାରୀଗୁଡା ବ୍ଲକର ବିଭିନ୍ନ ଅଞ୍ଚଳରେ ଜନଜୀବନ ପ୍ରଭାବିତ ହୋଇଛି। ଲଗାତାର ବର୍ଷା ଫଳରେ ଅନେକ ଗରିବ ପରିବାରଙ୍କ ଝାଟିମାଟି ଓ ଚାଳଛପର ଘର ଭାଙ୍ଗି ଯାଇଥିବା ବେଳେ ବର୍ତ୍ତମାନ ସେମାନେ ଭଙ୍ଗା ଘରେ ଦୁର୍ଦ୍ଦଶାରେ ଦିନ କାଟୁଛନ୍ତି। ବର୍ଷା ଯୋଗୁଁ ଘରର କାନ୍ଥ ଭୁଶୁଡ଼ି ପଡ଼ିବା ସହ ଛାତ ଓ ଚାଳ ନଷ୍ଟ ହୋଇଯାଇଛି।ସୂଚନା ଅନୁସାରେ, ଚଳିତ ବର୍ଷା ଋତୁରେ ବ୍ଲକର ବିଭିନ୍ନ ପଞ୍ଚାୟତରେ ଅନେକ ଲୋକଙ୍କ ଘର ଭାଙ୍ଗିଥିବା ଅଭିଯୋଗ ହୋଇଛି। ବିଶେଷକରି ଗରିବ



ଓ ଅସହାୟ ପରିବାରଗୁଡ଼ିକ ଏଥିରେ ଅଧିକ ପ୍ରଭାବିତ ହୋଇଛନ୍ତି। କେତେକ ପରିବାର ବର୍ଷାରୁ ରକ୍ଷା ପାଇଁ ଜରିପାଲ ତଳେ ଆଶ୍ରୟ ନେଉଥିବା ବେଳେ ଆଉ କେତେକ ପରିବାର ଭଙ୍ଗା ଘରରେ ହିଁ ରହିବାକୁ ବାଧ୍ୟ ହେଉଛନ୍ତି।ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ୧୫ରୁ ଅଧିକ ପରିବାରଙ୍କ ଘର ବର୍ଷାରେ କ୍ଷତିଗ୍ରସ୍ତ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସମସ୍ତଙ୍କୁ ଆବଶ୍ୟକ ସହାୟତା ମିଳିନାହିଁ। ଘର ଭାଙ୍ଗିଯିବା ପରେ ପରିବାରର ମୁଣ୍ଡ ଗୁଞ୍ଜିବାକୁ ସୁରକ୍ଷିତ ସ୍ଥାନ ନଥିବାରୁ ଛୋଟ ପିଲା ଓ ବୃଦ୍ଧମାନଙ୍କୁ ନେଇ ସେମାନେ ଚିନ୍ତାରେ ଅଛନ୍ତି।ଅନ୍ୟପକ୍ଷରେ, ବର୍ଷା ଜାରି ରହିଥିବାରୁ ଭଙ୍ଗା ଘରଗୁଡ଼ିକ ଅଧିକ କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଛି। ଏପରି ସ୍ଥିତିରେ ପ୍ରଶାସନ ପକ୍ଷରୁ କ୍ଷତିଗ୍ରସ୍ତ ଘରଗୁଡ଼ିକର ତୁରନ୍ତ ସର୍ଭେ କରାଯାଇ ଜରିପାଲ, ରିଲିଫ୍ ସାମଗ୍ରୀ ଓ ଆବଶ୍ୟକ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହୋଇଛି। ସେହିପରି ଯେଉଁ ପରିବାରଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି, ସେମାନଙ୍କୁ ଆବାସ ଯୋଜନାରେ ପ୍ରାଥମିକତା ଦେବାକୁ ମଧ୍ୟ ଦାବି ହେଉଛି। ଲଗାଣ ବର୍ଷା ମଧ୍ୟରେ ଅସୁରକ୍ଷିତ ଘରେ ରହୁଥିବା ଏହି ପରିବାରମାନଙ୍କ ସୁରକ୍ଷା ଏବେ ପ୍ରଶାସନ ପାଇଁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇଛି।

## ମରଣଯନ୍ତା ପାଲଟିଛି ସୋନପୁର କଲେଜ ରାସ୍ତା, ପ୍ରଶାସନର ଦୃଷ୍ଟି ପଡୁ

**ସୁବର୍ଣ୍ଣପୁର,୨୪।୯ (ସଂଚାର ବ୍ୟୁରୋ)ଃ** ସୋନପୁର ସହରରେ ଲଗାଣ ବର୍ଷା ଯୋଗୁଁ ସୋନପୁର କଲେଜ ରାସ୍ତା ବର୍ତ୍ତମାନ ମରଣଯନ୍ତା ପାଲଟିଛି। ଏହି



ରାସ୍ତାରେ ପଡ଼େ ସୋନପୁର କଲେଜ, ଏସପି ଅଫିସ, ଜନସ୍ୱାସ୍ଥ୍ୟ ବିଭାଗ, ତେଲ ଜଳସମ୍ପଦ ବିଭାଗ, ଆରଡ଼ି ଡିଭିଜନ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସଂଯୋଗ କରିବା ସହ ପ୍ରତ୍ୟେକ ଦିନ କଲେଜ କୁ ଶହଶହ ଛାତ୍ରଛାତ୍ରୀ ଯିବାଆସିବା କରନ୍ତି। ବିଭିନ୍ନ ସରକାରୀ କାମ ଆସୁଥିବା ଜିଲ୍ଲାର ଜନସାଧାରଣ ଏହି ଖାଲଖମା ରାସ୍ତା ଯାଆନ୍ତି।ସୌମ୍ୟା ହୋଟେଲ ସମ୍ମୁଖରେ ଏକ ବର୍ଷା ଯୋଗୁଁ ବଡ଼ ଖାଲ ହୋଇ ପାଣି ଜମି ରହୁଛି ଲୋକେ ଯିବା ସମୟରେ ବହୁତ ଅସୁବିଧାର ସମ୍ମୁଖିନ ହେଉଛନ୍ତି।ଏପଟେ ବିନିକା, ଡୁଙ୍ଗୁରିପାଲି, ଉଲୁଣ୍ଡା, ବୀରମହାରାଜପୁର ବ୍ଲକ୍ କୁ ସଂଯୋଗ କରୁଛି ପଡୋଶୀ ଜିଲ୍ଲା ବରଗଡ଼, ସମ୍ବଲପୁର ଜିଲ୍ଲାକୁ ସଂଯୋଗ କରୁଛି। ଏହି ରାସ୍ତା ଦେଇ ଦିନ କୁ ଶହଶହ ଯାନବାହାନ ସାଙ୍ଗକୁ ଜନସାଧାରଣ ଯିବାଆସିବା କରୁଛନ୍ତି। ଦୁର୍ଘଟଣା କୁ ଏଡାଯାଇନପାରେ ଦୁର୍ଘଟଣା ଘଟିଲେ କିଏ ଦାୟୀ ରହିବେ।ଏହି ରାସ୍ତାଟି ପୂର୍ତ୍ତ ବିଭାଗରେ ଥିବାରୁ ଶୀଘ୍ର ମରାମତି କରିବା ପାଇଁ ସାଧାରଣ ଦାବି ହେଉଛି। ଏଥି ପ୍ରତି ଜିଲ୍ଲା ପ୍ରଶାସନ ଓ ପୂର୍ତ୍ତ ବିଭାଗ ଦୃଷ୍ଟି ପଡୁ ବୋଲି ବୁଦ୍ଧିଜୀବି ମହଲରେ ଦାବି ହେଉଛି।

## ନୂଆଁଖାଇ ପର୍ବ ସାରି ପୁଣି ବାହାର ରାଜ୍ୟ ଯିବାକୁ ସଜବାଜ ଦାଦନ ଶ୍ରମିକ

**ସୁବର୍ଣ୍ଣପୁର,୨୪।୯ (ସଂଚାର ବ୍ୟୁରୋ)ଃ** ସତରେ ନିଜ ଘରକୁ କୁଣିଆ ସାଜି ଆସିବା ଆଉ ବାହାର ରାଜ୍ୟକୁ ନିଜ ବାସସ୍ଥାନ ଭାବି ନେଇ ରହିବା ଏକ ଦୁର୍ଭାଗ୍ୟ କାହାଣୀ ହୋଇପାରେ। ହେଲେ ତାହା କାହାଣୀ ନୁହଁ ବରଂ ବାସ୍ତବତା ଦାଦନ ଶ୍ରମିକଙ୍କ ପାଇଁ ଓ ତମାମ ବର୍ଷ ସାରା ନିଜ ଜୁଡିଆରେ ତାଲା କଣ୍ଟା ଦେଇ ବାହାରି ଯାଏ, ନିଜ ପେଟ ପାଟଣା ପାଇଁ ସୁଦୂର ବାଙ୍ଗାଲୋର , ଗୋଆ, ଆନ୍ଧ୍ର ପ୍ରଦେଶ, ତାମିଲନାଡୁ, ଗୁଜୁରାଟ, ହାଇଦ୍ରାବାଦ, ଚେନ୍ନାଇ ଭଳି ସହର। କିଏ ପରିବାର ସହ ତ କିଏ ଘରେ ବୃଦ୍ଧବୃଦ୍ଧା ବାପା-





ମା'ଙ୍କୁ ଛାଡି ପୁଣି କିଏ ନିଜ ପିଲା ଛୁଆ, ଗର୍ଭବତୀ ସ୍ତ୍ରୀକୁ ଛାଡି ଚାଲି ଯାଉଥାଏ। ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା, ବିନିକା ବ୍ଲକ ଅଞ୍ଚଳର ଅନେକ ଗାଁର ବହୁଲୋକ ନିଜ ଘର ଦ୍ୱାରରେ ତାଲା ଆଉ କଣ୍ଟା ଦେଇ ଚାଲିଯାନ୍ତି। ହେଲେ ନୂଆଁଖାଇ ପର୍ବର ଏମିତି ଯାଦୁକତା ଅଛି ବାଧ୍ୟ ହୋଇ ତମାମ ବର୍ଷକ ପରେ ଲେଉଟି ଆସିଥାନ୍ତି ନିଜ ଘରକୁ କୁଣିଆ ହୋଇ। ଚଳିତ ବର୍ଷ ନୂଆଁଖାଇ ପର୍ବ ପାଳନ ପାଇଁ ଯିଏ ଯେଉଁଠି ଥିଲେ ବି ପର୍ବର ପ୍ରାୟ ୧୦ରୁ୧୫ଦିନ ଆଗରୁ ଘର ବାହୁଡ଼ା ହୋଇଥିଲେ। କହିବାକୁ ଗଲେ ଏହି ଅଞ୍ଚଳ ମୋଟ ଦାଦନ ଶ୍ରମିକଙ୍କ ମଧ୍ୟରୁ ପ୍ରାୟ ୫ ପ୍ରତିଶତ ଦାଦନ ଶ୍ରମିକଙ୍କ ଘର ବର୍ଷ ତମାମ ତାଲା ଝୁଲି ରହିଥାଏ। ମୋଟାମୋଟି ଏହି ପରିବାରର ସମସ୍ତ ସଦସ୍ୟ ବାହାର ରାଜ୍ୟ ରହିଥାନ୍ତି। ୨୦ପ୍ରତିଶତ ଦାଦନ ଶ୍ରମିକ ମାସ ୨ ମାସ ତିନି ମାସ ଅନ୍ତରରେ ଯିବା ଆସିବା କରୁଥିବା ଅନୁମାନ କରାଯାଏ। ସେଭଳି ୨୦ ପ୍ରତିଶତ ଦାଦନ ଶ୍ରମିକ ଋତୁ କାଳୀନ ଯିବା ଆସିବା କରୁଥିବା କୁହାଯାଏ। ବର୍ତ୍ତମାନ ନୂଆଁଖାଇ ପାଇଁ ଘର ବାହୁଡା କରିଥିବା ଦାଦନ ଶ୍ରମିକମାନେ ଏବେ ଯିବାକୁ ସଜବାଜ ହେଉଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ବାହାର ରାଜ୍ୟ ଠିକାଦାରମାନେ ଏଠି ସ୍ଥାନୀୟ ଲୋକଙ୍କୁ ଦଲାଲ ଭାବେ ନିଯୁକ୍ତି ଦେଇଥାନ୍ତି। ଏହି ଦଲାଲମାନେ ଦାଦନ ଶ୍ରମିକ ସଂଗ୍ରହ କରି ପଠାଇ ଥାଆନ୍ତି। କୁହାଯାଏ ଯେତେ ଦାଦନ ଶ୍ରମିକ ଯାଇଥିବେ ଦାଦନ ଶ୍ରମିକଙ୍କ ପିଛା ଏମାନଙ୍କୁ ୨୦୦ /୩୦୦ଟଙ୍କା ଦିନକୁ ମିଳେ ।

## କନିଷ୍ଠ ଯନ୍ତ୍ରୀ ନଥିବା ବେଳେ ରାତିରେ କାମ ହେଉଥିବା ନେଇ ଅଭିଯୋଗ

**ବାଲିଆପାଳ,୨୪।୯ (ସଂଚାର ବ୍ୟୁରୋ)ଃ** ବାଲିଆପାଳ ବ୍ଲକ ମଧୁପୁରା ପଞ୍ଚାୟତର ସିମୁଳିଆ ଗ୍ରାମରେ ସରକାରୀ ପୋଖରୀ ଆଡ଼ି ଜାଗାରେ ସଭାଗୃହ କାର୍ଯ୍ୟ ଚାଲିଛି। ବିକଶିତ ଗାଁ ବିକଶିତ ଓଡିଶା ପ୍ରକଳ୍ପର ଆର୍ଥିକ ବର୍ଷ ୨୫-୨୬ରେ ଅଟକଳ ମୂଲ୍ୟ ଦଶ



ଲକ୍ଷ ଟଙ୍କାର କାମ ହେଉଛି। ମାତ୍ର ଯନ୍ତ୍ରିଙ୍କ ଅଜାଣତରେ ଠିକାଦାର ରାତିରେ ଟର୍ଚ୍ଚ ଆଲୁଅରେ ଢ଼ଳେଇ ପକାଉଛନ୍ତି। ଏହା ବ୍ୟତୀତ ଦଶ ଫୁଟ୍ ବୋର୍ଡ଼ି ଏଷ୍ଟିମେଣ୍ଟ ରହିଥିବା ବେଳେ ୬ ଫୁଟରୁ ୮ ଫୁଟ ଦେଉଛି ବୋଲି, ସିମେଣ୍ଟର ଭାଗ ମାପ ନିଜ ଇଚ୍ଛା ଅନୁସାରେ କୋଦାଏ ପକାଉଛନ୍ତି। ରାତିରେ ଢଳାଇ ପଡୁଥିବା ବେଳେ ପୁଣି ସରକାରୀ ଅଧିକାରୀଙ୍କ ଅନୁପସ୍ଥିତିରେ କାମ ନିମ୍ନ ମାନର ହେଉଛି ବୋଲି ଗ୍ରାମବାସୀ ଜିତେନ୍ଦ୍ର ରାଉଳ, ଦବାନ୍ଦ ନାଥଭୂୟାଁ, ଦିଲୀପ କୁମାର ସାହୁ ପ୍ରମୁଖ ଅଭିଯୋଗ କରିଛନ୍ତି। ଏନେଇ ମଧୁପୁରା ଜେଇ ପ୍ରଫୁଲ୍ଲ ମଲ୍ଲିକ ଙ୍କୁ ପଚାରିବାରୁ ରାତିରେ କାମ କରିବା ବିଷୟରେ ମୁଁ ଜାଣି ନାହିଁ ବୋଲି କହିଛନ୍ତି।

## ଅବସରପ୍ରାପ୍ତ ମୁଖ୍ୟ କିରାଣୀଙ୍କ ପରଲୋକ

**ବୈଶିଙ୍ଗା,୨୪।୯ (ସଂଚାର ବ୍ୟୁରୋ)ଃ** ବେତନଟୀ ବ୍ଲକ ଅଧୀନ ଦହିକୋଟୀ ଶାସନ ର ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତଃ ସାନ ଭଗବାନ ମିଶ୍ରଙ୍କ ମଧ୍ୟମ ପୁତ୍ର ହରିହର ମିଶ୍ର(୭୭) ଙ୍କ ର ଗତ ୨୨ତାରିଖ ମଙ୍ଗଳବାର ଭୋର ୫ ଟା ସମୟରେ ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା ଯୋଗୁଁ ପରଲୋକ ହୋଇଯାଇଛି। ଜଣେ ସାଧାରଣ ସଂଗ୍ରାମୀ ପରିବାରର ୧୯୪୯ ମସିହାରେ ଜନ୍ମ ହୋଇଥିଲେ। ନିଜ ପାରିବା ପଣରେ ୧୯୬୭ ମସିହାରେ ଜଣେ କିରାଣୀ ଭାବେ ତାଙ୍କର ଚାକିରୀ ଜୀବନ ଆରମ୍ଭ



କରିଥିଲେ। ବିଭିନ୍ନ ସ୍ଥାନରେ ଚାକିରୀ ଜୀବନ କାଟିବା ପରେ ବେତନଟୀ ତହସିଲ କାର୍ଯ୍ୟାଳୟ ର ମୁଖ୍ୟ କିରାଣୀ ଭାବେ ୨୦୦୭ ମସିହା ଜାନୁଆରୀ ୩୧ ତାରିଖରେ କର୍ମମୟ ଜୀବନରୁ ସେବା ନିବୃତ୍ତ ହୋଇଥିଲେ। ତାଙ୍କର ବିଧବା ପତ୍ନୀ ଓ ଚାରି ଝିଅ ଓ ଜ୍ୱାଇଁ ଅଛନ୍ତି। ତାଙ୍କ ମରଶରୀର ନିକଟରେ ତାଙ୍କର ପରିବାର ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ଏକ ଶୋକାକୁଳ ପରିବେଶ ମଧ୍ୟରେ ତାଙ୍କୁ ଗ୍ରାମ ଶ୍ମଶାନ କୁ ନିଆଯାଇ ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଥିଲା।

## ବିଶ୍ୱ ଆୟୁର୍ବେଦ ଦିବସ ପାଳିତ ମହାବିଦ୍ୟାଳୟ ପ୍ରତିଷ୍ଠା ନେଇ ଦାବି

**ଜୟପୁର,୨୪।୯ (ସଂଚାର ବ୍ୟୁରୋ)ଃ** କୋରାପୁଟ ଜିଲ୍ଲା ଆୟୁର୍ବେଦ ବିକାଶ ପରିଷଦ ପକ୍ଷରୁ ବିଶ୍ୱ ଆୟୁର୍ବେଦ ଦିବସ ପାଳିତ ହୋଇଯାଇଛି। ଜୟପୁର ଯାଦବ ଭବନ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ପରିଷଦର ସଭାପତି ଡାକ୍ତର ସୁଦର୍ଶନ ଗୌଡ଼ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଏଥିରେ ଯୋଗ ପ୍ରଶିକ୍ଷକ ମଦନ ମୋହନ ନାୟକ ଯୋଗ ଦେଇଥିଲେ। ସମ୍ପାଦକ କବିରାଜ ପରମେଶ୍ୱର ପାତ୍ରଙ୍କ ଆହ୍ୱାନକ୍ରମେ ଆୟୋଜିତ ଏହି ଦିବସ ଉପରେ ଡାକ୍ତର ମନୋଜ କୁମାର ବିଶ୍ୱାଳ, ଡାକ୍ତର ସନ୍ତୋଷ କୁମାର ଧଳ, ଡାକ୍ତର ତ୍ରିପତି କୁମାର ସାହୁ, ଡାକ୍ତର ହରିହର ବେହେରା, ଡାକ୍ତର ଶ୍ରୀମନ ସାହୁ ପ୍ରମୁଖ କହିଥିବା ବେଳେ କେନ୍ଦ୍ର ଏବଂ ରାଜ୍ୟ ସରକାର କିଭଳି ଗତ କିଛି ବର୍ଷ ହେବ ଆୟୁର୍ବେଦକୁ ଗୁରୁତ୍ୱ ଦେଇ ଆସୁଛନ୍ତି ସେ ସମ୍ପର୍କରେ ଆଇନ ପରାମର୍ଶଦାତା ରାଜେନ୍ଦ୍ର କୁମାର ଗୌଡ଼ କହିଥିଲେ। ଏଥିରେ ସୂର୍ଯ୍ୟ ନାରାୟଣ ମିଶ୍ର, ଜବାହର ଲାଲ୍ ଜେନା, ଶ୍ରୀରାମ ଗୌଡ଼, ରାଜେନ୍ଦ୍ର କୁମାର ଜେନା ପ୍ରମୁଖ ଯୋଗ ଦେଇଥିବା ବେଳେ ସହ ସମ୍ପାଦକ ସତ୍ୟ ନାରାୟଣ ପରିଛା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସଭାପତି ଡାକ୍ତର ଗୌଡ଼ ଜୟପୁର ଠାରେ ଏକ ଆୟୁର୍ବେଦ ମହାବିଦ୍ୟାଳୟ ପ୍ରତିଷ୍ଠା ନେଇ ପରିଷଦ ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବାକୁ ପ୍ରସ୍ତାବ ଆଗତ କରିଥିବା ବେଳେ ସମସ୍ତେ ଏହାକୁ ସମର୍ଥନ ଘୋଷଣା ସହ ଆଗାମୀ ଦିନରେ ଏ ସମ୍ପର୍କରେ ଯୁକ୍ତି ରଖିବାକୁ ମତ ପ୍ରକାଶ କରିଥିଲେ।

## କୋଲାବ ନଦୀର ପ୍ରବଳ ସ୍ରୋତରେ ଭାସି ଶିକ୍ଷକ ନିଖୋଜ

**ଜୟପୁର,୨୪।୯ (ସଂଚାର ବ୍ୟୁରୋ)ଃ** ମାଛ ଧରିବାକୁ ଯାଇ କୋରାପୁଟ ଜିଲ୍ଲା କୋଲାବ ନଦୀର ପ୍ରବଳ ସ୍ରୋତ ରେ ଭାସିଯାଇ ଶିକ୍ଷକ ନିଖୋଜ। ଘଟଣା ଘଟିଛି କୋରାପୁଟରୁ ଦାମନଯୋଡ଼ି ରାସ୍ତାର ଇନଟେକ୍ ରୋଡ ସ୍ଥିତ କୋଲାବ ନଦୀରେ। ଶିକ୍ଷକ ଙ୍କ ଘର ବନ୍ଦଗୁଡାରେ। ଶିକ୍ଷକ ଜଣକ ମଚଲିପୁଟ ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ। ସୂଚନା ଅନୁସାରେ, ଆଜି ସକାଳେ ଭୀମଧର ନାୟକ ଜଣେ ସାଙ୍ଗଙ୍କ ସହ କୋଲାବ ନଦୀକୁ ମାଛ ଧରିବା ପାଇଁ ଯାଇଥିଲେ। କୋରାପୁଟ- ଦାମନଯୋଡ଼ି ରାସ୍ତାର ଇନଟେକ୍ ରୋଡ୍ ନିକଟରେ ସେମାନେ ନଦୀ କୂଳରେ ଥିବାବେଳେ ହଠାତ୍ ନଦୀର ପ୍ରବଳ ସ୍ରୋତ ମଧ୍ୟରେ ଭୀମଧର ନାୟକ ଭାସିଯାଇଥିବା କୁହାଯାଉଛି। ଘଟଣା ପରେ ତାଙ୍କ ସହ ଥିବା ସାଙ୍ଗ ପହଁରି କୂଳକୁ ଆସିବାରେ ସକ୍ଷମ ହୋଇଥିଲେ। ତେବେ ଭୀମଧର ନାୟକଙ୍କ କୌଣସି ସନ୍ଧାନ ମିଳିନାହିଁ। ଘଟଣା ସମ୍ପର୍କରେ ଖବର ପାଇବା ପରେ ଅଗ୍ନିଶମ ବିଭାଗର ଟିମ୍ ଘଟଣାସ୍ଥଳରେ ପହଞ୍ଚିଛି। ବର୍ତ୍ତମାନ କୋଲାବ ନଦୀରେ ପ୍ରବଳ ସ୍ରୋତ ରହିଥିବା ସହ ଅଞ୍ଚଳରେ ବର୍ଷା ମଧ୍ୟ ଜାରି ରହିଛି। ଏଭଳି ପ୍ରତିକୂଳ ପାଣିପାଗ ମଧ୍ୟରେ ଅଗ୍ନିଶମ ବିଭାଗ ପକ୍ଷରୁ ନିଖୋଜ ଶିକ୍ଷକଙ୍କୁ ଖୋଜିବା ପାଇଁ ତଲାସୀ ଓ ଉଦ୍ଧାର ଅଭିଯାନ ଜାରି ରହିଛି। ଘଟଣାକୁ ନେଇ ଭୀମଧର ନାୟକଙ୍କ ପରିବାର ଓ ପରିଚିତମାନଙ୍କ ମଧ୍ୟରେ ଚିନ୍ତାର ବାତାବରଣ ଦେଖାଦେଇଛି। ତାଙ୍କୁ ଖୋଜିବା ପାଇଁ ଉଦ୍ଧାରକାରୀ ଦଳ ନଦୀର ବିଭିନ୍ନ ସ୍ଥାନରେ ତଲାସୀ ଜାରି ରହିଛି।

## ଏନଏନଏସ ଦିବସ ପାଳିତ

**ଜୟପୁର,୨୪।୯ (ସଂଚାର ବ୍ୟୁରୋ)ଃ** ଜୟପୁର ସ୍ଥିତ ବିକ୍ରମଦେବ ବିଶ୍ୱବିଦ୍ୟାଳୟର ଏନ୍ଏସ୍ଏସ୍ ଓ ଆଇକ୍ୟୁଏସିର ମିଳିତ ସହଯୋଗରେ ଏନ୍ଏସ୍ଏସ୍ ଦିବସ ଗୁରୁବାର ପାଳିତ ହୋଇଯାଇଛି। 'ନିଜ ପାଇଁ ନୁହେଁ, ତୁମ ପାଇଁ' ଭାବନାକୁ ଆଧାର କରି ସମାଜ ପ୍ରତି ସେବା, ସମ୍ପ୍ରଦାୟ ପ୍ରତି ଅଙ୍ଗୀକାରବଦ୍ଧତା ଓ ରାଷ୍ଟ୍ର ପ୍ରତି ଉତରଦାୟିତ୍ୱର ବାର୍ତା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଏନ୍ଏସ୍ଏସ୍ ସ୍ୱେଚ୍ଛାସେବୀମାନେ ସମୂହ ଏନ୍ଏସ୍ଏସ୍ ସଙ୍ଗୀତ ଗାନ କରିଥିଲେ। ପରେ ଦିବସର ଆଭିମୁଖ୍ୟ ଓ ବିଷୟବସ୍ତୁ ଉପରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମ ଅଧିକାରୀ ସୁକାନ୍ତି ସଏ ନିଜ ଅଭିଭାଷଣରେ ଏନ୍ଏସ୍ଏସ୍ ଦିବସର ଉଦ୍ଦେଶ୍ୟ ଓ ଏହାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ବିଶ୍ୱବିଦ୍ୟାଳୟର କୁଳସଚିବ ମହେଶ୍ୱର ଚନ୍ଦ୍ର ନାୟକ ସଭାକୁ ସମ୍ବୋଧିତ କରିଥିଲେ।

## ଦୁଇଦିନିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ



**ବୈଶିଙ୍ଗା,୨୪।୯ (ସଂଚାର ବ୍ୟୁରୋ)ଃ** ବୈଶିଙ୍ଗା ଥାନା ଅଧିନ ଗଡ଼ଦେଉଳିଆ ପଞ୍ଚାୟତର ଭାଲୁବସା(ବାଲକା)ସ୍ଥିତ ଭାଲୁବସା ଯୁଥ କ୍ଲବ ପକ୍ଷରୁ ଆୟୋଜିତ ପ୍ରଥମ ବାର୍ଷିକ ଦୁଇ ଦିବସୀୟ ଫୁଟବଲ ପ୍ରତିଯୋଗିତା-୨୦୨୬ ଉଦ୍ଯାପିତ ହୋଇଯାଇଛି।ଏହି ପ୍ରତିଯୋଗିତାରେ ପ୍ରଥମ ଦିବସରେ ଆଠ ଗୋଟି ଦଳ ଓ ଦ୍ୱିତୀୟ ଦିବସରେ ଆଠ ଗୋଟି ଦଳ ଏହିପରି ମୋଟ ୧୬ ଗୋଟି ଦୋଳ ଅଂଶ ଗ୍ରହଣ କରିଥିଲେ।ଫାଇନାଲ ମ୍ୟାଚ୍‌ଟି କାଶିମପୁର ଓ ଭଞ୍ଜ ଲାୟନ୍, ବାଲକା ମଧ୍ୟରେ ହୋଇଥିଲା।ଫାଇନାଲ ମ୍ୟାଚ୍‌ରେ କାଶିମପୁର ବିଜୟୀ ହୋଇ ଚମ୍ପିୟାନ ହୋଇଥିବା ବେଳେ ଭଞ୍ଜ ଲାୟନ୍, ବାଲକା ଦଳ ରନର୍ସଅପ୍ ହୋଇଛି। ଉଦଯାପନୀ କାର୍ଯ୍ୟକ୍ରମରେ ବେତନଟୀ ବ୍ଲକର ବିଜେଡି ସଭାପତି ରାଜିବ ରଞ୍ଜନ ସେନାପତି ମୁଖ୍ୟ ଅତିଥିଭାବେ ଓ ପୂର୍ବତନ ସମିତି ସଭ୍ୟ କେଶବ ଚନ୍ଦ୍ର ସିଂହ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପ-ବିଜେତା ଦଳଙ୍କୁ ପୁରସ୍କୃତ କରିଥିଲେ। ସମାଜସେବୀ ସୁବାଷ ମହାନ୍ତ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। କ୍ଲବ୍‌ର ସଭାପତି ଅଭି ଟୁଡୁଙ୍କ ଅଧ୍ୟକ୍ଷତାରେ ସମ୍ପାଦକ ସୁରେନ୍ଦ୍ର ସୋରେନ, ସହକାରୀ ସମ୍ପାଦକ ଘନଶ୍ୟାମ ମୁର୍ମୁ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ରାଜିବ ରଞ୍ଜନ ସେନାପତି ଚାମ୍ପିଆନ ଦୋଳକୁ ପ୍ରଥମ ପୁରସ୍କାର ଓ କେଶବ ଚନ୍ଦ୍ର ସିଂହ ରନର୍ସଅପ ଦଳକୁ ଦ୍ୱିତୀୟ ପୁରସ୍କାର ପ୍ରଦାନ କରିଥିଲେ।ଭାଲୁବସା ଯୁଥ୍ କ୍ଲବର ସମସ୍ତ ସଦସ୍ୟଙ୍କ ସହଯୋଗରେ ପ୍ରତିଯୋଗିତାଟି ସୂଚାରୁରୂପେ ସମାପ୍ତ ହୋଇଥିଲା। ଉଦ୍ଯାପନୀ ଉତ୍ସବରେ ବାତ୍ୟା ଜନିତ ବର୍ଷାରେ ମଧ୍ୟ ବହୁ ସଂଖ୍ୟାର କ୍ରୀଡାପ୍ରେମୀ ଉପସ୍ଥିତ ହୋଇ କ୍ରୀଡାକୁ ଉପଭୋଗ କରିଥିଲେ।

## ନୂତନ ଇଏସ୍ଏମ୍ ୟୁଆର୍‌ସି ଉଦ୍‌ଘାଟିତ

**ବାରିପଦା,୨୪।୯ (ସଂଚାର ବ୍ୟୁରୋ)ଃ** ମୟୁରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ସହରର ବିକାଶନଗରସ୍ଥିତ ସ୍ୱଜଳଧାରା ଗୃହ ଠାରେ ପୂର୍ବତନ ସେନା କର୍ମଚାରୀ ୟୁନିଟ୍ ରନ୍ କ୍ୟାଣ୍ଟିନ୍ (ୟୁଆରସି) ର ଆଜି ଶୁଭ ଉଦ୍‌ଘାଟନ ହୋଇଯାଇଛି। ଏହି ଉପଲକ୍ଷେ



ଆୟୋଜିତ ଏକ ବର୍ଣ୍ଣାଢ୍ୟ ଉତ୍ସବରେ ଛତିଶଗଡ଼ ଏବଂ ଓଡ଼ିଶା ସବ୍-ଏରିଆ (କୋଷା)ର କମାଣ୍ଡର ବ୍ରିଗେଡିୟର ଆର୍. ଶଙ୍କର, ଭି ଏସ ଏମ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ତା'ଙ୍କ କରକମଳରେ ଏହାକୁ ଫିତା କାଟି ଶୁଭ ଉଦଘାଟନ କରିଥିଲେ। ଏହି ଉଦଘାଟନୀ ଉତ୍ସବରେ ଅନ୍ୟ ମାନଙ୍କ ମଧ୍ୟରେ କର୍ଣ୍ଣେଲ ମନିଷ କୁମାର ପାଣ୍ଡେ, ମଧ୍ୟପ୍ରଦେଶ ରାଇପୁର ଓ ଷ୍ଟେସନ ହେଡକ୍ୱାର୍ଟର ବାଲେଶ୍ୱର ର ଆଡମିନ କମାଣ୍ଡେଣ୍ଟ ସନ୍ତୋଷ କୁମାର ପଣ୍ଡା ଯୋଗ ଦେଇଥିଲେ। ଲିଗ ପ୍ରେସିଡେଣ୍ଟ କ୍ୟାପଟେନ ଗୁରୁ ଚରଣ ହେମ୍ବ୍ରମ ସ୍ୱାଗତ ଭାଷଣ ପ୍ରଦାନପୂର୍ବକ କହିଥିଲେଯେ ରାଇରଙ୍ଗପୁରଠାରେ ୟୁଆର୍‌ସି ପ୍ରତିଷ୍ଠା ପୂର୍ବତନ ସେନା କର୍ମଚାରୀ, ସେବାରତ ସେନା କର୍ମଚାରୀ, ବୀର ନାରୀ, ସେନା କର୍ମଚାରୀଙ୍କ ନିର୍ଭରଶୀଳ ପରିବାର ସଦସ୍ୟ ଏବଂ ମୟୂରଭଞ୍ଜ, କେନ୍ଦୁଝର ଓ ଏହାର ଆଖପାଖ ଅଞ୍ଚଳର ଅନ୍ୟାନ୍ୟ ଅନୁମୋଦିତ ପ୍ରତିରକ୍ଷା ହିତାଧିକାରୀଙ୍କ କଲ୍ୟାଣ ଏବଂ ସି.ଏସ.ଡି. ସୁବିଧାକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ୟୁଆର୍‌ସି ମାଧ୍ୟମରେ ପୂର୍ବତନ ସେନା କର୍ମଚାରୀ ଓ ଅନ୍ୟାନ୍ୟ ଅନୁମୋଦିତ ହିତାଧିକାରୀମାନେ ନିଜ ଅଞ୍ଚଳର ନିକଟରେ ସି ଏସ ଡି ସୁବିଧାର ସହଜ ଓ ଉନ୍ନତ ପ୍ରବେଶ ସୁଯୋଗ ପାଇପାରିବେ। ଫଳରେ ଅତ୍ୟାବଶ୍ୟକ ସି ଏସ ଡି ସାମଗ୍ରୀ ପାଇଁ ଦୂରଦୂରାନ୍ତକୁ ଯାତ୍ରା କରିବାର ଆବଶ୍ୟକତା ହ୍ରାସ ପାଇବ।

## ବଢ଼ୁଛି ଅପମିଶ୍ରିତ ଖାଦ୍ୟର ପସରା, ପ୍ରଶାସନ ଚଢ଼ାଉ ଦାବୀ

**ଜୟପୁର,୨୪।୯ (ସଂଚାର ବ୍ୟୁରୋ)ଃ** ବର୍ଷା ଜାରି ରହିଥିବା ବେଳେ ବର୍ଷା ଜାରି ରହିଥିବା ବେଳେ ଅପମିଶ୍ରିତ ଖାଦ୍ୟର ପାଇଁ ବିପଦ ସୃଷ୍ଟି ହେବା ଆଶଙ୍କା ଦେଖା ଦେଇଛି।କୋରାପୁଟ ଜିଲାରେ ରଙ୍ଗବେରଙ୍ଗ ମିଠା, ଚମକୁଥିବା ଷ୍ଟଲ, ଗ୍ରାହକଙ୍କୁ ଆକୃଷ୍ଟ କରୁଥିବା ଖାଦ୍ୟ ସାମଗ୍ରୀ। ବାହାରୁ ଦେଖିଲେ ସବୁ ଆକର୍ଷଣୀୟ। କିନ୍ତୁ ଭିତରେ ଲୁଚି ରହିଛି ବିପଦ। କୋରାପୁଟ ଜିଲା ଜୟପୁର, କୋରାପୁଟ, ସେମିଳିଗୁଡା, କୁନ୍ଦୁରା, ବୈପାରିଗୁଡା, କୋଟପାଡ, ଲମତାପୁଟ, ପଟଙ୍ଗୀ, ନନ୍ଦପୁର ଲକ୍ଷ୍ମୀପୁର ବଜାରରେ ଏବେ ଅପମିଶ୍ରିତ ଓ ଅସ୍ୱାସ୍ଥ୍ୟକର ଖାଦ୍ୟର ପସରା ବଢ଼ୁଛି। ଏହାକୁ ନେଇ ସାଧାରଣରେ ଉଦବେଗ ଦେଖାଦେଇଛି। ଜିଲାର ଗ୍ରାମାଞ୍ଚଳ ହେଉଛି ସହରାଞ୍ଚଳ ଅଞ୍ଚଳରେ ଖୋଲାଖୋଲି ଭାବେ ବିକ୍ରି ହେଉଛି ଅସ୍ୱାସ୍ଥ୍ୟକର ଖାଦ୍ୟ। ସ୍ଥାନୀୟ ଅଞ୍ଚଳରେ ତିଆରି ହୋଇ ବିକ୍ରି ହେଉଥିବା ପାଉଁରୁଟି, ପାଣି ବୋତଲ, ପ୍ୟାକେଟ ଆଇସକ୍ରିମ, କେକ ଆଦିର ପ୍ୟାକେଟରେ ନିର୍ମାଣ ତାରିଖ, ବ୍ୟବହାର ସମୟ ସୀମା ବା ଏକ୍ସପାୟରୀ ଡେଟ୍ କିଛି ଲେଖା ନାହିଁ। ଗ୍ରାହକ ଜାଣି ପାରୁନାହାନ୍ତି ଏହା କେବେ ତିଆରି ହୋଇଛି ଓ କେବେ ଖାଇବା ଅଯୋଗ୍ୟ ହେବ। ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ଛୋଟ ବଡ ଜଳଖିଆ ଦୋକାନ ଓ ହୋଟେଲରେ ଚାଟ, ଜିଲାପି, ପକୁଡି, ପକୋଡା ଆଦି ଫାଷ୍ଟଫୁଡରେ ବହୁଳ ମାତ୍ରାରେ ରାସାୟନିକ ରଙ୍ଗ ମିଶାଯାଉଛି। ଏକା ପୋଡା ତେଲକୁ ବାରମ୍ବାର ଗରମ କରି ଖାଦ୍ୟ ଛଣା ଯାଉଛି। ଅନେକ ସ୍ଥାନରେ ବାସୀ ଖାଦ୍ୟ ଗ୍ରାହକଙ୍କୁ ପରଷା ଯାଉଥିବା ଅଭିଯୋଗ ହୋଇଛି। ଅସ୍ୱାସ୍ଥ୍ୟକର ପରିବେଶରେ ପ୍ରସ୍ତୁତ ହେଉଥିବା ଏହି ଖାଦ୍ୟବର୍ଷା ଦିନ ଥିବାରୁ ଡାଇରିଆ, ଖାଦ୍ୟ ବିଷକ୍ରିୟା ଓ ଅନ୍ୟାନ୍ୟ ରୋଗର କାରଣ ପାଲଟିଛି।

**କୁଚିଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟର ଦୁରବସ୍ଥା**

# ଭଙ୍ଗା ଶୌଚାଳୟରୁ ରୋଷେଇ ଘର ଯାଏଁ ଅବ୍ୟବସ୍ଥା

**ସମ୍ବଲପୁର,୨୪।୯ (ସଂଚାର ବ୍ୟୁରୋ)ଃ** ଜିଲ୍ଲା କୁଚିଣ୍ଡା ମୁଖ୍ୟାଳୟରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟରେ ଅବ୍ୟବସ୍ଥା। ୧୯୪୮ରୁ ଆରମ୍ଭ ହୋଇଥିବା ଏହି ବିଦ୍ୟାଳୟ ୭୮ ବର୍ଷରେ ପହଞ୍ଚିଲାଣି। ବାହାରୁ ଯିଏ ଦେଖିବ ସିଏ କହିବ ସୁନ୍ଦର ଆଉ ବ୍ୟବସ୍ଥିତ ଢଙ୍ଗରେ ଚାଲୁଥିବ ଏହି ବିଦ୍ୟାଳୟ। ହେଲେ ବାସ୍ତବ ଚିତ୍ର କିଛି ଅଲଗା। ଶୌଚାଳୟର ଅବସ୍ଥା ଆଶ୍ଚର୍ଯ୍ୟ କରିଦେବ । କେଉଁଠି କବାଟ ଆରମ୍ଭରୁ ନାହିଁ, ଆଉ କେଉଁଠି ଲକ୍ ଭାଙ୍ଗିଯାଇଛି। ଭିତରେ ବି ସବୁକିଛି ଭାଙ୍ଗିରୁଜି ଗଲାଣି। ପରିଷ୍କାର, ପରିଚ୍ଛନ୍ନତା କଥା ତ' ନକହିବା ଭଲ। ଛାତ୍ରଛାତ୍ରୀ ବାଧ୍ୟ ହୋଇ ବାହାରକୁ



ଯାଉଛନ୍ତି। ଏବେ ମଧ୍ୟାହ୍ନ ଭୋଜନ କଥା ଜାଣନ୍ତୁ। ଯେଉଁଠି ରନ୍ଧା ସାମଗ୍ରୀ ରଖାଯାଉଛି, ସେଠି ଉଇ ହୁଙ୍କା ମାଳମାଳ। ଚାଉଳ ବସ୍ତାକୁ ବି ଛାଡ଼ିନାହାନ୍ତି। ଏହି ପୋକରା ଜିନିଷରେ ରନ୍ଧା ଖାଦ୍ୟ ଖାଉଛନ୍ତି ପିଲା। ଖାଲି ସେତିକି ନୁହେଁ, ୨ ବର୍ଷ ହେଲା ରୋଷେଇ ଘର ଭାଙ୍ଗିଯାଇଛି। ଯାହାର ଆଜିଯାଏଁ ମରାମତି ହୋଇପାରିନି। ସେଥିପାଇଁ ବାହାରେ ରାନ୍ଧୁଛନ୍ତି ପାଚିକା। ଆଉ ସେଇ ଭଙ୍ଗା ଘର ପାଖରେ ଛିଡ଼ା ହୋଇ ବିପଦପୂର୍ଣ୍ଣ ଭାବେ ମଧ୍ୟାହ୍ନ ଭୋଜନ ଖାଉଛନ୍ତି ପିଲା। ସ୍କୁଲ୍‌କୁ ଆସିଲେ ପିଲାଙ୍କୁ ମୁନ୍ଦାଏ ପାଣି ବି ମିଳୁନି। କାରଣ ସ୍କୁଲ ପରିସରରେ ଥିବା ଫ୍ରିଜର ଅଚଳ ହୋଇପଡ଼ିଛି। ଏନେଇ ବାରମ୍ବାର ଲିଖିତ ଓ ମୌଖିକ ଭାବେ ଉପରିସ୍ଥ ଅଧିକାରୀଙ୍କୁ ଜଣାଯିବା ପରେ ବି କେହି ଧ୍ୟାନ ଦେଉନଥିବା କହିଛନ୍ତି ଖୋଦ୍ ପ୍ରଧାନ ଶିକ୍ଷକ। ଏମିତି ପଢ଼ିଲେ କେମିତି ବଢ଼ିବେ ପିଲା? ଅସ୍ୱାସ୍ଥ୍ୟକର ପରିବେଶ ଭିତରେ କ'ଣ ଗୁଣାତ୍ମକ ଶିକ୍ଷା ସମ୍ଭବ? ପରିଚାଳନାଗତ ତ୍ରୁଟି ପାଇଁ ହେଉ ଅବା କର୍ତ୍ତୃପକ୍ଷଙ୍କ ଅବହେଳା ପାଇଁ ହେଉ, ବିଦ୍ୟାଳୟରେ ଥିବା ଅସୁବିଧାର ତୁରନ୍ତ ସମାଧାନ ଜରୁରୀ।

## ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଦେଲା ଲଘୁଚାପ ବର୍ଷା



**ଛତ୍ରପୁର,୨୪।୯ (ସଂଚାର ବ୍ୟୁରୋ)ଃ** ଗଞ୍ଜାମ ଜିଲା ଛତ୍ରପୁର ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ଖରିଫ ଋତୁ ଫସଲ ପରେ ନୂଆ ଫସଲ ଚାଷ କରିବା ପାଇଁ ଚାଷୀମାନେ ଅଣ୍ଟା ଭିଡ଼ିଥିଲେ। ସରକାରଙ୍କ ପକ୍ଷରୁ ଅନେକ ପ୍ରୋତ୍ସାହନ ଓ ପରାମର୍ଶ ମଧ୍ୟ ପାଉଥିଲେ। ହେଲେ ଦାଉ ସାଧିଛି ଲଘୁଚାପ ଲଗାଣ ବର୍ଷା। ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ କାଳ କ୍ରମେ ଘନୀଭୂତ ହୋଇ ଅବପାତ ଓ ତା' ପରେ ଗଭୀର ଅବପାତର ରୂପ ନେଇଛି। ଏହା ପ୍ରଭାବରେ ୨୨ ତାରିଖ ମଧ୍ୟରାତିରୁ ଛତ୍ରପୁର ବ୍ଲକରେ ବର୍ଷାର ତିବ୍ରତା ବୃଦ୍ଧି ପାଇବାରେ ଲାଗିଲା। ଭାରତୀୟ ପାଣିପାଗ ବିଭାଗ ଜାରି କରିଥିବା ସୂଚନାକୁ ଆଧାର କରି ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଜିଲାକୁ ରେଡ ୱାର୍ନିଂ ସତର୍କ ସଂକେତ ଜାରି ପରେ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଜାରି ରହିଛି। ଏହି ପରିସ୍ଥିତିରେ ରାସ୍ତାଘାଟ ସହିତ ଚାଷ ଜମିରେ ପାଣି ଭରିଯାଇଛି। ଛତ୍ରପୁର ବ୍ଲକ ଅନ୍ତର୍ଗତ ପୋଟଲାମପୁର, ମୁନିଷିପେଣ୍ଟ, ବ ମାଧପୁର, ଚିକଲଖଣ୍ଡି, ବିପୁଳିଙ୍ଗି, ଚମାଖଣ୍ଡି, ଟାଙ୍ଗଣାପଲ୍ଲୀ, ସୁନ୍ଦରପୁର ସମେତ ଅନେକ ପଞ୍ଚାୟତରେ ଥିବା ଚାଷଜମି ଜଳମଗ୍ନ ହୋଇଛି ପଡିଛି। ଫଳରେ ଚାଷୀ ଧାନ ପଚିଯିବା ଆଙ୍କାରେ ମୁଣ୍ଡରେ ହାତ ଧରି ବସିଛି। ପାଗ ଅନୁକୂଳ ହୋଇ ପାଣି କମିଲେ ଚାଷ ସଜାଡ଼ିବାକୁ ସମୟ ଲାଗି ବୋଲି ଚାଷୀ ଚିନ୍ତାରେ ପଡିଛି।

## ଗଛ ଭାଙ୍ଗି ତାର ଛିଣ୍ଡିଲା, ବିଦ୍ୟୁତ ସେବା ଠପ୍

**କେସିଙ୍ଗା,୨୪।୯ (ସଂଚାର ବ୍ୟୁରୋ)ଃ** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକର ପରଲସିଙ୍ଗା ଗ୍ରାମରେ ବିଦ୍ୟୁତ ସେବା ବ୍ୟାହତ ହୋଇଛି । ଜମିର ହିଡ ଉପରେ ଥିବା ଗଛ ଲଘୁଚାପ ଜନିତ ବର୍ଷା ଓ ପବନରେ ଭାଙ୍ଗି ୧୧ହଜାର କେଭି ତାର ଓ ଖମ୍ବ ଉପରେ ପଡି ଯାଇଛି । ଯାହା ଫଳରେ ପ ର ଲ ସି ଙ୍ଗା , ମା ଲ ପ ଡ଼ା , ଜୁ ର କା ଭା ଡ଼ି ,



ବାହାଦୂର ପିଟା, ନୂଆପଡା, ସୌରା ପଦର ଆଦି ଗ୍ରାମରେ ବିଦ୍ୟୁତ ସେବା ଦୀର୍ଘ ୫ଘଣ୍ଟା ହେଲା ବ୍ୟାହତ ରହିଛି । ସେହିପରି ସୌରାପଦର ଗ୍ରାମରେ ମଧ୍ୟ ବର୍ଷା ଓ ପବନରେ ଗଛ ଭାଙ୍ଗି ଯାଇ ବିଦ୍ୟୁତ ଖମ୍ବ ଉପରେ ପଡି ଯାଇ ଥିବା ବିଦ୍ୟୁତ କର୍ମଚାରୀମାନେ କହିଛନ୍ତି । ଏନେଇ ବିଦ୍ୟୁତ ବିଭାଗର କର୍ମଚାରୀଙ୍କୁ ପଚାରିବାରୁ ବର୍ଷା ଲାଗି ରହୁଛି, ବର୍ଷା କମି ଗଲେ ରାତି ସୁଦ୍ଧା ଲାଇନ ଚାର୍ଜ କରାଯିବ ବୋଲି କହିଛନ୍ତି ।

## ଚିଲିକାରେ ବୁଡ଼ି ଜଣେ ମୃତ

**କୃଷ୍ଣପ୍ରସାଦ,୨୪।୯ (ସଂଚାର ବ୍ୟୁରୋ)ଃ** ପୁରୀ ଜିଲା କୃଷ୍ଣପ୍ରସାଦରେ ତାଣ୍ଡବ ରଚିଛି ଗଭୀର ଅବପାତ । ଏହାର ପ୍ରଭାବରେ ପ୍ରବଳ ତୋଫାନ ସାଙ୍ଗକୁ ଲଗାତର ବର୍ଷା ଅନେକ କ୍ଷୟକ୍ଷତି କରିଛି। ମାଛ ଧରିବାକୁ ଯାଇଥିବା ଅଁଳାକୁଦା ଗ୍ରାମର ମୂଳିରାମ ପରିଡା ଚିଲିକା ପାଣିରେ ବୁଡ଼ିଯିବାରୁ ଜୀବନ ଯାଇଛି । ସେହିପରି ମାଲୁଦ ଚିଲିକା ନୂଆସାହିରେ ଏକ ବିରାଟ ଗଛ ଘର ଉପରେ ପଡି ବିଜୟକୁମାର



ସେଠୀ ଏବଂ ପଞ୍ଚାନନ ସେଠୀଙ୍କ ଘର ଭାଙ୍ଗିଯାଇଛା। ବିଜୟକୁମାର ସେଠୀଙ୍କ ଘରେ ଗୋଟିଏ ବରଗଛ ଏବଂ ନଡ଼ିଆ ଗଛ ପଡି ଆଜବେଷ୍ଟସ ଭାଙ୍ଗି ଘରେ ନଡ଼ିଆ ପଡିଛି । ଅଳ୍ପକେ ଖଟରେ ଶୋଇଥିବା ସ୍ୱାମୀ ସ୍ତ୍ରୀ ବଞ୍ଚିଯାଇଛନ୍ତି । ଦୁଇ ଦିନ ହେବ ବର୍ଷା ପବନ ଲାଗତର ଚାଲିଛି। ବର୍ଷା ପାଣିରେ କୃଷ୍ଣପ୍ରସାଦ ବ୍ଲକ ଗିଲିନାସି ଗାଁ ଦାଣ୍ଡରେ ପାଣି ଭର୍ତ୍ତି ହୋଇ ଘରେ ପାଣି ପଶି ଯାଇଛି। ଖବର ପାଇ ମାଲୁଦ ଦମକଳ ବାହିନୀ ପହଞ୍ଚି ମଟର ଦ୍ୱାରା ପାଣି ନିଷ୍କାସନ କରୁଛନ୍ତି । ଗିଲିନାସି ପାଣି ସମ୍ପୂର୍ଣ୍ଣ ନିଷ୍କାସନ ପରେ ମାଲୁଦ ଚିଲିକା ନୂଆସାହିର ଘରେ ପଡ଼ିଥିବା ଗଛକୁ କାଟି ବାହାର କରିବେ ବୋଲି ଅଗ୍ନିଶମ ବିଭାଗ ପକ୍ଷରୁ କୁହାଯାଇଛି। ସେହିଭଳି ଶ୍ରୀରାମପୁର ଚିଲିକାରେ ପାଣି ବଢ଼ି ହୋଇ ବିଦ୍ୟାଳୟ ଗୃହରେ ପାଣି ଲହଡ଼ି ମାରୁଥିବା ଜଣାଯାଇଛି । ଜଳ ନିଷ୍କାସନର ବ୍ୟବସ୍ଥା ନଥିବା ଯୋଗୁଁ ମାଲୁଦ କରଣ ସାହି ଯିବା ରାସ୍ତା ଏବଂ ମାଲୁଦ ପ୍ରାଥମିକ ବିଦ୍ୟାଳୟ ରାସ୍ତାରେ ପାଣି ଲହଡି ମାରୁଛି।